# ଧରିତ୍ରୀ DHARITRI

ସମ୍ବଲପୁର, ଗୁରୁବାର, ଅଗଷ୍ଟ ୧୫/୨୦୧୯ (୨୦ ପୃଷ୍ଠା) Sambalpur, Thursday, August 15 / 2019 ★★

୧୫ଶ ଭାଗ ୨୩୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ଗାୟକ ମିକା ସିଂ ବାସନ୍ଦ

ଦେଶବିରୋଧୀ କାର୍ଯ୍ୟ ପାଇଁ ଗାୟକ ମିକା ସିଂଙ୍କୁ ଭାରତରେ କୌଣସି କାର୍ଯ୍ୟକ୍ରମ ପ୍ରଦର୍ଶନ କରିବାକୁ ବାସନ୍ଦ କରାଯାଇଛି।

୦୮

୧୩

## ଅଭିନନ୍ଦନଙ୍କୁ ବୀରଚକ୍ର ସମ୍ମାନ

ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ସ୍ୱାଧୀନତା ଦିବସରେ ବୀରଚକ୍ର ସମ୍ମାନ ପ୍ରଦାନ କରାଯିବ।





ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୮ତମ ଜୟନ୍ତୀ ତିଥିରେ ଧରିତ୍ରୀ ପକ୍ଷରୁ ସାରସ୍ୱତ ପ୍ରଣାମ।

# ମହାନଦୀରେ ବନ୍ୟା



ମହାନଦୀ ବନ୍ୟାଜଳ ଘେରରେ ମା' ଭଟ୍ଟାରିକାଙ୍କ ମନ୍ଦିର ।

- ନୟାଗଡ଼, କଟକ ଜିଲାର ବହୁ ଅଞ୍ଚଳ ଜଳବନ୍ଦୀ
- ୧୧ ଜିଲାପାଳଙ୍କୁ ସତର୍କ କଲେ ଏସ୍ଆର୍ସି
- ସୁଧୁରୁଛି ପଶ୍ଚିମ ଓଡ଼ିଶା ବନ୍ୟା ବିପନ୍ନଙ୍କ ସ୍ଥିତି
- ବଲାଙ୍ଗୀର, ବରଗଡ଼ ଜିଲାରେ ସର୍ବାଧିକ ବର୍ଷା ରେକର୍ଡ

**ଭୁବନେଶ୍ୱର, ୧୪।୮ (ବ୍ୟୁରୋ)**

ଲଗାଣ ବର୍ଷା ଓ ବନ୍ୟାରେ ପଶ୍ଚିମ ଓଡ଼ିଶାରେ ସଙ୍ଗିନ ସ୍ଥିତି ସୃଷ୍ଟି ହୋଇଥିବାବେଳେ ବିଭିନ୍ନ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ଗୋଟିଏ ଗେଟ୍ ଖୋଲାଯାଇଥିବାବେଳେ ଗୁରୁବାରଠାରୁ ମହାନଦୀକୁ ଅଧିକ ବନ୍ୟାଜଳ ନିଷ୍କାସନ କରାଯିବ। ଏହାପୂର୍ବରୁ ମହାନଦୀରେ ବନ୍ୟା ଆସିଯାଇଛି। ଏ ନେଇ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍ସି) ବିଷ୍ଣୁପଦ ସେଠୀ ବଲାଙ୍ଗୀର, ବୌଦ୍ଧ, ସୁବର୍ଣ୍ଣପୁର, ନୟାଗଡ଼, ଖୋର୍ଦ୍ଧା, କଟକ, ଅନୁଗୋଳ, ପୁରୀ, ଜଗତ୍ସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ଆଦି ୧୧ ଜିଲାର ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ମହାନଦୀରେ ଯେଉଁଭଳି ବନ୍ୟା ଆଶଙ୍କା କରାଯାଉଥିଲା ସେଭଳି ହୋଇନାହିଁ। ମଧ୍ୟମ ଧରଣର ବନ୍ୟା ଆସିଥିବା ସେଠୀ ସୂଚନା ଦେଇଛନ୍ତି। ତେବେ ପଶ୍ଚିମ ଓଡ଼ିଶାରେ ଦେଖାଦେଇଥିବା ବନ୍ୟା ପରିସ୍ଥିତିରେ ସୁଧାର ଆସିଥିବା ସେ ଜଣାଇଛନ୍ତି।

ଜଳ ସମ୍ପଦ ସଚିବ ପ୍ରଦୀପ ଜେନା କହିଛନ୍ତି, ବୁଧବାର ବର୍ଷା ପରିମାଣ ପୂର୍ବାପେକ୍ଷା ହ୍ରାସ ପାଇଥିବାରୁ ନଦୀର ଜଳସ୍ତର କମିବାରେ ଲାଗିଛି। ତେଲନଦୀ ଜଳସ୍ତର ହ୍ରାସ ପାଉଛି। ମଙ୍ଗଳବାର ମଧ୍ୟରାତିରେ ମହାନଦୀର ଖଇରମାଳରେ ୧୧ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଥିଲାବେଳେ ଜଳସ୍ତର ହ୍ରାସ ପାଉଛି। ଏହି ଅନୁସାରେ କଟକ ମୁଣ୍ଡଳିଠାରେ ୧୦ରୁ ସାଢ଼େ ୧୦ ଲକ୍ଷ କ୍ୟୁସେକ ବନ୍ୟାଜଳ ପ୍ରବାହିତ ହେବ। ଉପକୂଳ ଓଡ଼ିଶାରେ ବର୍ଷା କମ୍ ଥିବାରୁ ସେଭଳି ବଡ଼ ବନ୍ୟା ଆଶଙ୍କା ନାହିଁ। ନଦୀର ଜଳସ୍ତରକୁ ଦେଖି ହୀରାକୁଦର ଗେଟ୍ ଖୋଲାଯିବ। ଏହାସହ ନଦୀବନ୍ଧଗୁଡ଼ିକ ଉପରେ ଅନବରତ ନଜର ରଖିବାକୁ ସରକାର ସତର୍କତା ଜାରି କରିଛନ୍ତି। ସମସ୍ତ ଜିଲାର ଜିଲାପାଳ ଓ ଏସ୍ପିମାନଙ୍କୁ ସତର୍କ କରିଦିଆଯାଇଛି। ମୁଣ୍ଡଳିରେ ବନ୍ୟାଜଳ ୬ରୁ ସାଢେ ୬ ଲକ୍ଷ କ୍ୟୁସେକ୍ ଭିତରେ ସୀମିତ ରଖିବା ପାଇଁ ହୀରାକୁଦର ଗେଟ୍ ଖୋଲାଯିବା ସଂଖ୍ୟା ବଢ଼ାଯିବ ଓ କମାଯିବ। ଏ ନେଇ ଲୋକେ ଭୟଭୀତ ନ ହେବା ପାଇଁ ସଚିବ ଜେନା ପରାମର୍ଶ ଦେଇଛନ୍ତି।

ତେବେ ମିଳିଥିବା ସୂଚନାନୁସାରେ, କଟକ ମୁଣ୍ଡଳିଠାରେ ବନ୍ୟାଜଳ ପହଞ୍ଚିବା ପୂର୍ବରୁ ବୁଧବାର ସନ୍ଧ୍ୟାସୁଦ୍ଧା ନୟାଗଡ଼ ଓ କଟକ ଜିଲାର ବହୁ ଅଞ୍ଚଳ ଜଳମଗ୍ନ କରିଛି। ନୟାଗଡ଼ ଜିଲାର ଗଣିଆ ବ୍ଲକ ୫ ପଞ୍ଚାୟତର ୭୩ ଗାଁ ଜଳବନ୍ଦୀ ହୋଇଛି। ଭାପୁର ବ୍ଲକ୍ର ୨ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବାବେଳେ ଖଣ୍ଡପଡ଼ାର କେତେକ ସ୍ଥାନରେ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିଲା। ସେହିଭଳି କଟକ ଜିଲା ନରସିଂହପୁର ବ୍ଲକ୍ର ପଦାପାଳ, ବାରବାଟୀ ବ୍ରିଜ ଓ ଡିମିରିଆ ବ୍ରିଜ ଉପରେ ବନ୍ୟାଜଳ ଚାଲୁଛି। ତିଗିରିଆ ଓ ବାଙ୍କୀର ଉତ୍ତରକୂଳାଟ ଅଞ୍ଚଳରେ ବନ୍ୟାଜଳ ମାଡ଼ିଯାଇଛି। ବଡ଼ମ୍ବା ବ୍ଲକ୍ର ୧୫ରୁ ଊର୍ଦ୍ଧ୍ୱ ଗ୍ରାମ ଜଳମଗ୍ନ ହୋଇଛି। ମା' ଭଟ୍ଟାରିକା ମନ୍ଦିର ଭିତରେ ବନ୍ୟାଜଳ ପଶିଯାଇଥିବାବେଳେ ଭଜନ ମଣ୍ଡପ ବୁଡିଯାଇଥିବାରୁ ମା'ଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

ଅନ୍ୟପକ୍ଷରେ ବୁଧବାର ୨୪ ଘଣ୍ଟାରେ ବଲାଙ୍ଗୀର ଓ ବରଗଡ଼ ଜିଲାରେ ସର୍ବାଧିକ ବର୍ଷା ହୋଇଛି। ବଲାଙ୍ଗୀର ବ୍ଲକରେ ସର୍ବାଧିକ ୫୫୫ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ୧୭ ବ୍ଲକରେ ୧୦୦ରୁ ୨୦୦ ମିମି ବର୍ଷା ହୋଇଛି। ଲଗାଣ ବର୍ଷାରେ ୨ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ୫୦ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସ୍ଥିତିର ମୁକାବିଲା ପାଇଁ ୧୫ ଓଡ୍ରାଫ, ୩ ଏନ୍ଡିଆର୍ଏଫ୍ ଟିମ୍, ଅଗ୍ନିଶମ ବାହିନୀ ମୁତୟନ ଅଛନ୍ତି ବୋଲି ଏସ୍ଆର୍ସି ସେଠୀ କହିଛନ୍ତି।

ସେପଟେ ଲଘୁଚାପ ଝାଡ଼ଖଣ୍ଡ ମୁହାଁ ହୋଇଛି। ଏହା ପ୍ରଭାବରେ ରାଜ୍ୟର କିଛି ସ୍ଥାନରେ ବର୍ଷା ହେବା ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୪୮ ଘଣ୍ଟା ଯାଏ ବର୍ଷା ଜାରି ରହିବ। ୭ ଜିଲା ପାଇଁ ରେଡ୍ ୱାର୍ନିଂ ଜାରି କରାଯାଇଛି। ସୁନ୍ଦରଗଡ, ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ସୋନପୁର, ନୂଆପଡା ଏବଂ ଝାରସୁଗୁଡାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ସେହିପରି କୋରାପୁଟ, ରାୟଗଡ଼ା, କନ୍ଧମାଳ, ନବରଙ୍ଗପୁର, ଅନୁଗୋଳ, ଦେବଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ ଓ ବରଗଡ଼ରେ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି।

## ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଧରିତ୍ରୀ ତା'ର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଖବରଦାତା, ଏଜେଣ୍ଟ, ବିତରକ, ପୃଷ୍ଠପୋଷକମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।



ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପବିତ୍ର ଜନ୍ମଦିବସରେ ଧରିତ୍ରୀର ବିନମ୍ର ପ୍ରଣତି ।

## ଧରିତ୍ରୀର ଛୁଟି

ସ୍ୱାଧୀନତା ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୧୫ ତାରିଖ ଗୁରୁବାର ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ ସକାଳେ ପ୍ରକାଶ ପାଇବ।

## ଆଜିର ସମ୍ପାଦକୀୟ

ମାଂସରେ ରାକ୍ଟୋପାମାଇନ୍ର ବିପଦ

# ଆଦିତ୍ୟ ପ୍ରସାଦ ପାଢ଼ୀ ରାଜ୍ୟ ନିର୍ବାଚନ କମିଶନର ନିଯୁକ୍ତ



- ନୂତନ ନିଯୁକ୍ତିକୁ ରାଜ୍ୟପାଳଙ୍କ ମଞ୍ଜୁରୀ
- ୧୯ରେ ନେଇପାରନ୍ତି ନୂଆ ଦାୟିତ୍ୱ
- ଅସିତ୍ ହୋଇପାରନ୍ତି ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୧୪।୮ (ବ୍ୟୁରୋ)**

ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ରାଜ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ମିଳିଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆଦିତ୍ୟଙ୍କ ନୂତନ ନିଯୁକ୍ତିକୁ ବୁଧବାର ମଞ୍ଜୁରୀ ଦେଇଛନ୍ତି। ଏହା ପରେ ଆଦିତ୍ୟ ମୁଖ୍ୟ ଶାସନ ସଚିବ ପଦବୀ ☞ପୃଷ୍ଠା–୪

## ଆଜିର ମନ୍ତବ୍ୟ

"ଦୀର୍ଘବର୍ଷ ଧରି ଭୟର ରାଜୁତି ଚାଲିଆସିଥିବା ଜମ୍ମୁ-କଶ୍ମୀରରେ ଏବେ ବିକାଶ ପାଇଁ ସୁଯୋଗ ଦିଆଯାଉ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 14.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 56 | 101 | 111 |
| CTC | 55 | 100 | 110 |
| DKL | 54 | 98 | 108 |
| BDK | 55 | 100 | 110 |
| BLS | 56 | 101 | 111 |
| ANG | 55 | 100 | 110 |
| BHM | 54 | 98 | 108 |

*Conditions Apply

Eggs Retail Price- 42/-Dozen

Issued in the Interest of Consumers


# ଝାରସୁଗୁଡ଼ା ଜିଲାପାଳଙ୍କୁ ନିଲମ୍ବନ କଲେ ସରକାର

- ପ୍ରଦୀପ ସାହୁଙ୍କୁ ଝାରସୁଗୁଡ଼ା ଜିଲାପାଳ ଦାୟିତ୍ୱ
- ହାଇକୋର୍ଟ ନିର୍ଦ୍ଦେଶକୁ ବେଖାତିର ପାଇଁ ଦଣ୍ଡ

**ଭୁବନେଶ୍ୱର, ୧୪।୮ (ବ୍ୟୁରୋ):** ଝାରସୁଗୁଡ଼ା ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ନିଲମ୍ବନ କରିବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ହାଇକୋର୍ଟ ଆଦେଶକୁ ପାଳନ ନ କରିବା ନେଇ ଏହି ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ବୁଧବାର ପାଳନ କରିବା ସହ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ନିଲମ୍ବିତ କରିଛନ୍ତି। ତାଙ୍କ ସ୍ଥାନରେ ଏଡିଏମ୍ ପ୍ରଦୀପ ସାହୁଙ୍କୁ ଝାରସୁଗୁଡ଼ା ଜିଲାପାଳ ଭାବେ ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ଦାୟିତ୍ୱ ଦିଆଯାଇଛି।

ମିଳିଥିବା ସୂଚନା ମୁତାବକ, ଝାରସୁଗୁଡ଼ାର ବ୍ରଜରାଜନଗରଠାରେ ଏକ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ବୀଣା ପଟ୍ଟନାୟକ ଲାଇସେନ୍ସ ପାଇଥିଲେ। ମାତ୍ର ସେଠାକାର ସ୍ଥାନୀୟ ଲୋକମାନେ ବିରୋଧ କରିବା କାରଣରୁ ଏହା ସମ୍ଭବ ହୋଇପାରି ନ ଥିଲା। ହେଲେ ଅବକାରୀ ବିଭାଗ ତାଙ୍କଠାରୁ କର ଦାବି କରିବା ପରେ ସେ ଏକ ମାମଲା ହାଇକୋର୍ଟରେ ଦାଏର କରିଥିଲେ। ଗତ ମାର୍ଚ୍ଚ ୨୯ ତାରିଖରେ ହାଇକୋର୍ଟ ପଟ୍ଟନାୟକଙ୍କ ବିରୋଧରେ ସରକାର ସେପରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ ବୋଲି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସେତେବେଳେ ଜିଲାପାଳ ଜ୍ୟୋତିରଞ୍ଜନ ହାଇକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା କରି ଏପ୍ରିଲ ୨୫ ତାରିଖରେ ଆବେଦନକାରୀଙ୍କ ଲାଇସେନ୍ସ ରଦ୍ଦ କରିଥିଲେ। ଯେଉଁଥିଲାଗି ହାଇକୋର୍ଟ ଏଭଳି ନିଷ୍ପତ୍ତି ଶୁଣାଇଛନ୍ତି। ଅନ୍ୟପଟେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୭ ତାରିଖରେ ହେବ ବୋଲି ଜଣାପଡିଛି।







# ସ୍ମରଣୀୟ ୭୩



**୭୩ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଦେଶ ହାସଲ କରିଥିବା ୭୩ଟି ଉଲ୍ଲେଖନୀୟ ଘଟଣା ସମ୍ପର୍କରେ....**

- ସ୍ୱାଧୀନତା ପ୍ରାପ୍ତିର ଏକ ବର୍ଷ ପରେ ଅର୍ଥାତ ୧୯୪୮ରେ ଭାରତୀୟ ପୁରୁଷ ହକି ଟିମ୍ ଲଣ୍ଡନ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ।
- ୧୯୫୦ ମସିହା ୧୦ଟା.୧୮ମିନିଟରେ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିଲା। ଏହାର ୬ ମିନିଟ ପରେ ଡ. ରାଜେନ୍ଦ୍ର ପ୍ରସାଦ ଭାରତର ପ୍ରଥମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ।
- ପ୍ରଥମ ଦେଶ ଭାବେ ଭାରତ ୧୯୫୪ରେ ତ୍ରମ୍ବେରେ ପରମାଣୁ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ କରିଥିଲା।
- ୧୯୫୫ରେ ଭାରତ ତା'ର ପ୍ରଥମ କମ୍ପ୍ୟୁଟର ଏଚଇସି୨ଏମ୍ ପ୍ରତିଷ୍ଠା କରିଥିଲା।
- ୧୯୫୬ ଅଗଷ୍ଟ୪ରେ ପ୍ରଥମ ଆଣବିକ ରିଆକ୍ଟର ନିର୍ମାଣ କରିଥିଲା।
- ୧୯୫୬ରେ ଭାରତୀୟ ପୁରୁଷ ହକି ଟିମ୍ ମେଲବୋର୍ନ ଅଲିମ୍ପିକ୍ସରେ ପୁଣି ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିଲା।
- ୧୯୫୮ରେ ମୁମ୍ବାଇରେ ଆଇଆଇଟି ଶିକ୍ଷା କ୍ଷେତ୍ରରେ ଏକ ନୂଆ ଆଧ୍ୟାୟ ଅରମ୍ଭ କରିଥିଲା।
- ୧୯୫୯ ଆରତି ଶାହ ଏସିଆର ପ୍ରଥମ ମହିଳା ଭାବେ ଇଂଲିଶ ଚାନେଲ ଅତିକ୍ରମ କରିଥିଲେ।
- ୧୯୫୯ରେ ସତ୍ୟଜିତ ରାୟଙ୍କର ଚଳଚ୍ଚିତ୍ର 'ଅପୁର ସଂସାର' ଅନ୍ତର୍ଜାତୀୟ ସ୍ତରରେ ଭାରତକୁ ନୂଆ ପରିଚୟ ଦେଇଥିଲା।
- ୧୯୬୦ରେ ଆରତି ଶାହ ପଦ୍ମଶ୍ରୀରେ ସମ୍ମାନିତ ହେବାରେ ପ୍ରଥମ ମହିଳା।
- ୧୯୬୦ ଅଲିମ୍ପିକ୍ସରେ ମିଲ୍‌ଖା ସିଂହ ରେକର୍ଡ କରିବାରେ ପ୍ରଥମ ଭାରତୀୟ।
- ୧୯୬୧ରେ ଭାରତ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ର(ନାମ୍)ର ପ୍ରଥମ ବୈଠକର ନେତୃତ୍ୱ ନେଇଥିଲା।
- ୧୯୬୨ରେ ଏସିଆନ ଗେମ୍ସରେ ଭାରତୀୟ ଫୁଟବଲ୍ ଟିମ୍ ସ୍ୱର୍ଣ୍ଣ ଜିତିଥିଲା।
- ୧୯୬୪ରେ ଭାରତର ପ୍ରଥମ ଜେଟ୍ ଟ୍ରେନର ଏଚଜେଟି-୧୬ ଉଡ଼ିଥିଲା।
- ୧୯୬୫ରେ କଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ସଂଘଠିତ ଯୁଦ୍ଧରେ ଭାରତ ପାକିସ୍ତାନ ପରାସ୍ତ। ଏହି ବର୍ଷ ସବୁଜ ବିପ୍ଳବ ଆରମ୍ଭ କୃଷିକୁ ନୂଆ ପଥ ଦେଖାଇଥିଲା।




- ୧୯୬୬ରେ ପ୍ରଥମ ଭାରତୀୟ ଭାବେ ରିତା ଫାରିଆ ମିସ୍ ୱାର୍ଲ୍ଡ ମୁକୁଟ ବିଜୟିନୀ।
- ୧୯୬୭ରେ ପ୍ରଖ୍ୟାତ ସିତାର ବାଦକ ପଣ୍ଡିତ ଶିବଶଙ୍କରଙ୍କୁ ଗ୍ରାମି ପୁରସ୍କାର ମିଳିଥିଲା।
- ୧୯୬୮ରେ ଡ. ପ୍ରଫୁଲ୍ଲ ସେନ୍ ହୃଦ୍ ପ୍ରତିରୋପଣ କରିବାରେ ବିଶ୍ୱରେ ତୃତୀୟ ଓ ଏସିଆର ପ୍ରଥମ ଡାକ୍ତର ହୋଇଥିଲେ।
- ୟୁନେସ୍କୋ ଭାରତୀୟ ରେଳ ଓ ବମ୍ବେର ଛତ୍ରପତି ଶିବାଜି ଟର୍ମିନସ୍‌କୁ ବିଶ୍ୱ ଐତିହ୍ୟର ମାନ୍ୟତା ଦେଇଥିଲା।
- ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର ( ଇସ୍ରୋ) ପ୍ରତିଷ୍ଠା କରାଯାଇଥିଲା ୧୯୬୯ ମସିହାରେ।
- ଭାରତ ସହାୟତାରେ ପୂର୍ବ ପାକିସ୍ତାନ ବଂଗଳା ମୁକ୍ତିବାହିନୀ ସ୍ୱାଧୀନ ବାଂଲାଦେଶ ଘୋଷଣା କଲା। ୧୯୭୧ରେ ସଂଘଠିତ ଏହି ଯୁଦ୍ଧରେ ଭାରତ ପାକିସ୍ତାନକୁ ପରାସ୍ତ କରିଥିଲା।
- ୧୯୭୩ରେ ଭାରତ ପ୍ରଥମ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଟାଇଗର ପ୍ରୋଜେକ୍ଟ ଆରମ୍ଭ।
- ଭାରତ ୧୯୭୪ରେ ପ୍ରଥମ ପରମାଣୁ ପରୀକ୍ଷଣ କରିଥିଲା।
- ୧୯୭୫ରେ ଆର୍ଯ୍ୟଭଟ୍ଟ ମହାକାଶ ଯାନ ଉତ୍‌କ୍ଷେପଣ କରି ଭାରତ ସାଟେଲାଇଟ ବିକଶିତ ଦେଶ ସହ ସାମିଲ ହୋଇଥିଲା। ଏହି ବର୍ଷ ମେଲବୋର୍ନରେ ମାଇକେଲ ଫେରେରା ବିଶ୍ୱ ବିଲିୟାର୍ଡସ ଚାମ୍ପିୟନଶିପ୍ ଜିତିଥିଲେ।
- ୧୯୭୮ରେ ଭାରତରେ ପ୍ରଥମ ଟେଷ୍ଟଟ୍ୟୁବ ବେବି ଜନ୍ମ ହୋଇଥିଲା।
- ୧୯୭୯ରେ ସୁପ୍ରିମକୋର୍ଟ ଜନହିତ ମାମଲାକୁ ବୈଧ ଘୋଷଣା କଲେ।
- ମଦର ଟେରେସାଙ୍କୁ ଗୌରବାବହ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା୧୯୭୯ରେ।
- ବସନ୍ତରୋଗରୁ ମୁକ୍ତି ପାଇବା ପାଇଁ ଭାରତ ୧୯୮୦ରେ ଦୀର୍ଘ ମିଆଦି ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ।
- ୧୯୮୨ରେ ଦିଲ୍ଲୀରେ ଏସିଆନ ଗେମ୍ସର ଆୟୋଜନ।
- ୧୯୮୩ରେ କପିଳ ଦେବଙ୍କ ନେତୃତ୍ୱରେ ଭାରତ କ୍ରିକେଟ ବିଶ୍ୱ କପ୍ ଜିତିଥିଲା।
- ୧୯୮୪ରେ ରାକେଶ ଶର୍ମା ଭାରତର ପ୍ରଥମ ଓ ବିଶ୍ୱର ୧୩୮ ତମ ମହାକାଶଚାରୀ ଭାବେ ମହାକାଶକୁ ଯାଇଥିଲେ।
- ୧୯୮୫ରେ ଫାଷ୍ଟ ବ୍ରିଡର ନ୍ୟୁକ୍ଲିୟର ରିଆକ୍ଟର ହାସଲ କରିବାରେ ବିଶ୍ୱର ୬ଷ୍ଠ ରାଷ୍ଟ୍ର ହୋଇଥିଲା ଭାରତ।
- ୧୯୮୬ ଏସିଆନ ଗେମ୍ସରେ ଭାରତୀୟ ଧାବିକା ପିଟି ଉଷାଙ୍କ ଐତିହାସିକ ବିଜୟ।
- ୧୯୮୭ରେ ଟେଷ୍ଟ ମ୍ୟାଚରେ ୧୦ ହଜାର ରନ କରିବାରେ ସୁନିଲ ଗାଭାସ୍କର ପ୍ରଥମ ଭାରତୀୟ ଖେଳାଳି।
- ୧୯୮୮ରେ ରିମୋର୍ଟ ସେନସିଂ ସାଟେଲାଇଟ ଆଇଆରଏସ-୧ଏ କୁ ଇସ୍ରୋ ମହାକାଶକୁ ଉତ୍‌କ୍ଷେପଣ କରିଥିଲା। ଏଥିସହ ୧୯୮୮ରେ ଭୋଟଦାନ ଅଧିକାର ୧୮ ବର୍ଷ ବୟସକୁ କମାଯାଇଥିଲା।
- ୧୯୮୯ରେ କେରଳର କୋଟାୟାମ ଜିଲାକୁ ସମ୍ପୂର୍ଣ୍ଣ ସାକ୍ଷର ଜିଲା ଭାବେ ଘୋଷଣା କରାଯାଇଥିଲା।
- ୧୯୯୦ରେ କୁଏଟ୍ ଓ ଇରାକ ଯୁଦ୍ଧରେ ୧ଲକ୍ଷ ୧୦ ହଜାର ଭାରତୀୟଙ୍କୁ ବିମାନ ଯୋଗେ ଭାରତକୁ ଅଣାଯାଇଥିଲା ଯାହା ବିଶ୍ୱରେ ଏଯାବତ୍ ଏ କ୍ଷେତ୍ରରେ ବଡ଼ ସଫଳତା।
- ପ୍ରଥମ ଭାରତୀୟ ଭାବେ ୧୯୯୨ରେ ସତ୍ୟଜିତ୍ ରାୟଙ୍କୁ ମିଳିଥିଲା ଓସ୍କାର ପୁରସ୍କାର।
- ୧୯୯୩ରେ ବିଶ୍ୱ ବ୍ୟାଙ୍କ ଭାରତକୁ ବିଶ୍ୱର ୬ଷ୍ଠ ଅର୍ଥ ବ୍ୟବସ୍ଥାର ଦେଶ ଭାବେ ଘୋଷଣା କରିଥିଲା।
- ୧୯୯୪ର ସୁସ୍ମିତା ସେନ ଓ ଐଶ୍ୱର୍ଯ୍ୟା ରାୟ ଯଥାକ୍ରମେ ମିସ୍ ୟୁନିଭର୍ସ ଓ ମିସ୍ ୱାର୍ଲ୍ଡ ମୁକୁଟ ହାସଲ କରିଥଲେ।
- ଦେଶରେ ୧୯୯୫ରେ ପ୍ରଥମେ ଇଣ୍ଟରନେଟ ବ୍ୟବହାର।
- ୧୯୯୫ ଅଗଷ୍ଟ ୧୫ରେ ମଧ୍ୟାହ୍ନ ଭୋଜନ ଯୋଜନା ଆରମ୍ଭ।
- ୧୯୯୬ ଆଣ୍ଟଲାଣ୍ଟା ଅଲିମ୍ପିକ୍ସରେ ଲିଆଣ୍ଡର ପେସ୍ ତାମ୍ର ପଦକ ଜିତିଥିଲେ।
- ୧୯୯୭ରେ ଲେଖିକା ଅରୁନ୍ଧତୀ ରାୟଙ୍କୁ ପୁସ୍ତକ 'ଦି ଗଡ୍ ଅଫ୍ ସ୍ମଲ ଥିଙ୍ଗସ୍' ପାଇଁ ବୁକର ପୁରସ୍କାର।
- ୧୯୯୮ରେ ପୋଖରାନ୍‌ରେ ଦ୍ୱିତୀୟ ପରମାଣୁ ପରୀକ୍ଷଣ।
- ୧୯୯୯ରେ ନ୍ୟୁୟର୍କର ନାସ୍‌ଡାକ ଲିଷ୍ଟରେ ପ୍ରଥମ ଭାରତୀୟ କମ୍ପାନୀ ଭାବେ ଇନଫୋସିସ୍ ସାମିଲ।
- ୧୯୯୯ ଜୁଲାଇରେ କାରଗିଲ ଯୁଦ୍ଧରେ ଭାରତ ପାକିସ୍ତାନକୁ ପରାସ୍ତ କରିଥିଲା।
- ୨୦୦୦ରେ ବିଶ୍ୱନାଥନ ଆନନ୍ଦ ବିଶ୍ୱ ଚେସ୍ ଚାମ୍ପିଅନ ଟାଇଟଲ ହାସଲ କରିଥିଲେ।
- ନିଜସ୍ୱ ଜ୍ଞାନ କୌଶଳରେ ନିର୍ମିତ ଫାଇଟର ଜେଟ ବେଙ୍ଗାଲୁରୁରୁ ଉଡ଼ିଥିଲା।
- ୨୦୦୦ ମସିହାରେ ତିନୋଟି ନୂଆ ରାଜ୍ୟ (ଛତିଶଗଡ଼, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ) ଗଠନ କରାଯାଇଥିଲା।
- ୨୦୦୩ରେ ପ୍ରଥମ ଭାରତୀୟ ସାନିଆ ମିର୍ଜାଙ୍କୁ ୱିମ୍ବେଲଡନ ଡବଲ ଟାଇଟଲ।
- ୨୦୦୫ରେ ସୂଚନା ଅଧିକାର ଆଇନ ପ୍ରଣୟନ।
- ୨୦୦୫ରେ ପରିମର୍ଜନ ନେଗି ଅନ୍ତଃରାଷ୍ଟ୍ରୀୟ ଚେସ୍ ରେ ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର ହୋଇଥିଲେ।
- ୨୦୦୭ରେ ପ୍ରତିଭା ପାଟିଲ ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ହୋଇଥିଲେ।
- ୨୦୦୮ ଅକ୍ଟୋବର ୨୨ରେ ଚନ୍ଦ୍ରାୟାନ-୧କୁ ପ୍ରଥମ ପ୍ରୟାସରେ ଚନ୍ଦ୍ରକକ୍ଷରେ ଅବସ୍ଥାପିତ କରାଯାଇଥିଲା।
- ୨୦୧୦ରେ ଶିକ୍ଷା ଅଧିକାର(ଆର୍‌ଟିଇ)କୁ ସାମ୍ବିଧାନିକ ଅଧିକାର ଭାବେ ଘୋଷଣା କରାଯାଇଥିଲା।
- ୨୦୧୧ରେ ମହେନ୍ଦ୍ର ସିଂହ ଧୋନିଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଟିମ୍ ବିଶ୍ୱକପ୍ କ୍ରିକେଟ ବିଜୟୀ ହୋଇଥିଲା।
- ୨୦୧୩ରେ ଭାରତ ପକ୍ଷରୁ ପ୍ରେରିତ ମଙ୍ଗଳୟାନ ମଙ୍ଗଳ ଚାରି ପାଖରେ ପରିକ୍ରମଣ କରିଥିଲା।
- ୨୦୧୩ର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଗରିବ ଓ ଭୋକିଲାଙ୍କ ପାଇଁ ରାହା ପାଲଟିଛି।
- ୨୦୧୩ରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ସ୍ୱାସ୍ଥ୍ୟ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ଏକ ନୂଆ ରାସ୍ତା ଦେଖାଇଲା।
- ୨୦୧୪ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଭାରତକୁ ପୋଲିଓ ମୁକ୍ତ ଘୋଷଣା କରିଥିଲା।
- ୨୦୧୪ କିନ୍ନରଙ୍କୁ ତୃତୀୟ ଲିଙ୍ଗର ମାନ୍ୟତା ପ୍ରଦାନ କଲେ ସୁପ୍ରିମକୋର୍ଟ। ସେମାନେ ଭୋଟଦେବାର ଅଧିକାର ବି ପାଇଲେ।
- କୈଳାଶ ସତ୍ୟାର୍ଥୀଙ୍କୁ ୨୦୧୪ରେ ନୋବେଲ ପୁରସ୍କାର।
- ୨୦୧୫ରେ ସାନିଆ ମିର୍ଜା ଓ ସାଇନା ନେହ୍ୱାଲ ସେମାନଙ୍କ ଖେଳରେ ଶୀର୍ଷ ର୍ୟାଙ୍କ ହାସଲ।
- ୨୦୧୫ରେ ଭାରତୀୟ ବଂଶୋଦ୍ଭବ ସତ୍ୟ ନାଡେଲା ମାଇକ୍ରୋସଫ୍ଟ କମ୍ପାନୀର ସିଇଓ ଏବଂ ଭାରତୀୟ ସୁନ୍ଦର ପିଚାଇ ଗୁଗଲର ସିଇଓ ହୋଇଥିଲେ।
- ୨୦୧୫ରେ ବିଶ୍ୱରେ ସର୍ବାଧିକ ଆୟକାରୀ ଖେଳାଳିଙ୍କ ମଧ୍ୟରେ ମହେନ୍ଦ୍ର ସିଂହ ଧୋନି ୨୩ତମ ସ୍ଥାନ ଏବଂ ସେଲିବ୍ରିଟିଙ୍କ ମଧ୍ୟରେ ଅମିତାଭ ବଚ୍ଚନ ୭୧ତମ ସ୍ଥାନରେ ରହିଥିଲେ।
- ୨୦୧୫ରେ ଏୟାରପୋର୍ଟ କାଉନ୍‌ସିଲ ଇଣ୍ଟର ନ୍ୟାଶନାଲ ଦ୍ୱାରା ଇନ୍ଦିରାଗାନ୍ଧୀ ଏୟାରପୋର୍ଟକୁ ଆୱାର୍ଡ ମିଳିଥିଲା।
- ୨୦୧୬ରେ ଭାରତୀୟ ବାୟୁସେନା ପକ୍ଷରୁ ପ୍ରଥମେ ମହିଳା ଫାଇଟର ପାଇଲଟଙ୍କୁ ପ୍ରଶିକ୍ଷଣ।
- ୨୦୧୭, ଜୁଲାଇ୧ରେ ଜିଏସ୍‌ଟି ଲାଗୁ ହୋଇଥିଲା।
- ୨୦୧୯ ବିଶ୍ୱ ଧନୀ ତାଲିକାରେ ଭାରତୀୟ ଶିଳ୍ପପତି ମୁକେଶ ଅମ୍ବାନୀ ୧୧ତମ ସ୍ଥାନରେ ରହିଛନ୍ତି।
- ୨୦୧୯ ଜୁଲାଇରେ ଚନ୍ଦ୍ରୟାନ-୨ ମହାକାଶକୁ ପ୍ରେରଣ ଓ ଏବେ ତାହା ଚନ୍ଦ୍ର ଅଭିମୁଖେ ଗତି କରୁଛି।
- ଜୁଲାଇ ୨୦୧୯ରେ ଐତିହାସିକ ତିନି ତଲାକ୍ ଅଇନ ପ୍ରଣୟନ।
- ଅଗଷ୍ଟ ୨୦୧୯ରେ ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଏବଂ ଜମ୍ମୁ-କଶ୍ମୀର ଓ ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳ ଘୋଷଣା କରାଗଲା।

## ଗାନ୍ଧୀବାଦର ପ୍ରତୀକ...

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରିୟ 'ଅରଟ'ର ସ୍ଥିତି ଏବେ ରାଜ୍ୟରେ ସଙ୍ଗିନ। ମିଳୁନି ଅରଟରେ ବ୍ୟବହୃତ କଞ୍ଚାମାଲ 'ବଳଣା'। ପୁଣି ଅରଟରେ ସୂତା କାଟିବା ଲାଗି ଯୁବପିଢି ଆଗ୍ରହୀ ହେଉନାହାଁନ୍ତି। ବର୍ଷରେ ୫ରୁ ୬ଜଣ ଛାତ୍ରୀଛାତ୍ର ଅରଟରେ ସୂତା କାଟିବା ଲାଗି ଇଚ୍ଛା ପ୍ରକାଶ କରୁଥିବା ବେଳେ ଭବିଷ୍ୟତରେ ଏହି ପରମ୍ପରା ବିଲୋପ ପାଇଯିବ ବୋଲି ବିଶିଷ୍ଟ ଗାନ୍ଧୀବାଦୀ ନେତା, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ କନ୍ୟା ତଥା ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ କୃଷ୍ଣା ମହାନ୍ତି କହିଛନ୍ତି। ଅନୁଗୁଳ ସ୍ଥିତ ବାଜି ରାଉତ ଛାତ୍ରାବାସରେ ସେ ଶିକ୍ଷାଦାନ କରୁଥିବା ବେଳେ ୭୩ତମ ସ୍ୱାଧୀନତା ଦିବସ ଅବସରରେ କହିଛନ୍ତି, ରାଜ୍ୟରେ ଅରଟର ସ୍ଥିତି ସଙ୍ଗିନ ଅବସ୍ଥାରେ ଅଛି। ଅରଟରେ ବ୍ୟବହୃତ ବଳଣା ମିଳୁନାହିଁ କି ଏହାକୁ ଚଳାଇ ସୂତା କାଟିବା ଲାଗି ଆଉ ଯୁବପିଢିଙ୍କ ମଧ୍ୟରେ ଆଗ୍ରହ ନାହିଁ। ଅରଟ ଚଳାଇବା ଲାଗି କାହାକୁ ବାଧ କରିବା ଉଚିତ୍ ନୁହେଁ। ଯଦି ମନରୁ ଇଚ୍ଛା ନଥିବ ତାହେଲେ ଦୁଇ ହାତ ଚାଲିବ ନାହିଁ। ଏବେ ଛାତ୍ରାବାସରେ ରହୁଥିବା ବହୁତ୍ କମ୍ ପିଲା ଅରଟ ଚଳାଇବା ଲାଗି ଇଚ୍ଛା ପ୍ରକାଶ କରୁଛନ୍ତି। ଆଗକୁ ରାଜ୍ୟରେ ଅରଟ ଚଳାଇବା ଲାଗି କେହି ନଥିବେ। ପରିବର୍ତ୍ତନଶୀଳ ସମାଜରେ ଆଉ ଅରଟର ଲୋକପ୍ରିୟତା ବି ନାହିଁ।



ପୁଣି ସେ କହିଛନ୍ତି, ଦୀର୍ଘ ଦିନ ଧରି ରାଜ୍ୟର ଖଦିବୋର୍ଡ ବଳଣା ପ୍ରସ୍ତୁତ କରୁଥିଲା। ହେଲେ ପରେ ତାକୁ କିଛି ଏନ୍‌ଜିଓ ହାତକୁ ଟେକି ଦେଇ ଖଦିବୋର୍ଡ ବଳଣା ପ୍ରସ୍ତୁତି କରିବା ବନ୍ଦ କରି ଦେଇଥିଲା। ଅଳ୍ପ କିଛି ଦିନ ଏନ୍‌ଜିଓ ଏହାକୁ ପ୍ରସ୍ତୁତ କଲେ ହେଲେ ଉପଯୁକ୍ତ ବ୍ୟବସାୟ ନ ହେବା କାରଣରୁ ସେମାନେ ବି ଏହାକୁ ପ୍ରସ୍ତୁତ କରିବା ବନ୍ଦ କରିଦେଲେ। ଏବେ ନା ଏନ୍‌ଜିଓ ବଳଣା ପ୍ରସ୍ତୁତ କରୁଛି ନା ଖଦିବୋର୍ଡ। ରାଜ୍ୟରେ ଅରଟ ଚଳାଉଥିବା ବିଭିନ୍ନ କାରିଗର ସେମାନଙ୍କ ବ୍ୟବସାୟ ବନ୍ଦ କରିଦେଲେଣି। ଆଉ କିଛି ଲୋକ ଯିଏ ଅରଟ ଚଳାଇବାକୁ ଭଲପାନ୍ତି ସେମାନେ ଆଉ ନାହାଁନ୍ତି। ବଳଣା 'ୱାର୍ଦ୍ଧା' ନହେଲେ 'ଗୁଜୁରାଟ'ରେ ନିଶ୍ଚିତ ଭାବେ ମିଳୁଛି କିନ୍ତୁ ଅଧିକ ଆବଶ୍ୟକ ନ ପଡ଼ିଲେ ଏତେ ଦୂର ଯିବାକୁ ପଡ଼ିବାରୁ ବଡ଼ ବ୍ୟବସାୟୀମାନେ ମଧ୍ୟ ସେମାନଙ୍କ ବ୍ୟବସାୟ ବନ୍ଦ କରିଦେଲେ। ଆଗକୁ ଅରଟ କେବଳ ଏକ ଉଦାହରଣ ହୋଇ ରହିଯିବ। ତାକୁ କେହି ବ୍ୟବହାର କରିବେ ନାହିଁ, ତାହା ଖାଲି ସଂଗ୍ରହାଳୟରେ ପ୍ରଦର୍ଶନ କରାଯିବ। ଉଲ୍ଲେଖଥାଉ କି, ସ୍ୱାଧୀନତା ସଂଗ୍ରାମ ଚାଲିଥିବା ବେଳେ କୃଷ୍ଣା ୮ବର୍ଷର ହୋଇଥିଲେ। ସେହି ସମୟରେ ଉକ୍ତ ଛାତ୍ରାବାସରେ ଥିଲେ ଏବଂ ଅଗଷ୍ଟ ୧୫ ତାରିଖରେ ସେଠାରେ ପତକା ଉତ୍ତୋଳନ କରାଯାଇଥିଲା।

ରିପୋର୍ଟ-**ସ୍ମିତପ୍ରଜ୍ଞ ମିଶ୍ର**




**ପବିତ୍ର ସ୍ୱାଧୀନତା ଦିବସ – ୨୦୧୯ ଉପଲକ୍ଷେ**
**ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇ-ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବାପାଇଁ ସମସ୍ତେ ମିଳିମିଶି ନିଷ୍ଠାପରଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ଗଣେଶୀ ଲାଲ)

DADLS-16



**ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ଓଡ଼ିଶାବାସୀ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି। ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଏବଂ ସବୁ ବର୍ଗର କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମରେ ଆପଣମାନଙ୍କର ସହଯୋଗ କାମନା କରୁଛି।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

15001/13/0025/1920



**ବାର୍ତ୍ତା**

୭୩ତମ ସ୍ୱାଧୀନତା ଦିବସ ପାଳନର ପବିତ୍ର ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଭାରତର ସ୍ୱାଧୀନତା ପ୍ରାପ୍ତି ବିଶ୍ୱ ଇତିହାସରେ ଏକ ଉଲ୍ଲେଖନୀୟ ଘଟଣା। ଲକ୍ଷ ଲକ୍ଷ ସଂଗ୍ରାମୀମାନଙ୍କର ଆତ୍ମୋତ୍ସର୍ଗ, ଦେଶପ୍ରେମ ଏବଂ ଅହିଂସା ଅସ୍ତ୍ରରେ ସମାହିତ ଏହି ସଂଗ୍ରାମ ବାସ୍ତବିକ ଅନନ୍ୟ। ସେମାନଙ୍କର ନୀତି, ଆଦର୍ଶ ଓ ମୂଲ୍ୟବୋଧକୁ ସ୍ମରଣ କରି ସମୃଦ୍ଧ ଓ ବିକଶିତ ଓଡ଼ିଶା ଏବଂ ମହାନ୍ ଭାରତ ଗଠନ ଦିଗରେ ସଂକଳ୍ପବଦ୍ଧ ହେବାକୁ ମୁଁ ସମସ୍ତଙ୍କୁ ଆହ୍ୱାନ ଜଣାଉଛି।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

JSL JINDAL STAINLESS

Changing quality of living without disturbing their way of life



As the largest and fully integrated **Stainless Steel manufacturer of India,** we understand the role we are expected to play in ameliorating the lives of the people...especially those living close to our manufacturing facilities. More than just offering them employment opportunities it's about offering them quality of life. Our dedicated efforts to serve these people with quality health services and education for their children is just one little example. Our sustained CSR initiatives carried out under the aegis of JSL Foundation are truly our way of expressing our gratitude to the people of India. After all, it is their support that serves as the foundation of our growth.



www.jindalstainless.com

Jindal Stainless Limited
**Corporate Office:** Jindal Centre, 12 Bhikaiji Cama Place, New Delhi-110 066, India.
Tel.: (011) 26188345-60, Fax: (011) 26170691, 26161271 E-mail: info@jindalsteel.com
**Bhubaneshwar Office:** 6th Floor, IDCO Tower Janpath, Bhubaneshwar- 751 022.
Tel.: (0674) 2545561, 2544846, Fax: (0674) 2546147, E- mail: jsl@jindalsteel.com
**Unit Office (Odisha):** Kalinga Nagar Industrial Complex, Duburi, Distt. Jajpur - 755 026 (Odisha) India.
Tel.: (06726) 268449, 268315, 266053, Fax: (06726) 266030, E-mail: info.jajpur@jindalsteel.com



"ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



# ହୀରାକୁଦ ଡ୍ୟାମ୍‌ର ୭ନଂ. ଗେଟ୍ ଖୋଲିଲା

ସମ୍ବଲପୁର,୧୪।୮(ବ୍ୟୁରୋ)



- ତଳମୁଣ୍ଡରେ ବନ୍ୟା ପରିସ୍ଥିତି
- ୩ ଘଣ୍ଟା ପରେ ଜଳ ନିଷ୍କାସନ ବନ୍ଦ

ସମ୍ବଲପୁର ହୀରାକୁଦ ଡ୍ୟାମ୍‌ରୁ ବୁଧବାର ଚଳିତ ବର୍ଷ ପ୍ରଥମ ବନ୍ୟାଜଳ ନିଷ୍କାସନ ପ୍ରକ୍ରିୟା ଆରମ୍ଭ ହୋଇଛି । ଧାର୍ଯ୍ୟଲଗ୍ନ ଅନୁସାରେ ଅପରାହ୍ନ ୧୧ଟା ୨ରେ ୭ ନମ୍ବର ସ୍ଲୁଇସ ଗେଟ୍ ଦେଇ ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। ହେଲେ ତଳମୁଣ୍ଡରେ ବନ୍ୟା ପରିସ୍ଥିତି ଲାଗି ରହିଥିବାରୁ ଅପରାହ୍ନ ୨ଟାରେ ଗେଟ୍ ବନ୍ଦ କରି ଦିଆଯାଇଛି।

ଜିଲାପାଳ ଶୁଭମ୍ ସକ୍‌ସେନା ନଡିଆ ଭାଙ୍ଗି ସୁଇଚ୍ ଟିପିବା ପରେ କ୍ରେନ୍ ଅପରେଟର ସନତ ପଟ୍ଟନାୟକ ଗେଟ୍ ଖୋଲିଥିଲେ। ଡ୍ୟାମ୍‌ରୁ ପ୍ରତି ସେକେଣ୍ଡରେ ପ୍ରାୟ ୧୫ହଜାର ୫ଶହ କ୍ୟୁସେକ ଜଳ ନିଷ୍କାସିତ ହୋଇଥିଲା। ଡ୍ୟାମ୍‌ରୁ ଗେଟ୍ ଖୋଲିବା ପୂର୍ବରୁ ତଳମୁଣ୍ଡ ଲୋକଙ୍କୁ ସତର୍କ କରିବା ପାଇଁ ୩ ଥର ସାଇରନ୍ ବାଜିଥିଲା। ଡିଏଫ୍‌ଓ ଡ. ସଞ୍ଜିତ କୁମାର ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଭଜନ, କୀର୍ତ୍ତନ ସହ ବିଶ୍ୱକର୍ମାଙ୍କ ପୂଜା କରାଯାଇଥିଲା। ଡ୍ୟାମ ମୁଖ୍ୟଯନ୍ତ୍ରୀ ସୁନୀଲ କୁମାର ନାୟକ, ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଭକ୍ତଚରଣ ମହାନ୍ତି, ନିର୍ବାହୀ ଯନ୍ତ୍ରୀ ନିରାକାର ବିଶି ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଯନ୍ତ୍ରୀ ସେଠୀ କହିଛନ୍ତି, ହୀରାକୁଦ ଡ୍ୟାମ୍‌ରେ ଏବେ ଆହୁରି ଅଧିକ ଜଳଧାରଣ କ୍ଷମତା ରହିଛି । ଉପରମୁଣ୍ଡରୁ ଜଳ ପ୍ରବେଶ କରୁଥିଲେ ମଧ୍ୟ ଏବେ କୌଣସି ସମସ୍ୟା ନାହିଁ । ଡ୍ୟାମ୍ ତଳମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ବନ୍ୟା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଗୋଟିଏ ଗେଟ୍ ସାଂକେତିକ ଭାବେ ଖୋଲା ଯାଇଥିଲା। ହେଲେ ଅପରାହ୍ନ ୨ଟାରେ ଏହାକୁ ବନ୍ଦ କରିଦିଆ ଯାଇଛି। ଜଳସ୍ତର ବୃଦ୍ଧିକୁ ଦେଖି ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ପୁଣି ଗେଟ୍ ଖୋଲାଯିବା ଉପରେ ନିଷ୍ପତ୍ତି ନିଆଯିବ। ଡ୍ୟାମ୍‌ରୁ ଚଳିତବର୍ଷର ପ୍ରଥମ ବନ୍ୟା ଜଳ ନିଷ୍କାସନ ଦେଖିବା ପାଇଁ ଲୋକଙ୍କ ଭିଡ ଜମିଥିଲା। ମାଛ ମାରିବା ପାଇଁ ତଳମୁଣ୍ଡରେ ମାଛ ଧରାଳିଙ୍କୁ ଦେଖିବାକୁ ମିଳିଥିଲା। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

## 'ମାନ୍ୟବର' ଆଖ୍ୟା ପାଇବେ ସ୍ୱାଧୀନତା ସଂଗ୍ରାମୀ

**ଭୁବନେଶ୍ୱର,୧୪।୮(ବ୍ୟୁରୋ):** ଦେଶକୁ ସ୍ୱାଧୀନତା ଦେବାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମହାନ୍ ଅବଦାନକୁ ସମ୍ମାନ ଜଣାଇ ରାଜ୍ୟ ସରକାର ସେମାନଙ୍କୁ 'ମାନ୍ୟବର' ଆଖ୍ୟା ପ୍ରଦାନ କରିଛନ୍ତି। ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସଭା ସମିତିରେ ସମ୍ବୋଧନ କରିବା ସମୟରେ ଏଣିକି 'ମାନ୍ୟବର' ଭାବେ ସମ୍ବୋଧନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉଚ୍ଚ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିବିଶେଷ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ହିଁ କେବଳ 'ମାନ୍ୟବର' ସମ୍ବୋଧନ କରାଯିବ ବୋଲି ବୁଧବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।




## ନାଲିବତି ପରେ 'ଗାର୍ଡ ଅଫ୍ ଅନର' କଟକଣା

- ବାଦ୍ ପଡ଼ିବେ ନେତା, ମନ୍ତ୍ରୀ, ସରକାରୀ ଅଧିକାରୀ
- ସାଧାରଣତନ୍ତ୍ର, ସ୍ୱାଧୀନତା ଓ ଓଡ଼ିଶା ଦିବସରେ କେବଳ ମୁଖ୍ୟ ଅତିଥିଙ୍କୁ ଦିଆଯିବ

**ଭୁବନେଶ୍ୱର,୧୪।୮(ବ୍ୟୁରୋ):** ଗାଡ଼ିରେ 'ନାଲିବତି' କଟକଣା ପରେ ରାଜନେତା, ଭିଆଇପି ଓ ଭିଭିଆଇପିଙ୍କୁ ଦିଆଯାଉଥିବା 'ଗାର୍ଡ ଅଫ୍ ଅନର୍' ବ୍ୟବସ୍ଥାରେ ଲାଗିଲା ରୋକ୍। ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ସରକାରୀ ପଦାଧିକାରୀମାନଙ୍କୁ ଆଉ ଦିଆଯିବନି 'ହାଉସ୍ ଗାର୍ଡ' ତଥା 'ଗାର୍ଡ ଅଫ୍ ଅନର୍'। ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଅଗଷ୍ଟ ୧୪ ବୁଧବାରଠାରୁ ଏହି ବ୍ୟବସ୍ଥାକୁ ଉଚ୍ଛେଦ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏଣିକି କେବଳ ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ ଏବଂ ଓଡ଼ିଶା ଦିବସ ପାଳନ ଅବସରରେ ନିମନ୍ତ୍ରିତ ମୁଖ୍ୟ ଅତିଥିଙ୍କୁ ଗାର୍ଡ ଅଫ୍ ଅନର୍ ଦିଆଯାଇପାରିବ ବୋଲି ବୁଧବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। କିନ୍ତୁ ପୂର୍ବଭଳି କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ଲୋକାୟୁକ୍ତ, ସୁପ୍ରିମକୋର୍ଟ ଓ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ଅନ୍ୟ ବିଚାରପତିଙ୍କ କ୍ଷେତ୍ରରେ ଏହା ପୂର୍ବଭଳି କାର୍ଯ୍ୟକାରୀ ହେବ। ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ସରକାରୀ ଗାଡ଼ିରୁ ନାଲିବତି ଉଠାଇ ଚର୍ଚ୍ଚାକୁ ଆସିଥିଲେ।

## ବିପଦରେ ହୀରାକୁଦ

# ଜଳଧାରଣ କ୍ଷମତା କମୁଛି

ଭୁବନେଶ୍ୱର,୧୪।୮(ବ୍ୟୁରୋ)

ହୀରାକୁଦ ବନ୍ଧ ଦିନକୁ ଦିନ ଦୁର୍ବଳ ହୋଇପଡିଛି । ଡ୍ୟାମ୍‌ର ଜଳଧାରଣ କ୍ଷମତା କମିବା ସହ ଜଳବିଦ୍ୟୁତ୍ ଉତ୍ପାଦନ ମଧ୍ୟ କମିବାର ଆଶଙ୍କା ପ୍ରକାଶ ପାଇଛି । ଡ୍ୟାମରେ ପଟୁମାଟି ଜମା ହେବାରେ ଲାଗିଛି । ରକ୍ଷଣାବେକ୍ଷଣ ଅଭାବ ଓ ପଟୁମାଟି ମାଡିଥିବା ସ୍ଥାନକୁ ପରିଷ୍କାର ନ କରିବା ଯୋଗୁ ଜଳଧାରଣ କ୍ଷମତା କମିବାରେ ଲାଗିଛି । ଏବେ ବନ୍ଧରେ ବଡ ବଡ ଫାଟ ସୃଷ୍ଟି ହେଲାଣି । ଏଥିପାଇଁ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଯେଉଁ ୬ଶହ କୋଟି ଟଙ୍କା ଅନୁଦାନ ଘୋଷଣା କରିଛନ୍ତି ସେଥିରେ ତୁରନ୍ତ ମରାମତି ଓ ରକ୍ଷଣାବେକ୍ଷଣ ନ ହେଲେ ଆଗକୁ ବିପଦ ମାଡି ଆସୁଛି ବୋଲି ସମ୍ବଲପୁର ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି ।

ପୂଜାରୀ କହିଛନ୍ତି , ୧୯୪୮ରେ ହୀରାକୁଦ ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୯୫୬ରେ ଶେଷ ହୋଇଥିଲା। ଯାହାର ଆୟୁ ୧୦୦ ବର୍ଷ ଥିଲା। ଏବେ ହୀରାକୁଦକୁ ୭୫ବର୍ଷ ହୋଇ ସାରିଥିବାବେଳେ ବାଲି ଏବଂ ପ୍ରେସର ପାଇଁ ଏଥିରେ ବଡ ବଡ ଫାଟ ଦେଖାଗଲାଣି । ଯଦି ଡ୍ୟାମ୍ ଭୁଶୁଡିଯାଏ ତେବେ ସମ୍ବଲପୁର ଏବଂ ବରଗଡ଼ ସହର ଧ୍ୱଂସ ହୋଇଯିବ । ଡ୍ୟାମ୍‌ରେ ସ୍ଲୁଇସ୍ ଗେଟ୍‌ଗୁଡିକ ବହୁ ପୁରୁଣା ହେବା ଯୋଗୁ ତାକୁ ମାନୁଆଲି ତଳ ଉପର କରି ଖୋଲାଯାଉଛି ଏବଂ ବନ୍ଦ କରାଯାଉଛି । ସେଥିରେ କଳଙ୍କି ଲାଗିବା ଯୋଗୁ ଠିକ୍ ଭାବେ କାମ କରୁନାହିଁ। ୧୯୯୫ରେ କେନ୍ଦ୍ରୀୟ ଜଳ କମିଶନଙ୍କ ଅନୁସନ୍ଧାନ ଅନୁଯାୟୀ ହୀରାକୁଦ ବନ୍ଧରେ ୩୭.୩୫ ପ୍ରତିଶତ ବାଲିଜମି ରହିଥିଲା। ବର୍ତ୍ତମାନ ଏହା ବୃଦ୍ଧି ପାଇ ୪୦ ପ୍ରତିଶତରୁ ଅଧିକ ହୋଇସାରିଥିବ। ଯାହାଫଳରେ ଏକ ତୃତୀୟାଂଶ ଜଳଧାରଣ କ୍ଷମତା କମିଯାଇଛି। ବର୍ତ୍ତମାନଠାରୁ ଏହାର ସ୍ଥିତିକୁ ନ ସୁଧାରିଲେ ଆଗାମୀ ୨୫ରୁ ୩୦ବର୍ଷ ପରେ ହୀରାକୁଦରେ ଜଳଧାରଣ କ୍ଷମତା ଏବଂ ଜଳସେଚନ କମ୍ ହୋଇଯିବ। ଯେଉଁ ଉଦ୍ଦେଶ୍ୟରେ ଏହି ଡ୍ୟାମ୍‌କୁ ନିର୍ମାଣ କରାଯାଇଥିଲା ଥିଲା ତାହା ସମ୍ପୂର୍ଣ୍ଣ ଭାବେ ଅକାମୀ ହୋଇଯିବ । ରାଜ୍ୟ ସରକାର ତୁରନ୍ତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରନ୍ତୁ ବୋଲି ପୂଜାରୀ ଦାବି କରିଛନ୍ତି ।


୭୩ତମ ସ୍ୱାଧୀନତା ଦିବସ ଉପଲକ୍ଷେ କଟାରୁ ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ।
ବସନ୍ତ କୁମାର ସିଂ
ପଞ୍ଚାୟତ ନିର୍ବାହୀ ଅଧିକାରୀ
କୁମାରୀ ଫୁଲ କେର୍କେଟା
ସରପଞ୍ଚ

୭୩ତମ ସ୍ୱାଧୀନତା ଦିବସ ଅବସରରେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ସମସ୍ତ ଭାଇ ଓ ଭଉଣୀ, ଗୁରୁଜନମାନଙ୍କୁ ହାର୍ଦ୍ଦିକ ଶୁଭକାମନା ।
ରାଜେନ୍ଦ୍ର କୁଜୁର
ଡୁମେରଯୋର ସମିତି ସଭ୍ୟ ତଥା କୁଆଁରମୁଣ୍ଡା ବ୍ଲକ ବିଜେଡି ସଭାପତି


## ଚାନ୍ଦିନୀ ସହ ୧୦ ଫୁଟ ଦବିଗଲା କୂଅ

ତାଳଚେର,୧୪।୮(ନି.ପ୍ର.)

ଅନୁଗୋଳ ଜିଲା ତାଳଚେର ପୌରାଞ୍ଚଳ ୧୩ ନମ୍ବର ୱାର୍ଡର ଗୁରୁବକ୍ସ ସିଂଙ୍କ ଘର ଅଗଣାରେ ଥିବା କୂଅ ମଙ୍ଗଳବାର ରାତିରେ ଚାନ୍ଦିନୀ ସହ ୧୦ ଫୁଟ ଦବି ଯାଇଛି। ଏହାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡିଛନ୍ତି। ବାରମ୍ବାର ତାଳଚେର ଅଞ୍ଚଳରେ ମାଟି ଦବିବା ପରି ଘଟଣା ଘଟୁଥିବାରୁ ସହରବାସୀଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦେଉଳବେଡା ଭୂଗର୍ଭ କୋଇଲା ଖଣି ଯୋଗୁ କୂଅ ଦବି ଯାଇଥିବା ଘର ମାଲିକ ଗୁରୁବକ୍ସ ଉପଜିଲାପାଳଙ୍କ ଠାରେ ଅଭିଯୋଗ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି।

ପ୍ରାୟ ୨୦ ବର୍ଷ ତଳେ ଖୋଳାଯାଇଥିବା ଏହି କୂଅ ଗୁରୁବକ୍ସଙ୍କ ଘର ଅଗଣାରେ ଥିଲା। ମଙ୍ଗଳବାର ରାତି ପ୍ରାୟ ୯ଟାରେ ଏକ ଜୋରଦାର ଶବ୍ଦ ହୋଇଥିଲା। ଗୁରୁବକ୍ସଙ୍କ ପରିବାର ଲୋକେ ଅଗଣାକୁ ଆସିବା ପରେ କୂଅ ପ୍ରାୟ ୧୦ ଫୁଟ ଦବି ଯାଇଥିବା ଦେଖିବାକୁ ପାଇଥିଲେ। ଏହାପରେ ସେଠାରେ ସ୍ଥାନୀୟ ଲୋକଙ୍କ ଭିଡ ଜମିଥିଲା। ଖବରପାଇ ବୁଧବାର ସହକାରୀ ଜିଲାପାଳ ସୁବାସ ଚନ୍ଦ୍ର ପ୍ରଧାନ, ଗୌରୀ ନାଏକ ଘଟଣାସ୍ଥଳ ପରିଦର୍ଶନ କରି ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ କହିଛନ୍ତି, କୂଅ ଦବିବା ଘଟଣାର ତଦନ୍ତ ପାଇଁ ତାଳଚେର ଏରିଆ ଜେନେରାଲ ମ୍ୟାନେଜରଙ୍କୁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତାଙ୍କର ଏକ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଏହା ଏକ ପୁରୁଣା କୂଅ ଓ ନନ୍ଦଗୁଡିକ ମଧ୍ୟରେ ଫାଙ୍କ ଥିବାରୁ ଦବି ଯାଇଛି ବୋଲି ଖଣି କର୍ତ୍ତୃପକ୍ଷ କହିଥିବା ଉପଜିଲାପାଳ ପ୍ରକାଶ କରିଛନ୍ତି।



କୂଅ ଦବିଯାଇଥିବା ସ୍ଥାନ






**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ସାରା ଦେଶରେ ୩.୪ ନିୟୁତ ୟୁନିଟ ପର୍ସନାଲ କମ୍ପ୍ୟୁଟର ବିକ୍ରି ହୋଇଛି।
– ଆଇଡିସି

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଆଦି
ପରିବାରବର୍ଗ


ଅଂଶୁମାନ
ପରିବାରବର୍ଗ


ଭାରତ
ପରିବାରବର୍ଗ


ଗୁଗୁଲ୍
ପରିବାରବର୍ଗ


ଫୁଲମଣି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଯେଉଁଠି ପ୍ରତିଦିନ ସକାଳେ ଉଡ଼େ ତ୍ରିରଙ୍ଗା

**ଶଶାଙ୍କ ଶେଖର ଝାଙ୍କର**

ଦେବଗଡ଼,୧୪।୮(ଡି.ଏନ.ଏ.)

ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସରେ ଜାତୀୟ ସଙ୍ଗୀତ ଗାନ ଓ ଜାତୀୟ ପତାକା ଉତ୍ତୋଳନ କରାଯାଇଥାଏ। କିନ୍ତୁ ପ୍ରତିଦିନ ସକାଳେ ଜାତୀୟ ପତାକା ଉତ୍ତୋଳନ ସହ ସାମୂହିକ ଜାତୀୟ ସଙ୍ଗୀତ ଗାନ ମାଧମରେ ପରସ୍ପର ମଧ୍ୟରେ ଭ୍ରାତୃଭାବ ଏବଂ ଦେଶପ୍ରେମ ଭାବ ଉଦ୍ରେକ କରିବା ନିଶ୍ଚିତ ଭାବେ ଏକ ଅନନ୍ୟ ଏବଂ ପ୍ରଶଂସନୀୟ ପରମ୍ପରା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଭଳି ଏକ ଭିନ୍ନ ପରମ୍ପରା ଉଚ୍ଚଶିକ୍ଷିତମାନେ ରହୁଥିବା କୌଣସି ସହରରେ ନୁହେଁ ବରଂ ଏହା ଦେଖିବାକୁ ମିଳିଛି ମଫସଲ ଗ୍ରାମରେ। କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱଚ୍ଛ, ସୁସ୍ଥ ତଥା ରଙ୍ଗିନ ଓ ବାହ୍ୟ ମଳମୁକ୍ତ ଗାଁର ମାନ୍ୟତା ପାଇଥିବା ଦେବଗଡ ଜିଲା ରିଆମାଳ ବ୍ଲକ ଅଧୀନ ଚାଷୀବହୁଳ କୀର୍ତ୍ତନପାଲିରେ। ପ୍ରତ୍ୟହ ସକାଳ ୬ଟା ହେଲେ ରୁଟିନ କାର୍ଯ୍ୟଭଳି କୀର୍ତ୍ତନପାଲି ବନ ସୁରକ୍ଷା ସମିତିମଣ୍ଡପ ସମ୍ମୁଖସ୍ଥ ଷ୍ଟାଣ୍ଡପୋଷ୍ଟରେ ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳି ବେହେରାଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ହୋଇଥାଏ। ବନ ସୁରକ୍ଷା କମିଟି ସଦସ୍ୟଙ୍କ ଦ୍ୱାରା ଘଣ୍ଟ ବଜାଯାଇ ଡାକରା ଦିଆଯାଏ। ଘଣ୍ଟ ଶବ୍ଦ ଶୁଣି ଗ୍ରାମର ଆବାଳବୃଦ୍ଧବନିତା ଉକ୍ତ ମଣ୍ଡପ ସମ୍ମୁଖରେ ରୁଣ୍ଡହୋଇ ଦୁଇଟି ଧାଡିରେ ଠିଆହେବା ପରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜାତୀୟ ସଙ୍ଗୀତ 'ଜନଗଣ ମନ....'ପରିବେଷଣ କରାଯାଇଥାଏ। ଏହି ସଙ୍ଗୀତ ପରିବେଷଣ ସମୟରେ ଏହାକୁ ଗାଁର ଯିଏ ଯେଉଁଠି ବି ଶୁଣନ୍ତି ସେହିଠାରେ ହିଁ ମୂର୍ତ୍ତି ଭଳି ଠିଆ ହୋଇ ଜାତୀୟ ସଙ୍ଗୀତକୁ ସମ୍ମାନ ଜଣାଇଥାନ୍ତି। ଏପରି କି ଜମିରେ ହଳ କରୁଥିବା ଏବଂ ଘରେ ଭୋଜନ କରୁଥିବା ବ୍ୟକ୍ତି ବିଶେଷ ମଧ ଏଥିରୁ ବାଦ୍ ପଡନ୍ତି ନାହିଁ। ଏହାଦ୍ୱାରା ସେମାନେ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଜାତୀୟ ସଙ୍ଗୀତ ପ୍ରତି କେବଳ ଯେ ସମ୍ମାନ ପ୍ରଦର୍ଶନ କରନ୍ତି ତାହା ନୁହେଁ, ସକାଳୁ ଏଭଳି କରି ଘରୁ ବାହାରିଲେ ସେମାନଙ୍କ ମନରେ ସ୍ୱତଃ ନିଷ୍ଠା, ପରୋପକାର ଏବଂ ସେବା କରିବାର ପ୍ରବୃତ୍ତି ଜାଗ୍ରତ ହେଉଥିବା ସେମାନେ ମତବ୍ୟକ୍ତ କରିଛନ୍ତି। ଏହା ସହ ଆଗାମୀ ପିଢି ଏବଂ ପଡୋଶୀ ଗ୍ରାମବାସୀଙ୍କ ମନରେ ଦେଶଭକ୍ତି ଓ ଭ୍ରାତୃଭାବ ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ ବୋଲି ସେମାନେ ପ୍ରକାଶ କରିଛନ୍ତି। ଗ୍ରାମବାସୀ ଗତ ୨୦୧୮ ଜାନୁୟାରୀ ୨୬ରୁ ପବିତ୍ର ସାଧାରଣତନ୍ତ୍ର ଦିବସରେ ଏହି ପରମ୍ପରା ଆରମ୍ଭ କରିଥିଲେ। ଜାତୀୟ ସଙ୍ଗୀତ ପରିବେଷଣ ପାଇଁ ନିଜସ୍ୱ ପାଣ୍ଠିରୁ ୧୫ ହଜାର ଟଙ୍କା ଖର୍ଚ୍ଚକରି(ଡାକବାଜି ଯନ୍ତ୍ର)ସାଉଣ୍ଡ ସିଷ୍ଟମ କ୍ରୟ କରିବା ସହ ନିକଟରେ ୧୫ ହଜାର ଟଙ୍କା ବ୍ୟୟରେ ଏକ ଅର୍ଦ୍ଧାବୟବ ଗାନ୍ଧିମୂର୍ତ୍ତି ଓ ଗାନ୍ଧିଜୀଙ୍କର ତିନି ମାଙ୍କଡଙ୍କ ମୂର୍ତ୍ତି ସ୍ଥାପନ କରିଛନ୍ତି। ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ହିଂସା ହ୍ରାସ ପାଇବ ଏବଂ ତିନି ମାଙ୍କଡଙ୍କ ମୂର୍ତ୍ତି ସ୍ଥାପନ ଦ୍ୱାରା ଉକ୍ତ ଅଞ୍ଚଳରେ କେହି କାହାର ଅନିଷ୍ଟ ଚିନ୍ତା କରିବେ ନାହିଁ ବୋଲି ସେମାନେ ଆଶାବ୍ୟକ୍ତ କରିଛନ୍ତି। ସେହିପରି ସରକାରଙ୍କ ଦ୍ୱାରା ପରିଚାଳିତ ସ୍ୱଚ୍ଛ ଭାରତ ଅଭିଯାନକୁ ସଫଳକରି ଗାନ୍ଧିଜୀଙ୍କ ସ୍ୱପ୍ନକୁ ସାକାର କରି ପୁରସ୍କୃତ ହେବା ପରେ ସେମାନଙ୍କ ମଧ୍ୟରେ ଏଭଳି ଭିନ୍ନ ତଥା ଦେଶପ୍ରେମ ଭାବନା ଜାଗ୍ରତ ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।


କୀର୍ତ୍ତନପାଲି ଗାଁ ଲୋକେ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଆଦିତ୍ୟ ପ୍ରସାଦ ପାଢ଼ୀ ...

ତଥା ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ଆବେଦନ କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ) ପକ୍ଷରୁ ବିଧିବଦ୍ଧ ଅନୁମୋଦନ ମିଳିବାକୁ ବାକି ରହିଛି। ଇଚ୍ଛାକୃତ ଅବସର ଆବେଦନର ୯୦ ଦିନ ମଧ୍ୟରେ ଅନୁମୋଦନ ମିଳିବାର ନିୟମ ରହିଛି। ହେଲେ ଚଳିତ ମାସ ୧୯ ପୂର୍ବରୁ ତାଙ୍କ ଅବସର ଆବେଦନକୁ ମଞ୍ଜୁର କରିବା ପାଇଁ ଆଦିତ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଯଦି ତାଙ୍କ ଆବେଦନକୁ ମଞ୍ଜୁରୀ ମିଳିଯାଏ, ତେବେ ୧୯ ତାରିଖରେ ହିଁ ସେ ନୂଆ ଦାୟିତ୍ୱ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି। ଆଦିତ୍ୟଙ୍କ କାର୍ଯ୍ୟକାଳ ଆସନ୍ତାବର୍ଷ ଫେବୃୟାରୀରେ ଶେଷ ହେଉଥିଲା। ଏହାର ୬ ମାସ ପୂର୍ବରୁ ସେ ଏହି ଦାୟିତ୍ୱ ସହ ଚାକିରିରୁ ଅବସର ନେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଆଦିତ୍ୟ ୨୦୧୫ ନଭେମ୍ବର ୩୦ରୁ ଏଯାବତ୍ ମୁଖ୍ୟ ଶାସନ ସଚିବ ଦାୟିତ୍ୱ ତୁଲାଇ ଆସୁଛନ୍ତି। ତାଙ୍କ ନୂଆ ନିଯୁକ୍ତି ପରେ ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ କିଏ ହେବେ, ସେ ନେଇ ଚର୍ଚ୍ଚା ଜାରି ରହିଛି। ସାଧାରଣ ପ୍ରଶାସନ(ଜିଏ) ବିଭାଗ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ୧୯୮୩ରୁ ୧୯୮୮ ବ୍ୟାଚ୍ ଆଇଏଏସ୍ ଅଫିସର ମଧ୍ୟରୁ ଜଣେ ହିଁ ରାଜ୍ୟ ପ୍ରଶାସନିକ ଶୀର୍ଷ ସ୍ଥାନରେ ନିଯୁକ୍ତି ପାଇବେ। ତେଣୁ ବରିଷ୍ଠତା ଦୃଷ୍ଟିରୁ ଆଦିତ୍ୟଙ୍କ ପରେ ୧୯୮୫ ବ୍ୟାଚ୍‌ର ଅଧିକାରୀ ତଥା କୃଷି ଉତ୍ପାଦନ କମିଶନର(ଏପିସି) ଡ. ଗଗନ କୁମାର ଧଳଙ୍କ ନାଁ ଆସୁଛି। ହେଲେ ଧଳ ସରକାରୀ ଚାକିରିରୁ ଅବ୍ୟାହତି ନେବା ପାଇଁ ଆବେଦନ କରିସାରିଛନ୍ତି। ତାଙ୍କ ପରେ ଆଉ ଏକ ନାମ ଚର୍ଚ୍ଚାକୁ ଆସିଛି। ସେ ହେଲେ ୧୯୮୬ ବ୍ୟାଚ୍‌ର ଅଧିକାରୀ ଅସିତ୍ କୁମାର ତ୍ରିପାଠୀ। ଅସିତ୍ ବର୍ତ୍ତମାନ ଉନ୍ନୟନ କମିଶନର, କେବିକେ ପ୍ରଶାସକ ଓ ଗୁରୁତ୍ୱପୂର୍ଣ୍ଣ ଗୃହ ବିଭାଗର ମୁଖ୍ୟ ଶାସନ ସଚିବ ଅଛନ୍ତି। ସେ ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏତଦ୍‌ବ୍ୟତୀତ ଏହି ପଦବୀ ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ପାହ୍ୟାର ଅଫିସର ସୁରେଶ କୁମାର ମହାପାତ୍ର ଓ ଜି.ଭି.ଭି. ଶର୍ମା(୧୯୮୬), ରାଜକୁମାର ଶର୍ମା(୧୯୮୭) ଏବଂ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ନାଁ ବିଚାରକୁ ଆସିପାରେ ବୋଲି କୁହାଯାଉଛି। ମୁଖ୍ୟ ଶାସନ ସଚିବ ନିଯୁକ୍ତି ପରେ ରାଜ୍ୟ ଶୀର୍ଷ ପ୍ରଶାସନରେ ଅନେକ ବିଭାଗରେ ମଧ ଅଦଳ ବଦଳ ହେବା ସମ୍ଭାବନା ରହିଛି।

# ୨୪ରେ ନୂଆଁଖାଇ ଉତ୍ସବ ଲାଗି ପ୍ରତିଯୋଗିତା

ସମ୍ବଲପୁର, ୧୪।୮ (ବ୍ୟୁରୋ)

ଗଣ ପର୍ବ ନୂଆଁଖାଇ ଉତ୍ସବ ଲାଗି ଚଳିତ ମାସ ନନ୍ଦପଡା ଚିତ୍ରୋତ୍ପଳା ଯୁବକ ସଂଘ ଆନୁକୂଲ୍ୟରେ ୨୪ ଓ ୨୫ ତାରିଖ ବିଭିନ୍ନ ପ୍ରତିଯୋଗିତା ହେବ। ବାଲୁଙ୍କେଶ୍ୱର ମଣ୍ଡପଠାରେ ସ୍କୁଲ ସ୍ତରୀୟ ସବଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ହେବ । ସବ ଜୁନିୟର ବର୍ଗରେ ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ, ଜୁନିୟର ବର୍ଗରେ ଚତୁର୍ଥ ଶ୍ରେଣୀରୁ ଷଷ୍ଠ ଶ୍ରେଣୀ ଓ ସିନିୟର ବର୍ଗରେ ସପ୍ତମ ଶ୍ରେଣୀରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ବକ୍ତୃତା, ଚିତ୍ରାଙ୍କନରେ ଅଂଶ ଗ୍ରହଣ କରି ପାରିବେ ବୋଲି ଚିତ୍ରୋତ୍ପଳା ଯୁବକ ସଂଘ ପକ୍ଷରୁ ସୂଚିତ କରାଯାଇଛି।

# ଶ୍ରୀଧର ପାତ୍ର ହେବେ ନାଲ୍‌କୋର ନୂଆ ସିଏମ୍‌ଡି

ଭୁବନେଶ୍ୱର, ୧୪।୮(ବ୍ୟୁରୋ)

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲ୍‌କୋ)ର ନୂଆ ସିଏମ୍‌ଡି ଭାବେ ଶ୍ରୀଧର ପାତ୍ରଙ୍କ ନାମ ଚୟନ କରାଯାଇଛି। କାର୍ମିକ ଏବଂ ତାଲିମ ବିଭାଗର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଚୟନ ବୋର୍ଡ (ପିଇଏସ୍‌ବି) ପକ୍ଷରୁ ନିକଟରେ ହୋଇଥିବା ସାକ୍ଷାତକାରରେ ୪ ଜଣଙ୍କ ମଧ୍ୟରୁ ଶ୍ରୀଧର ପାତ୍ରଙ୍କୁ ସିଏମ୍‌ଡି ପଦବୀ ଲାଗି ବଛାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ନିଯୁକ୍ତି କମିଟି ପାତ୍ରଙ୍କ ନିଯୁକ୍ତିକୁ ଚୂଡାନ୍ତ ମଞ୍ଜୁରୀ ପ୍ରଦାନ କରିବ। ବର୍ତ୍ତମାନ ନାଲ୍‌କୋ ସିଏମ୍‌ଡି ଭାବେ କାର୍ଯ୍ୟରତ ତପନ ଚାନ୍ଦ ୨୦୧୫ରେ କମ୍ପାନୀର ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଚଳିତ ବର୍ଷ ନଭେମ୍ବର ଯାଏ କମ୍ପାନୀର ଅଧ୍ୟକ୍ଷ ପଦବୀରେ ରହିବେ। ସେହିଭଳି ଶ୍ରୀଧର ପାତ୍ର ବର୍ତ୍ତମାନ ନାଲକୋର ବିତ୍ତ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ। ଗତ ବର୍ଷ ସେପ୍ଟେମ୍ବରରେ ସେ କମ୍ପାନୀରେ ଯୋଗ ଦେଇଥିଲେ। ତାଙ୍କ ନେତୃତ୍ୱରେ କମ୍ପାନୀ ଲାଭ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ୨୦୧୯–୨୦ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ କମ୍ପାନୀର ଲାଭ ୨୯% ବୃଦ୍ଧି ଘଟି ୧୭୩୨ କୋଟି ଟଙ୍କା ରହିଛି। ଯାହା ୧୦ ବର୍ଷ ମଧ୍ୟରେ ସର୍ବାଧିକ। ସେ ଓଡ଼ିଶା ମାଇନିଂ କର୍ପୋରେଶନ ଲିମିଟେଡ, ଇଣ୍ଡିଆନ ରେୟାର ଆର୍ଥସ ଲିମିଟେଡ ଏବଂ ଓଏନ୍‌ଜିସିର ସହଯୋଗୀ କମ୍ପାନୀ ମାଙ୍ଗାଲୋର ରିଫାଇନେରି ଆଣ୍ଡ ପେଟ୍ରୋକେମିକାଲ୍ସ ଭଳି କମ୍ପାନୀରେ କାର୍ଯ୍ୟ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକୋତ୍ତର, ବିଦ୍ୟାସାଗର ୟୁନିଭର୍ସିଟିରୁ ସେ ଏମ୍‌ବିଏ ଡିଗ୍ରୀ ହାସଲ କରିଛନ୍ତି। ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡର କମର୍ସିଆଲ ଡାଇରେକ୍ଟର ସୋମା ମଣ୍ଡଳ, ମେକନ ଲିମିଟେଡ ସିଏମ୍‌ଡି ଅତୁଲ ଭଟ୍ଟ, ନର୍ଥ ଇଷ୍ଟର୍ନ ଇଲେକ୍ଟ୍ରିକ ପାୱାର କର୍ପୋରେଶନର ବିତ୍ତ ନିର୍ଦ୍ଦେଶକ ଏମ୍.ଶିବ ସନମୁଗନାଥନ ଏହି ପଦବୀ ଲାଗି ସାକ୍ଷାତକାର ଦେଇଥିଲେ।



## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଦଶମ ସ୍ଥାନରେ ଚନ୍ଦ୍ର ହେତୁ ଦକ୍ଷତାଭିତ୍ତିକ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଘରେ ପିଲାମାନଙ୍କ ଦାବି ମୁତାବକ ଜିନିଷ ନ ଆଣିପାରିବା କାରଣରୁ ମାନସିକ ଅଶାନ୍ତିର ସମ୍ମୁଖୀନ ହୋଇପାରନ୍ତି। ଶାରୀରିକ ସୁସ୍ଥତା ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ଖୁସି ରହିବେ । ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେଇପାରନ୍ତି।

**ବୃଷ** ଭାଗ୍ୟ ସ୍ଥାନକୁ ଚାରୋଟି ଗ୍ରହଙ୍କ ପ୍ରଭାବ ସୌଭାଗ୍ୟପ୍ରଦ ହେତୁ ଉଚ୍ଚସମ୍ମାନ ପାଇବାର ଯୋଗ ରହିଛି। ମୃଗଶିରା ନକ୍ଷତ୍ରର ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଜନିତ ଟେନସନ ଲାଗି ରହିବ। ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢ଼ାଇ ଦେବ। ବନ୍ଧୁଙ୍କ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ।

**ମିଥୁନ** ଆଜିର ଚନ୍ଦ୍ର ପାପଗ୍ରହ ମଧ୍ୟସ୍ଥ ଯୋଗୁ ମାନସିକ ଅସ୍ଥିରତା ମଧ୍ୟରେ ସମୟ କଟାଇବେ। ଯାତ୍ରାରେ,ବିବାଦୀୟ ପରିସ୍ଥିତିରେ,ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶକୁ ହେୟ ମନେ କରିବା ଠିକ୍ ହେବନି। କଳା, ସାହିତ୍ୟ, ସାମ୍ବାଦିକତା,ଏଜେନ୍ସିପ୍ ଓ କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ଥିବା ସମସ୍ୟା ସମାଧାନ ହୋଇଯିବ।

**କର୍କଟ** ଚନ୍ଦ୍ରଙ୍କ ଏକାଧିକ ଗ୍ରହଙ୍କ ଦୃଷ୍ଟି ସାମଗ୍ରିକ କାର୍ଯ୍ୟର ସହାୟକ ଭଳି କାମ କରିବ। ଘରୋଇ କାମ ହେଉ ଅଥବା କର୍ମକ୍ଷେତ୍ର ହେଉନା କାହିଁକି ପାରସ୍ପରିକ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ । ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ।

**ସିଂହ** ରାଶିରେ ରାଜଯୋଗ କାରକ ମଙ୍ଗଳଙ୍କ ଅବସ୍ଥିତିରୁ ନୂତନ କର୍ମାରମ୍ଭ, ଜମିଜମା, ଯାନବାହନ, ଭାଇବନ୍ଧୁଙ୍କ ସହ ସୁସମ୍ପର୍କ ସ୍ଥାପନ ଦିଗରେ ସହାୟକ ହେବ। ଫଳରେ ସାମାଜିକ ସ୍ତରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। କର୍ମକ୍ଷେତ୍ରରେ ଏକା ସଙ୍ଗରେ ବହୁତ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇ ପାରନ୍ତି।

**କନ୍ୟା** ଚନ୍ଦ୍ର କେନ୍ଦ୍ରରେ କର୍ମାଧିପତି ଅଭିଳଷିତ କାମକୁ ତ୍ୱରାନ୍ୱିତ କରାଇବ। ବହୁତ ଦିନରୁ ଟଙ୍କା ବାକି ରଖିଥିବା ଲୋକଟି ଆପଣଙ୍କୁ ଖୋଜି ଖୋଜି ଶେଷରେ ଘରେ ଆସି ଟଙ୍କା ଦେଇଯିବାର ସୂଚନା ରହିଛି। ଅଧସ୍ତନ କର୍ମଚାରୀଙ୍କ ଭୁଲ୍ କାମରୁ ଅଫିସରେ ସମସ୍ୟାରେ ପଡ଼ିପାରନ୍ତି। ଗାଡ଼ି ମରାମତି, ଆନୁଷ୍ଠାନିକ କାମରେ ମନୋନିବେଶ କରିପାରନ୍ତି।

**ତୁଳା** ଚନ୍ଦ୍ରଙ୍କ ଶୁଭ ଦୃଷ୍ଟିରୁ କାମ ଅଟକିବ ନାହିଁ ସିନା ସମସ୍ୟା ଜନିତ ମନସ୍ତାପରୁ ମୁକ୍ତି ମିଳି ନ ପାରେ। ମନ ଅସ୍ଥିର ରହିବା କାରଣରୁ ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ଼ ଉଠିପାରେ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ବିଛା** ରାଶିରେ ଗୌରବର ପ୍ରତୀକାତ୍ମକ ଗୁରୁ ଭାଗ୍ୟାଧିପତିଙ୍କ ଏକାଦଶସ୍ଥ ଯୋଗୁ ଉଚ୍ଚସମ୍ମାନ ସାଙ୍ଗକୁ ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ କରାଇବ। ଅଭାବ ଦୂରେଇବାର ପ୍ରୟାସ କଲେ ମଧ ଧାର କରଜ କରି ଆବଶ୍ୟକତା ଚଳାଇ ନେବାକୁ ବାଧ ହେବେ। କ୍ରୀଡା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ।

**ଧନୁ** ପାପଗ୍ରହ ପ୍ରଭାବରୁ ମନରେ ବିଷର୍ଣ୍ଣତା ଭରି ରହିଥିଲେ ମଧ ଆର୍ଥିକ ଉନ୍ନତି ଏବଂ ବନ୍ଧୁଙ୍କ ଆଦରବୋଳା କଥାରୁ ଆନନ୍ଦ ଅନୁଭବ କରିବେ। ପୂର୍ବାହ୍ନରେ ଆଶା କରିଥିବା ଜିନିଷ ଅବଶ୍ୟ ପାଇବେ, କିନ୍ତୁ ଅପରାହ୍ନରେ ବନ୍ଧୁଙ୍କ ବ୍ୟବହାର ମନରେ ଆଘାତ ଦେଇପାରେ। ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ବେଶ୍ ଖୁସି ରହିବେ।

**ମକର** ସପ୍ତମସ୍ଥ କର୍ମାଧିପ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ପାଇଁ ବହୁତ ଶୁଭପ୍ରଦ ହେବ। କିନ୍ତୁ କୌଣସି ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା ପାଇଁ ପ୍ରତିକୂଳତା ସୃଷ୍ଟି ହେବାର ଆଶଙ୍କା ରହିବ। ସହକର୍ମୀମାନଙ୍କ ସହୃଦୟତାରୁ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇ ପାରନ୍ତି। ପ୍ରକାଶନ, ସାହିତ୍ୟ ଚର୍ଚ୍ଚା ଓ ପ୍ରଶାସନିକ ସଫଳତା ଅବଶ୍ୟ ପାଇବେ।

**କୁମ୍ଭ** ଷଷ୍ଠାଧିପ ସ୍ୱଭାବକୁ ଦେଖୁଥିବାରୁ ପୁରାତନ ରୋଗପୀଡ଼ା, ପୂର୍ବଶତ୍ରୁତା ଓ ଋଣ ପରିଶୋଧ ଜନିତ ଦୁଶ୍ଚିନ୍ତା ଲାଗିରହିବ। ଆଜି ଦିନ ଭିତରେ ଆପଣ ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସବୁ କାମ ଘାତପ୍ରତିଘାତ ମଧ ଦେଇ ସମ୍ପନ୍ନ ହେବାର ସୂଚନା ରହିଛି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ମୀନ** କୃତି ଓ କୃତିତ୍ୱ କାରଣରୁ ଚନ୍ଦ୍ର ଓ ବୃହସ୍ପତିଙ୍କ ଶୁଭ ସଂସ୍ଥାନରୁ ସମ୍ବର୍ଦ୍ଧିତ ହେବାସହ ପୁରସ୍କୃତ ହେବାର ସୂଚନା ରହିଛି। ମଙ୍ଗଳଙ୍କ ଦୁର୍ବଳଜନିତ ଆର୍ଥିକ ସମସ୍ୟା ସାମୟିକ ଭାବରେ ମନକୁ ଭାରାକ୍ରାନ୍ତ କରିବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମା, ସଙ୍ଗଠନ, ଲେଖାପଢ଼ାରେ କିଛିଟା ସାମୟିକ ସମସ୍ୟା ଲାଗି ରହିପାରେ।

ଆଜି ଆମ ସ୍ୱାଧୀନ ଭାରତର ୭୩ ତମ ସ୍ୱାଧୀନତା ଦିବସ, ଅଗଷ୍ଟ ୧୫ ତାରିଖ, ଗୁରୁବାର, ବିଶ୍ୱ ସଂସ୍କୃତି ଦିବସ, ଗହ୍ମାପୂର୍ଣ୍ଣିମା, ବଳଭଦ୍ର ଜନ୍ମ, ହୟଗ୍ରୀବୋତ୍ପତ୍ତି, ଶ୍ରୀଅରବିନ୍ଦଙ୍କ ଜୟନ୍ତୀ, ସଦ୍‌ଗୁରୁ ନିଗମାନନ୍ଦ ଓ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ, ରାଶିନକ୍ଷତ୍ର–ସକାଳ ଘ୮ ।୪୦ମି. ପର୍ଯ୍ୟନ୍ତ ଶ୍ରବଣା/ମକର, ତା'ପରେ ଧନିଷ୍ଠା ନକ୍ଷତ୍ର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ୧୧ ।୦୭ମି. ଗତେ ଘ୧୨ ।୪୬ମି. ମଧ୍ୟେ ଅମୃତବେଳା। ଦିବା ଘ୬ ।୪୯ମି. ମଧ୍ୟେ ଘ୨ ।୨୫ମି. ଗତେ, ଘ୩ ।୦୪ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds Everyday
0674-2580101, 2549302

**real estate**

**SALE**

Bhubaneswar ସୁନ୍ଦରପଦା କୁହାରେ sqft. 850/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-66177

BDA Plot 60', 30' road, ready for construction. Sft. 650/-ରେ ଭୁବନେଶ୍ୱର Pitapalli, NH sideରେ ମିଳୁଅଛି। Contact: 9777449397, 8249662762. D-13893

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66753

Investment plot for sale near AIIMS Hospital, Bhubaneswar. 7749092225, 7327097208. D-67344

House for sale near KIIT main road, Maruti Villa 1.40cr. GA plot west facing, Sum Hospital 1.10cr. and plot at Nuagaon @1900. Contact: 7735768268. D-13899

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67339

Simplex @45lakh near Nandankanan, new Bhubaneswar Railway station. Contact: 9668242825. D-66175

**3500 sqft gharabari plot sale at Jagamara (Khandagiri) 30 feet road, Bhubaneswar. Contact Deepak: 9937329999.** D-66278

Plot for sale at Khandagiri, Hanspal, Trisulia, Nakhara, 9937816565, 9937568585. D-13835

**ଫୁଲନଖରାର Synergy Engineering College ସମ୍ମୁଖରୁ walkable distance ରେ ପିଚୁରାସ୍ତାକୁ ଲାଗି ଘରବାରି boundary plots ଶସ୍ତାରେ ମିଳୁଛି। 9078699286.** D-66755

ଭୁବନେଶ୍ୱର ଓ ପୁରୀ (BDA & PKDA) ଏରିଆ ଭିତରେ ପ୍ଲଟ, ଘର, ଆପାର୍ଟମେଣ୍ଟ, ସିମ୍ପ୍ଲେକ୍ସ, Duplex କିଣିବା/ ବିକ୍ରୟ କରିବାପାଇଁ ଯୋଗାଯୋଗ କରନ୍ତୁ। ପୁରୀରେ ଘରକରିବାପାଇଁ ସହଜ କିସ୍ତିରେ ପ୍ଲଟ୍ ବିକ୍ରୟ ଚାଲିଛି। ଯୋଗାଯୋଗ: 9438109040, 8144658008. D-13897

**ଭୁବନେଶ୍ୱର ନିକଟସ୍ଥ ନଖରା, DPS ଅନନ୍ତପୁର, ଦଧିଚିକଲେଜ ପାଖ ବାଲିଅନ୍ତା, ପାହାଳ, ରଙ୍ଗବଜାର (ସତ୍ୟଭାମାପୁର), ଗୁଡ଼ିଆପୋଖରି (ବିଲିପଡା) ଓ ଝାରପଡାରେ ଗୃହୋପଯୋଗୀ ପ୍ଲଟ ବିକ୍ରିହେଉଛି। ଯୋଗାଯୋଗ: 8249870448.** D-13744

Prime land on Puri Konark Marine Drive on NH (1st plot) 8000sqft. cost 150lakhs (negotiable), ideal for Lodge/Nursing home. Contact No.: 9338579645. D-65000

10000sqft. commercial land for sale at NH-203, CTC-Puri bypass road, Price- 2400 per sqft. 7326084916. D-67354

**Bhubaneswar କଳ୍ପନାଛକଠାରୁ 11k.m. ଏବଂ ରଙ୍ଗବଜାର BJEM School-2 ଠାରୁ 3k.m. Gayatri College ପାଖରେ ଘରବାରି demarcated 30' ରାସ୍ତା ଏବଂ Electricity ସୁବିଧାଥାଇ immediate ଘର ଉପଯୋଗୀ ପ୍ଲଟ sqft. 415/-ରେ ମିଳୁଛି। 9937025111, 9437114429.** D-66759

Contact for complete simplex/duplex/triplex house construction with interior from the experts. Call: 7008550473. D-13908

2BR flats 1113-1400 sqft. for sale, AIIMS Hospital, Patrapada, Bhubaneswar. 8917665342, 9861444497. D-66176

Book a individual simplex house at Bhimatangi, near Lingaraj Station, Bhubaneswar, Price- 58.5 lakh. Contact: 9861234908. D-67353

2 Bedroom ready to move flat at Pokhariput, Bhubaneswar, genuine buyers directly contact Deepak: 9937329999. D-66282

**LEASE**

Land for lease- 8800sqft land on 60ft. road side to Daya Canal, Surangapur, Delang for agriculture/ commercial purpose. Contact: 8984543494, 8984541911. D-13898

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Herbal full body massage by smart / expert therapist. Contact: 8338067247. D-67346

Summer special mesmerizing offer expert therapeutic refreshing massage appointment. 9668374480. D-67347

Full body herbal massage with refreshment expert therapist. 7381239385, 06742540855. D-67348

Experience full body massage with us (expert). Call: 7377048581, 06742597822. D-67349

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**astrology**

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ– 8054019023, 9779158760. D-13793

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ– ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13917

**AFFIDAVIT**

By an affidavit sworn before Executive Magistrate, Bhubaneswar, I Mamidi Ramesh Kumar, R/o: Qtr No: D/40-A, Traffic Colony, PO- Jatni, Dist- Khurda, Odisha, declare on behalf of my son that his actual name is Jaya Shubankar Mamidi as recorded in Birth Certificate Id No: 52030-B-1075 which is wrongly recorded as M.Shubankar. Jaya Shubankar Mamidi and M. Shubankar are one and same person. D-13909

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By an affidavit sworn before Executive Magistrate, Bhubaneswar, I Mamidi Ramesh Kumar, R/o: Qtr No: D/40-A, Traffic Colony, PO- Jatni, Dist:- Khurda, Odisha, declare on behalf of my son that his actual name is Charan Teja Mamidi as recorded in Birth Certificate Id No: 52030-B-1074 which is wrongly recorded as M.Charan Tej. Charan Teja Mamidi and M. Charan Tej are one and same person. D-13910

By virtue of an affidavit before the Notary Talcher, I do hereby declare that I Sanjaya Kumar Majhi, Village: Brahman Sasan, Talcher Town, PO/PS.- Talcher, Dist- Angul changed my son's name from Saurav Kumar Majhi to Sourav Kumar Majhi. My son's actual name is Sourav Kumar Majhi for all purposes. D-13919

ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍, ଭୁବନେଶ୍ୱରଙ୍କ ସମ୍ମୁଖରେ କରିଥିବା ସତ୍ୟପାଠ ଅନୁଯାୟୀ, ମୁଁ ଦେବଶ୍ରୀ ପରିଡ଼ା, ବାସିନ୍ଦା: ଜାନଖୁରୀ, ପୋଷ୍ଟ: ବାଲିକୁଦା, ଜିଲ୍ଲା: ଜଗତ୍‌ସିଂହପୁର, ଘୋଷଣା କରୁଛି ଯେ, ଦେବଶ୍ରୀ ପରିଡ଼ା ଏବଂ କଲ୍ୟାଣୀ ଦାସ ସମାନ ଓ ଅଭିନ୍ନ ବ୍ୟକ୍ତିବିଶେଷ ଅଟନ୍ତି। ଧ–୧୩୯୧୨

Your Classified Advertisement published in Dharitri will be listed free in Dharitri Online Edition: www.dharitri.com













## ତେଲ ନଦୀରେ ପାଣି କମିଲା : ୮ ପଞ୍ଚାୟତର ୪୦ ହଜାର ଲୋକ ଜଳବନ୍ଦୀ

କନ୍ଧମାଳ,୧୪।୮(ଡି.ଏନ.ଏ) - ତେଲନଦୀର ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ବଢ଼ିଥିବା ପାଣି ବୁଧବାର କମିବାରେ ଲାଗିଛି । ଏଥିଯୋଗୁ ଘଣ୍ଟାପଡା, ଆମ୍ବଗାଁ, କୁଲୁଡାଯୋର, ଖମନମୁଣ୍ଡା, ଝୁଂଟିଗୋରା, ଉମା, ବରଗାଁ, ନାରାୟଣପ୍ରସାଦ ୮ଟି ପଞ୍ଚାୟତର ପ୍ରାୟ ୪୦ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି । ଘଣ୍ଟାପଡା ଗାଁରେ ତେଲନଦୀ ୧୦ ମିଟର କୂଳ ଖାଇ ଘର ଭାଙ୍ଗି ଦେଇଛି । ଜଳବନ୍ଦୀ ହୋଇଥିଲେ ମଧ୍ୟ କପାସିରା ଗାଁରେ ପ୍ରଶାସନ ପହଞ୍ଚି ନ ପାରିବା ନେଇ ଏମ୍‌ପି ଓ ବିଧାୟକଙ୍କ ଗସ୍ତବେଳେ ଅଭିଯୋଗ ହୋଇଛି। ସନ୍ଧ୍ୟା ସୁଦ୍ଧା ଘଣ୍ଟାପଡାରୁ କନ୍ଧମାଳକୁ ଭାରିଯାନ ଚଳାଚଳ ସମ୍ଭବ ହୋଇନାହିଁ । ଗତ ବିଳମ୍ବିତ ରାତିରେ ସୁରକ୍ଷା ଦୃଷ୍ଟିରୁ ତେଲନଦୀ ପୋଲ ଉପରେ ଭାରିଯାନ ଚଳାଚଳକୁ ପୋଲିସ ପ୍ରଶାସନ ନିଷିଦ୍ଧ କରିଥିଲା । ଫଳରେ ରାତିତମାମ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ଅନେକ ଟ୍ରକ୍, ବସ ଅଟକି ରହିଥିଲା । ସକାଳୁ ଯାନବାହାନ ଯାତାୟାତ ହୋଇଥିଲା। ତେଲନଦୀ ପାର୍ଶ୍ୱବର୍ତ୍ତୀ ଗାଁର ପ୍ରାୟ ୨ ହଜାର ହେକ୍ଟର ଚାଷଜମିରେ ବାଲିଚର ମାଡି ଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଚାଷଜମି ପାଣିଘେରରେ ରହିଛି । ଘଣ୍ଟାପଡା ଗାଁରେ ତେଲ ନଦୀର ବନ୍ୟାଜଳ ପ୍ରାୟ ୧୦ ମିଟର ଖାଇଯିବା ପରେ ଗାଁ ଓ ସମଲେଶ୍ୱରୀ ମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଛି । କମଘାଟ ଗାଁରେ ବନ୍ୟାଜଳ ପ୍ରବାହିତ ହୋଇ ଗାଁ ରାସ୍ତାରେ ଖାଇ ସୃଷ୍ଟି କରିଛି । ଏବେ ବି କମଘାଟ ଓ ଆମ୍ବଗହଣା ଗାଁର ଲୋକ ଜଳବନ୍ଦୀ ହୋଇ ଅଛନ୍ତି । କନ୍ଧମାଳ ଏମପି ଅଚ୍ୟୁତ ସାମନ୍ତ, ବିଧାୟକ ମହାଧର ରଣା ବନ୍ୟା ଅଞ୍ଚଳ ପରିଦର୍ଶନ କରି ବିଡିଓ ରବୀନ୍ଦ୍ର ନାଥ କହଁରଙ୍କ ସହ ଆଲୋଚନା କରିଥିଲେ ।








**ଜିଲା ଚିଠି ସମ୍ବଲପୁର**

## ୬୦ ବର୍ଷର ଆନ୍ଦୋଳନ

ବର୍ଷେ କି ଦୁଇବର୍ଷ ନୁହେଁ, ୬୦ ବର୍ଷ ଧରି ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଜନ ଆନ୍ଦୋଳନ ଚାଲି ଆସିଛି। ୧୯୫୯ରେ ସମ୍ବଲପୁରରେ ସମ୍ବଲପୁର ଗଣସାମ୍ମୁଖ୍ୟ, ବରିଷ୍ଠ ନାଗରିକ ଓ ଓକିଲମାନେ ଏହି ଆନ୍ଦୋଳନ ଆରମ୍ଭ କରିଥିଲେ। ଓଡ଼ିଶା ମାନଚିତ୍ରରେ ସେତେବେଳେ ମାତ୍ର ୧୩ଟି ଜିଲା ଥିଲା। ପୂର୍ବରୁ ଅବିଭକ୍ତ ସମ୍ବଲପୁର ଜିଲାରେ ବରଗଡ, ଦେବଗଡ଼, ଝାରସୁଗୁଡ଼ା ମିଶି ରହିଥିଲା। ସମ୍ବଲପୁର ଜିଲାରେ ବେଞ୍ଚ ପ୍ରତିଷ୍ଠା କରିବାକୁ ସେ ସମୟରେ ମତ ପ୍ରକାଶ ପାଇଥିଲା। ପଶ୍ଚିମ ଓଡ଼ିଶାବାସୀଙ୍କୁ କଟକ ହାଇକୋର୍ଟକୁ ଯାଇ ମାମଲା ପରିଚାଳନା କରିବାରେ ସମସ୍ୟା ହେବାରୁ ଏହି ଦାବି ଉଠିଥିଲା। ପ୍ରଥମେ ହାଇକୋର୍ଟ ସର୍କିଟ ବେଞ୍ଚ ଦାବି ନେଇ ଆନ୍ଦୋଳନ ଆରମ୍ଭ କରାଯାଇଥିଲା। ଅଶୀ ଦଶକରୁ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଦାବି ଜୋରଦାର ହୋଇଥିଲା। ଧୀରେ ଧୀରେ ଏହି ଆନ୍ଦୋଳନ ଜନ ଆନ୍ଦୋଳନରେ ପରିଣତ ହୋଇଥିଲା। ସର୍ବପ୍ରଥମେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ୧୯୭୪ ନିର୍ବାଚନୀ ଇସ୍ତାହାରରେ ଏହି ପ୍ରସଙ୍ଗ ଉଲ୍ଲେଖ କରିଥିଲେ। ସେ ସମୟରେ ଜାତୀୟ କଂଗ୍ରେସ ଦଳ କ୍ଷମତାରେ ଥିଲା। ଜିଲା ସଂଖ୍ୟା ବୃଦ୍ଧି ହେଲା ପରେ ମଧ ସମ୍ବଲପୁର ଜିଲାରେ ଆନ୍ଦୋଳନ ଜାରି ରହିଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୯୮୨ ମସିହାରେ ଡ. ଯଶୋବନ୍ତ ସିଂ କମିଶନ ଗଠନ କରାଯାଇଥିଲା। ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ କ'ଣ ଆବଶ୍ୟକ ସେ ନେଇ ନିୟମ ତିଆରି ହୋଇଥିଲା। ୨୦୦୬ ଏପ୍ରିଲ ୩୦ରେ ବରଗଡ଼ ଜିଲାରେ ପଶ୍ଚିମ ଓଡ଼ିଶାର ୧୦ ଜିଲା ଓ ୩୭ ବାର୍‌କୁ ନେଇ ଏକ ଜରୁରୀ ବୈଠକ ବସିଥିଲା। ପରେ ଆଉ ଏକ ବୈଠକ କରାଯାଇ ପଶ୍ଚିମ ଓଡ଼ିଶା କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଗଠନ କରାଗଲା। ମିଳିତ ଭାବେ ସମସ୍ତେ ନିଜ ନିଜ ଜିଲାରେ ଆନ୍ଦୋଳନ ଆରମ୍ଭ କଲେ। ୨୦୦୭ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡ଼ିଶାର ସମ୍ବଲପୁର ଓ ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। ୨୦୧୩ରେ 'ନୋ କୋର୍ଟ ନୋ ଭୋଟ' ନାରା ଦେଇ ସମ୍ବଲପୁର ଆରଡିସି ଅଫିସ ସମ୍ମୁଖରେ ଓକିଲମାନେ ଧାରଣାରେ ବସିଲେ। ୪୨ ଦିନ ଆନ୍ଦୋଳନ ଚାଲିଥିଲା। ଶେଷରେ ରାଜ୍ୟ ସରକାର ପୁଣି ଥରେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। ହେଲେ ତତ୍କାଳୀନ କେନ୍ଦ୍ର ଆଇନମନ୍ତ୍ରୀ ରାଜ୍ୟ ସରକାରଙ୍କୁ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ କହିଥିଲେ। ଅନ୍ୟପକ୍ଷେ ହାଇକୋର୍ଟ ମଧ୍ୟ ଏ ସଂକ୍ରାନ୍ତରେ ମତ ଦେବାକୁ ସେ ଅନୁରୋଧ କରିଥିଲେ। ହାଇକୋର୍ଟ ଏ ନେଇ ୬ ମାସ ସମୟ ମାଗିଥିଲେ। ଏହା ପରଠୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ କେବଳ ଚିଠି ଦିଆନିଆ ଚାଲିଛି। ଏଣେ ଜିଲା ଓକିଲ ସଂଘ ପକ୍ଷରୁ ୨୦୧୭ ସେପ୍ଟେମ୍ବର ୫ରୁ ଆଜି ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଛି। ୨୦୧୯ରେ ରାଜ୍ୟ ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ ୫ କୋଟି ଟଙ୍କା ବଜେଟରେ ଅନୁମୋଦନ କରିଥିଲେ। କେନ୍ଦ୍ର ସରକାରଙ୍କ ସହ ସମ୍ପର୍କ ରଖି କାମ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ତଥାପି ଏହି ଦାବି ପୂରଣ ହୋଇପାରିନାହିଁ। ଏଣେ ଜିଲା ଓକିଲ ସଂଘ ଅଗଷ୍ଟ ୩୧ ତାରିଖ ଶେଷ ସମୟ ଦେଇଛି। ଯଦି ରାଜ୍ୟ ଓ କେନ୍ଦ୍ର ସରକାର ଏହି ସମୟ ସୀମା ଭିତରେ କିଛି ନିଷ୍ପତ୍ତି ନ ନେବେ, ତେବେ ଆନ୍ଦୋଳନ ପୂର୍ବଭଳି ଚାଲିବ ବୋଲି ସଂଘ ଚେତାବନୀ ଦେଇଛି। ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ପୂରଣ ହେବ କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

– ଶୁଭାଶିଷ ପାଢ଼ୀ
















## ଆଜି ଖାରବେଳ ଭବନ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪।୮(ବ୍ୟୁରୋ)

ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାୱାର ହାଉସ ଛକଠାରେ ନବନିର୍ମିତ ଖାରବେଳ ଭବନର ଉଦ୍‌ଘାଟନ କରିବେ । ଏହା ଦ୍ୱିତୀୟ ଲୋକସେବା ଭବନ ଭାବେ କାର୍ଯ୍ୟ କରିବ। ଉଦ୍‌ଘାଟନର ସପ୍ତାହେ ମଧରେ ସରକାରଙ୍କ ୧୧ଟି ବିଭାଗ ସମ୍ପୂର୍ଣ୍ଣ ଖାରବେଳ ଭବନକୁ ଉଠି ଆସିବ ବୋଲି ସୂଚନା ମିଳିଛି। ୯ ମହଲା ବିଶିଷ୍ଟ ଏହି କୋଠାର ୮ ମହଲା ପର୍ଯ୍ୟନ୍ତ କାମ ଶେଷ ହୋଇଛି। ଅଷ୍ଟମ ମହଲାରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ରକୋଷ୍ଠ ନିର୍ମାଣ କରାଯାଇଛି।




ଭାରତମାତା କେବଳ କିଛି ମାଟି ନୁହଁ। ସେ ଏକ ଶକ୍ତି– ଏକ ଦେବୀ। କାରଣ, ଏହିପରି ଜଣେ ଜଣେ ଦେବୀ ପ୍ରତ୍ୟେକ ରାଷ୍ଟ୍ରର ଭିନ୍ନ ଭିନ୍ନ ଅସ୍ତିତ୍ୱକୁ ଧରି ରଖିଛନ୍ତି ଓ ସେମାନଙ୍କୁ ଜୀବିତ ରଖିଛନ୍ତି। –ଶ୍ରୀଅରବିନ୍ଦ



# ମାଂସରେ ରାକ୍ଟୋପାମାଇନ୍‌ର ବିପଦ



## ପରିବେଶ ପରିଚିନ୍ତା

**ମାନେକା ଗାନ୍ଧୀ**

ମୁଁ ଥରେ 'କକ୍‌ଟେଲ ଅଫ୍ ଡ୍ରଗ୍ସ ଇନ୍ ମିଟ୍' ବିଷୟରେ ଲେଖିଥିଲି। ସେଥିରେ ମୁଁ ଲେଖିଥିବା ଗୋଟିଏ ଡ୍ରଗ୍ ହେଉଛି ରାକ୍ଟୋପାମାଇନ୍। ମାଂସ ପାଇଁ ପାଳନ କରାଯାଉଥିବା ପ୍ରାଣୀମାନଙ୍କ ମାଂସପେଶୀ ବଢ଼େଇବା ଓ ଚର୍ବି କମେଇବା ପାଇଁ ତାଙ୍କ ଖାଦ୍ୟରେ ଏହି ରାକ୍ଟୋପାମାଇନ୍ ଔଷଧ ମିଶାଯାଏ। ପ୍ରାଣୀମାନଙ୍କୁ ୧୦ ପ୍ରତିଶତ କମ୍ ଖାଦ୍ୟ ଖାଇବାକୁ ଦେଲେ ମଧ୍ୟ ଏହି ଔଷଧ ସେମାନଙ୍କ ଓଜନ ବଢ଼ାଇବାରେ ସାହାଯ୍ୟ କରେ। ଭାରତ ସମେତ ଆମେରିକା ଓ ଅନ୍ୟ ୨୭ଟି ଦେଶରେ ୮୦ ପ୍ରତିଶତ ଗୋରୁ, ଘୁଷୁରି ଓ ଟର୍କିଙ୍କୁ ରାକ୍ଟୋପାମାଇନ୍ (ଆର୍‌ଏସି) ଖାଇବାକୁ ଦିଆଯାଏ। ଅନ୍ୟ ଦେଶଗୁଡ଼ିକରେ ମେଣ୍ଢାଙ୍କୁ ମଧ୍ୟ ଏହା ଖୁଆଯାଏ। ପେଲିନ୍ ଫର୍ ସ୍ୱାଇନ୍ ଏବଂ ଅପ୍ଟାଫ୍ଲେକ୍ସ ଫର୍ କ୍ୟାଟ୍‌ଲ ନାମରେ ପରିଚିତ ଉତ୍ପାଦରେ ଏହା ହେଉଛି ଏକ ସକ୍ରିୟ ଉପାଦାନ।

୨୦୧୩ରୁ ରୁଷିଆ ଓ ଚାଇନା ସମେତ ୧୬୦ଟି ଦେଶରେ ଏହି ଔଷଧକୁ ନିଷିଦ୍ଧ କରାଯାଇଛି। ଏପରି କି ଆମେରିକାରେ ଜନସାଧାରଣଙ୍କ ଚାପରେ ୟୁଏସ୍‌ଡିଏ ଗୋମାଂସ ଓ ଘୁଷୁରିମାଂସ ଉପରେ ଏକ ନୂଆ ଲାବେଲ 'No ractopamine– a beta-agonist growth promotant'କୁ ଅନୁମତି ଦେଇଛି। ୨୦୦୯ ୟୁରୋପୀୟ ଖାଦ୍ୟ ନିରାପତ୍ତା କର୍ତ୍ତୃପକ୍ଷଙ୍କ ମତାମତକୁ ଭିତ୍ତି କରି ୟୁରୋପୀୟ ସଂଘର ୨୮ଟି ଦେଶରେ ଏହାକୁ ନିଷିଦ୍ଧ କରାଯାଇଛି। କେବଳ ୨୭ଟି ଦେଶରେ ଏହି ଔଷଧ ଏବେ ବି ଚାଲୁଛି।

ଭାରତରେ ରାକ୍ଟୋପାମାଇନ୍ ପ୍ରବଳ ମାତ୍ରାରେ ବ୍ୟବହାର ହେବା ସହ ଆମ ଦେଶ ପୂର୍ବ ୟୁରୋପ, ପୂର୍ବ ଏସିଆ ଓ କେନ୍ଦ୍ରୀୟ ଆମେରିକାକୁ ଏହା ଶତପ୍ରତିଶତ ରପ୍ତାନି କରୁଛି। ଗୋରୁ, ଘୁଷୁରି ଓ କୁକୁଡ଼ା ଖାଦ୍ୟରେ ମିଶାଇବା ପାଇଁ ଏହାକୁ ପାଉଡର ଆକାରରେ ବିକ୍ରି କରାଯାଉଛି। ଆମେରିକାର ଜଣେ ଆଇନ ଛାତ୍ର, ଯେ କି ବାୟୋକେମିଷ୍ଟ୍ରି ମଧ୍ୟ ଅଧ୍ୟୟନ କରିଛନ୍ତି, ସେ ଆମେରିକାରେ ରାକ୍ଟୋପାମାଇନ୍‌ର ନିୟାମକ ଅନୁମୋଦନ ବିଷୟରେ ଯାଞ୍ଚ କରୁଥିବା ଏକ ସଂସ୍ଥାରେ ଇଣ୍ଟର୍ନଶିପ୍ ପାଇଁ ଆବେଦନ କରିଥିଲେ। ଏହି ସମୟରେ ସେ ମୋ ଲେଖା ପଢ଼ିବାକୁ ପାଇଲେ। ତା'ପରେ ସେ ଗବେଷଣା ସଂସ୍ଥାର ଉପଲବ୍ଧି ମୋ ପାଖକୁ ପଠାଇଲେ, ଯାହାଦ୍ୱାରା ମୁଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିପାରିବି। ସେ ପ୍ରଦାନ କରିଥିବା ତଥ୍ୟ ମୁଁ ତଳେ ଲେଖୁଛି:

୨୦୧୪ରେ ଦଳେ ଗବେଷକ ରାକ୍ଟୋପାମାଇନ୍ ଉପରେ ଗବେଷଣା କରିଥିଲେ। ଏହି ଗବେଷକ ଦଳ ମେଥାମ୍ଫେଟାମାଇନ୍ ପ୍ରତି ଆସକ୍ତି ଉପରେ ଅଧ୍ୟୟନ କରନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଜାଣିବାକୁ ପାଇଲେ ଯେ ମେଥ୍ ଓ ରାକ୍ଟୋପାମାଇନ୍ ଭିତରେ ଖୁବ୍ ସାଦୃଶ୍ୟ ଅଛି। ଏହି ଗବେଷଣାରୁ ଜଣାପଡ଼ିଲା ଯେ ରାକ୍ଟୋପାମାଇନ୍ ଟିଏଏଆର୍‌ଆଇ ନାମକ ଏକ ସେଲ୍ ରିସେପ୍ଟରକୁ ସକ୍ରିୟ କରେ, ଯାହା ମେଥ୍‌ର ପ୍ରାଥମିକ ରିସେପ୍ଟର। ମେଥାମ୍ଫେଟାମାଇନ୍ ହେଉଛି ଏକ ଶକ୍ତିଶାଳୀ ଆସକ୍ତିକାରକ ଉତ୍ତେଜକ, ଯାହା କେନ୍ଦ୍ରୀୟ ସ୍ନାୟୁ ବ୍ୟବସ୍ଥାକୁ ବିଗାଡ଼ିଦିଏ। ଏହାର କଥାବାର୍ତ୍ତାରେ ପ୍ରଚଳିତ ନାମଗୁଡ଼ିକ ହେଉଛି ବ୍ଲୁ, କ୍ରାଇଷ୍ଟାଲ, ଆଇସ୍, ମେଥ୍ ଓ ସ୍ପିଡ୍। ଲୋକମାନେ ଏହାକୁ ଧୂମପାନରେ ବ୍ୟବହାର କରନ୍ତି, ବଟିକା ଆକାରରେ ଖାଆନ୍ତି, ନାକରେ ଶୁଙ୍ଘନ୍ତି ଏବଂ ପାଣି ବା ଆଲ୍‌କୋହଲରେ ମିଶାଇ ଇଞ୍ଜେକ୍ସନ ନିଅନ୍ତି। ମେଥାମ୍ଫେଟାମାଇନ ମସ୍ତିଷ୍କରେ ଥିବା ଡୋପାମାଇନ ନାମକ ପ୍ରାକୃତିକ ରାସାୟନିକର ପରିମାଣକୁ ବଢ଼ାଇଦିଏ। ଡୋପାମାଇନ ଆମ ଶରୀରର ଗତି, ମୋଟିଭେଶନ ଏବଂ ପ୍ରଶଂସନୀୟ ବ୍ୟବହାର ପ୍ରଦର୍ଶନ କରିବାରେ ସାହାଯ୍ୟ କରେ। ଏହି ଡ୍ରଗ୍ ସେବନ କଲେ ମସ୍ତିଷ୍କର ରିୱାର୍ଡ ଏରିଆରେ ଡୋପାମାଇନର ସ୍ତର ବୃଦ୍ଧି ପାଇବା ଫଳରେ ବ୍ୟକ୍ତି ସେହି ଅନୁଭୂତି ପୁଣି ପାଇବାକୁ ଇଚ୍ଛା କରେ। କମ୍ ପରିମାଣର ମେଥାମ୍ଫେଟାମାଇନ ସେବନ କଲେ ମଧ୍ୟ ଶାରୀରିକ କାର୍ଯ୍ୟକଳାପରେ ସକ୍ରିୟତା ବୃଦ୍ଧି ପାଏ, ଭୋକ କମିଯାଏ, ଶ୍ୱାସକ୍ରିୟା ଦ୍ରୁତ ହୁଏ, ହୃତ୍‌ସ୍ପନ୍ଦନ ଦ୍ରୁତ ଅଥଚ ଅନିୟମିତ ହୁଏ ଏବଂ ରକ୍ତଚାପ ଓ ଶରୀରର ଉତ୍ତାପ ବୃଦ୍ଧି ପାଏ। ଏହା ଫଳରେ ରାୟ ଦେବା ଓ ନିଷ୍ପତ୍ତି ନେବା ମଧ୍ୟ ବଦଳିଯାଇପାରେ, ଅର୍ଥାତ୍ ବ୍ୟବହାର ବିପଦପୂର୍ଣ୍ଣ ହୋଇପାରେ। ଏହାର ଦୀର୍ଘକାଳୀନ ପ୍ରଭାବ ଆମ ଚିନ୍ତନ, ବୋଧ, ଶିକ୍ଷାଗ୍ରହଣ ଓ ମନେରଖିବା ଆଦିକୁ ପ୍ରଭାବିତ କରେ, ଓଜନ କମେଇଦିଏ ଏବଂ ପ୍ରବଳ ଦାନ୍ତ ସମସ୍ୟା (ମେଥ୍ ମାଉଥ୍) ସୃଷ୍ଟି କରେ। ଏଥିସହ ଦେହ କୁଣ୍ଡେଇ ହୁଏ, ଆମ୍ପୁଡ଼ିବା ଦ୍ୱାରା ଚର୍ମରେ ଘାଆ ହୋଇଯାଏ, ଉଦ୍‌ବିଗ୍ନତା ପ୍ରକାଶ ପାଏ, ମସ୍ତିଷ୍କର ଗଠନ ଓ କାର୍ଯ୍ୟରେ ପରିବର୍ତ୍ତନ ଘଟେ। ଏହାଦ୍ୱାରା ସ୍ମୃତିଶକ୍ତି ହ୍ରାସ ଘଟେ, ଶୋଇବାରେ ସମସ୍ୟା ହୁଏ, ବ୍ୟକ୍ତି ହିଂସ୍ର ହୋଇଉଠେ, ଦୁଃସ୍ୱପ୍ନ ଦେଖେ, ପାଗଳାମି ପ୍ରକାଶ ପାଏ ଏବଂ ତା'ଠାରେ ଅନେକ ଅଜବ ବ୍ୟବହାର ଦେଖିବାକୁ ମିଳେ।

ନିକଟରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଯେଉଁ ବ୍ୟକ୍ତି ଥରେ ମେଥାମ୍ଫେଟାମାଇନ ବ୍ୟବହାର କରିଛି, ତା'ଠାରେ ପାର୍କିନ୍‌ସନ୍‌ଙ୍କ ରୋଗ (ସ୍ନାୟୁରୋଗ ବିଶେଷ ଯାହାଦ୍ୱାରା ବ୍ୟକ୍ତିର ଗତିଶୀଳତା ପ୍ରଭାବିତ ହୁଏ) ହେବାର ଅଧିକ ସମ୍ଭାବନା ଥାଏ। ମେଥାମ୍ଫେଟାମାଇନର ମାତ୍ରାତିରିକ୍ତ ସେବନ (ଓଭରଡୋଜ୍) ଅନେକ ସମୟରେ ଷ୍ଟ୍ରୋକ୍, ହୃଦ୍‌ଘାତ ବା ଅଙ୍ଗପ୍ରତ୍ୟଙ୍ଗରେ ସମସ୍ୟାର କାରଣ ହୁଏ। ମେଥାମ୍ଫେଟାମାଇନ ହେଉଛି ଅତିମାତ୍ରାରେ ଆସକ୍ତିକାରକ।

ତେବେ ମୁଁ ମେଥ୍ ବିଷୟରେ କାହିଁକି କହୁଛି? କାରଣ ରାକ୍ଟୋପାମାଇନ୍ ସେହି କାମ କରୁଛି। ୨୦୧୪ରେ କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ରାକ୍ଟୋପାମାଇନ୍‌ରେ ସେହିସବୁ ଗୁଣ ରହିଛି ଯାହା ମେଥ୍‌ରେ ଦେଖିବାକୁ ମିଳିଥାଏ। ରାକ୍ଟୋପାମାଇନ୍‌କୁ ଖାଦ୍ୟରେ ମିଶାଗଲେ ତାହା ରକ୍ତରେ ଯାଇ ମାଂସପେଶୀରେ ପହଞ୍ଚେ ଓ ତା'ର ସମସ୍ତ ପ୍ରତିକ୍ରିୟା ଦେଖାଏ। ବୈଜ୍ଞାନିକମାନଙ୍କର ଏହି ନିଷ୍କର୍ଷ ପ୍ରତି ପ୍ରାଣୀ କଲ୍ୟାଣ କର୍ମୀ, ମାଂସାହାରୀ ଜନସାଧାରଣ, ବୈଜ୍ଞାନିକ ସମୁଦାୟ ଏବଂ ନୀତିନିର୍ଦ୍ଧାରକମାନେ ଆଗ୍ରହାନ୍ୱିତ ହେବା କଥା।

ଆମେ ଯେତେବେଳେ ଏକ ଔଷଧ ସେବନ କରୁ ସେତେବେଳେ ଆମେ ଆଶା କରୁ ଯେ ଏହା ଯେଉଁ କାମ କରିବ ବୋଲି ଦାବି କରାଯାଇଛି, ତାହା ଯେପରି ସେହି କାମ କରେ ଏବଂ ଆମ ରୋଗ ଭଲ କରିଦିଏ। କିନ୍ତୁ ରାକ୍ଟୋପାମାଇନ୍ ଆମର ଅଧିକ କ୍ଷତି କରେ, ଯାହା ସେ କରିବ ବୋଲି ଦାବି କରାଯାଇ ନ ଥାଏ। ଟିଏଏଆର୍‌ଆଇ ହେଉଛି ଟ୍ରେସ୍ ଆମାଇନ୍ ଆସୋସିଏଟେଡ୍ ରିସେପ୍ଟର। ଏହା ଆମର ସ୍ନାୟୁତନ୍ତ୍ର ଏବଂ ରୋଗନିରୋଧକ ବ୍ୟବସ୍ଥାକୁ ପ୍ରଭାବିତ କରେ। ଟିଏଏଆର୍‌ଆଇ ହେଉଛି ଆମ୍ଫେଟାମାଇନ୍, ଡୋପାମାଇନ୍ ଓ ମେଥାମ୍ଫେଟାମାଇନ୍ ପାଇଁ ଏକ ବଡ଼ ରିସେପ୍ଟର। ରାକ୍ଟୋପାମାଇନ୍ ସେବନ ଦ୍ୱାରା ଘୁଷୁରିମାନଙ୍କଠାରେ ହାଇପରଆକ୍ଟିଭିଟି, ଅଙ୍ଗଗୁଡ଼ିକରେ କମ୍ପନ, ହୃତ୍‌ସ୍ପନ୍ଦନ ବୃଦ୍ଧି ଏବଂ ଅଙ୍ଗଭଙ୍ଗ ପରି ସମସ୍ୟା ଦେଖାଯାଏ। କଲରାଡୋ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ପ୍ରଫେସର ଟେମ୍ପଲ ଗ୍ରାଣ୍ଡିନ୍ କହିଛନ୍ତି ଯେ, ଗୋରୁଙ୍କୁ ରାକ୍ଟୋପାମାଇନ୍ ଦେଲେ ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗ ଅନମନୀୟ, ଘାଆଯୁକ୍ତ ହୋଇଯାଏ, ଗୋଡ଼ ଛୋଟା ହୋଇଯାଏ ଏବଂ ତାପଚାପ (ହିଟ୍ ଷ୍ଟ୍ରେସ୍) ବୃଦ୍ଧି ପାଏ। ଏଥିସହ ତା'ଠାରେ ଅସ୍ଥିରତା, ପାଟି ଓ ମୁହଁର ମାତ୍ରାଧିକ ଚଳନ ଏବଂ ଆକ୍ରମଣାତ୍ମକ ବ୍ୟବହାର ଦେଖିବାକୁ ମିଳେ।

ସେଥିପାଇଁ ୨୦୦୨ରେ ଔଷଧ ନିର୍ମାତାମାନଙ୍କୁ ରାକ୍ଟୋପାମାଇନ୍ ଉପରେ ଏକ ଚେତାବନୀ ଲେଖିବାକୁ ୟୁଏସ୍‌ଡିଏ ନିର୍ଦ୍ଦେଶ ଦେଇଥିଲା। ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ଉପରେ ରାକ୍ଟୋପାମାଇନ୍‌ର ଗୁରୁତର ପ୍ରତିକୂଳ ପ୍ରଭାବ ରହିଛି। ତେଣୁ ଏପରି ପ୍ରାଣୀ ମାଂସ ଖାଉଥିବା ମଣିଷଠାରେ ମଧ୍ୟ ଅନେକ କୁପ୍ରଭାବ ପଡ଼ିବାର ସମ୍ଭାବନା ରହିଛି। ୟୁରୋପୀୟ ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ରାକ୍ଟୋପାମାଇନ୍ ମଣିଷଠାରେ ହୃତ୍‌ସ୍ପନ୍ଦନ ବୃଦ୍ଧି ଓ ହୃଦ୍‌ରୋଗ ସୃଷ୍ଟି କରିଥାଏ। ମେଥ୍ ଡ୍ରଗ୍ ସେବନ କଲେ ମଣିଷଠାରେ ଯେଉଁ ସମସ୍ୟା ସୃଷ୍ଟି ହୁଏ ରାକ୍ଟୋପାମାଇନ୍ ଖାଇଥିବା ପ୍ରାଣୀ ମାଂସ ସେବନ କଲେ ମଧ୍ୟ ଅନୁରୂପ ସମସ୍ୟା ଦେଖାଯିବାର ସମ୍ଭାବନା ଥାଏ। ତେଣୁ ପ୍ରାଣୀମାନଙ୍କୁ ଏହି ଡ୍ରଗ୍ ଦିଆଯିବା ଉଚିତ କି? ଯଦି ସରକାର ଏହାକୁ ରୋକି ନ ପାରୁଛନ୍ତି, ଆମେ ନିଜର ଭଲ ପାଇଁ ସେ ସବୁ ମାଂସ ନ ଖାଇବା ଭଲ।

Email: gandhim@nic.in

# ସଗିନି ସଂଗ୍ରାମ, ମିଳିନି ସ୍ୱାଧୀନତା



**ସବ୍ୟସାଚୀ ଅମିତାଭ**

ଦେଶ ସ୍ୱାଧୀନତାର ୭୩ତମ ବର୍ଷ ପାଳନ କରୁଛି। ଏହି ପବିତ୍ର ଦିନରେ ସ୍ୱାଧୀନତାକୁ ନେଇ ପ୍ରକାଶ ପାଉଛି ଅନେକ ଅନୁଚିନ୍ତା। ହେଲେ ସ୍ୱାଧୀନତାର ପରିଭାଷା ବଡ଼ ବ୍ୟାପକ ବୋଲି ସବୁବେଳେ ମତ ପ୍ରକାଶ ପାଏ। କେହି କେହି କହନ୍ତି, ଦେଶ ସ୍ୱାଧୀନ ହୋଇଛି ସତ, କିନ୍ତୁ ଅନେକ କ୍ଷେତ୍ରରେ ସ୍ୱାଧୀନତା ଆଜି ବି ଅପହଞ୍ଚ। ଅର୍ଥନୈତିକ ବୈଷମ୍ୟଠାରୁ ଆରମ୍ଭକରି ଲିଙ୍ଗଗତ ବିଭେଦକୁ ନେଇ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ଘଟୁଛି। ଯେଉଁ ଆଶା ଓ ସ୍ୱପ୍ନ ଦେଖି ଆମ ପୂର୍ବପୁରୁଷମାନେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ, ସେସବୁ ପୂରଣ ହୋଇପାରିଛି କି ନାହିଁ ତାହା ଏବେ ବି ପ୍ରଶ୍ନବାଚୀ।

ଏକ ସୁସ୍ଥ ଗଣତନ୍ତ୍ର ବ୍ୟବସ୍ଥା ଗଠନ ପାଇଁ ଗଣଙ୍କ ଭୂମିକା ସର୍ବାଗ୍ରେ। କିନ୍ତୁ ଲୋକପ୍ରତିନିଧି ଚୟନ ପ୍ରକ୍ରିୟାରେ ଏ ଦେଶର ଗଣ ଜାଗ୍ରତ ଥିବା ପରି ମନେହୁଏ ନାହିଁ। ସଂଖ୍ୟାଧିକ ଭୋଟ ଏ ଦେଶରେ ପ୍ରଲୋଭନ ଓ ଉତ୍କୋଚ ଜରିଆରେ ଅକ୍ତିଆର କରାଯାଇ ପାରୁଛି। ଶାସନ ବ୍ୟବସ୍ଥାକୁ ବିତ୍ତଶାଳୀ, ପୁଞ୍ଜିପତି ଓ ବାହୁବଳୀମାନେ କବ୍‌ଜା କରି ନିଜକୁ ସୁହାଇଲା ପରି ଶାସନତନ୍ତ୍ରକୁ ବ୍ୟବହାର କରିପାରୁଛନ୍ତି। ଆମ୍ ଆଦ୍‌ମୀ ପାଖରେ ଆଜି ଗଣତନ୍ତ୍ର ଅପହଞ୍ଚ ଅବସ୍ଥାରେ ରହିଛି।

ଦେଶ ସ୍ୱାଧୀନ ହେବା ସମୟରେ ଜାତିର ପିତା ମହାତ୍ମାଗାନ୍ଧୀ ଥରେ କହିଥିଲେ, ''ଏବେ ଦେଶ ସ୍ୱାଧୀନ ହୋଇନି, କେବଳ ଇଂରେଜମାନେ ଆମ ଦେଶ ଛାଡ଼ି ଯାଇଛନ୍ତି। ଇଂରେଜମାନେ ତିଆରି କରିଥିବା ବ୍ୟବସ୍ଥା, ନିୟମକାନୁନ ସବୁକୁ ଆମକୁ ବଦଳାଇବାକୁ ପଡ଼ିବ।'' ହେଲେ ଜାତିର ପିତାଙ୍କ ଏହି ଦର୍ଶନ ଆଜି କେବଳ ଇତିହାସର ପୃଷ୍ଠାରେ ଦେଖିବାକୁ ମିଳେ।

ଭାରତୀୟମାନେ ବେଶି ଗୌରବାନ୍ୱିତ ମନେକରନ୍ତି ଦେଶର ବିଶାଳ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ, ମାତ୍ର ଏହା ସବୁଠାରୁ ବେଶି ତ୍ରୁଟିପୂର୍ଣ୍ଣ ଆଉ ସଂକ୍ରମିତ। ଯେଉଁଠି ଜାତିବାଦ, ସାମ୍ପ୍ରଦାୟିକତା, ପରିବାରବାଦ, ଆଞ୍ଚଳିକତାବାଦ ଓ ସଂରକ୍ଷଣ ଆଧାରରେ ଭୋଟ ଦିଆଯାଏ, ସେଇଟା କ'ଣ ଏକ ସ୍ୱାଧୀନ ଦେଶର ସମୃଦ୍ଧ ଗଣତନ୍ତ୍ରର ପରିଭାଷା? ହଁ, ଏଇଟା ଆଶ୍ୱାସନାର ବିଷୟ ହୋଇପାରେ ଯେ ଏ ଦେଶରେ ଏଯାଏଁ କେହି ମିଲିଟାରି ଶାସନ କରିବାର ସ୍ପର୍ଦ୍ଧା କରିନାହାନ୍ତି।

ଦାରିଦ୍ର୍ୟ ଭିତରେ ଆମେ ଆର୍ଥିକ ପ୍ରଗତି ହାସଲ କରିଛୁ। ଅର୍ଥନୈତିକ ପ୍ରଗତିଶୀଳ ରାଷ୍ଟ୍ର ଭାବେ ଦେଶ ମାନ୍ୟତା ପାଇଛି। ଏ କଥା ମଧ୍ୟ ସତ, ଏ ଦେଶରେ ଅଧିକାଂଶ ସମ୍ପତ୍ତି ମୁଷ୍ଟିମେୟ ପୁଞ୍ଜିପତିଙ୍କ କବ୍‌ଜାରେ। ଦେଶ ବିକାଶ ପଥରେ ଅନେକ ପ୍ରତିବନ୍ଧକ ଅଛି ଆଉ ରହିବ। ହେଲେ ଦୁଇଟି ବ୍ୟବସ୍ଥାରେ ସଂସ୍କାର ଆସିଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି ଆଶା– ସମ୍ବିଧାନରେ ଯୁଗୋପଯୋଗୀ ସଂସ୍କାର ଓ ଆଉ ରାଜନୈତିକ ବ୍ୟକ୍ତିତ୍ୱ ଓ ଦଳରେ ସାଧୁତା।

ସ୍ୱାଧୀନତାର ୭୨ବର୍ଷ ପରେ ବି ଆମ ନେତୃବୃନ୍ଦମାନଙ୍କର ଦୂରଦୃଷ୍ଟି ଓ ଦୃଢ଼ ସଂକଳ୍ପର ଅଭାବ ରହିଛି ଓ ଶାସନ ବା ଅମଲାତନ୍ତ୍ରରେ ଅଭାବ ରହିଛି ଦୃଢ଼ ଇଚ୍ଛାଶକ୍ତିର। ଅନେକ ସମୟରେ ଆମେ ଦେଖୁ, ସ୍ଥାଣୁତା ଯେପରି ସମଗ୍ର ପ୍ରଶାସନକୁ ଅବଶ କରିଦେଇଛି। ଜନତାଙ୍କ ସମୃଦ୍ଧି ପ୍ରତି ଆମ ରାଜନୈତିକ ଦଳଗୁଡ଼ିକ, ନେତୃବୃନ୍ଦ ଓ ପ୍ରଶାସନିକ କଳ କଦାପି ସଚେତନ ନୁହନ୍ତି। ପ୍ରତି ଦଳ ଓ ନେତା ନିଜ ନିଜର କ୍ଷମତାଲିପ୍ସାକୁ ନେଇ ଏତେ ମଗ୍ନ ଯେ, ଦେଶ ପାଇଁ ଚିନ୍ତାକରିବା ଲାଗି କାହା ପାଖରେ ସମୟ ନାହିଁ। ସବୁ ବିଫଳତା ପାଇଁ ଆମେ କେବଳ ଶାସନକୁ ଦୋଷ ଦେଲେ ଚଳିବ ନାହିଁ। କାରଣ ଆମମାନଙ୍କ ନିକଟରେ ମଧ୍ୟ ପାରିବାପଣ, ଆନ୍ତରିକତା, ଦକ୍ଷତା ଓ ପ୍ରତିବଦ୍ଧତାର ଯଥେଷ୍ଟ ଅଭାବ ରହିଛି। ରାଜ୍ୟ ବା ଦେଶ ପାଇଁ ନିର୍ମଳ ହୃଦୟରେ ଦୁଇ ମିନିଟ୍ ଚିନ୍ତା କରିବା ଲାଗି ଆମ ପାଖରେ ସମୟ ନାହିଁ। ଆଉ ଗୋଟିଏ ବଡ଼ ଦୁର୍ବଳତା ହେଲା, ସଚେତନ ଗୋଷ୍ଠୀଙ୍କ ଅଭାବ। ଏଠାରେ ପ୍ରତିବାଦର ସ୍ୱର କ୍ଷୀଣ। ତେଣୁ ଲୋକମତର ଗୁରୁତ୍ୱ ହିଁ ନାହିଁ। ଫଳତଃ ଅର୍ଥନୈତିକ, ସାମାଜିକ ପ୍ରଗତି ଆଣିବା ପରି ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ଓ କ୍ଷୁଧା, ଅନାହାର ତଥା ଦାରିଦ୍ର୍ୟ ପରି ପ୍ରସଙ୍ଗ ଥିଲେ ବି ଆମର ରାଜନୈତିକ ନେତୃବୃନ୍ଦ ତାଙ୍କର ମୂଲ୍ୟବାନ୍ ସମୟ ନଷ୍ଟ କରିଥାନ୍ତି କାଦୁଅଫିଙ୍ଗା ରାଜନୀତି ତଥା ମୂଲ୍ୟହୀନ ଇସ୍ୟୁଗୁଡ଼ିକରେ।

୬୦ ପ୍ରତିଶତରୁ ଅଧିକ ଲୋକ ଦାରିଦ୍ର୍ୟ ଭିତରେ ଜୀଉଁଛନ୍ତି। ଏବେ ବି ହଜାର ହଜାର ଗାଁ ନିରକ୍ଷରତା ଓ ଅନ୍ଧବିଶ୍ୱାସର ଅନ୍ଧଗଳିରେ ରହିଛି। ପିଇବାକୁ ପାଣି ନାହିଁ, କି ମୁଣ୍ଡ ଉପରେ ଛାତ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସବୁଥିରେ ପଛୁଆ। ଏହାରି ଭିତରେ ଆମେ ସ୍ୱପ୍ନ ଦେଖୁଛେ ସମାନତାର। ଆମେ ଚିନ୍ତା କରୁଛେ, ସମସ୍ତେ ପଢ଼ିବେ ସମସ୍ତେ ବଢ଼ିବେ। ହଜାର ହଜାର ଗାଁରେ ଆଜି ବି ବିଜୁଳିବତି ସାତସପନ। ଋଣଭାରରେ ଚାଷୀ ଆତ୍ମହତ୍ୟା କରୁଛି। ଅପପୁଷ୍ଟିରେ ପିଲା ମରୁଛନ୍ତି। ଏହିସବୁ ଘଟଣାକୁ ଆମ ନେତୃବୃନ୍ଦ ଭଲଭାବରେ ଜାଣିଥିଲେ ବି ନୀରବ ରହିଛନ୍ତି। କାରଣ ଏହିସବୁ ପ୍ରସଙ୍ଗ ଓ ଦାରିଦ୍ର୍ୟକୁ ନେଇ ଭୋଟ ହାସଲ କରିହୁଏ ଏହା ସେମାନେ ଭଲଭାବେ ବୁଝିଛନ୍ତି।

ଯେ ପର୍ଯ୍ୟନ୍ତ ଲୋକେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ହୋଇନାହାନ୍ତି ସେ ଯାଏଁ ଦେଶ ବା ରାଜ୍ୟର ପ୍ରଗତି ଅସମ୍ଭବ। ଏଥିପାଇଁ ନିଜର ଲୋକଚରିତ୍ର, ଜୀବନଯାପନ ପ୍ରଣାଳୀ ଓ କର୍ମକ୍ଷେତ୍ରରେ ଆଗେ ନିଜକୁ ସୁସଙ୍ଗଠିତ, ପରିମାର୍ଜିତ କରି ଆଦର୍ଶ ମାର୍ଗରେ ପରିଚାଳିତ ହେବାକୁ ହେବ। ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସଂଘବଦ୍ଧ ଉଦ୍ୟମକରି ନିଜର ପ୍ରତିବାଦର ସ୍ୱରକୁ ମଜଭୁତ, ସ୍ପଷ୍ଟ ଓ ଶାଣିତ କରିବାକୁ ପଡ଼ିବ।

ଭୁବନେଶ୍ୱର, ମୋ–୯୪୩୮୨୯୬୫୧୯

## ଏଇ ଭାରତରେ

ମନ୍ଦିର ଉପରୁ ତଳକୁ ଫିଙ୍ଗି ଶିଶୁର ଉଜ୍ଜ୍ୱଳ ଭାଗ୍ୟ ଓ ଦୀର୍ଘ ଜୀବନ କାମନା କରାଯାଇଥାଏ ମହାରାଷ୍ଟ୍ର ସୋଲାପୁର ଜିଲାର ମଙ୍ଗାସୁଲି ଗାଁରେ। ଏହି ଗାଁର ଖଣ୍ଡୋବା ମନ୍ଦିରରେ ଏଭଳି ପରମ୍ପରା ଚଳିଆସୁଛି। ଗ୍ରାମବାସୀ ଖଣ୍ଡୋବାଙ୍କୁ ଶିବଙ୍କ ଅବତାର ଭାବେ ଗ୍ରହଣ କରନ୍ତି। ଲୋକେ ଶିଶୁଙ୍କୁ ଏହି ମନ୍ଦିର ଉପରୁ ତଳକୁ ପକାନ୍ତି। ପକାଇବାବେଳେ ତଳେ ବେଡ୍‌ଶିଟ୍ ଧରି ଲୋକମାନେ ଠିଆ ହୋଇଥାନ୍ତି। ଶିଶୁଟି ବେଡ୍‌ସିଟ୍ ଉପରେ ଥରେ ପଡି ଉପରକୁ ଉଠିଲା ପରେ ତାକୁ ତା' ମା କିମ୍ବା ବାପାଙ୍କୁ ଦିଆଯାଏ। ଲୋକମାନେ ଏହି ଶିଶୁଫିଙ୍ଗା ଦୃଶ୍ୟ ଦେଖିବା ଲାଗି ଭିଡ଼ ଜମାନ୍ତି। ଉକ୍ତ ପରମ୍ପରା ୭୦୦ ବର୍ଷର ପୁରୁଣା। ଯେତେବେଳେ ଏହି ଅଞ୍ଚଳରେ ଅଧିକ ସଂଖ୍ୟାରେ ଶିଶୁମୃତ୍ୟୁ ହେଉଥିଲା ସେବେଠାରୁ ଏହି ପରମ୍ପରା ଆରମ୍ଭ ହୋଇଛି। ଥରେ ଜଣେ ସାଧୁ ଗାଁକୁ ଆସିଥିଲେ। ଯେଉଁମାନଙ୍କ ଶିଶୁ ମୃତ୍ୟୁମୁଖରେ ପଡୁଥିଲେ ସେମାନଙ୍କୁ ମନ୍ଦିର ନିର୍ମାଣ କରିବାକୁ କହିଲେ। ସାଧୁଙ୍କ କଥାରେ ମନ୍ଦିର ନିର୍ମାଣ ହେଲା। ଏହାପରେ ସାଧୁ ଜଣକ ସେହି ମନ୍ଦିର ଉପରୁ ରୋଗଗ୍ରସ୍ତ ଶିଶୁଙ୍କୁ ତଳକୁ ଫିଙ୍ଗିବାକୁ କହିଥିଲେ। ଲୋକମାନେ ତାହା ହିଁ କଲେ ଓ ସେତେବେଳେ ଏକ ଅଦ୍ଭୁତ ଘଟଣା ଘଟିଲା। ମନ୍ଦିରରୁ ଚାଦରର ଏକ ଝୁଲଣ ବାହାରି ଶିଶୁଙ୍କୁ କୋଳେଇ ନେଲା। ଶିଶୁ ବି ସୁସ୍ଥ ରହିଲା। ସେବେଠାରୁ ଶିଶୁଟିଏ ଜନ୍ମ ହେଲେ ତା'ର ସୁସ୍ଥତା କାମନାକରି ତାକୁ ମନ୍ଦିର ଉପରୁ ତଳକୁ ଫିଙ୍ଗିଆନ୍ତି ଗ୍ରାମବାସୀ। ଏଥିପାଇଁ ପିଲା ଦୀର୍ଘଜୀବୀ ହେବାସହ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୁଏ ବୋଲି ବିଶ୍ୱାସ ରହିଛି। ପିଲା ଜନ୍ମହେବାର ଦୁଇମାସ ଭିତରେ ଏହା ପାଳନ କରାଯାଏ। ମଙ୍ଗାସୁଲିର ଆଖପାଖ ଗାଁ ଏବଂ କର୍ଣ୍ଣାଟକର ନାଗ୍ରାଲା ଗାଁରେ ମଧ୍ୟ ଏମିତିକା ପରମ୍ପରା ରହିଛି।

## ଚିରନ୍ତନୀ

ପୀରତି ଯଥା କହିବା କଥା
କେବଳ ଦେହ–ତୃଷ୍ଣା
ଅମର ହେବା ତେସନ ଖାଲି ମିଛ,
କବିତା ଯଥା ମାନସ–ଭୁଲା
ଭାଷାର ଏକ ଭୁଷା
ନୋହିଲେ ସେ ଯେ ଗଦ୍ୟ ତହୁଁ ନୀଚ! (ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | | | | 4 | | | | | 2 | | 8 | 1 |
| | B | 9 | 8 | | | | | | A | | D | | | |
| | 2 | | | 6 | A | B | | | | | 8 | D | | |
| 1 | 3 | | 2 | 0 | | A | | | | 9 | | 6 | 4 | C |
| | | | | E | 9 | | | | | 5 | | | B | |
| 9 | 5 | 8 | | | | | | 0 | | 7 | B | | 1 | 3 |
| | | | 5 | | D | 6 | | | | | E | | | 7 |
| | C | 4 | | 2 | | | 1 | | | 8 | | 5 | | |
| 0 | | | | B | | 8 | | | | | | | C | 9 |
| | | | | A | | | | 3 | C | D | | | | 6 |
| | 1 | | | | | | | D | | | 0 | | | |
| 7 | | 3 | 0 | 1 | 2 | | | 6 | | | | | | D |
| 2 | 6 | | | | B | | | | | 4 | 1 | | | |
| | | | 6 | 3 | E | 2 | | | | A | 5 | | | |
| | | | | | 7 | 5 | | | | | | 3 | 0 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 2 | 1 | 6 | 3 | B | C | 8 | 9 | E | 4 | 5 | D | A | 7 |
| D | 4 | 9 | 5 | C | E | 7 | 0 | 6 | 3 | 2 | A | B | 1 | 8 |
| A | 7 | B | 9 | 4 | 8 | 2 | D | 3 | 1 | 6 | 0 | C | E | 5 |
| 8 | C | 3 | 1 | 7 | 0 | E | 5 | A | 9 | B | D | 4 | 6 | 2 |
| 5 | 6 | E | A | D | 2 | 4 | 1 | B | C | 8 | 7 | 9 | 0 | 3 |
| B | 8 | A | 2 | 6 | 3 | 0 | 4 | E | 5 | D | C | 1 | 7 | 9 |
| 7 | 9 | 4 | 8 | 1 | 5 | B | A | C | 0 | 3 | E | 2 | D | 6 |
| 1 | 3 | 6 | C | E | A | D | 7 | 2 | 4 | 9 | 8 | 5 | B | 0 |
| E | 5 | 2 | B | 0 | D | 9 | 3 | 8 | 7 | 1 | 6 | A | C | 4 |
| C | 0 | D | 4 | 9 | 7 | 1 | 6 | 5 | 2 | A | B | 8 | 3 | E |
| 2 | A | 5 | 0 | B | 6 | 3 | C | D | 8 | 7 | 9 | E | 4 | 1 |
| 9 | B | 8 | 7 | 5 | 4 | 6 | E | 0 | D | C | 1 | 3 | 2 | A |
| 4 | E | 0 | D | 8 | 1 | A | 2 | 7 | B | 5 | 3 | 6 | 9 | C |
| 6 | D | 7 | 3 | 2 | C | 5 | 9 | 1 | A | E | 4 | 0 | 8 | B |
| 3 | 1 | C | E | A | 9 | 8 | B | 4 | 6 | 0 | 2 | 7 | 5 | D |

ଗତକାଲିର ଉତ୍ତର

# ବେଦଭାଷ୍ୟ ଓ ଶ୍ରୀଅରବିନ୍ଦ

**ଜନ୍ମେଜୟ ଦ୍ୱିବେଦୀ**

ପୃଥିବୀପୃଷ୍ଠରେ ଶ୍ରୀଅରବିନ୍ଦଙ୍କ ଜନ୍ମର ତାତ୍ପର୍ଯ୍ୟ ସମ୍ପର୍କରେ ଶ୍ରୀମାଙ୍କର ବକ୍ତବ୍ୟ ଯଥେଷ୍ଟ ପରିମାଣରେ ତାଙ୍କୁ ନେଇ ଅନେକ ଭୁଲ ବୁଝାମଣା ଦୂର କରିବା ସଙ୍ଗେ ସଙ୍ଗେ ମାନବ ଇତିହାସରେ ତାଙ୍କ ଭୂମିକା ସମ୍ପର୍କରେ ସୂଚନା ଦିଏ। ବକ୍ତବ୍ୟଟି ହେଲା Sri Aurobindo has come on earth not to bring a teaching or a creed in complition with previous creeds or teachings, but to show the way to overpass the past and to open concretely the route towards an imminent and inevitable future. ବକ୍ତବ୍ୟର ମର୍ମ ହେଉଛି ଅତୀତର ଧାର୍ମିକ ପରମ୍ପରା ଏବଂ ସିଦ୍ଧାନ୍ତକୁ ପ୍ରତିହତ କରି ଆଉ ଏକ ଧର୍ମ ବା ସିଦ୍ଧାନ୍ତ ପ୍ରତିଷ୍ଠା ନିମନ୍ତେ ଶ୍ରୀଅରବିନ୍ଦ ଏହି ପୃଥିବୀପୃଷ୍ଠକୁ ଆସିନାହାନ୍ତି। ତାଙ୍କ ଆବିର୍ଭାବର ଲକ୍ଷ୍ୟ ହେଉଛି ଅତୀତକୁ ଅତିକ୍ରମି ଦ୍ୱାରଦେଶରେ ଉପନୀତ ଅପରିହାର୍ଯ୍ୟ ଭବିଷ୍ୟତକୁ ସ୍ୱୀକାର କରିବା ନିମନ୍ତେ ମାନବ ଜାତିକୁ ପ୍ରସ୍ତୁତ କରିବା।

ଆମେ ଶ୍ରୀଅରବିନ୍ଦଙ୍କୁ ବହୁ ଭାବରେ ଜାଣୁ। କେହି ତାଙ୍କୁ ତାଙ୍କର ରାଜନୈତିକ କାର୍ଯ୍ୟ ଆଧାରରେ ଜଣେ ବିପ୍ଳବୀ, ସ୍ୱାଧୀନତା ସଂଗ୍ରାମୀ ବୋଲି ଜାଣନ୍ତି। କେହି ତାଙ୍କର ଯୋଗଦର୍ଶନ ସମ୍ବନ୍ଧୀୟ ରଚନା ଆଧାରରେ ତାଙ୍କୁ ଦାର୍ଶନିକ ଭାବେ ବିଚାର କରନ୍ତି। କେହି ତାଙ୍କର କବିତା ତଥା ମହାକାବ୍ୟ ରଚନା ଆଧାରରେ ତାଙ୍କୁ କବି ବୋଲି ଗ୍ରହଣ କରନ୍ତି। କେହି ତାଙ୍କୁ ମହାଯୋଗୀ, ଅବତାର ପୁରୁଷ ବୋଲି ଗ୍ରହଣ କରି ତାଙ୍କ ପାଖରେ ନିଜକୁ ସମର୍ପଣ କରନ୍ତି। ଆହୁରି ଅନେକ ଦିଗରୁ ସେ ଯେକୌଣସି ବ୍ୟକ୍ତିଙ୍କୁ ଉଦ୍‌ବୁଦ୍ଧ ଓ ଅନୁପ୍ରାଣିତ କରିପାରୁଥିବା ସାମର୍ଥ୍ୟର ଅଧିକାରୀ ଶ୍ରୀଅରବିନ୍ଦ। କୌଣସି ସ୍ତରରେ ଜଣେ ତାଙ୍କୁ ଗ୍ରହଣ କରି ନ ପାରିଲେ ମଧ୍ୟ ତାଙ୍କୁ ଅସ୍ୱୀକାର କରିପାରିବ ନାହିଁ। ଏହାର ସୁନ୍ଦର ଉଦାହରଣ ହେଉଛି ଦାର୍ଶନିକ ରାଧାକ୍ରିଷ୍ଣନ୍‌ଙ୍କର ଏକ ମନ୍ତବ୍ୟ। ଶ୍ରୀଅରବିନ୍ଦ ବେଦ ଉପରେ ତାଙ୍କର ଉପଲବ୍ଧି ପ୍ରକାଶ କରିବା ପୂର୍ବରୁ ପାଶ୍ଚାତ୍ୟ ବେଦ ବିଦ୍ୱାନ୍‌ମାନଙ୍କର ଭାଷ୍ୟ ଆମ ଦେଶରେ ବେଦ ଅଧ୍ୟୟନକାରୀମାନଙ୍କ ଦ୍ୱାରା ଗୃହୀତ ହୋଇଥିଲା। ପାଶ୍ଚାତ୍ୟ ପଣ୍ଡିତମାନଙ୍କ ମତରେ ବେଦ ସଭ୍ୟତାର ଆଦିମ ପର୍ବରେ ସୃଷ୍ଟି, ଯେଉଁଥିରେ ଉଚ୍ଚତର କୌଣସି ଆଧ୍ୟାତ୍ମିକ ଉପଲବ୍ଧି ନାହିଁ। ଅଛି ଖାଲି ଶିଶୁ ସୁଲଭ କିଛି ଅର୍ଥହୀନ ପ୍ରଳାପ। ଏହା ଭାରତୀୟମାନଙ୍କର ବସ୍ତୁବାଦୀ ଦୃଷ୍ଟିକୋଣକୁ ପ୍ରକଟିତ କରେ, କାରଣ ଏଥିରେ ବର୍ଣ୍ଣିତ ଯଜ୍ଞ କ୍ରିୟା ମାଧ୍ୟମରେ ଆଦିମ ଭାରତୀୟମାନେ ନିଜର ଭୌତିକ ସମୃଦ୍ଧି ପାଇଁ ଦେବତାମାନଙ୍କ ପାଖରେ ଯାଚ୍ଞା କରିବାର ପଦ୍ଧତି ବର୍ଣ୍ଣିତ ହୋଇଛି।

'ଆର୍ଯ୍ୟ' ପତ୍ରିକା ପୃଷ୍ଠାରେ ଶ୍ରୀଅରବିନ୍ଦ ଏହି ମତ ତଥା ଭାଷ୍ୟକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରି ଦର୍ଶାଇଲେ ଯେ, ବେଦର ଭାଷା ଏବଂ ବକ୍ତବ୍ୟ ରହସ୍ୟମୟ, ଯାହା ପାଶ୍ଚାତ୍ୟ ବିଦ୍ୱାନ୍‌ମାନଙ୍କ ନିକଟରେ ବୋଧଗମ୍ୟ ନୁହେଁ। ସେମାନେ ଏକ ଭ୍ରମାତ୍ମକ ପଥରେ ଯାଇ ଯେଉଁ ବେଦମନ୍ତ୍ରକୁ ବାଳକସୁଲଭ କଳ୍ପନା, ମୂର୍ଖତାପୂର୍ଣ୍ଣ କବିତା ଏବଂ ବସ୍ତୁବାଦୀ ଦୃଷ୍ଟିକୋଣ ବୋଲି କହିଛନ୍ତି, ବାସ୍ତବରେ ଏହା ତାଙ୍କର ବୁଝିବାର ଅକ୍ଷମତା। ତାହା ଏକ ଉନ୍ନତ ସଭ୍ୟ ତଥା ସୁସଂସ୍କୃତ ଜାତିର ଉତ୍ତୁଙ୍ଗ ଆଧ୍ୟାତ୍ମିକ ଆସ୍ପୃହାର ପରିପ୍ରକାଶ।



ରାଧାକ୍ରିଷ୍ଣନ୍ କହିଲେ, ଅରବିନ୍ଦ ଘୋଷ ବେଦ ସମ୍ପର୍କରେ ଯେଉଁ ନୂତନ ତଥ୍ୟ ଦେଇଛନ୍ତି, ତାହା ସ୍ୱୀକାର୍ଯ୍ୟ ହେଲେ ମଧ୍ୟ ଗ୍ରହଣୀୟ ନୁହେଁ। ତାଙ୍କର ଏହି ଧରଣର ବକ୍ତବ୍ୟ ପଛରେ ଯୁକ୍ତିଥିଲା ପାଶ୍ଚାତ୍ୟର ଯେଉଁ ବିଦ୍ୱାନ୍‌ମାନେ ବେଦକୁ ଏକ ଆଦିମ ଜାତିର ଅର୍ଥହୀନ ପ୍ରଳାପ କହିଥିଲେ, ସେମାନେ ଏହି ସିଦ୍ଧାନ୍ତରେ ପହଞ୍ଚିବାକୁ ଆଜୀବନ ଶ୍ରମ ଏବଂ ଗବେଷଣା କରିଥିଲେ। ଶହେ ବର୍ଷ ପରେ ଆଜି ରାଧାକ୍ରିଷ୍ଣନ୍‌ଙ୍କ ଏହି ଉକ୍ତି କେତେଦୂର ଯୁକ୍ତିସମ୍ମତ ବା ହାସ୍ୟାସ୍ପଦ ତାହା ଜଣାପଡ଼େ। ଶ୍ରୀଅରବିନ୍ଦଙ୍କ ଦ୍ୱାରା ବେଦର ରହସ୍ୟ ଉନ୍ମୋଚନ ବିକଳ୍ପ ପାଣ୍ଡିତ୍ୟର ପରିପ୍ରକାଶ ନୁହେଁ। ଏହା ଋଷି–ଦୃଷ୍ଟିର କଥା, ଯାହା ଯୁକ୍ତିସମ୍ମତ ଭାବେ ବେଦ ଆଗ୍ରହୀ ମାନସକୁ ପ୍ରଲୁବ୍ଧ କରିଚାଲିଛି।

ସଭ୍ୟତା ସମ୍ପର୍କରେ ପାଶ୍ଚାତ୍ୟ ତତ୍ତ୍ୱକୁ ଅସ୍ୱୀକାର କରି ଶ୍ରୀଅରବିନ୍ଦ କହିଛନ୍ତି ଯେ, ଭୌତିକ ସମୃଦ୍ଧି ଆଧାରରେ ସଭ୍ୟତାର ବିଚାର କରିବା ଅସମୀଚୀନ ଏବଂ ଅସଙ୍ଗତ। ଏକ ସୁଖମୟ ଜୀବନଯାପନ ପାଇଁ ସେ କେତେ ଅସ୍ତ୍ର ଆବିଷ୍କାର କରୁଛି। ତାକୁ ନେଇ ସଭ୍ୟତାର ଅଭିବୃଦ୍ଧି କଥା କୁହାଯାଇପାରିବ ନାହିଁ। ବ୍ୟକ୍ତି କେତେଦୂର ଅନ୍ତର୍ଦୃଷ୍ଟିସମ୍ପନ୍ନ ଏବଂ କେତେ ପରିମାଣରେ ସେ ବିଶ୍ୱ ଏବଂ ବିଶ୍ୱାତୀତ ସହ ସମ୍ବନ୍ଧିତ ହୋଇ ରହିପାରୁଛି। ଯାହା ତା'ର ଜୀବନକୁ ଏବଂ ଆସ୍ପୃହାକୁ ରୂପଦେବ, ତାହା ହିଁ ସଭ୍ୟତାର ପରିମାପକ। ଏହି ତତ୍ତ୍ୱ ଆଧାରରେ ସେ ଦର୍ଶାଇବାକୁ ଚାହିଁଛନ୍ତି ବେଦର ସୃଷ୍ଟି ସମୟ ଭାରତ ଭୂଖଣ୍ଡ ପାଇଁ ସଭ୍ୟତାର ଶୈଶବ ଅବସ୍ଥା ନୁହେଁ, ସମୃଦ୍ଧ ଅବସ୍ଥା। ଶ୍ରୀଅରବିନ୍ଦ ଦର୍ଶାଇଛନ୍ତି, ଏହା ବକ୍ରରେଖା ଆକାରରେ ଗତିକରେ। ବିକାଶ ହେଉଛି ଅଗ୍ରଗତି ସହ ପଶ୍ଚାତ୍‌ଗତିର ମିଶ୍ରଣ, ଉତ୍ଥାନ ଓ ପତନର ସମଷ୍ଟି। ଏହି ତତ୍ତ୍ୱକୁ ସ୍ୱୀକାର କରିଗଲେ ଶ୍ରୀଅରବିନ୍ଦଙ୍କ ସହ ଏକମତ ହେବାରେ କୌଣସି ବାଧା ଆସିବ ନାହିଁ ଏବଂ ଆମେ ସ୍ୱୀକାର କରିବା ବେଦ ଏକ ସମୃଦ୍ଧ ସମୟର ସୃଜନଶୀଳ ପରିପ୍ରକାଶ, ଯେଉଁଥିରେ କୌଣସି ପ୍ରକାର ପିଲାଳିଆମି, ମୂର୍ଖତା ଏବଂ ଆଦିମତା ନାହିଁ।

ଶ୍ରୀଅରବିନ୍ଦ ମଣିଷର ସମ୍ଭାବନାମୟ ଦିଗକୁ ନେଇ ପ୍ରବଳ ଆଶାବାଦୀ ଥିଲେ। ମଣିଷ ଆଜି ଯେଉଁ ଅବସ୍ଥାରେ ରହିଛି, ତାହା ତା'ର ଭବିଷ୍ୟତ ପରିପ୍ରେକ୍ଷୀରେ ମଧ୍ୟବର୍ତ୍ତିକାଳୀନ ଅବସ୍ଥା, ଯେଉଁ ସ୍ତରରେ ସେ ଧରିନେଇଛି ଭୌତିକ ଜୀବନର ସମୃଦ୍ଧି ହିଁ ପ୍ରକୃତ ସମୃଦ୍ଧି। ଏହି ସ୍ତରକୁ ଅତିକ୍ରମ କରିବାର ସାମର୍ଥ୍ୟ ତା' ମଧ୍ୟରେ ଥିଲେ ମଧ୍ୟ ସେ ତାହା ପାରୁନାହିଁ। ଯେଉଁଥିପାଇଁ ପରମ ଶକ୍ତିଙ୍କର ସାହାଯ୍ୟ ଦରକାର। ଶ୍ରୀଅରବିନ୍ଦ ହେଉଛନ୍ତି ସେହି ଶକ୍ତି ଓ ସାହାଯ୍ୟ, ଯାହା ମାନବ ଜାତିକୁ ତା'ର ଭବିତବ୍ୟ ଆଧ୍ୟାତ୍ମିକ ସ୍ତରକୁ ନେଇଯାଇପାରିବ। ବେଦର ଭାଷାରେ ସେ ହେଉଛନ୍ତି ଅଗ୍ନି, ମଣିଷ ଭିତରେ ଥିବା ଅମୃତତ୍ୱ, ଦୈବୀଶକ୍ତି, ଯାହା ତାକୁ ତା'ର ଶ୍ରେଷ୍ଠତ୍ୱରେ ପହଞ୍ଚିବା ପାଇଁ ନିରନ୍ତର ଭାବରେ କାମ କରିଚାଲିଛି। ତାଙ୍କର ଲକ୍ଷ୍ୟ ଥିଲା ସାଧନା ମାଧ୍ୟମରେ ବ୍ରାହ୍ମତେଜ ଆହରଣ, ଯାହା ଦେଶର ସ୍ୱାଧୀନତା ପ୍ରାପ୍ତିରେ ସାହାଯ୍ୟ କରିବ। ପରବର୍ତ୍ତୀ ଅବସ୍ଥାରେ ଆଉ ଏକ ବୃହତ୍ତର ଲକ୍ଷ୍ୟ ପୂର୍ବ ଲକ୍ଷ୍ୟର ସ୍ଥାନ ନେଲା, ତାହା ହେଉଛି ମାନବ ଜାତି ପାଇଁ ସାଧନା। ପୁନର୍ବାର ଆଉ ଏକ ଅଧିକ ବୃହତ୍ତର ଲକ୍ଷ୍ୟ ପୂର୍ବ ଲକ୍ଷ୍ୟର ସ୍ଥାନ ନେଲା ଯାହା ହେଉଛି ଅମୃତତ୍ୱ ପାଇଁ ସାଧନା ବା ପୃଥିବୀ ଚେତନାର ପରିବର୍ତ୍ତନ ପାଇଁ ସାଧନା।

ପୁରୀ, ମୋ–୯୮୬୧୩୭୦୬୬୨

## ପାଠକ ଶ୍ରେଷ୍ଠ ବିଚାରକ

### ବିଳମ୍ବ ହେଲେ ମଧ୍ୟ ନିଷ୍ପତ୍ତି ଯଥାର୍ଥ

ମହାଶୟ,

ଶ୍ରୀମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ନେଇଥିବା ନିଷ୍ପତ୍ତି ବିଳମ୍ବ ହେଲେ ମଧ୍ୟ ସ୍ୱାଗତଯୋଗ୍ୟ। ବଡଦେଉଳର ପରିବେଶ ପାନପିକ ଓ ଗୁଟ୍‌ଖା ଛେପରେ ଯେପରି ଅପରିଷ୍କାର ହେଉଛି ତାକୁ ବନ୍ଦ କରା ନ ଗଲେ ବହିରାଗତ ଭକ୍ତ ନିନ୍ଦା କରିବେ। ଏଣୁ ଏପରି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ଚାରିଦ୍ୱାରର ତନଖି କଡ଼ାକଡ଼ି ହେଉ ଓ ନିୟମ ଭଙ୍ଗକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉ। ଶ୍ରୀମନ୍ଦିର ପରିବେଶ ତମାଖୁମୁକ୍ତ ହେଲେ ବଡ ଦେଉଳର ଗରିମା ରକ୍ଷା ହେବ ବୋଲି ପାଠକ ବିଚାର କରନ୍ତି।

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

### ଚାରାର ଯତ୍ନ ନିଆଯାଉ

ପ୍ରତିବର୍ଷ ଜୁଲାଇ ମାସରେ ବନମହୋତ୍ସବ ପାଳନ କରାଯିବା ଅବସରରେ ବିଭିନ୍ନ ସ୍ଥାନରେ ହଜାର ହଜାର ଚାରା ରୋପଣ କରାଯାଏ। କିନ୍ତୁ ସେ ଚାରା କ'ଣ କେବେ ବୃକ୍ଷର ରୂପ ପାଆନ୍ତି? ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ମରିଯାଉଛି। ତେଣୁ ଯେଉଁ ଚାରାରୋପଣ କରାଯାଉଛି ସେଗୁଡିକର ଯତ୍ନ ଉପରେ ଦୃଷ୍ଟି ଦିଆଯାଉ।

ସାରଥି ମଲ୍ଲିକ, ଅମରପାଲି, ବୀରମହାରାଜପୁର, ସୋନପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ଅଗଷ୍ଟ ୧୯୯୪**

- କଟକ ଓ ଭୁବନେଶ୍ୱର ପୌରସଂସ୍ଥାକୁ କର୍ପୋରେଶନରେ ପରିଣତ କରାଗଲା।
- ବାଂଲାଦେଶରେ ଏକ ନୌକା ବୁଡି ୧୭ ଜଣଙ୍କ ମୃତ୍ୟୁ।

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଶୁଭମ୍


ଲିଳାମୟ


ବିବେକାନନ୍ଦ


ରାକେଶ



ଠାକୁର

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ରାଜ୍ୟର ୩୯ ଜଣଙ୍କୁ ମିଳିବ ପୋଲିସ ପଦକ

## ସାହସିକତା ପାଇଁ ୨୬ ଜଣ, ବିଶିଷ୍ଟ ସେବା ଲାଗି ୨ଜଣ ଓ ୧୧ଜଣଙ୍କୁ ମେରିଟୋରିୟସ୍ ସେବା ପଦକ

ଭୁବନେଶ୍ୱର, ୧୪।୮ (ବ୍ୟୁରୋ)

ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ବୁଧବାର ରାଜ୍ୟ ପୋଲିସ ପଦକ ଘୋଷଣା ହୋଇଛି। ଉଲ୍ଲେଖନୀୟ ସେବା ପାଇଁ ଓଡ଼ିଶାର ୩୯ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସ୍ୱାଧୀନତା ଦିବସରେ ଏହି ସମ୍ମାନଜନକ ପଦକ ମିଳିବ। ସେମାନଙ୍କ ମଧ୍ୟରୁ ୨୬ଜଣଙ୍କୁ ପୋଲିସ ସାହସିକତା ମେଡାଲ, ବିଶିଷ୍ଟ ସେବା ପାଇଁ ୨ ଜଣଙ୍କୁ ରାଷ୍ଟ୍ରପତି ପୋଲିସ ପଦକ ଓ ୧୧ ଜଣଙ୍କୁ ମେରିଟୋରିୟସ ସେବା ପଦକ ମିଳିବ। ଗୁରୁବାର ପୂର୍ବାହ୍ନ ୧୧ଟା ୩୦ରେ ଭୁବନେଶ୍ୱର ସୂଚନାଭବନଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦକ ପ୍ରଦାନ କରିବେ।

ସାହସିକତା ପାଇଁ ପଦକ ପାଇବାକୁ ଥିବା ପୋଲିସ ଅଧିକାରୀ ଓ କର୍ମଚାରୀ ହେଲେ ରାଉରକେଲା ପୋଲିସ ଜିଲାର ଏଏସ୍ଆଇ ସୁନୀଲ କୁମାର ନନ୍ଦ, ହାବିଲଦାର୍ କମଳେନ୍ଦୁ ଷଡଙ୍ଗୀ, କନ୍‌ଷ୍ଟେବଲ ମଦନ କିଷାନ, କନ୍‌ଷ୍ଟେବଲ ଆଥନାସିୟାସ୍ ଜୋଜୋ, କନ୍‌ଷ୍ଟେବଲ ମୁକେଶ କୁମାର ବ୍ରହ୍ମା, କଟକ ଷଷ୍ଠ ବାଟାଲିୟନର ସୁବେଦାର୍ ବିଦ୍ୟାଧର ସେଠୀ, ଭୁବନେଶ୍ୱର ଏସ୍ଓଜି କମାଣ୍ଡୋ ବିଶାଲ୍ ବୋମ୍‌ଜାନ, ଏସ୍ଓଜି କମାଣ୍ଡୋ ରାଜେନ୍ଦ୍ର ମଲ୍ଲ, ଏସ୍ଓଜି କମାଣ୍ଡୋ ଦୀପକ ସିଂହ କନ୍‌ୱର, ଏସ୍ଓଜି ହାବିଲଦାର ଧ୍ରୁବ ବାହାଦୁର ବାସ୍‌ନେଟ୍, ଏସ୍ଓଜି ହାବିଲଦାର ରାଜେଶ ବିଶ୍ୱକର୍ମା, ଏସ୍ଓଜି କନ୍‌ଷ୍ଟେବଲ କାହ୍ନୁଚରଣ ମାଝି, ଏସ୍ଓଜି ସୁବେଦାର୍ ରବୀନ୍ଦ୍ର ଶବର, ଏସ୍ଓଜି ସୁବେଦାର ଅଶୋକ କୁମାର ରଥ, ଏସ୍ଓଜି ହାବିଲଦାର ଆଲୋକ କୁମାର ସେଠୀ, ଏସ୍ଓଜି କମାଣ୍ଡୋ ଧନଞ୍ଜୟ ବରାଡ, ଏସ୍ଓଜି କମାଣ୍ଡୋ କୃଷ୍ଣଚନ୍ଦ୍ର ପିଙ୍ଗ, ଭୁବନେଶ୍ୱର ଏସ୍ଓଜି କମାଣ୍ଡୋ ସନ୍ତୋଷ କୁମାର ଧାନ୍, କୋରାପୁଟର ଅତିରିକ୍ତ ଏସ୍‌ପି ନିରଞ୍ଜନ ସାହୁ, ହାବିଲଦାର କେଶବ ସୀସା, ହାବିଲଦାର ଜିତେନ୍ଦ୍ର କୁମାର ଦାସ, କନ୍‌ଷ୍ଟେବଲ ସିନିୟା ଶେଶର ବେପାରି, କୋରାପୁଟର କନଷ୍ଟେବଲ ଉଦ୍ଧବ ଚାଲାଣ, କନ୍ଧମାଳ ଏସ୍‌ପି ପ୍ରତୀକ ସିଂହ, କନଷ୍ଟେବଲ ମଧୁସୂଦନ ମଲ୍ଲିକ, କନ୍ଧମାଳ ଓଏପିଏଫ୍ ଜଗନ୍ନାଥ କହଁର ପ୍ରମୁଖ। ରାଷ୍ଟ୍ରପତି ପୋଲିସ ପଦକୁ ପାଇବାକୁ ଥିବା ଦୁଇ ପୋଲିସ ଅଧିକାରୀ ହେଲେ ଭୁବନେଶ୍ୱର ଏସ୍ଆଇଡବ୍ଲ୍ୟୁ ଡିଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଓ ଭୁବନେଶ୍ୱର ଜୋନ୍-୧ ଏସିପି ଅସୀମ କୁମାର ପଣ୍ଡା। ସେହିଭଳି ମେରିଟୋରିୟସ ସେବା ପଦକ ପାଇବେ ଢେଙ୍କାନାଳ ଓଏସ୍ଏପି ପ୍ରଥମ ବାଟାଲିୟନ କମାଣ୍ଡାଣ୍ଟ ନବ କିଶୋର ଦାସ, ଭୁବନେଶ୍ୱର ଏସ୍ଓଜି କମାଣ୍ଡାଣ୍ଟ ଅଜୟ କୁମାର ପାଢୀ , ଭୁବନେଶ୍ୱର ଏସ୍ଆଇଡବ୍ଲ୍ୟୁ ଡିଏସ୍‌ପି ଅଶୋକ କୁମାର ଦେଓ, ଭୁବନେଶ୍ୱର ଏସିପି (ସିକ୍ୟୁରିଟି) ଏସ୍.ଏସ୍ ବି.ଏନ. ପ୍ରଫୁଲ୍ଲ କୁମାର ସିଂହ , କଟକ ଭିଜିଲାନ୍ସ ନିର୍ଦ୍ଦେଶାଳୟର ଭାରପ୍ରାପ୍ତ ଡିଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ, ଭୁବନେଶ୍ୱର ଇଓଡବ୍ଲ୍ୟୁ ଓ ସିଆଇଡି ସିବିର ଭାରପ୍ରାପ୍ତ ଡିଏସପି ସ୍ନିଗ୍ଧା ଭଞ୍ଜ, ଖୋର୍ଦ୍ଧା ଜିଲାର ଇନ୍ସପେକ୍ଟର ବିକ୍ରମ କେଶରୀ ଜେନା, ଭୁବନେଶ୍ୱର ଏସ୍ଆଇଡବ୍ଲ୍ୟୁ ଏସ୍ଆଇ ବ୍ରହ୍ମାନନ୍ଦ ପଣ୍ଡା, ସମ୍ବଲପୁର ଜିଲାର ଏଏସ୍ଆଇ କୈଳାସଚନ୍ଦ୍ର ପ୍ରଧାନ, ଝାରସୁଗୁଡ଼ାର ହାବିଲଦାର ଆଲେକ୍‌ଜାଣ୍ଡର କୁଜୁର ଓ ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନର କନ୍‌ଷ୍ଟେବଲ ବିପ୍ରଚରଣ ଗୌଡ଼।

## ଦିଗପହଣ୍ଡି ରେଞ୍ଜର ନିଲମ୍ବିତ

ବ୍ରହ୍ମପୁର ଅଫିସ,୧୪।୮

ଗଞ୍ଜାମ ଜିଲା ଦିଗପହଣ୍ଡିର ଭାରପ୍ରାପ୍ତ ରେଞ୍ଜର ପରମାନନ୍ଦ ପାଣିଗ୍ରାହୀ ବୁଧବାର ନିଲମ୍ବିତ ହୋଇଛନ୍ତି। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ ତାଙ୍କୁ ନିଲମ୍ବିତ କରିଛନ୍ତି। ନିଲମ୍ବନ ପରେ ସେ ଘୁମୁସର ନର୍ଥ ଡିଭିଜନ୍ ମୁଖ୍ୟାଳୟରେ ରହିବେ। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ବିନା ସେ ମୁଖ୍ୟାଳୟ ଛାଡ଼ି କେଉଁଆଡ଼େ ଯାଇପାରିବେ ନାହିଁ। ସୂଚନାଯୋଗ୍ୟ, ଜୁନ୍ ୨୯ତାରିଖରେ କଟକ ଭିଜିଲାନ୍ସ ପକ୍ଷରୁ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ କୁମାର ବେହେରାଙ୍କ ଘରେ ଚଢ଼ାଉ କରାଯାଇଥିଲା। ଏଥିସହ ତାଙ୍କ କାର୍ଯ୍ୟାଳୟ, ଦିଗପହଣ୍ଡି ରେଞ୍ଜ କାର୍ଯ୍ୟାଳୟ ଏବଂ ଖଲ୍ଲିକୋଟ ରେଞ୍ଜ କାର୍ଯ୍ୟାଳୟରେ ମଧ ଚଢ଼ାଉ ହୋଇଥିଲା। ପରେ ବନଖଣ୍ଡ ଅଧିକାରୀ ବେହେରା ଗିରଫ ହୋଇଥିଲେ। ଏହି ଘଟଣା ପରଠାରୁ ଦିଗପହଣ୍ଡିର ଭାରପ୍ରାପ୍ତ ରେଞ୍ଜର୍ ପରମାନନ୍ଦ କାର୍ଯ୍ୟାଳୟକୁ ଯାଉ ନ ଥିଲେ।

### ■ ବନ୍ଦ ଘରୁ ଦମ୍ପତିଙ୍କ ମୃତଦେହ ଉଦ୍ଧାର

# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ପରେ ସ୍ୱାମୀଙ୍କ ଆତ୍ମହତ୍ୟା

ଚନ୍ଦ୍ରଗିରି,୧୪।୮ (ଡି.ଏନ.ଏ.)

ଗଜପତି ଜିଲା ମୋହନା ଥାନା ଚନ୍ଦ୍ରଗିରିର ଚନ୍ଦନପୁର ବସ୍ତିରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ପରେ ସ୍ୱାମୀ ଗଳାରେ ଶାଢି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ବୁଧବାର ଦମ୍ପତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସ୍ତ୍ରୀ ସୁମିତ୍ରାଙ୍କ କ୍ଷତବିକ୍ଷତ ମୃତଦେହ ବିଛଣାରେ ପଡିଥିବାବେଳେ ସ୍ୱାମୀ ବଇଜନଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ଏନେଇ ମୋହନା ଥାନାରେ ଏକ ମାମଲା(ନଂ.୧୩୯/୧୯) ରୁଜୁ କରି ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଚନ୍ଦନପୁର ବସ୍ତିର ବଇଜନ ଉଠାଣସିଂ କିଛିବର୍ଷ ତଳେ ସୁମିତ୍ରାଙ୍କୁ ପ୍ରେମ ବିବାହ କରିଥିଲେ। ସେମାନଙ୍କ ଗୋଟିଏ ଝିଅ ଅଛି। ବଇଜନ ମଜୁରି ଲାଗି ପରିବାର ଚଳାଉଥିଲେ। ସ୍ତ୍ରୀଙ୍କ ସହ କୌଣସି ବିବାଦ ନ ଥିଲା। ମଙ୍ଗଳବାର ରାତିରେ ଏହି ଦମ୍ପତି ଖାଇପିଇ ଗୋଟିଏ ଘରେ ଶୋଇଥିଲେ। ଝିଅ ଜେଜେ ମା'ଙ୍କ ପାଖରେ ଶୋଇଥିଲେ। ବୁଧବାର ସକାଳେ ପୁଅବୋହୂ ନ ଉଠିବାରୁ ମା' ବାସନ୍ତୀ ନାୟକ ତାଙ୍କ ଘରର କବାଟ ବାଡେଇ ଡାକିଥିଲେ। ତଥାପି କେହି ନ ଶୁଣିବାରୁ ସେ କବାଟ ଫାଙ୍କରେ ହାତ ଗଳାଇ ହୁକ୍ ଖୋଲି ଭିତରକୁ ଯାଇଥିଲେ । ହେଲେ ଘର ଭିତର ଦୃଶ୍ୟ ଦେଖି ସେ ନିଜକୁ ବିଶ୍ୱାସ କରିପାରି ନ ଥିଲେ । ପୁଅ ବଇଜନ ଶାଢ଼ିରେ ଫାଶ ଲଗାଇ ଝୁଲୁଥିବା ବେଳେ ବୋହୂଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ବିଛଣାରେ ପଡ଼ିଥିଲା। ଏନେଇ ବାସନ୍ତୀ ପାଟିକରି ପଡ଼ିଶାଙ୍କୁ ଡାକିଥିଲେ। ଖବର ପାଇ ଆର.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ଓ ମୋହନା ଥାନା ଅଧିକାରୀ ସୁଜିତ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଦୁଇଟିକୁ ଜବତ କରିଥିଲେ। ମୃତଦେହ ନିକଟରୁ ପୋଲିସ ୨ଟି ମଲା କୁକୁଡା ଓ ଏକ ଟାଙ୍ଗିଆ ଜବତ କରିଛି। ଘରେ କୌଣସି ଅଶାନ୍ତି ନ ଥିବାବେଳେ ପୁଅ ମାନସିକ ବିକାରଗ୍ରସ୍ତ ହୋଇଥିବାରୁ ଏପରି କରିଛନ୍ତି ବୋଲି ବଇଜନଙ୍କ ମା' ବାସନ୍ତୀ କହିଛନ୍ତି।

ମୃତ୍ୟୁର କାରଣ ଏଯାଏ ସ୍ପଷ୍ଟ ହୋଇ ନ ଥିବା ବେଳେ ବଇଜନ ଜଣେ ମାନସିକ ବିକାରଗ୍ରସ୍ତ ଓ ସେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟାକରିବା ପରେ ନିଜେ ଫାଶ ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି । ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ୍ ତଦନ୍ତ ଚଳାଇଛି। ସମ୍ପୂର୍ଣ୍ଣ ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଏସ୍‌ଡିପିଓ ମହାନ୍ତି କହିଛନ୍ତି ।

# ଗୋଟିଏ ଦିନରେ ଜେଜେ, ନାତୁଣୀଙ୍କ ମୃତ୍ୟୁ

ଲହୁଣୀପଡା, ୧୪।୮ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ କେନାପାଲି (ଲଡାମ) ଗ୍ରାମରେ ବୁଧବାର ଦୁଃଖଦ ଘଟଣା ଘଟିଛି। ନାତୁଣୀ ମୃତ୍ୟୁର କିଛି ଘଣ୍ଟା ପରେ ଜେଜେବାପାଙ୍କ ମୃତ୍ୟୁ ଘଟିବା ଘଟଣାରେ ଗ୍ରାମରେ ଶୋକରଛାୟା ଖେଳିଯାଇଛି। ପ୍ରାପ୍ତ ସୂଚନା ଅନୁସାରେ କେନାପାଲି (ଲଡାମ) ଗ୍ରାମର ଗଣେଶ କଂସରିଆଙ୍କ ନାବାଳିକା ଝିଅ ଗୋମତୀ (୯) ଏବଂ ଗଣେଶଙ୍କ ବାପା ବେଣୁଧର କଂସରିଆ (୫୬)ଙ୍କ ଦେହ ଖରାପ ଥିଲା। ତେଣୁ ଗଣେଶ ଏକ ଅଟୋ ଯୋଗେ ବାପା ଓ ଝିଅକୁ ଲହୁଣୀପଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ଉଭୟ ଜେଜେ ଓ ନାତୁଣୀଙ୍କ ଅବସ୍ଥା ଗୁରୁତର ଥିଲା। ପ୍ରାଥମିକ ଚିକିତ୍ସା ପରେ ବେଣୁଧରଙ୍କୁ ବଣାଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବେଣୁଧରଙ୍କୁ ବଣାଇ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାର କିଛି ସମୟ ପରେ ଲହୁଣୀପଡା ଡାକ୍ତରଖାନାରେ ନାତୁଣୀ ଗୋମତୀଙ୍କ ମୃତ୍ୟୁ ଘଟିଥିଲା। ପରେ ବଣାଇ ଡାକ୍ତରଖାନାରେ ବେଣୁଧରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ ଲହୁଣୀପଡ଼ା ଡାକ୍ତରଖାନାର ଡାକ୍ତର ମନୋଜ ସିଂଙ୍କୁ ପଚାରିବାରୁ ହୃଦଘାତ ଯୋଗୁ ଗୋମତୀଙ୍କ ମୃତ୍ୟୁ ହୋଇଥିବା କହିଛନ୍ତି।

## ଆଜି କ'ଣ କେଉଁଠି

**ବରଗଡ଼**

■ ଅଲେଖ ମହିମା ନୂଆଖାଇ, ଭୋଇପାଲି ମଠ (ଗାଇସିଲେଟ୍), ସକାଳ ୬ଟା
■ ଝୁଲଣ ଯାତ୍ରା, ଡାଙ୍ଗବାହାଲ, ସକାଳ ୯ଟା।

**ବରପାଲି**

■ ରାଜ୍ୟସ୍ତରୀୟ ଗଙ୍ଗାଧର ଜୟନ୍ତୀ ପାଳନ, ଗଙ୍ଗାଧର କଲ୍ୟାଣ ମଣ୍ଡପ, ସନ୍ଧ୍ୟା ସାଢ଼େ ୬ଟା।

**ଭେଡ଼େନ**

■ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ରଣଜିତା ଷ୍ଟାଡ଼ିୟମ, ସକାଳ ୮ଟା।
■ ଉଦୟ ଅସ୍ତ ନାମଯଜ୍ଞର ପୂର୍ଣ୍ଣାହୂତି, ହସ୍‌ପିଟାଲ ପରିସର ହନୁମାନ ମନ୍ଦିର, ସନ୍ଧ୍ୟା ୬ଟା।
■ ପଇଡ଼ପାଣି ଜଳାଶାୟୀ, ରୁଷୁଡ଼ାର ବାବା ସିଦ୍ଧେଶ୍ୱର ମନ୍ଦିର, ଦିନ ୧୧ଟା।
■ ଝୁଲଣ ଯାତ୍ରା, ଚିଚିଣ୍ଡା ଗୋପିଟିକ୍ରା, ଅପରାହ୍ନ ୪ଟା।

**ବୌଦ୍ଧ**

■ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ପରେଡ ପଡିଆ, ସମୟ ସକାଳ ୯ଟା ।
■ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ, ରାଜବାଟି ଦିବ୍ୟ ପ୍ରକାଶ ଭବନ, ସକାଳ ୭ଟା ।
■ ୟୁଥ ରେଡକ୍ରସ ପକ୍ଷରୁ ବୃକ୍ଷ ରକ୍ଷାବନ୍ଧନ, ପଞ୍ଚାୟତ ମହାବିଦ୍ୟାଳୟ ବୌଦ୍ଧ, ସକାଳ ୭ଟା।

**ଦେବଗଡ଼**

■ ସାଂସ୍କୃତିକ କାର୍ଯ୍ୟକ୍ରମ ଭଏସ ଜିନିଏସ, ଟାଉନହଲ, ଅପରାହ୍ନ ୨ଟା।
■ ବାମଣ୍ଡା ସାହିତ୍ୟ ସଂସଦ ଓ ଜଗନ୍ନାଥ ସାହିତ୍ୟ ସଂସଦ ଆନୁକୂଲ୍ୟରେ କବିତା ପାଠୋତ୍ସବ, ସୂଚନା କେନ୍ଦ୍ର, ଅପରାହ୍ନ ୩ଟା।
■ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ପ୍ରଦର୍ଶନୀ ଫୁଟବଲ ମ୍ୟାଚ, ଅପରାହ୍ନ ୩ଟା ୩୦।

**ସୁନ୍ଦରଗଡ଼**

■ ଓଡ଼ିଶା ଅନଲାଇନ ରେଭନ୍ୟୁ ପେମେଣ୍ଟ ଉଦ୍‌ଘାଟନ, ସର୍କିଟ ହାଉସ, ପୂର୍ବାହ୍ନ ୯ଟା।

**ସମ୍ବଲପୁର**

■ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତି ମୂର୍ତ୍ତିରେ ମାଲ୍ୟାର୍ପଣ, ଅମୃତ ବିହାର ପରିସର, ସକାଳ ୮ଟା।
■ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବ, ନେଲସନ୍ ମଣ୍ଡେଲା ଛକ, ପୂର୍ବାହ୍ନ ୯ଟା ୧୫।
■ ବରିଷ୍ଠ ନାଗରିକ ପକ୍ଷରୁ ଗଙ୍ଗାଧର ଜୟନ୍ତୀ, ଧନକଉଡା, ସନ୍ଧ୍ୟା ସାଢ଼େ ୬ଟା ।
■ ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ଗଙ୍ଗାଧର ଜୟନ୍ତୀ, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସନ୍ଧ୍ୟା ୭ଟା ।

**ଟିଟିଲାଗଡ଼**

■ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ଗଙ୍ଗାଧର ଜୟନ୍ତୀ, ପୌରପରିଷଦ ସଭାଗୃହ, ସନ୍ଧ୍ୟା ସାଢେ ୬ଟା।

**କଣ୍ଟାବାଞ୍ଜି**

■ ସ୍ୱାଧୀନତା ଦିବସ ପାଳନ ଅବସରରେ ସିଭିଲ କୋର୍ଟ ପରିସରରେ ଚାରାରୋପଣ, ପୂର୍ବାହ୍ନ ୧୧ଟା।





ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ

# ନଦୀ କୂଳରେ ଗୋମାଂସ ପକାଇବାକୁ ନେଇ ଉତ୍ତେଜନା

**ଯାଜପୁର ଟାଉନ ୧୪।୮(ଡି.ଏନ୍.ଏ.)**

ଯାଜପୁର ସହର ନିକଟସ୍ଥ ବୈତରଣୀ ନଦୀ କୂଳରେ ଗୋମାଂସ ପକାଇବାକୁ ନେଇ ବୁଧବାର ପ୍ରବଳ ଉତ୍ତେଜନା ଦେଖାଦେଇଛି। ଏହି ଘଟଣାକୁ କେନ୍ଦ୍ରକରି ଯାଜପୁରର ମୁଖ୍ୟରାସ୍ତା ଗାନ୍ଧୀଛକଠାରେ ଦୀର୍ଘସମୟ ଧରି ରାସ୍ତାରୋକୋ କରାଯାଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲୋକମାନେ ଜିଦ୍ ଧରି ବସିଥିଲେ। ପରେ ଏସ୍‌ପି ଓ ଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବାକୁ ପୋଲିସ ଫୋର୍ସ ଉପସ୍ଥିତିରେ ଜିଲା ପ୍ରଶାସନ ପକ୍ଷରୁ ଗାନ୍ଧୀଛକ ନିକଟରେ ଥିବା କଂସେଇ ଖାନାକୁ ସିଲ୍ କରାଯାଇଛି। ଏହି ଘଟଣାରେ ପୋଲିସ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ମିଳିଥିବା ସୂଚନା ଅନୁସାରେ ଯାଜପୁର ସହରର ବିଶ୍ୱହିନ୍ଦୁପରିଷଦ ପକ୍ଷରୁ ବୁଧବାର ସଫେଇ କାର୍ଯ୍ୟକ୍ରମ କରାଯାଉଥିବାବେଳେ ବୈତରଣୀ ନଦୀ କିଲ୍ଲାଘାଟ ନିକଟ ରିଂରୋଡରେ ବସ୍ତାରେ ବନ୍ଧାହୋଇ ଗୋମାଂସ, ହାଡ଼, ମୁଣ୍ଡ ପଡ଼ି ରହିଥିବା ଦେଖିବାକୁ ପାଇଥଲେ। ଏହି ଘଟଣା ପ୍ରଚାରିତ ହେବାପରେ ବଜରଙ୍ଗ ଦଳର ଶତାଧିକ କର୍ମୀ ଯାଜପୁର ସହରର ମୁଖ୍ୟ ରାସ୍ତା(ଗାନ୍ଧୀଛକ)ଠାରେ ଦୀର୍ଘ ସମୟ ଧରି ରାସ୍ତାରୋକୋ କରିଥିଲେ। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଯାଜପୁର ଜିଲାପାଳ ଓ ଏସ୍‌ପି ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ରାସ୍ତାରୋକୋ ହଟିଥିଲା। ପରେ ବିଶ୍ୱହିନ୍ଦୁ ପରିଷଦ ଜିଲା ସୁରକ୍ଷା ପ୍ରମୁଖ ବାଦଲ ନାୟକ ଥାନାରେ ଏକ ଲିଖିତ ଏତଲା ଦାଏର କରିଥିଲେ। କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ବେଆଇନ କଂସେଇଖାନା ଚଳାଇବା ସହ ଗୋରୁମାଂସଗୁଡ଼ିକୁ ସର୍ବସାଧାରଣ ବ୍ୟବହାର ସ୍ଥାନରେ ବାରମ୍ବାର ପକାଇ ଆସୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏପରି କି ଏହି ବେଆଇନ କଂସେଇଖାନାରେ ପ୍ରତ୍ୟେକ ଦିନ ବହୁ ସଂଖ୍ୟାର ଗୋରୁଙ୍କୁ ହତ୍ୟା କରାଯାଉଛି। ଏଣୁ ବେଆଇନ ଭାବେ ଚାଲିଥିବା କଂସେଇଖାନାକୁ ତୁରନ୍ତ ବନ୍ଦ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ବଜରଙ୍ଗ ଦଳ ସଂଯୋଜକ ସମୀର ନାୟକ, ଅରବିନ୍ଦ ଦାସ, ମଣ୍ଟୁ ପଟ୍ଟନାୟକଙ୍କ ସମେତ ଶତାଧିକ ବଜରଙ୍ଗ ଦଳର କର୍ମୀ ଯାଜପୁର ଥାନାରେ ପହଞ୍ଚି ଥାନା ଅଧିକାରୀଙ୍କୁ ଲିଖିତ ଏତଲା ପ୍ରଦାନ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତିକରି ଥାନା ଅଧିକାରୀ ଏକ ମାମଲା(ନଂ.୨୨୭/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିବାସହ ବେଆଇନ କଂସେଇଖାନାକୁ ଚଳାଉଥିବା ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅପରାହ୍ନରେ ଯାଜପୁର ତହସିଲଦାର ସୁନୀଲ କୁମାର ମେହେର, ଥାନା ଅଧିକାରୀ ଆଶିଷ କୁମାର ସାହୁ, ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ କୁମାର ଖୁଣ୍ଟିଆ ପ୍ରମୁଖ ଗାନ୍ଧୀଛକ ନିକଟରେ ଥିବା କଂସେଇଖାନାକୁ ଯାଇ ଗୋମାଂସ ସମେତ କଟାଯାଉଥିବା ଯନ୍ତ୍ରକୁ ଜବତ କରିବା ସହ ଏହାକୁ ସିଲ୍ କରିଛନ୍ତି। ଯାଜପୁର ସହରରେ କୌଣସି ଅପରିସ୍ଥିତି ଘଟଣା ନ ଘଟିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି।



ଘଟଣାସ୍ଥଳରେ ପୋଲିସ ଓ ଜିଲା ପ୍ରଶାସନିକ ଅଧିକାରୀ।

**ଯାଜପୁର ସହର**

- ଥାନାରେ ଏତଲା, ଦୀର୍ଘ ସମୟ ଧରି ରାସ୍ତାରୋକୋ
- ଏସ୍‌ପି,ଜିଲାପାଳଙ୍କ ହସ୍ତକ୍ଷେପ ପରେ ଶାନ୍ତ ପଡ଼ିଲେ ଲୋକେ
- କଂସେଇଖାନାକୁ ସିଲ କଲା ଜିଲା ପ୍ରଶାସନ
- ୬ ଅଭିଯୁକ୍ତ କୋର୍ଟ ଚାଲାଣ

## ସଂକ୍ଷେପରେ

### ଛୁଟିରେ ୨ ଅଧିକାରୀ
### ୩ ଓଏଏସ୍ ଅଧିକାରୀଙ୍କୁ ପଦୋନ୍ନତି

**ଭୁବନେଶ୍ୱର,୧୪।୮(ବ୍ୟୁରୋ):** ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ମୋନା ଶର୍ମା ଛୁଟିରେ ଯାଇଛନ୍ତି। ପୂର୍ତ୍ତ ବିଭାଗ ସଚିବ ତଥା କମିଶନର କ୍ରିଷ୍ଣନ କୁମାରଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ପ୍ରମୁଖ ଶାସନ ସଚିବ ତଥା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଓଏସ୍‌ଡି ନିଯୁକ୍ତ ହୋଇଥିବା ନୀତେନ ଚନ୍ଦ୍ର ମଧ ଛୁଟିରେ ଯାଇଥିବା ଜଣାପଡିଛି। ଅପରପକ୍ଷରେ ୩ ଓଏଏସ୍ ଅଧିକାରୀଙ୍କ ସୁପରଟାଇମ୍ ସ୍କେଲକୁ ପଦୋନ୍ନତି କରାଯାଇଛି। ଏହି ଅଧିକାରୀମାନେ ହେଉଛନ୍ତି ବିବେକାନନ୍ଦ ସାହୁ, ରୁଦ୍ର ନାରାୟଣ ମହାନ୍ତି ଏବଂ ଦିଲ୍ଲୀପ କୁମାର ବଳ।

### ଆଜି ଶ୍ରୀମନ୍ଦିରରେ ରକ୍ଷାବନ୍ଧନ, ବଳଭଦ୍ରଙ୍କ ଜନ୍ମନୀତି



ପୁରୀ ଅଫିସ, ୧୪।୮: ଗୁରୁବାର ଗହ୍ମାପୂର୍ଣ୍ଣିମା। ଏହି ପବିତ୍ର ତିଥିରେ ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ଓ ବଳଭଦ୍ରଙ୍କ ଜନ୍ମ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡଠାକୁର ୨ଟି ଲେଖାଏ ରାଖୀ ଓ ୨ଟି ଲେଖାଏ ଗୁଆମାଳ ପରିଧାନ କରିବେ। ପାଟରା ବିଶୋଇ ସେବକ ବାସୁଙ୍ଗା ପାଟରେ ରାଖୀ ଏବଂ ଗୁଆମାଳ ପ୍ରସ୍ତୁତ କରିଛନ୍ତି। ମହାପ୍ରଭୁ ଜଗନ୍ନାଥ ହଳଦିଆ ଓ ନାଲିରଙ୍ଗର ଗୁଆମାଳ ଏବଂ ବଳଭଦ୍ର ବାଇଗଣି ଓ ନୀଳରଙ୍ଗର ଗୁଆମାଳ ପରିଧାନ କରିବେ। ସେହିପରି ବଳଭଦ୍ରଙ୍କ ଜନ୍ମନୀତି ମଧ ଅନୁଷ୍ଠିତ ହେବ। ଏଥିପାଇଁ ଚକ୍ରରାଜ ସୁଦର୍ଶନ ମାର୍କଣ୍ଡ ପୁଷ୍କରିଣୀକୁ ବିଜେ କରିବେ। ସେଠାରେ ଥିବା ମଣ୍ଡପରେ ସୁଦର୍ଶନଙ୍କୁ ବିଜେ କରାଯିବ। କୁମ୍ଭାର ବିଶୋଇ ଦେଇଥିବା ଚିକିଟା ମାଟିରେ ଶୁଦ୍ଧସୁଆର ବଳଭଦ୍ରଙ୍କ ମୂର୍ତ୍ତି ନିର୍ମାଣ କରିବେ। ପୂଜାପଣ୍ଡା ତାହାକୁ ଜୀବନ୍ୟାସ ଦେଇ ଜାତ କର୍ମ ସମ୍ପନ୍ନ କରିବେ।

### ବର୍ଷା ହେବାରୁ ଆଶ୍ରୟ ନେଇଥିଲେ
## ମାଟିଖୋଲ ଧସି ୨ ମୃତ

**କୋରାପୁଟ,୧୪।୮(ସ୍ୱ.ପ୍ର.)**

କୋରାପୁଟ ଜିଲା ବନ୍ଧୁଗାଁ ଅଞ୍ଚଳର ଝଞ୍ଜାବତୀ ନଦୀ ନିକଟସ୍ଥ ମାଟି ପାହାଡ଼କୁ ମାଟି ଉଠେଇବା ପାଇଁ ଯାଇଥିବା କେତେଜଣ ଶ୍ରମିକ ବର୍ଷା ଆସିବାରୁ ଏକ ମାଟିଖୋଲରେ ଆଶ୍ରୟ ନେଇଥିଲେ। କିନ୍ତୁ ବର୍ଷାରେ ସେହି ମାଟିଖୋଲ ଧସିଯାଇ ୨ ଜଣଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ବନ୍ଧୁଗାଁ ବ୍ଲକ ବଡ଼ସୋରପୋଲି ପଞ୍ଚାୟତ ମେକୋଡ଼ା ଗାଁ ଯିବା ରାସ୍ତା ଗୋଡାନି ନିକଟରେ ରହିଛି ଝଞ୍ଜାବତୀ ନଦୀ। ଏହା ନିକଟସ୍ଥ ଏକ ମାଟି ପାହାଡ଼ରୁ ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୫ଟା ବେଳେ ଟ୍ରାକ୍ଟରରେ ମାଟି ଲୋଡ୍ କରୁଥିଲେ ୩ ଜଣ ଶ୍ରମିକ। ସେହି ସମୟରେ ବର୍ଷା ହେବାରୁ ସେମାନେ ମାଟିଖୋଲ ଥିବା ସ୍ଥାନକୁ ପଶିଯାଇଥିଲେ। କିନ୍ତୁ ତାହା ଧସିଯିବା ଯୋଗୁ ରବୀନ୍ଦ୍ର କାଶି (୩୦) ଓ କିଶୋର ୱାଟାକା (୨୩)ଙ୍କ ମୃତ୍ୟୁ ହୋଇଥିଲା। ସେମାନେ ନୀଳାବାଡ଼ି ଗ୍ରାମର ବାସିନ୍ଦା। କ୍ରିଷ୍ଣା ୱାଟାକା (୨୩) ଏଥିରୁ ବର୍ତ୍ତିଯାଇଥିଲେ। ଟ୍ରାକ୍ଟର ଚାଳକଙ୍କ ସହ ୫ ଜଣ ସେଠାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ୪ ଜଣ ଅଗ୍ନିକ ଆସି ମୃତ ଶ୍ରମିକଙ୍କୁ ମାଟି ଭିତରୁ ବାହାର କରିଥିଲେ। ଟ୍ରାକ୍ଟର ମାଲିକ ବୋଡି ବଂଶୀ କୃଷ୍ଣ ବନ୍ଧୁଗାଁ ଥାନାରେ ଲିଖିତ ଏତଲା ଦେବା ପରେ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।



ମାଟି ଧସିଥିବା ସ୍ଥାନରୁ ମୃତ ଦେହ ଉଦ୍ଧାର କରାଯାଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜନମ, ମରଣ, ବରଷା;**
**ଏହା ନ ଜାଣେ ପୁରୁଷା ।**

ମଣିଷର ଜନ୍ମ, ମରଣ ଉପରେ କାହାର କର୍ତ୍ତୃତ୍ୱ ନ ଥାଏ। ବରଷା କେବେ ହେବ ସେ କଥା କହି ହୋଇ ନ ଥାଏ। ଏହି ତିନୋଟି ଅପ୍ରିୟ ସତ୍ୟର ଭବିଷ୍ୟବାଣୀ କରିବାକୁ ମଣିଷ ଅକ୍ଷମ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜଳଜଳା କାଠ ଜଳଇ ନାହିଁ,**
**ଥରେ ଜଳିଲେ ସେ ଲିଭଇ ନାହିଁ ।**

ସାଧାରଣତଃ ଜଳଜଳା କାଠକୁ ଜୁଇକାଠ ବୋଲି କୁହାଯାଇଥାଏ। ଏହି କାଠ କେବଳ ଶବଦାହ ବେଳେ ଆବଶ୍ୟକ ହେଉଥିବା ବେଳେ ଅନ୍ୟ କୌଣସି କାର୍ଯ୍ୟ ପାଇଁ ଏହାକୁ ବ୍ୟବହାର କରାଯାଇ ନ ଥାଏ। ପରୋକ୍ଷରେ ନିର୍ଲଜ୍ଜ ବ୍ୟକ୍ତି ପ୍ରତି ଏଭଳି ଉପମା ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଗାୟକ ମିକା ସିଂ ବାସନ୍ଦ



**ମୁମ୍ବାଇ,୧୪।୮ (ଆଇଏଏନ୍‌ଏସ୍):** ଦେଶବିରୋଧୀ କାର୍ଯ୍ୟ ପାଇଁ ଗାୟକ ମିକା ସିଂଙ୍କୁ ଭାରତରେ କୌଣସି କାର୍ଯ୍ୟକ୍ରମ ପ୍ରଦର୍ଶନ, ରେକର୍ଡିଂ, ପ୍ରଚ୍ଛଦପଟ ଗାୟନ ଏବଂ ଅଭିନୟ ଆଦି କରିବାକୁ ବାସନ୍ଦ କରାଯାଇଛି। ଦି ଫେଡେରେଶନ୍ ଅଫ୍ ୱେଷ୍ଟର୍ନ ଇଣ୍ଡିଆ ସିନେ ଏମ୍ପ୍ଲଇଜ (ଏଫ୍‌ଡବ୍ଲ୍ୟୁଆଇସିଇ) ପକ୍ଷରୁ ମିକାଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଉପରେ କଟକଣା ଜାରି କରାଯାଇଛି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଅନୁଚ୍ଛେଦ ୩୭୦କୁ ହଟାଇ ନିଆଯିବା ପରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ଅସ୍ଥିରତା ଲାଗିରହିଛି। ଏହି ସମୟରେ ପାକିସ୍ତାନରେ ଏକ କାର୍ଯ୍ୟକ୍ରମରେ ମିକା ସଂଗୀତ ପରିବେଷଣ କରିଥିଲେ। ପାକିସ୍ତାନର ଜଣେ ଖବରଦାତା ୩୦ ସେକେଣ୍ଡର ଏକ ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଟୁଇଟ୍ କରିବା ପରେ ମିକାଙ୍କ ଦେଶବିରୋଧୀ କାର୍ଯ୍ୟ ପଦାରେ ପଡ଼ିଯାଇଛି। ଅଗଷ୍ଟ ୫ପରେ ପାକିସ୍ତାନ ସହ ବିଭିନ୍ନ କଳାତ୍ମକ ଏବଂ ସାମାଜିକ ସମ୍ପର୍କ ଛିନ୍ନ କରିବାକୁ ଭାରତ କଠୋର ହୋଇଥିବା ସତ୍ତ୍ୱେ ମିକାଙ୍କର ସଂଗୀତ କାର୍ଯ୍ୟକ୍ରମ ପ୍ରଦର୍ଶନକୁ ଭାରତର କଳାକାର ଗୋଷ୍ଠୀ ପକ୍ଷରୁ ବିରୋଧ କରାଯାଇଛି। ଏ ସମ୍ପର୍କରେ ଏଫ୍‌ଡବ୍ଲ୍ୟୁଆଇସିଇ ପକ୍ଷରୁ ବୁଧବାର ଏକ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି, 'ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ପରଭେଜ ମୁଶରଫ୍‌ଙ୍କର ଜଣେ ସମ୍ପର୍କୀୟ ଝିଅଙ୍କ ବାହାଘର ଉତ୍ସବରେ ମିକା ସିଂଙ୍କ ସଂଗୀତ ପରିବେଷଣ କରିବା ଦ୍ୱାରା ଆମେ ଗଭୀର ଦୁଃଖିତ ଏବଂ ମର୍ମାହତ। ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗି ରହିବା ସହ ଦୁଇଦେଶର ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବାବେଳେ ମିକାଙ୍କ ଏଭଳି କାର୍ଯ୍ୟକ୍ରମ ଆଘାତସୃଷ୍ଟିକାରୀ ଏବଂ ଲଜ୍ଜାଜନକ।'

## ଓଡ଼ିଶା ପୋଲିସର ୩୬ ଜଣ ସମ୍ମାନିତ ହେବେ

**କଟକ ଅଫିସ, ୧୪।୮:** ଓଡ଼ିଶା ପୋଲିସର ୩୬ଜଣ ଅଧିକାରୀ ରାଷ୍ଟ୍ରପତି ପଦକ ପାଇବା ପାଇଁ ମନୋନୀତ ହୋଇଛନ୍ତି। ସ୍ୱାଧୀନତା ଦିବସ ଉପଲକ୍ଷେ ଏହି ଅଧିକାରୀଙ୍କୁ ମନୋନୀତ କରାଯାଇଥିବାବେଳେ ଆସନ୍ତା ୨୦୨୦ ସାଧାରଣତନ୍ତ୍ର ଦିବସରେ ଓଡ଼ିଶାର ରାଜ୍ୟପାଳ ସେମାନଙ୍କୁ ସମ୍ମାନିତ କରିବେ। ସେମାନଙ୍କ ମଧ୍ୟରୁ ୨୩ଜଣ ସାହସିକତା ଲାଗି ପୋଲିସ ମେଡ଼ାଲ ଓ ୨ଜଣ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ମେଡ଼ାଲ ପାଇବାକୁ ମନୋନୀତ ହୋଇଛନ୍ତି। ସେହିପରି ୧୧ଜଣ ଅଧିକାରୀ ପ୍ରଶଂସନୀୟ ସେବାଲାଗି ପୋଲିସ ମେଡ଼ାଲ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସାହସିକତା ଲାଗି ପୋଲିସ ମେଡ଼ାଲ ପାଇବାକୁ ମନୋନୀତ ହୋଇଥିବା ଅଧିକାରୀମାନେ ହେଲେ ଇନ୍ସପେକ୍ଟର ପ୍ରକାଶ କୁମାର କର୍ଣ୍ଣ, ଜ୍ୟୋତିରଞ୍ଜନ ପତି, ସବ୍‌ଇନ୍ସପେକ୍ଟର ସଚ୍ଚିଦାନନ୍ଦ ବରିହା, କନଷ୍ଟେବଳ ସୁଶିଲ ଦାଶ, ଆକାଶ ମହାପାତ୍ର, ଚନ୍ଦ୍ରମଣି ଭୋଇ, ସାମା ଧଙ୍ଗଡ଼ା ମାଝୀ, ଦିଲୀପ କୁମାର ଦନ୍ତ, ପ୍ରଶାନ୍ତ କୁମାର ବାରିକ, ଭୁବନ ସେଲମା, ସତ୍ୟନାରାୟଣ କଥର, ଚୈତନ୍ୟ କିର୍ସାଣୀ, ଘେନୁ ହନ୍ତାଳ, ସୁଧାଂଶୁ ଭୂପତି, ରୁକଧର ନେଗୀ, ହାବିଲଦାର ପ୍ରମୋଦ ବାର୍ଲା, ମିଥୁନ ପ୍ରଧାନ, ସନ୍ତୋଷ ଜୁଆଙ୍ଗ, ସୁବେଦାର ଆଶିଷ କୁମାର ସର୍କାର, ଲାମ୍ବନାୟକ ଶିବଶଙ୍କର ନାୟକ, ପବିତ୍ର ମୋହନ ନାୟକ, ପୋଲିସ ଅଧୀକ୍ଷକ କେ. ଶିବ ସୁବରମଣି ଓ ଜଗମୋହନ ମୀନା। ସେହିପରି ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ମେଡ଼ାଲ ପାଇବାକୁ ଥିବା ଅଧିକାରୀମାନେ ହେଲେ ଡିଏସ୍‌ପି ପ୍ରମୋଦ କୁମାର ରଥ ଓ ସହକାରୀ ସବ୍‌ଇନ୍ସପେକ୍ଟର ଶିବ ନାରାୟଣ ରଥ। ପ୍ରଶଂସନୀୟ ସେବାଲାଗି ପୋଲିସ ମେଡ଼ାଲ ପାଇବାକୁ ଥିବା ଅଧିକାରୀମାନେ ହେଲେ କନଷ୍ଟେବଳ ସନାତନ ସାହୁ, ପ୍ରଶାନ୍ତ କୁମାର ସାହୁ, ଦୁର୍ଗାପ୍ରସାଦ ହୋତା, ସବ୍‌ଇନ୍ସପେକ୍ଟର ସନ୍ତୋଷ କୁମାର ବାହିନୀପତି, ନିରଞ୍ଜନ ତ୍ରିପାଠୀ, ଇନ୍ସପେକ୍ଟର ସ୍ମିତାରାଣୀ ମହାନ୍ତି, ଭରତ ଚରଣ ସାହୁ, ରଜନୀକାନ୍ତ ସାମଲ, ଡିଏସ୍‌ପି ଇତି ଦାସ, ଏସିପି ମାନସ ରଞ୍ଜନ ଗଡ଼ନାୟକ ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁଜିତ କୁମାର ଦଳାଇ।

### ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲା
## ଶୁଣାଣି ଶେଷ, ରାୟ ସଂରକ୍ଷିତ

**କଟକ ଅଫିସ, ୧୪।୮:** ପାରାଦୀପ ସିୱେଜ୍ ସିପିଂ କମ୍ପାନୀ ପରିଚାଳକ ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ଜାମିନ ଆବେଦନର ଶୁଣାଣି ବୁଧବାର ହାଇକୋର୍ଟରେ ଶେଷ ହୋଇଛି। ବିଚାରପତି ଜଷ୍ଟିସ ଦେବବ୍ରତ ଦାଶ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ଏହି ମାମଲାରେ ଅଭିଯୁକ୍ତ ମିଶ୍ରଙ୍କ ପକ୍ଷରୁ ୧୬ଜଣ ସାକ୍ଷୀଙ୍କ ବୟାନ ରେକର୍ଡ଼ କରାଯାଇଥିଲା। ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ ଶିଳ୍ପପତି ମିଶ୍ରଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଏହି ମାମଲାରେ ଜାମିନ ପାଇଁ ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୭ ମେ ୧୬ରେ ହାଇକୋର୍ଟ ମିଶ୍ରଙ୍କୁ ଜାମିନ ମଞ୍ଜୁର କରିଥିଲେ। ମାତ୍ର ହାଇକୋର୍ଟଙ୍କ ଜାମିନ ଆଦେଶ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟକୁ ଯାଇଥିଲେ। ସୁପ୍ରିମକୋର୍ଟ ହାଇକୋର୍ଟ ଦେଇଥିବା ଜାମିନକୁ ଖାରଜ କରି ଦେଇଥିଲେ। ପରେ ମିଶ୍ର ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମହେନ୍ଦ୍ର ସ୍ୱାଇଁ ହତ୍ୟା ଘଟଣାରେ ମିଶ୍ରଙ୍କୁ ୨୦୧୬ ଡିସେମ୍ବରରେ ପୋଲିସ ବ୍ୟାଙ୍କକ୍‌ରୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ୨୦୧୬ ଅକ୍ଟୋବର ୨୬ରେ ମହେନ୍ଦ୍ରଙ୍କୁ ଦୁର୍ବୃତ୍ତମାନେ ଗୁଳିକରି ହତ୍ୟା କରିଥିଲେ। ଏ ନେଇ ମହେନ୍ଦ୍ରଙ୍କ ବଡ଼ଭାଇ ରାଜକିଶୋର ପାରାଦୀପ ଥାନାରେ ଅଭିଯୋଗ କରିଥିବାବେଳେ ମିଶ୍ରଙ୍କ ସମେତ ଓଡିଶା ଷ୍ଟିଭେଡର୍ସ ଲିମିଟେଡ୍(ଓଏସ୍‌ଏଲ୍)ର ଅନ୍ୟ ଅଧିକାରୀଙ୍କ ନାମରେ ଲୁକ୍‌ଆଉଟ୍ ସର୍କୁଲାର ଜାରି ହୋଇଥିଲା। ଏହି ମାମଲାରେ ପୋଲିସ ୧୬ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିବାବେଳେ ଏମାନଙ୍କ ମଧ୍ୟରୁ ୪ଜଣ ଏବେ ବି ଫେରାର ରହିଛନ୍ତି। ମିଶ୍ରଙ୍କ ପକ୍ଷରୁ ଜୟଦୀପ ପାଲ ମାମଲା ପରିଚାଳନା କରୁଛନ୍ତି।


# CLASSIFIED DISPLAY

**TARIFF — MORE SPACE • SAME PRICE — GST 5%**

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ALL EDITION - B/W (Everyday)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥାଇଟିସ୍,ଓଷ୍ଟିଓ ଆର୍ଥାଇଟିସ୍,ପାରାଲିସିସ୍,ସିଆଟିକା, ଅଣ୍ଟାବ୍ୟଥା,ଆଣ୍ଠୁବ୍ୟଥା,ଫ୍ରୋଜନ୍ ସୋଲଡର,ସ୍ପଣ୍ଡିଲୋସିସ୍,ମାଇଗ୍ରେନ୍, ସୋରିଆସିସ୍,ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ, 2% ସୁଧ, 40% ଛାଡ଼, ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠିକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା
୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର





**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।

-ଗୀତା



# ଫଟୋରେ ଖବର







ବୁଧବାର ହୀରାକୁଦ ଡ୍ୟାମରୁ ପ୍ରଥମ ବନ୍ୟା ଜଳ ନିଷ୍କାସନ ଦୃଶ୍ୟ ଦେଖିବାକୁ ଜନସାଧାରଣ ଯାଉଛନ୍ତି (ବାମ)। ଡ୍ୟାମ୍‌ରୁ ଜଳ ନିଷ୍କାସନ ପୂର୍ବରୁ ଜିଲାପାଳ ଶୁଭମ ସକସେନା ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି (ମଝି)। ସ୍ଲୁଇସ୍ ଗେଟ୍ ଖୋଲିବା ପୂର୍ବରୁ ଭଜନ ଗାନ କରାଯାଉଛି ।

# ଭିସୁଟ୍ କ୍ୟାମ୍ପସ ବାହାରେ ଆନ୍ଦୋଳନ

## ନିଲମ୍ବନ ନିର୍ଦ୍ଦେଶ ହଟାଇବାକୁ ଦସ୍ତଖତ

ସମ୍ବଲପୁର,୧୪ ।୮(ବ୍ୟୁରୋ)

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ (ଭିସୁଟ) ପରିସରରେ ଅଧ୍ୟାପକଙ୍କ ଆନ୍ଦୋଳନ ଅନ୍ତ ଘଟିଛି । ହେଲେ ବୁଧବାର ପୁଣି ଅଧ୍ୟାପକମାନେ ଭିସୁଟ କ୍ୟାମ୍ପସ ବାହାରେ ମୁଖ୍ୟ ଗେଟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନରେ ବସିଥିଲେ । ତେବେ ପୂର୍ବ ଭଳି ଅଧ୍ୟାପକଙ୍କ ସଂଖ୍ୟା ଦେଖା ଯାଇ ନ ଥିଲା । କାର୍ଯ୍ୟାନୁଷ୍ଠାନ ହେବା ପରେ ଅଧ୍ୟାପକଙ୍କ ଭିତରେ ଫାଟ ହୋଇଥିବା ନେଇ ଚର୍ଚ୍ଚା ହେଉଛି । ହେଲେ ନିଲମ୍ବିତ ହୋଇଥିବା ଅଧ୍ୟାପକମାନଙ୍କୁ ସମର୍ଥନ ଜଣାଇ ପୁନଃ ନିଯୁକ୍ତି ଦାବି କରିବାକୁ ଦସ୍ତଖତ କରାଯାଇଛି । ଅବଶ୍ୟ କୁଳପତି ଅନୁପସ୍ଥିତ ଥିବାରୁ ଏହି ଦାବିପତ୍ର ପ୍ରଦାନ କରାଯାଇ ନାହିଁ।

ସୂଚନାଯୋଗ୍ୟ ଯେ, ଜୁଲାଇ ୧୭ ତାରିଖଠାରୁ ଅଧ୍ୟାପକମାନେ କୁଳପତି ଅଟଳ ଚୌଧୁରୀଙ୍କୁ ହଟାଇବା ଓ ବିଭିନ୍ନ ଦାବି ନେଇ ଆନ୍ଦୋଳନ କରି ଆସୁଛନ୍ତି । ଏହାକୁ ନେଇ ଅଧ୍ୟାପକଙ୍କ ବିରୋଧରେ ୧୦ ତାରିଖ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ସଂଘ ସଭାପତି ପୁଷ୍ପରାଜ ଦାସଙ୍କୁ ବହିଷ୍କୃତ କରାଯାଇଛି। ସଂପାଦକ ପ୍ରଦୀପ ଦାସ ଓ ଉପସଭାପତି ପାଣ୍ଡବ ପାତ୍ରଙ୍କୁ ନିଲମ୍ବିତ କରାଯାଇଛି। ଏହା ସହ ୧୫ ଜଣ ଅଧ୍ୟାପକଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଛି। ବିଶ୍ୱ ବିଦ୍ୟାଳୟ ପରିସରରେ ବିଶୃଙ୍ଖଳା ସୃଷ୍ଟି କରିବା, ଅଧ୍ୟାପକଙ୍କୁ ପ୍ରଭାବିତ କରି ଆନ୍ଦୋଳନ କରିବା, କୁଳପତିଙ୍କ ବିରୋଧରେ ନାରାବାଜି କରିବା, ଗଣମାଧ୍ୟମ ଆଗରେ ଅନୁଷ୍ଠାନ ଓ କୁଳପତି ବିରୋଧରେ ମନ୍ତବ୍ୟ ଦେବା ଯୋଗୁ ଶିକ୍ଷାନୁଷ୍ଠାନର ଗାରିମା ଉପରେ ପ୍ରଭାବ ପଡୁଛି। ଆଡମିସନ ସମୟରେ ଏଭଳି କାର୍ଯ୍ୟ କରିବାରୁ ପିଲା ଓ ଅଭିଭାବକଙ୍କ ଉପରେ ପ୍ରଭାବ ପଡୁଛି । ଅଧ୍ୟାପକଙ୍କୁ ଶିକ୍ଷା ଦାନ କରିବା ଓ ଖାତା ଦେଖା କାର୍ଯ୍ୟ ରେ ବାଧା ଦିଆ ଯାଉଛି। ଏହିଭଳି କାରଣ ଯୋଗୁ ଆନ୍ଦୋଳନରତ ଅଧ୍ୟାପଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି ବୋଲି ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଦର୍ଶା ଯାଇଥିଲା।

# ପୀଡିତାଙ୍କୁ ୨ଲକ୍ଷର ସହାୟତା ପ୍ରଦାନ

ସମ୍ବଲପୁର,୧୪।୮(ବ୍ୟୁରୋ)

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ୩ଜଣ ପୀଡିତାଙ୍କ ଉତ୍ତରାଧିକାରୀଙ୍କୁ କ୍ଷତିପୂରଣ ବାବଦରେ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସମ୍ବଲପୁର ଦୌରା ଜଜ୍‌ଙ୍କ ଫୌଜଦାରୀ ମୋକଦ୍ଦମା ନମ୍ବର ୧୦୩/୧୩ର ୨୦୧୭ ଅକ୍ଟୋବର ୨୫ ତାରିଖ ଆଦେଶ ମତେ ମୃତକଙ୍କ ଉତ୍ତରାଧିକାରୀଙ୍କୁ କ୍ଷତିପୂରଣ ଦିଆଯାଇଛି। ଆଇନସେବା ପ୍ରାଧିକରଣ ଅଧକ୍ଷ ସନ୍ତୋଷ କୁମାର ଜେନା ସହାୟତା ରାଶି ପ୍ରଦାନ କରିଥିଲେ । ପ୍ରାଧିକରଣ ସଚିବ ଲିଲି ସେନାପତି ଉପସ୍ଥିତ ଥିଲେ।


## କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ., କେନ୍ଦ୍ରାପଡ଼ା

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟ ପରିସର ଅବିଭକ୍ତ କଟକ ଜିଲ୍ଲା ଯଥା-କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ।
- ସଞ୍ଚୟ ଜମା (Saving Collection Account) ରେ ବାର୍ଷିକ ୪.୦୦% ସୁଧ Daily Balance ଉପରେ ଦିଆଯାଏ।
- ସ୍ଥାୟୀ ଜମା (Fixed Deposit)ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାଷର୍କି ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୂର୍ଦ୍ଧ୍ୱ ପାଇଁ ୯.୦୦% ସୁଧ ଦିଆଯାଏ।
- ବିଜୁ ପଟ୍ଟନାୟକ ବିକାଶପତ୍ର @୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧିନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (Senior Citizen)ଙ୍କ ଜମା ଉପରେ ୦.୫% ଅଧିକ ସୁଧ ଦିଆଯାଏ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ ବିଭାଗ ଅଫିସ ସନ୍ନିକଟ କଜଳା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହନିର୍ମାଣ କାର୍ଯ୍ୟଆରମ୍ଭ।
- ଗ୍ରାହକମାନଙ୍କ ପାଇଁ ସମିତିରେ ଟଙ୍କା ଦେଣନେଣ କାରବାର ସମ୍ପୂର୍ଣ୍ଣ କରମୁକ୍ତ।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାନମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତସିଂହପୁର, ଯାଜପୁର ଟାଉନ୍, ରାହାମା, ଚୌଦ୍ୱାର, ଜଗତପୁର ଓ ବାଲିଚନ୍ଦ୍ରପୁରଠାରେ ଶାଖା ସୁଚାରୁରୂପେ କାର୍ଯ୍ୟ କରୁଅଛି।

ପ୍ରହ୍ଲାଦ ସାହୁ
ସମ୍ପାଦକ
ମୋ.- ୯୪୩୯୪୩୭୫୦୬

ପ୍ରମୋଦ ସାହୁ
ସଭାପତି
ମୋ.- ୯୪୩୭୧୮୩୧୯୯



## ପୂର୍ବ ତଟ ରେଳପଥ
## ସାର୍ବଜନିକ ନିଲାମ ବିକ୍ରି ବିଜ୍ଞପ୍ତି

ସଂ. C/SBP/Public Auction/Cement/BRGA/8/19 ତା.02.08.2019

ଏତଦ୍ଦ୍ୱାରା ରେଳବାଇ ଅଧିନିୟମ 1989 ର ଧାରା 83 ଏବଂ 84 ଅନୁଯାୟୀ ସୂଚିତ କରାଯାଉଅଛି କି, ବରଗଡ଼ ରୋଡ଼ ରେଳ ଷ୍ଟେସନ ଠାରେ ବର୍ତ୍ତମାନ ରେଳବାଇ ତତ୍ତ୍ୱାବଧାନରେ ପଡ଼ିଥିବା 309 ଗୋଟି ସିମେଣ୍ଟ ବ୍ୟାଗ୍‌ର ନିଲାମ ନିୟମ ଅନୁଯାୟୀ ନିମ୍ନଲିଖିତ ସ୍ଥାନ ଓ ସମୟରେ ପ୍ରକାଶ୍ୟ-ସହ-ଜଉମୁଦା ବିଡ଼ ପ୍ରଣାଳୀ ମାଧ୍ୟମରେ ସାର୍ବଜନିକ ନିଲାମ ଦ୍ୱାରା ନିକାଶ କରାଯିବ ।

**କନ୍‌ସାଇନ୍‌ମେଣ୍ଟର ବିବରଣୀ :** ବରଗଡ଼ ରୋଡ଼ ରେଳ ଷ୍ଟେସନ ଠାରେ ପଡ଼ିଥିବା 309 ଗୋଟି ସଲିଡ୍ ବ୍ରାଣ୍ଡ (Solid Brand) ସିମେଣ୍ଟ ବ୍ୟାଗଗୁଡ଼ିକର କନ୍‌ସାଇନ୍‌ମେଣ୍ଟ ।

**ନିଲାମ ସ୍ଥାନ :** ବରଗଡ଼ ରୋଡ଼ ରେଳ ଷ୍ଟେସନ ସ୍ଥିତ ଷ୍ଟେସନ ମ୍ୟାନେଜରଙ୍କ କାର୍ଯ୍ୟାଳୟ ।

**ସମୟ ସହିତ ନିଲାମ ତାରିଖ :** ତା.20.08.2019ରିଖ 1100 ଘଟିକାରେ ।

ଇଚ୍ଛୁକ ବିଡ଼ରମାନଙ୍କୁ ଉପର ବର୍ଣ୍ଣିତ ଅନୁଯାୟୀ କନ୍‌ସାଇନ୍‌ମେଣ୍ଟର ଆବଶ୍ୟକୀୟ ଯାଞ୍ଚ ନିମନ୍ତେ ଦିନ ବେଳେ ଉକ୍ତ ସ୍ଥାନ ତଦାରଖ କରିପାରିବେ । କୌଣସି କାରଣ ନ ଦର୍ଶାଇ ନିଲାମକୁ ବାତିଲ୍ କରିବା କିମ୍ବା କୌଣସି କିମ୍ବା ସମସ୍ତ କନ୍‌ସାଇନ୍‌ମେଣ୍ଟକୁ ପ୍ରତ୍ୟାହାର କରି ନେବାର ଅଧିକାର ରେଳୱେ ନିକଟରେ ସୁରକ୍ଷିତ ଅଟେ । ନିଲାମ ସମ୍ବନ୍ଧୀୟ ସବିଶେଷ ବିବରଣୀ ବରଗଡ଼ ରୋଡ଼ ରେଳ ଷ୍ଟେସନ ଠାରେ ଉପଲବ୍ଧ ହେବ ।

PR-291/K/19-20 ସହାୟକ ବାଣିଜ୍ୟ ପ୍ରବନ୍ଧକ-II, ସମ୍ବଲପୁର


# ଜିଲାସ୍ତରୀୟ ରକ୍ଷାବନ୍ଧନ ମହୋତ୍ସବ

ସମ୍ବଲପୁର,୧୪।୮(ବ୍ୟୁରୋ)

ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ରକ୍ଷାବନ୍ଧନ ମହୋତ୍ସବ ବୁଧବାର ରାତିରେ ସ୍ୱାଧୀନତା ସଂଗ୍ରାମ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟସଭା ଏମ୍‌ପି ପ୍ରସନ୍ନ କୁମାର ଆଚାର୍ଯ୍ୟ, ସମ୍ବଲପୁର ଲୋକସଭା ଏମ୍‌ପି ନିତେଶ ଗଙ୍ଗଦେବ, ଆଇଆଇଏମ ସମ୍ବଲପୁର ନିର୍ଦ୍ଦେଶକ ଡ. ମହାଦେଓ ଜୟସ୍ୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ଷାବନ୍ଧନର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ । ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେନ୍ଦ୍ର ମୁଖ୍ୟ ପରିଚାଳିକା ରାଜଯୋଗିନୀ ବ୍ରହ୍ମକୁମାରୀ ପାର୍ବତୀ ରକ୍ଷାବନ୍ଧନ, ଭାଇ ଭଉଣୀର ସମ୍ପର୍କ, ମଥାରେ ତିଳକ ଲେପନ ବିଷୟରେ ବୁଝାଇଥିଲେ । ବ୍ରହ୍ମକୁମାରୀ ଆରତୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସେହିପରି ବ୍ରହ୍ମକୁମାରୀ ଦୀପା ଧନ୍ୟବାଦ ଅର୍ପଣ କରିଥିଲେ । ଉପସ୍ଥିତ ସମସ୍ତ ଭାଇ ଓ ଭଉଣୀମାନଙ୍କୁ ବ୍ରହ୍ମକୁମାରୀ ପକ୍ଷରୁ ରାଖୀ ବନ୍ଧା ଯାଇଥିଲା । ଅର୍ପିତା ବେହେରା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ।



ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ରକ୍ଷା ବନ୍ଧନ ଉତ୍ସବକୁ ଅତିଥିମାନେ ବୁଧବାର ଶୁଭାରମ୍ଭ କରୁଛନ୍ତି ।

# 'ଭାରତର ସ୍ୱାଧୀନତା ଆନ୍ଦୋଳନ' ଶୀର୍ଷକ କୁଇଜ୍ ପ୍ରତିଯୋଗିତା

ସମ୍ବଲପୁର, ୧୪।୮ (ବ୍ୟୁରୋ)

ବୁଢ଼ାରଜା ସରକାରୀ ହାଇସ୍କୁଲଠାରେ ସେତୁ ପକ୍ଷରୁ 'ଭାରତର ସ୍ୱାଧୀନତା ଆନ୍ଦୋଳନ' ଶୀର୍ଷକ କୁଇଜ ପ୍ରତିଯୋଗିତାକୁ ସେତୁ ସମ୍ପାଦକ ଡା. ସନ୍ତୋଷ କୁମାର ଦାଶ, କୁଇଜ ମାଷ୍ଟର ଓ ଶଙ୍କର ପ୍ରସାଦ ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ଏଥିରେ ସମ୍ବଲପୁର, ବୁର୍ଲା ଓ ହୀରାକୁଦରୁ ୩୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଶ୍ରୀଗଣେଷ ସରକାରୀ ହାଇସ୍କୁଲ ପ୍ରଥମ, ବାଲିବନ୍ଧା ସରକାରୀ ବାଳିକା ହାଇସ୍କୁଲ ଦ୍ୱିତୀୟ ଓ ବୁଢ଼ାରଜା ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଯୁଗ୍ମ ସମ୍ପାଦକ ଅଶୋକ କୁମାର ମିଶ୍ର, ସେତୁ ସଭ୍ୟ ପ୍ରସନ୍ନ ମିଶ୍ର, ପ୍ରଫୁଲ୍ଲ କୁମାର ହୋତା, ହୃଷୀକେଶ ପୂଜାରୀ, ଉଦିତ ଚନ୍ଦ୍ର ପାଢ଼ୀଯୋଶୀ, ଯଶୋବନ୍ତ ସାହୁ, ବିଦ୍ୟାନ୍ନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଯୁଗ୍ମ ସମ୍ପାଦକ ହରିନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଏମ୍‌ୟୁରେ ଫି ବୃଦ୍ଧି ପ୍ରସଙ୍ଗ

# କୁଳପତିଙ୍କ ସହ ଛାତ୍ରୀଛାତ୍ରଙ୍କ ଆଲୋଚନା ପରେ କମିଲା

ସମ୍ବଲପୁର,୧୪।୮(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଫି ବୃଦ୍ଧିକୁ ନେଇ ଅସନ୍ତୁଷ୍ଟ ଛାତ୍ରୀଛାତ୍ରୀ ବୁଧବାର କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କ ସହ ଆଲୋଚନା କରିଛନ୍ତି। ଉପ କୁଳସଚିବ ଉମାଚରଣ ପତି, ପରୀକ୍ଷା ବିଭାଗ ମୁଖ୍ୟ ହେମନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଆଲୋଚନା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନେଇଥିବା ନିଷ୍ପତ୍ତିରୁ ଓହରିଛନ୍ତି। ଛାତ୍ରୀଛାତ୍ରଙ୍କ କଥା ରହିଛି। ଶୁଭମ୍ ସାହୁ, ସୌମ୍ୟ ପାଣିଗ୍ରାହୀ, ଶୁଭ୍ରାଂଶୁ ସାଲେମା, ସୌରଭ ସିହ୍ନା, ଶ୍ରୀଚନ୍ଦନ ସାହୁ, ଚିଣ୍ଟୁ ଭୋଇ, ଛନ୍ଦା ଭୋଇ, ଜିତୁ ଚାନ୍ଦ, ରାଜନ ବିଶ୍ୱାଳ, ସୁଗମ ମିଶ୍ର, ଶ୍ୱେତାଂଶୁ ବରାଇ, ସ୍ୱରାଜ ମିଶ୍ର, ରାଜଗୋପାଳ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଫି ବୃଦ୍ଧି ନିଷ୍ପତ୍ତିରୁ ଓହରିବା ଓ ଅନ୍ୟାନ୍ୟା ଦାବି ନେଇ ଛାତ୍ରୀଛାତ୍ର ଜୁଲାଇ ୩୦ ତାରିଖ ଆନ୍ଦୋଳନ କରିଥିଲେ।

# କାନ୍ଥ ଭୁଶୁଡ଼ି ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ରେଙ୍ଗାଲି,୧୪।୮(ଡି.ଏନ.ଏ.)

ସମ୍ବଲପୁର ଜିଲା ଠେଲକଲୋଇ ଥାନା ଅନ୍ତର୍ଗତ ଲପଙ୍ଗା ବଂଶୀମାଲଠାରେ କାନ୍ଥ ଭୁଶୁଡ଼ି ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଗୁରୁତର ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗତ ଦୁଇଦିନ ହେଲା ରେଙ୍ଗାଲି ବ୍ଲକରେ ଲଗାଣ ବର୍ଷା ଲାଗି ରହିଛି। ବୁଧବାର ଲପଙ୍ଗା ବଂଶୀମାଲ ଗ୍ରାମର ଡୋଲାମଣି ମେହେର ଏବଂ ତାଙ୍କ ସ୍ତ୍ରୀ ପୂର୍ଣ୍ଣିମା ମେହେର ଘରେ ଥିବା ବେଳେ ଘରର କାନ୍ଥ ତାଙ୍କ ଉପରେ ପଡ଼ିଯାଇଥିଲା। ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ପୂର୍ଣ୍ଣିମାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଡୋଲାମଣିଙ୍କ ଗୋଡ଼ ଭାଙ୍ଗିଯାଇଥିବାରୁ ସେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

# ସ୍କୁଲସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା

ସମ୍ବଲପୁର,୧୪।୮(ବ୍ୟୁରୋ)

ହୀରାକୁଦ ନିକଟସ୍ଥ ମହମ୍ମଦପୁର ନୋଡାଲ ହାଇସ୍କୁଲ ପରିସରରେ ସ୍କୁଲସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। 'ଯୌନ ଆଧାରିତ ଶିକ୍ଷାର ଆବଶ୍ୟକତା, ବିଦ୍ୟାଳୟ ପାଠ୍ୟକ୍ରମରେ ଜରୁରୀ ଠିକ୍ କି ଭୁଲ୍' ଶୀର୍ଷକ ପ୍ରତିଯୋଗିତା ହୋଇଥିଲା । ଏଥିରେ ୧୬ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ ।


## ପୂର୍ବ ତଟ ରେଳପଥ
## ଭଡ଼ା ସୂତ୍ରରେ ଗାଡ଼ି

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2019-11, ତା: 06.08.2019

**କାର୍ଯ୍ୟର ନାମ :** 03 (ତିନି) ବର୍ଷ ଅବଧି ନିମନ୍ତେ ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ସମ୍ବଲପୁରଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ନିମନ୍ତେ ଚୁକ୍ତି ଭିତ୍ତିରେ ଗୋଟିଏ ସଡ଼କ ଗାଡ଼ି ଭଡ଼ା ସୂତ୍ରରେ ନେବା ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** ₹ 13,58,089/-, EMD (ଟଙ୍କାରେ) : ₹ 27,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 2,360/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.08.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

PR-288/K/19-20 ମଣ୍ଡଳ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ/ ସମ୍ବଲପୁର



## ପୂର୍ବ ତଟ ରେଳପଥ
## ବୈଦ୍ୟୁତିକ କାର୍ଯ୍ୟ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. BBS-EL-C-T-316E, ତା: 07.08.2019

**କାର୍ଯ୍ୟର ନାମ :** "ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଲେଭେଲ କ୍ରସିଙ୍ଗ୍ ନଂ.JT-1, JT-2, JT-25, JT-26 ଏବଂ JT-60 ପରିବର୍ତ୍ତେ ରୋଡ଼ ଓଭର ବ୍ରିଜ୍ (ROB)ର ପ୍ରଚଳନ ସମ୍ବନ୍ଧୀୟ ରୂପାନ୍ତରଣ କାର୍ଯ୍ୟ ସହିତ 25KV OHE ର ଡିଜାଇନ୍, ଯୋଗାଣ, ଉତ୍ଥାପନ (Erection), ପରୀକ୍ଷଣ ଏବଂ ସମ୍ପାଦନ (Commissioning) ।"

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** ₹ 77.77 ଲକ୍ଷ, EMD (ଟଙ୍କାରେ) : ₹ 1,55,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 06(ଛଅ)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.08.2019ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

PR-36/CC/19-20 ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ ଭୁବନେଶ୍ୱର



No.: 39-L

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

# କାଳିଆ

## ଗ୍ରାମ ପଞ୍ଚାୟତ ସ୍ତରରେ କାଳିଆ ହିତାଧିକାରୀ ତାଲିକା ଯାଞ୍ଚ ପ୍ରକ୍ରିୟା

**୨୭ ଅଗଷ୍ଟ, ୨୦୧୯ ପର୍ଯ୍ୟନ୍ତ ବଳବତ୍ତର ରହିବ**

- କାଳିଆ ଯୋଜନାରେ ସହାୟତା ରାଶି ପାଇଥିବା କିମ୍ବା ଦରଖାସ୍ତ କରି ଚୟନ ହୋଇନଥିବା ସମସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକ ହିତାଧିକାରୀଙ୍କ ତାଲିକା ପ୍ରତି ପଞ୍ଚାୟତର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟରେ ୨୭ ଅଗଷ୍ଟ ୨୦୧୯ ପର୍ଯ୍ୟନ୍ତ ପଞ୍ଚାୟତ ସ୍ତରୀୟ କମିଟି ଦ୍ୱାରା ଯାଞ୍ଚ କାର୍ଯ୍ୟ ଚାଲୁରହିବ ।
- ଏହି ଯାଞ୍ଚରେ କାଳିଆ ସହାୟତା ପାଇଥିବା ତାଲିକାରୁ କାଳିଆ ମାନଦଣ୍ଡ ବ୍ୟବହାର କରି ଯୋଗ୍ୟ ଅଯୋଗ୍ୟ ହିତାଧିକାରୀ ଚୟନ ଓ ବାଦ୍ ଦିଆଯିବ ।
- କମ୍ ହିତାଧିକାରୀ ଥିବା ନିର୍ଦ୍ଦିଷ୍ଟ ପଞ୍ଚାୟତରେ କାଳିଆ ଦରଖାସ୍ତ ଫର୍ମ ଗ୍ରହଣ ଓ ଅନ୍ୟ ସମସ୍ତ ପଞ୍ଚାୟତରେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବାର ବ୍ୟବସ୍ଥା ଏହି ସମୟ ମଧ୍ୟରେ ଚାଲୁ ରହିବ ।

ଏ ସମ୍ବନ୍ଧୀୟ କୌଣସି ପ୍ରକାର ପ୍ରଶ୍ନର ଉତ୍ତର ପାଇବା ପାଇଁ ଚାଷୀଭାଇମାନେ ନିମ୍ନୋକ୍ତ ସଂଯୋଗ ହେଲ୍ପ ଲାଇନ୍ ଟୋଲ୍ ଫ୍ରି ନମ୍ବର ବ୍ୟବହାର କରନ୍ତୁ ।

ଜୀବିକା ଓ ଆୟ ବୃଦ୍ଧି ନିମିତ୍ତ କୃଷକଙ୍କୁ ସହାୟତା | କୃଷକ ସଶକ୍ତିକରଣ ଦିଗରେ ଏକ ଅଭିନବ ପଦକ୍ଷେପ

www.kalia.co.in

କାଳିଆ ହେଲ୍ପ ଲାଇନ୍

୧୮୦୦ ୩୪୫୬ ୭୭୦ / ୧୫୫୩୩୫ (ସମୟ ସକାଳ ୬ ଘଣ୍ଟାରୁ ରାତ୍ର ୧୦ ଘଣ୍ଟା ପର୍ଯ୍ୟନ୍ତ)

01034/11/0012/1920



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



**ସଂକ୍ଷେପରେ**

## ସାମୂହିକ ଗାଇବେ ଗଙ୍ଗାଧର କାବ୍ୟ

**ବରଗଡ଼ ଅଫିସ୍,୧୪।୮:** ବରଗଡ଼ ଜିଲା ଶିକ୍ଷା ସାହିତ୍ୟ ସଂସ୍କୃତି ସଂସଦ ଆନୁକୂଲ୍ୟରେ ଆସନ୍ତା ଗଙ୍ଗାଧର ଜୟନ୍ତୀ ପାଳନ ପାଇଁ ବୁଧବାର ସ୍ଥାନୀୟ ଜର୍ଜ ହାଇସ୍କୁଲ ସଭାକକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସହରର ବିଭିନ୍ନ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକମାନେ ଉପସ୍ଥିତ ଥିଲେ । ଆସନ୍ତା ୨୧ତାରିଖରେ ଜିଲାସ୍ତରୀୟ ଗଙ୍ଗାଧର ମେହେର ଜୟନ୍ତୀ ପାଳନ କରାଯିବ ଏବଂ ପ୍ରତି ବ୍ଲକରୁ ଗଙ୍ଗାଧର କାବ୍ୟରୁ କବିତା ଆବୃତ୍ତି, ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ କରି ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ପୁରସ୍କୃତ କରାଯିବ ବୋଲି ସ୍ଥିର କରାଯାଇଥିଲା । ସେହିପରି ଜିଲାର ପ୍ରତ୍ୟେକ ପ୍ରାଥମିକ ସ୍କୁଲ ଓ ହାଇସ୍କୁଲର ସମୁଦାୟ ପ୍ରାୟ ଅଢ଼େଇ ଲକ୍ଷ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଆସନ୍ତା ୨୧ତାରିଖ ଦିନ ୮ଟା ସମୟରେ ସାମୂହିକ ଭାବେ ଗଙ୍ଗାଧର କାବ୍ୟରୁ ସଙ୍ଗୀତ ଗାନ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ ସାହୁ ଉପସ୍ଥିତ ଥିବାବେଳେ ବିରେନ୍ଦ୍ର ଦାଶ, ସଦାନନ୍ଦ ଜାଲ, ପରିତୋଷ ବେହେରା ପ୍ରମୁଖ ସଭା ପରିଚାଳନା କରିଥିଲେ । ଡଃ ଡୋଲାମଣି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବର୍ଷା ବିପ୍ଳାତ, ୬ ବ୍ଲକ ପ୍ରଭାବିତ

**ବରଗଡ଼ ଅଫିସ୍,୧୪।୮**

ବରଗଡ଼ ଜିଲାରେ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ହୋଇଥିବା ବର୍ଷାରେ ଜିଲାର ବିଭିନ୍ନ ଅଞ୍ଚଳ ପ୍ରଭାବିତ ହୋଇଛି। ମାଟିଘର ଭାଙ୍ଗିପଡ଼ି ଥିବାବେଳେ କେତେକ ସ୍ଥାନରେ ରାସ୍ତା, ପୋଲ, ଚେକ୍‌ଡ୍ୟାମ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସେହିପରି ନଇକୂଳିଆ ତଥା ଚେକ୍‌ଡ୍ୟାମ ପାଖରେ ରହିଥିବା ଚାଷଜମି ବାଲିଚର ହୋଇପଡ଼ି ଥିବାବେଳେ ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିବା ଯୋଗୁ ଲୋକଙ୍କୁ ହଟହଟା ହେବାକୁ ପଡ଼ିଛି ।

ସରକାରୀ ଆକଳନ ଅନୁସାରେ ଲଗାଣ ବର୍ଷାରେ ଜିଲାର ୬ଟି ବ୍ଲକ ଅର୍ଥାତ ବରପାଲି, ବରଗଡ଼, ଅତାବିରା, ବିଜେପୁର, ପଦ୍ମପୁର ଓ ସୋହେଲା ବ୍ଲକ ପ୍ରଭାବିତ ହୋଇଛି। ସେଥିମଧ୍ୟରେ ୩୪ଟି ପଞ୍ଚାୟତର ୬୭ଟି ଗ୍ରାମ ଏବଂ ବରଗଡ଼ ପୌରାଞ୍ଚଳର ୪ଟି ୱାର୍ଡ଼ ରହିଛି। ଉକ୍ତ ଅଞ୍ଚଳର ସମୁଦାୟ ୩୯୬ଜଣ ପ୍ରଭାବିତ ହୋଇଛନ୍ତି । ସେହିପରି ପ୍ରାୟ ୩୦ହେକ୍ଟର ଜମି ପ୍ରଭାବିତ ହୋଇଥିବାବେଳେ ୫ଟି ଘର ସମ୍ପୂର୍ଣ୍ଣ ଓ ୯୮ଟି ଘର ଆଂଶିକ ଭାଙ୍ଗି ପଡ଼ିଛି। ଏହା ସହିତ ଚକରକେନ୍ଦ ଧୁବଘାଟ ଚେକଡ୍ୟାମ, ଫ୍ରେଜରପୁରଠାରୁ କଲୋନୀ ପଡ଼ା ରାସ୍ତାର ପୋଲ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପଟେ ବେସରକାରୀ ଭାବେ କ୍ଷୟକ୍ଷତି ଆହୁରି ଅଧିକ ହେବ ବୋଲି ଲୋକେ ଅଭିଯୋଗ କରିଛନ୍ତି। ସାହାଜବାହାଲଠାରୁ ବୁଧିଆପାଲିକୁ ଯାଇଥିବା ରାସ୍ତାର ଏକ ପୋଲ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହୋଇଛି। ୧କୋଟି ୧୩ଲକ୍ଷ ୯୯ହଜାର ବ୍ୟୟ ଅଟକଳରେ ନିର୍ମିତ ରାସ୍ତାରେ ଥିବା ଏହି ପୋଲ ଆଂଶିକ ଧୋଇ ହୋଇଯାଇଛି। ଫଳରେ ସମ୍ପୃକ୍ତ ଅଞ୍ଚଳକୁ ଯାତାୟାତ ମଧ୍ୟ ପ୍ରଭାବିତ ହୋଇଥିବା ସୂଚନା ମିଳିଛି। ଏହା ସହିତ ଅନ୍ୟ କେତେକ ଅଞ୍ଚଳରେ ରାସ୍ତା, ପୋଲ ଏଭଳି କ୍ଷତିଗ୍ରସ୍ତ ହୋଇପଡ଼ି ଥିବାବେଳେ ବରଗଡ଼ ସହରରୁ ଅମ୍ଭାପାଲି ଯିବା ବାଟରେ ଜିରା ନଦୀରେ ନିର୍ମିତ ଫେୟାର ୱେଦର ରାସ୍ତା ବନ୍ୟାଜଳରେ ଧୋଇ ହୋଇଯାଇ ଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ଗମନାଗମନରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ସାହାଜବାହାଲ-ବୁଧିଆପାଲି ରାସ୍ତାରେ କ୍ଷତିଗ୍ରସ୍ତ ପୋଲ ।

- ପୋଲ, ଚେକ୍‌ଡ୍ୟାମ କ୍ଷତିଗ୍ରସ୍ତ
- ୧୦୩ଟି ମାଟି ଘର ଭାଙ୍ଗିଛି
- ୩୦ ହେକ୍ଟର ଚାଷଜମି ପ୍ରଭାବିତ

ବରଗଡ଼ ଜିଲା



୨୬ ନଂ ରାଜପଥରେ ଖାଲ ସୃଷ୍ଟି ହୋଇଛି।

## ୨୬ ନମ୍ବର ରାଜପଥ ମରଣଯନ୍ତା

**ବରପାଲି, ୧୪।୮ (ଡି.ଏନ.ଏ)**

ବରପାଲିରୁ ସିଧାସଳଖ ସଂଯୋଗ କରୁଥିବା ବଲାଙ୍ଗୀର ୨୬ନମ୍ବର ରାଜପଥ ବିପଦ ସଙ୍କୁଳ ହୋଇପଡ଼ିଛି। ଏହି ରାସ୍ତା ଦେଇ ପ୍ରତ୍ୟେହ ଶହ ଶହ ଯାନବାହନ ଓ ଯାତ୍ରୀବାହୀ ବସ ଚଳାଚଳ କରୁଛି । ମାତ୍ର କିଛି ଦିନ ହେଲା ଶ୍ରୀକୃଷ୍ଣ କପଡା ଦୋକାନ ସମ୍ମୁଖ ରାସ୍ତା ଉପରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇ ବର୍ଷାପାଣି ଜମି ରହୁଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଛୋଟ ଛୋଟ ଦୁର୍ଘଟଣା ମଧ ଘଟୁଛି। କୌଣସି ସତର୍କ ସୂଚନା ନ ଥିବାରୁ ସଚେତନତା ପାଇଁ ଲୋକେ ରାସ୍ତା ଉପରେ ଲାଲ ଝଣ୍ଡା ରଖିଛନ୍ତି । ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



ଗିରଫ ଅଭିଯୁକ୍ତମାନେ ।

## ଜୁଆ ଆଡ୍ଡାରେ ଚଢ଼ାଉ: ୪ ଗିରଫ

**ପଦ୍ମପୁର, ୧୪।୮ (ଡି.ଏନ.ଏ)**

ପଦ୍ମପୁର ଥାନା ଅଧୀନ ବରିକେଲ ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନ ହେଲେ ବରିକେଲ ଗ୍ରାମର ବାଳକୃଷ୍ଣ ସାହୁ, ସୁଶୀଲ ମେହେର, ଦୋଳ ମେହେର, ଜନ ମେହେର। ସେମାନଙ୍କଠାରୁ ୩୬୧୦ ଟଙ୍କା ଜବତ କରାଯାଇଛି। ଥାନା ଅଧିକାରୀ ମାନସ ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଏହି ଚଢାଉ କରିଥିଲା।

# ପ୍ରତିଶ୍ରୁତି ମିଳିଲା, ଅନଶନ କରିବେନି ଜିଲା ପରିଷଦ ଅଧ୍ୟକ୍ଷା

**ବରଗଡ଼ ଅଫିସ୍,୧୪।୮**

ବରଗଡ଼ ଜିଲାରେ କୁଚିଆ ମଦ ବେପାର ବନ୍ଦ କରିବା ଦାବି ନେଇ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ସ୍ୱାଧୀନତା ଦିବସରେ ଅନଶନ କରିବାକୁ ଚେତାବନୀ ଦେଇଥିଲେ। ସ୍ୱାଧୀନତା ଦିବସର ଦିନକ ପୂର୍ବରୁ ଅର୍ଥାତ୍ ବୁଧବାର ଜିଲା ପରିଷଦ ଅଧ୍ୟକ୍ଷା ସାହୁଙ୍କ ସମେତ ଭାଜପାର ଏକ ପ୍ରତିନିଧି ଦଳ ଜିଲାପାଳ ଅଫିସକୁ ଆସି ଅତିରିକ୍ତ ଜିଲାପାଳ ତଥା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତଙ୍କ ସହିତ ଆଲୋଚନା କରିବା ପରେ ଅନଶନକୁ ସ୍ଥଗିତ କରିଛନ୍ତି। ଆସନ୍ତା ୧୦ଦିନ ମଧ୍ୟରେ ଦାବି ପୂରଣ କରା ନ ଗଲେ ଅନଶନ କରିବେ ବୋଲି ଜିଲା ପରିଷଦ ଅଧ୍ୟକ୍ଷା ସାହୁ କହିଛନ୍ତି। ପ୍ରକାଶ ଯେ, ରାଜ୍ୟ ସରକାର ମଦ ବ୍ୟବସାୟୀଙ୍କ ପାଇଁ ପୁରସ୍କାର ଘୋଷଣା କରିବା ପରେ ବିରୋଧୀ ଭାଜପା ମଦ କାରବାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲା। ଏହି କ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ସାହୁ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଓ ଏସ୍‌ପି ମୁକେଶ କୁମାର ଭାମୁଙ୍କୁ ସ୍ମାରକପତ୍ର ପ୍ରଦାନ କରି ଜିଲାରେ ଚାଲିଥିବା କୁଚିଆ ମଦ ବେପାର ବନ୍ଦ କରିବାକୁ ଦାବି କରିଥିଲେ। ଦାବି ପୂରଣ କରା ନ ଗଲେ ସ୍ୱାଧୀନତା ଦିବସରେ ସେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଥିଲେ। ଅନ୍ୟପଟେ ବୁଧବାର ଜିଲା ପରିଷଦ ଅଧ୍ୟକ୍ଷା ସାହୁଙ୍କ ସମେତ ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ଜିଲା ଉପସଭାପତି ଅଶୋକ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ପ୍ରୀତମ ସିଂ, ମହିଳା ମୋର୍ଚ୍ଚା ସଭାନେତ୍ରୀ ମୀନା ସରାଫ, ଜିଲା ସମ୍ପାଦିକା କେ. ସରସ୍ୱତୀ, ସୁନନ୍ଦା ମେହେର ପ୍ରମୁଖ ଜିଲାପାଳ ଅଫିସ ଆସିଥିଲେ। ଅତିରିକ୍ତ ଜିଲାପାଳ ତଥା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଉତଙ୍କ ସହିତ ସେମାନେ କୁଚିଆ ମଦ ବନ୍ଦ ଦାବି ନେଇ ଆଲୋଚନା କରିଥିଲେ। ଆଲୋଚନା ବେଳେ ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ରାଉତ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅନଶନକୁ ସ୍ଥଗିତ ରଖାଯାଇଛି ବୋଲି ଜିଲା ପରିଷଦ ଅଧ୍ୟକ୍ଷା ସାହୁ ପ୍ରକାଶ କରିଛନ୍ତି ।



ଜିଲାପାଳ ଅଫିସ ଆସିଥିବା ଜିଲା ପରିଷଦ ଅଧ୍ୟକ୍ଷା ଓ ଅନ୍ୟମାନେ।

## ଜ୍ଞାନ ବିଜ୍ଞାନ ମେଳାରେ ୮୨ ପ୍ରକଳ୍ପ

**ଗାଇସିଲେଟ୍,୧୪।୮(ଡି.ଏନ.ଏ)**

ବରଗଡ଼ ଜିଲା ଗାଇସିଲେଟ୍‌ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରୁ ୩୨ଟି, ଶିଶୁବର୍ଗରୁ ୨୫ଟି, ବାଳବର୍ଗରେ ୧୮ଟି ଏବଂ କିଶୋର ବର୍ଗରେ ୭ଟି ପ୍ରକଳ୍ପ ରହିଥିଲା। ବିଜ୍ଞାନ ପ୍ରମୁଖ ଅରକ୍ଷିତ ସାହୁ ଓ ବରିଷ୍ଠ ଗୁରୁଜୀ ଜଗନ୍ନାଥ ପୁଟେଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡଃ ସୁନୀଲ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ମେଳାରେ ଶ୍ରୀଷ୍ଟି ସୁହାନା ପଣ୍ଡା, ଲୋକେଶ ସାହୁ, ଶ୍ରୀୟମ ଶତପଥୀ, ଅଭିଜ୍ଞାନ ପଣ୍ଡା, ପୁଷ୍ପାରାଣୀ ଉନସନା, ପ୍ରିୟଦର୍ଶନୀ ସାହୁ, ଅଭିଷେକ ଶ୍ରୀବାସ୍ତବ ପାଣିଗ୍ରାହୀ, ସମୀକ୍ଷା ଦାଶ, ପିୟୁଷ କୁମାର ପୋଢ଼, ବିଜୟିନୀ ସାହୁ, କିରଣମୟୀ ଭୋଇ, ଆଦର୍ଶ ଯୋଷୀ ପ୍ରମୁଖ କୃତିତ୍ୱ ଅର୍ଜନ କରିଥିଲେ। ବିଜ୍ଞାନ ଶିକ୍ଷକ ନିରୋଜ କୁମାର ପାଢ଼ୀ, ମୋହନ ରଣା, ଦାମୋଦର ସାହୁ, ମନୋରଞ୍ଜନ ପାଣିଗ୍ରାହୀ, ଛେଳିଆ ପୋଢ଼, କୁନା ସେଠ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ପୁରସ୍କାର ବିତରଣୀ ସମାରୋହରେ ମୋହନ ରଣା, ଦୁର୍ଗା ପ୍ରସାଦ ତ୍ରିବେଦୀ, ପ୍ରଧାନ ଆଚାର୍ଯ୍ୟ ଅଶ୍ୱିନୀ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଗୁରୁମା ସରୋଜିନୀ ପଟେଲ ମଞ୍ଚ ପରିଚାଳନା ଓ ପ୍ରେମରାଜ ମଟାରୀ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ଜ୍ଞାନ ବିଜ୍ଞାନ ମେଳାର କୃତୀ ଛାତ୍ରୀଛାତ୍ରମାନେ।

# ଲଗାଣ ବର୍ଷା ଯୋଗୁ ଯାତ୍ରୀ ହଟହଟା

**ବରଗଡ଼ ଅଫିସ୍,୧୪।୮**

ବରଗଡ଼ ଜିଲାରେ ଗତ ଦୁଇଦିନ ଧରି ହୋଇଥିବା ଲଗାଣବର୍ଷାରେ ଜୀବନଯାତ୍ରା ବ୍ୟାହତ ହୋଇପଡ଼ିଛି। ଏଥିରେ ଯାତ୍ରୀମାନେ ମଧ୍ୟ ବାଦ୍ ପଡ଼ିନାହାନ୍ତି। ବର୍ଷାରେ ବିଭିନ୍ନ ସ୍ଥାନକୁ ଟ୍ରେନ, ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ ରହିଥିବାରୁ ଯାତ୍ରୀମାନଙ୍କୁ ଏଥିପାଇଁ ହଟହଟା ହେବାକୁ ପଡିଛି। ବୁଧବାର ବରଗଡ଼ର ଉଭୟ ସରକାରୀ ଓ ଘରୋଇ ବସଷ୍ଟାଣ୍ଡ ସମେତ ରେଳ ଷ୍ଟେଶନରେ ଯାତ୍ରୀମାନେ ଏଭଳି ହଟହଟା ହେଉଥିବା ପରିଲକ୍ଷିତ ହେଉଥିଲା। ଦୀର୍ଘ ସମୟ ଧରି ବସଷ୍ଟାଣ୍ଡ ଓ ରେଳ ଷ୍ଟେଶନରେ ଯାତ୍ରୀମାନଙ୍କୁ ଅଟକି ରହିବାକୁ ପଡ଼ିଥିବାବେଳେ ବହୁକଷ୍ଟରେ ଯାତ୍ରା କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ବସ୍ ନ ପାଇଁ ଅନେକ ଯାତ୍ରୀ ନିରାଶରେ ଘରକୁ ଫେରି ଯାଉଥିଲେ। ପ୍ରକାଶ ଯେ, ଲଗାଣ ବର୍ଷା ଯୋଗୁ ବରଗଡ଼ ସମେତ ପଡ଼ୋଶୀ ବଲାଙ୍ଗୀର ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗୁରୁବାର ରକ୍ଷାବନ୍ଧନ ରହିଛି। ଏହି ଦୃଷ୍ଟିରୁ ବରଗଡ଼ ସହରର ବିଭିନ୍ନ ଛାତ୍ରୀନିବାସରେ ରହୁଥିବା ଛାତ୍ରୀମାନେ ନିଜ ନିଜ ଘରକୁ ବାହାରିଥିବା ବେଳେ ପଡ଼ୋଶୀ ଜିଲାର ଲୋକେ ପ୍ରଭାବିତ ହୋଇଥିବା ଯୋଗୁ ସେମାନଙ୍କୁ ଭେଟିବା ପାଇଁ ମଧ୍ୟ ସ୍ଥାନୀୟ ଲୋକେ ବ୍ୟାକୁଳ ହୋଇ ପଡ଼ିଛନ୍ତି। ଫଳରେ ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେଶନରେ ଯାତ୍ରୀଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଅପରପକ୍ଷେ ଲଗାଣ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ରାସ୍ତା, ପୋଲ ଧୋଇ ହୋଇଯାଇ ଥିବାରୁ ସମ୍ପୃକ୍ତ ଅଞ୍ଚଳକୁ ବସ୍ ଚଳାଚଳ ମଧ୍ୟ ବନ୍ଦ ପଡ଼ିଛି। ବସଷ୍ଟାଣ୍ଡ, ରେଳ ଷ୍ଟେଶନକୁ ଆସି ଯାତ୍ରୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଛି।



ବରଗଡ଼ ସରକାରୀ ବସଷ୍ଟାଣ୍ଡରେ ଏକ ବସ୍‌କୁ ଚଢ଼ିବା ପାଇଁ ଯାତ୍ରୀଙ୍କ ଭିଡ଼ ।

## ପୋଖରୀରୁ ଶବ ଉଦ୍ଧାର

**ଭଟଲି,୧୪।୮(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ଥାନା ସୁକୁଡ଼ା ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିପାଲି ଗୌଡ଼ପଡ଼ାରେ ଥିବା ଏକ ପୋଖରୀରୁ ବୁଧବାର ଏହି ପଡ଼ାର ରଥୁ କର୍ତ୍ତା(୫୦)ଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଏ ନେଇ ଭଟଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୫/୧୯) ରୁଜୁ ସହିତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ପ୍ରକାଶ ଯେ, ରଥୁ ସବୁଦିନ ଭଳି ସକାଳୁ ନିତ୍ୟକର୍ମ ପାଇଁ ଗାଁ ପୋଖରୀକୁ ଯାଇଥିଲେ ଏବଂ ସେଠାରୁ ଆଉ ଫେରି ନ ଥିଲେ । ତେବେ ଦିନ ପ୍ରାୟ ସାଢ଼େ ୧୦ଟାରେ ସେହି ପୋଖରୀରେ ରଥୁଙ୍କ ମୃତଦେହ ଭାସୁଥିବା ପିଲାମାନେ ଦେଖିବାକୁ ପାଇଥିଲେ । ସେଠାକୁ ତାଙ୍କ ପରିବାର ଲୋକେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ମୃତଦେହ ଉଦ୍ଧାର କରିବା ସହିତ ପୋଲିସକୁ ସୂଚନା ଦେଇଥିଲେ ।

**ଫଟୋରେ ଖବର**



ଗତ ଦୁଇଦିନ ଧରି ଲଗାଣ ବର୍ଷାରେ ବରପାଲି ୧ନଂ. ପ୍ଲାଟଫର୍ମ ରେଳ ଧାରଣାରେ ପାଣି ପ୍ରବାହିତ ହେଉଛି ।



ବରପାଲି ବ୍ଲକ ଖେମେଶରା ପ୍ରାଥମିକ ସ୍କୁଲ ପରିସରରେ ଆଣ୍ଠୁଏ ବର୍ଷାପାଣି ଜମି ରହିଛି ।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ

## ସଂକ୍ଷେପରେ

### ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

**ଘଣ୍ଟାପଡା, ୧୪।୮ (ଡି.ଏନ.ଏ):** ଲଘୁଚାପ ଜନିତ ବର୍ଷା ଯୋଗୁ ବୌଦ୍ଧ ଜିଲା ଘଣ୍ଟାପଡା ଅଞ୍ଚଳରେ ବହୁ କ୍ଷୟକ୍ଷତି ହୋଇଛି । ବୁଧବାର କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, କଣ୍ଟାମାଳ ବିଧାୟକ ମହୀଧର ରଣା ଏବଂ ବୌଦ୍ଧ ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାୟକ ବନ୍ୟା ପ୍ରଭାବିତ ଘଣ୍ଟାପଡା ଅଞ୍ଚଳକୁ ଆସି ନଦୀଖଣ୍ଡି ଓ ରାସ୍ତାଘାଟ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ । ସରକାରଙ୍କ ପକ୍ଷରୁ ୨୦ ଜଣିଆ ଏନଡିଆରଏଫ ଟିମ୍ ଓ ୮ ଜଣିଆ ଅଗ୍ନିଶମ ଟିମ ଘଣ୍ଟାପଡାରେ ବର୍ତ୍ତମାନ ସୁଦ୍ଧା ଆର୍ଲଟ ଅଛନ୍ତି । ପରିସ୍ଥିତି ନିୟନ୍ତ୍ରଣାଧୀନ ନ ହେବା ଯାଏ ନିରାଶ୍ରୟ ଲୋକଙ୍କୁ ପ୍ରଶାସନ ପକ୍ଷରୁ ୭ ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି ।

### ଲଗାଣ ବର୍ଷାରେ ବୁଡିଲା ଚାଷଜମି

**ଜାମଟିକ୍ରା, ୧୪।୮ (ଡି.ଏନ.ଏ):** ଲଗାଣ ବର୍ଷା ଯୋଗୁ ଅତାବିରା ବ୍ଲକ ଅଞ୍ଚଳର ଖାଲୁଆ ଚାଷ ଜମି ଜଳାର୍ଣ୍ଣବ ହୋଇପଡିଛି। ପନିପରିବା ଫସଲଠାରୁ ଆରମ୍ଭ କରି ଧାନ ଗଛ ପାଣିରେ ବୁଡି ରହିଛି । ଯଥା ସମ୍ଭବ ପାଣି ନିଷ୍କାସନ ନ ହେଲେ ଫସଲହାନି ହେବା ଆଶଙ୍କା ରହିଛି । ଗତ ସୋମବାର ସନ୍ଧ୍ୟାରୁ ବର୍ଷା ଲାଗି ରହିଥିବାରୁ ଚାଷୀଙ୍କ ପକ୍ଷରେ ଘରୁ ବାହାରିବା ଅସମ୍ଭବ ହୋଇପଡିଛି । ଜୁନଠାରୁ ଜୁଲାଇ ମାସରେ ସାଧାରଣ ବର୍ଷାଠାରୁ ୫୦ ପ୍ରତିଶତ କମ୍ ବର୍ଷା ହେବା ଫଳରେ ଚାଷକାମ ବାଧାପ୍ରାପ୍ତ ହୋଇଥିଲା । ଅଗଷ୍ଟ ମାସ ଆରମ୍ଭରୁ ବର୍ଷା ଲାଗି ରହିବାରୁ ଚାଷୀମାନଙ୍କ ମଧରେ ଉତ୍ସାହ ଦେଖାଦେଇଛି । ବର୍ଷା ଅଭାବରୁ ଧାନରୁଆ ବାଧାପ୍ରାପ୍ତ ହୋଇଥିଲା ବେଳେ ଏବେ ବର୍ଷା ହେବାରୁ ଚାଷୀ ନିଜ କ୍ଷେତକୁ ପ୍ରସ୍ତୁତ କରି ତଳି ରୋଇବା କାର୍ଯ୍ୟରେ ଲାଗିପଡିଛି । ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଅତାବିରା ବ୍ଲକରେ ୧୨୭.୪ ମିଲି ଲିଟର ବର୍ଷା ହୋଇଥିବା ସରକାରୀ ରିପୋର୍ଟରୁ ଜଣାପଡିଛି । ବିଶେଷ କରି ପୋଟଳ, କଳରା ଆଦି ଚାଷ ହୋଇଥିବା ଜମିରେ ଏକାଧିକ ଦିନ ଧରି ପାଣି ରହିଲେ ଏସବୁ ଫସଲ ନଷ୍ଟ ହେବାର ସମ୍ଭାବନା ଅଛି ।

### ଗଛରେ ଝୁଲୁଛି ମୃତଦେହ

**ବରଗଡ଼ ଅଫିସ୍, ୧୪।୮:** ବରଗଡ଼ ସଦର ଥାନା ଅନ୍ତର୍ଗତ ଖଣ୍ଡହଥା ପଞ୍ଚାୟତର ତାଲପାଲି ନିକଟ ଜଙ୍ଗଲର ଏକ ଗଛରେ ଜଣେ ଲୋକଙ୍କ ମୃତଦେହ ଝୁଲୁଛି। ମୃତ ଲୋକଙ୍କ ଗଳାରେ ଏକ ଧଳା ଗାମୁଛା ବନ୍ଧାଯାଇ ଥିବାବେଳେ ସେ ଧଳା ଧୋତି ପିନ୍ଧିଛନ୍ତି । ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ଖବର ଲେଖାହେବା ସୁଦ୍ଧା (ରାତ୍ରି ୧୦ଟା) ସେଠାରେ ମୃତଦେହ ଝୁଲି ରହିଥିବା କେତେକ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ।

# ବୌଦ୍ଧରେ ବନ୍ୟା ସ୍ଥିତି ନିୟନ୍ତ୍ରଣାଧୀନ

## ୧୨ ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ

**ବୌଦ୍ଧ, ୧୪।୮ (ସ୍ୱ.ପ୍ର)**

ବୌଦ୍ଧ ଜିଲାରେ ଦୁଇଦିନ ଧରି ଲଗାଣ ବର୍ଷା ସହିତ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲାର ତେଲ, ଖଡଙ୍ଗ, ବାଘ ଓ ମହାନଦୀରେ ବନ୍ୟା ପାଣି ନିଷ୍କାସନ ହୋଇ ନ ପାରି ଜିଲାର ତଳି ଅଞ୍ଚଳ ଗୁଡିକରେ ପଶି ଯାଇଥିଲା। ବୌଦ୍ଧ ଜଗନ୍ନାଥ ସଡକର ଅନେକ ସ୍ଥାନରେ ମହାନଦୀ ପାଣି ମାଡି ପ୍ରବାହିତ ହେଉଥବବା ବେଳେ ଯୋଗାଯୋଗ ବିଚ୍ଛିନ୍ନ ରହିଥିଲା। ସେହିପରି କଣ୍ଟାମାଳ ବ୍ଲକର ପ୍ରାୟ ୧୨ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହିତ ମୁଖ୍ୟ ସଡକ ଉପରେ ୮ ଫୁଟ ପାଣି ଯୋଗୁ ଯାତାୟାତ ପ୍ରଭାବିତ ହୋଇଥିଲା। ପ୍ରଶାସନ ପକ୍ଷରୁ ୨୨ଟି ସ୍ଥାନରେ ୭ ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯିବା ସହିତ ତଳି ଅଞ୍ଚଳର ଲୋକମାନେ ବନ୍ୟା ଆଶ୍ରୟସ୍ଥଳୀକୁ ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୌଦ୍ଧ ସହରରେ କେନ୍ଦ୍ରୀୟ ବିଦ୍ୟାଳୟ, ଗାଈଗୋଠ ପଡିଆ ଓ ଇରିଗେସନ କଲୋନୀରେ ମହାନଦୀ ପାଣି ପ୍ରବେଶ କରିଥିଲା। କେନ୍ଦ୍ରୀୟ ବିଦ୍ୟାଳୟ ନିକଟସ୍ଥ ରାମଜାଙ୍ଗୀ ନାଳ ଦେଇ ମହାନଦୀ ପାଣି ପଶିବା ଫଳରେ ବିଦ୍ୟାଳୟ ସମ୍ମୁଖରେ ପ୍ରାୟ ୬ ଫୁଟ ପାଣି ଜମି ରହିଥିଲା। ଫଳରେ ବିଦ୍ୟାଳୟକୁ ବନ୍ଦ ରଖାଯାଇଥିଲା। ହୀରାକୁଦ ଡ୍ୟାମରେ ସ୍ଥିତି ନିୟନ୍ତ୍ରଣ ଥିବା ସୂଚନା ମିଳିବା ପରେ ବନ୍ୟା ନେଇ ଲୋକଙ୍କ ମନରେ ସୃଷ୍ଟି ହୋଇଥିବା ଆଶଙ୍କା ଦୂର ହୋଇଛି। ବୁଧବାର ବୌଦ୍ଧରେ ବର୍ଷାର ପରିମାଣ କମିବା ସହିତ ମହାନଦୀରେ ବିପଦ ସଙ୍କେତ ଉପରେ ଚାଲୁଥିବା ଜଳସ୍ତରରେ ହ୍ରାସ ଘଟିଛି। ବର୍ତ୍ତମାନ ମଧ୍ୟ ଜଗନ୍ନାଥ ସଡକରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହେବା ସହ ବହୁ ସ୍ଥାନରେ ଡଙ୍ଗା ଦ୍ୱାରା ଲୋକମାନେ ଯିବା ଆସିବା କରୁଛନ୍ତି। ହରଭଙ୍ଗା ବ୍ଲକର କୁଡାସିଙ୍ଗା ଗ୍ରାମ ମହାନଦୀ ପାଣିଘେରରେ ରହିଥିବା ଜଣାପଡିଛି। ବନ୍ୟା ପରିସ୍ଥିତି ନେଇ ପ୍ରଶାସନ ପକ୍ଷରୁ କଣ୍ଟ୍ରୋଲ ରୁମ ଖୋଲାଯାଇ ପରିସ୍ଥିତି ଉପରେ ନଜର ରଖାଯାଇଛି। ଜିଲା ଜଳସମ୍ପଦ ବିଭାଗ ପ୍ରତି ଘଣ୍ଟାରେ ମହାନଦୀର ଜଳସ୍ତର ରେକର୍ଡ କରୁଥିବା ସୂଚନା ମିଳିଛି।



ବୌଦ୍ଧରେ ମହାନଦୀର ଜଳସ୍ତର।

## ୨୦ ଗାଁ ଜଳବନ୍ଦୀ

**ପୁରୁଣାକଟକ, ୧୪।୮ (ଡି.ଏନ.ଏ.)**

ମହାନଦୀ ବନ୍ୟାପାଣି ଯୋଗୁ ହରଭଙ୍ଗା ବ୍ଲକର ୬୦ଟି ରାଜସ୍ୱ ଗ୍ରାମ ପ୍ରଭାବିତ ହୋଇଥିବା ବେଳେ ୨୦ଟି ଗ୍ରାମ ଜଳବନ୍ଦୀ ଅବସ୍ଥାରେ ରହିଛି। ଶହ ଶହ ହେକ୍ଟରେ ଚାଷ ଜମିରେ ବନ୍ୟା ପାଣି ମାଡି ଯାଇଥିବା ଦେଖିବାକୁ ମିଳିଛି। ମହାନଦୀ ବନ୍ଧରେ ୨୦ ଫୁଟ ଲମ୍ବର ୨ଟି ଘାଇ ସୃଷ୍ଟି ହେବା ଫଳରେ ପରିସ୍ଥିତି ଅଣାୟତ ହୋଇପଡିଛି। ଏପର୍ଯ୍ୟନ୍ତ କେତେକ ବନ୍ୟା ପ୍ରଭାବିତ ଗ୍ରାମକୁ ବ୍ଲକ ପ୍ରଶାସନ ପହଞ୍ଚି ନ ଥିବା ଅଗସ୍ତି ନାଏକ, ନକୁଳ ପାତ୍ର, ସାରସ୍ୱତ ମହାନନ୍ଦିଆ, ବ୍ରଜ ନାଏକ, ପ୍ରବୀଣ ବେହେରା ପ୍ରମୁଖ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ । ବୁଧବାର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ବିଧାୟକ ପ୍ରଦୀପ ଅମାତ, ଜିଲାପାଳ ଲଲାଟେନ୍ଦୁ ମିଶ୍ର ବନ୍ୟାଞ୍ଚଳ ବୁଲିବା ସହ ବିପନ୍ନ ପରିବାରଙ୍କୁ ରିଲିଫ୍ ପ୍ରଦାନ ତ୍ୱରାନିତ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ ହରଭଙ୍ଗା ବିଡିଓଙ୍କୁ ପଚାରିବାରୁ ସେ କହିଲେ, ୧୨ଟି ଗ୍ରାମର ୧୯୩୬ ଜଣ ଲୋକେ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛନ୍ତି । ୧୨ଟି ସେଣ୍ଟରେ ବନ୍ୟା ବିପନ୍ନ ପରିବାରଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି । ବନ୍ୟା ପାଣି ଛାଡିବା ପରେ ଜଳମଗ୍ନ ଜମିର କ୍ଷୟକ୍ଷତି ଆକଳନ କରାଯିବ ବୋଲି ସେ କହିଥିଲେ ।

■ କମିଛି ବନ୍ୟା, ବଢ଼ିଛି ଦୁର୍ଦ୍ଦଶା

## ରିଲିଫ ପାଇଁ ରାସ୍ତାରୋକୋ

**ମନମୁଣ୍ଡା, ୧୪।୮ (ଡି.ଏନ.ଏ)**

ତେଲ ନଦୀର ବନ୍ୟା ଯୋଗୁ ମନମୁଣ୍ଡା, ଦେଉଳି ଅଞ୍ଚଳରେ ଘରଦ୍ୱାର ଭାଙ୍ଗି ଯାଇଛି। କପାସିରା, ରତାଖଣ୍ଡି, କିର୍ଲା, ତୁଣ୍ଡୁମାଳ, ଆମ୍ବଗହଣା, କଲାରାଗୁଲି, ଗବ୍‌ଯୋର, ଲୋକାପଡା, ନୂର୍ପା, ମହୁଲବାହାଲି, ଭାଲିଆପଦର, ଯୋଗୀପଦର, ଖଇରମାଳ, ଭୁର୍କପଡା ଆଦି ଅନେକ ଗ୍ରାମରେ ହଜାର ହଜାର ହେକ୍ଟର ଜମିରେ ବନ୍ୟାଜଳ ମାଡି ବାଲିଚର ହୋଇଛି । ବୁଧବାର ବନ୍ୟାଜଳ କମିଯିବାରୁ ଲୋକଙ୍କ ଭୟ ଦୂର ହୋଇଛି। ହେଲେ ଦୁର୍ଦ୍ଦଶା ବଢ଼ିଯାଇଛି। ଲୋକମାନେ ପିନ୍ଧିଥିବା ବସ୍ତ୍ର ବ୍ୟତୀତ ସବୁକିଛି ନଷ୍ଟ ହୋଇଯାଇଛି । ସେମାନେ ସ୍କୁଲରେ ଆଶ୍ରୟ ନେଇଥିଲେ। ବନ୍ୟା ଜଳ କମିବାରୁ ଘର ସଜାଡିବାକୁ ଆସିବାରେ ଦେଖିବାକୁ ମିଳିଛି। ଅନେକଙ୍କ ଘର ଭାଙ୍ଗିଯାଇଥିବା ବେଳେ ଯାହାର ନଷ୍ଟ ହୋଇନାହିଁ, ସେମାନେ କାଦୁଅ ପଚ୍‌ପଚ୍ ଘର ସଫା କରୁଛନ୍ତି। ଘରେ ଚୁଲି ଜଳିବାର ନାହିଁ। ଖାଇବା ପାଇଁ ଶିଶୁମାନେ ତହଳ ବିକଳ ହେଉଛନ୍ତି। ଦେଉଳିର କ୍ଷତିଗ୍ରସ୍ତ ପରିବାରଙ୍କୁ ଜଳଖିଆ ଠିକ୍ ସମୟରେ ମିଳୁ ନ ଥିବା ବେଳେ ମଧ୍ୟାହ୍ନ ଏବଂ ରାତ୍ର ଭୋଜନ ପାଇଁ ୧ କିମି ଦୂରରେ ପ୍ରଶାସନ ବ୍ୟବସ୍ଥା କରିଛି। ପୁଣି ତାହା ବଣ୍ଟନରେ ପାତରଅନ୍ତର କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଜଳଖିଆ ଏବଂ ଭୋଜନ (ମଧ୍ୟାହ୍ନ ଏବଂ ରାତ୍ର) ବ୍ୟବସ୍ଥାରେ ଅନିୟମିତତା ପ୍ରତିବାଦରେ ଦେଉଳିର ଶତାଧିକ ମହିଳା ପୁରୁଷ ଛୁଆପିଲା ଧରି ବୁଧବାର ମଧ୍ୟାହ୍ନରେ ରାଜ୍ୟ ରାଜପଥ ନଂ. ୪୧କୁ ଅବରୋଧ କରିଥିଲେ। ଫଳରେ ଶତାଧିକ ଯାନବାହାନ ଦୀର୍ଘ ସମୟ ଅଟକି ରହିଥିଲା। ଖବର ପାଇ ତହସିଲଦାର ବନ୍ଦନା ଖଟୁଆ ସେଠାକୁ ଆସି ଠିକ୍ ସମୟରେ ସେମାନଙ୍କୁ ଜଳଖିଆ ଏବଂ ଉଭୟ ମଧ୍ୟାହ୍ନ ଓ ରାତ୍ର ଭୋଜନ ସେମାନଙ୍କ ପାଖକୁ ପହଞ୍ଚାଇ ଦିଆଯିବ ଏବଂ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ପ୍ରାୟ ଆହୁରି ୫ ଦିନ ଜଳଖିଆ ଓ ଭୋଜନର ବ୍ୟବସ୍ଥା ପ୍ରଶାସନ ବୁଝିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା। ବନ୍ୟା ପ୍ରଭାବିତଙ୍କୁ ରିଲିଫ ରନ୍ଧାଖାଦ୍ୟ ଯୋଗାଇ ଦେବା ପାଇଁ ଆର୍‌ଆଇ ସୁରେନ୍ଦ୍ର ସାହୁ ଏବଂ ନିର୍ବାହୀ ଅଧିକାରୀ ବସନ୍ତ କର୍ଣ୍ଣଙ୍କୁ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି।

## ବୃହତ ପାନୀୟ ଜଳଯୋଗାଣ ପ୍ରକଳ୍ପର ଭୂମିପୂଜନ

**ବୌଦ୍ଧ/ଜହ୍ନାପଙ୍କ, ୧୪।୮ (ସ୍ୱ.ପ୍ର/ଡି.ଏନ.ଏ)**

ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ସୁବର୍ଣ୍ଣପୁରଠାରେ ୨୪୦ କୋଟି ଟଙ୍କାରେ ନିର୍ମିତ ହେବାକୁ ଥିବା ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭୂମିପୂଜନ ବୁଧବାର ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପ ଦ୍ୱାରା ବୌଦ୍ଧ ବ୍ଲକର ୨୩ଟି ପଞ୍ଚାୟତର ୩୫୪ଟି ଗ୍ରାମବାସୀ ଉପକୃତ ହେବେ। ଏହାସହିତ ପ୍ରତି ପଞ୍ଚାୟତରେ ୩ଟି ଲେଖାଏଁ ଓଭର ହେଡ ଟ୍ୟାଙ୍କି ମାଧମରେ ୨୦୨୦ ମସିହା ସୁଦ୍ଧା ୧.୬୫ ଲକ୍ଷ ଏବଂ ୨୦୫୦ ମସିହା ସୁଦ୍ଧା ୨.୫୩ ଲକ୍ଷ ଲୋକ ଉପକୃତ ହେବେ। ପ୍ରତି ପରିବାରକୁ ମୁଣ୍ଡ ପିଛା ୭୦ ଲିଟର ଲେଖାଏ ଜଳ ଯୋଗାଇ ଦିଆଯିବ ବୋଲି ଅମାତ କହିଥିଲେ। ସଭାରେ ନିର୍ବାହୀ ଯନ୍ତ୍ରୀ (ଜଳ ଯୋଗାଣ ଓ ପରିମଳ) ଭଞ୍ଜକିଶୋର ମନହୀରା, ସହକାରୀ ଯନ୍ତ୍ରୀ ମାନସ ରଞ୍ଜନ ପରିଡା, ଏଲଏଣ୍ଡଟିର ପ୍ରକଳ୍ପ ମ୍ୟାନେଜର ଆରରାଜ କୁମାର ମଞ୍ଚାସୀନ ଥିଲେ। ଉତ୍ସବରେ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ବେହେରା କର୍ତ୍ତା ଥିବା ବେଳେ ବବୁଲୁ ପାଢ଼ୀ ପୂଜାକାର୍ଯ୍ୟ ତୁଲାଇଥିଲେ।



ଭୂମିପୂଜନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।



## ଜିଲା ଯୋଜନା କମିଟି ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

**ବରଗଡ଼ ଅଫିସ୍, ୧୪।୮**

ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ ପରିସରରେ ବୁଧବାର ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘ ସଭାପତି ଗିରିଜା ଶଙ୍କର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେଦାର ମିଶ୍ର, ସମ୍ପାଦକ ପ୍ରହଲ୍ଲାଦ ମହାପାତ୍ର ପ୍ରମୁଖ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା, କାର୍ଯ୍ୟାବଳୀ ଉପରେ ବିଧାୟକ ଆଚାର୍ଯ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ଦିନରେ ବରଗଡ଼ ଜିଲାରେ ଏକ ଜରାନିବାସ ନିର୍ମାଣ ପାଇଁ ସରକାରଙ୍କ ମଞ୍ଜୁରୀ ମିଳିସାରିଥିବା ସୂଚନା ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସଂଘର ଭରତ ଦାଶ, ମଳୟ ମହାନ୍ତି, କୃଷ୍ଣଚନ୍ଦ୍ର ନାଥ, ପ୍ରସନ୍ନ ପ୍ରଧାନ, କାହ୍ନୁଚରଣ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ । ସମ୍ପାଦକ ପ୍ରହଲ୍ଲାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଫୁଟବଲ: ଫାଇନାଲରେ ଫୁଲାପାଲି, ଖରମୁଣ୍ଡା

**ବରଗଡ଼ ଅଫିସ୍, ୧୪।୮**

ବରଗଡ଼ ଜିଲା ବରପାଲି ବ୍ଲକ ଲେଣ୍ଡା ପଞ୍ଚାୟତ ଅନ୍ତର୍ଗତ ଅଇଁଠାପାଲିରେ ଲିଗ୍ କମ୍ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତା ଚାଲିଛି। ବୁଧବାର ଉକ୍ତ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ହୋଇଥିଲା। କାଇଁଶିର ଓ ଫୁଲାପଲି ମଧ୍ୟରେ ହୋଇଥିବା ଏହି ମ୍ୟାଚରେ ଫୁଲାପାଲି ଦଳ ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି। ଏହା ପୂର୍ବରୁ ପ୍ରଥମ ସେମିଫାଇନାଲରେ ଖରମୁଣ୍ଡା ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରି ସାରିଛି। ଗୁରୁବାର ଫୁଲାପାଲି ଓ ଖରମୁଣ୍ଡା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତାର ମ୍ୟାଚ୍‌କୁ ରଞ୍ଜୁ ଛତ୍ରିଆ, ଶିବୁ ଅଗ୍ରୱାଲ ପରିଚାଳନା କରିଥିଲେ। ବିଜୁ ଯୁବ ବହିନୀ ସଭାପତି ଲକ୍ଷ୍ମଣ ପ୍ରଧାନଙ୍କ ସମେତ ସମସ୍ତ ସଭ୍ୟ ପ୍ରତିଯୋଗିତା ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ମୁଖ୍ୟଅତିଥି ଖେଳାଳିଙ୍କ ସହିତ କରମର୍ଦ୍ଦନ କରୁଛନ୍ତି ।

## ଡିପ୍ଲୋମା ପାଠ୍ୟକ୍ରମ ଉପରେ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍, ୧୪।୮**

ବରଗଡ଼ସ୍ଥିତ କୃତାର୍ଥ ଆଚାର୍ଯ୍ୟ ସମବାୟ ପରିଚାଳନା କେନ୍ଦ୍ରର ଡିପ୍ଲୋମା ପାଠ୍ୟକ୍ରମ ଉପରେ ଏକ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଛି। ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶ ପ୍ରଫୁଲ୍ଲ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ବୟନ ଶିଳ୍ପ ଅଧିକାରୀ ଉମେଶ ଚନ୍ଦ୍ର ଦାଶ ମୁଖ୍ୟଅତିଥି, ସମ୍ବଲପୁର ସମବାୟ କେନ୍ଦ୍ର ବ୍ୟାଙ୍କର ଜିଏମ ରମେଶ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟବକ୍ତା ଏବଂ ମାର୍କଫେଡ୍‌ର ଚେୟାରମ୍ୟାନ ବିଭୁଦତ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କେନ୍ଦ୍ର ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଜିତ କୁମାର ରଥ କାର୍ଯ୍ୟକ୍ରମ ଉପରେ ବିବରଣୀ ପ୍ରଦାନ କରିଥିବା ବେଳେ ବିଜୟ କୁମାର ବିଶି, ଶିଶିର କୁମାର ଭୋଇ ସହଯୋଗ କରିଥିଲେ।

## ଗ୍ରାମାଞ୍ଚଳରୁ ବିପର୍ଯ୍ୟୟ ପରିଚାଳନାକୁ ଗୁରୁତ୍ୱ

**ବରଗଡ଼ ଅଫିସ୍, ୧୪।୮**

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ବୁଧବାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଉପରେ ଏକ କର୍ମଶାଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତଥା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ଲକ୍ଷ୍ମୀ ନାରାୟଣ ନାୟକ ଓ ତାରକେଶ୍ୱର ଲକ୍ଷ୍ମୀ ଯୋଗଦେଇ ଗ୍ରାମାଞ୍ଚଳରୁ ବିପର୍ଯ୍ୟୟ ପରିଚାଳନା ଉପରେ ଗୁରୁତ୍ୱାରୋପ କରିବା ସହିତ ଏଥିପାଇଁ ରହିଥିବା ଯୋଜନା ଉପରେ ଆଲୋକପାତ କରିଥିଲେ। ଏହା ସହିତ ପ୍ରୋଜେକ୍ଟର ମାଧ୍ୟମରେ ସେହି ଯୋଜନା ସମ୍ପର୍କରେ ସୂଚନା ସାଙ୍ଗକୁ ସତର୍କ ମୋବାଇଲ ଆପ୍ ଉପରେ ସେମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ପ୍ରଥମ ପର୍ଯ୍ୟାୟରେ ବରଗଡ଼ ଜିଲାର ୩ଟି ବ୍ଲକ ଅମ୍ବାଭୋନା, ଭେଡ଼େନ ଓ ରାଜବୋଡ଼ାସମ୍ବର ବ୍ଲକର ୧୫୦ ଗ୍ରାମରେ ଏହି ଯୋଜନା ଚାଲିଛି । ତୃଣମୂଳସ୍ତରରୁ ଯେଭଳି ଯୋଜନାର ସଫଳ ରୂପାୟନ ହୋଇପାରିବ, ସେଥିପାଇଁ ବିଭାଗୀୟ ଅଧିକାରୀମାନେ ସଠିକ୍ ଭାବେ ଦାୟିତ୍ୱ ସମ୍ପାଦନ କରିବାକୁ ଅତିରିକ୍ତ ଜିଲାପାଳ ରାଉତ ପରାମର୍ଶ ଦେଇଥିଲେ। ସେହିପରି ଜିଲା ଜରୁରୀକାଳୀନ ଅଧିକାରୀ ମମତା ପ୍ରଧାନ, ଜିଲା ପ୍ରକଳ୍ପ ଅଧିକାରୀ ରାକେଶ କୁମାର ନାୟକ ପ୍ରମୁଖ ବିପର୍ଯ୍ୟୟ ପରିଚାଳନା ନେଇ ଜିଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଉପରେ ସୂଚନା ପ୍ରଦାନ କରିଥିଲେ। ଉକ୍ତ କର୍ମଶାଳାରେ ଜିଲାର ବିଡ଼ିଓ, ତହସିଲଦାର, ସିଡ଼ିପିଓ ଏବଂ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସମେତ ବିଭିନ୍ନ ଏନଜିଓର ପ୍ରତିନିଧିମାନେ ଉପସ୍ଥିତ ଥିଲେ।




ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀବୃନ୍ଦ ।

■ ୬ ମାସ ହେଲା ସଏଲାନ ବିଜୁ ପକ୍କାଘର କାମ୍

## ବିଲ୍ ଲାଗି ହିତାଧିକାରୀ ବାରଦୁଆର

**ବୌଦ୍ଧ, ୧୪।୮ (ସ୍ୱ.ପ୍ର.)**

କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖି, ନିଆଁସି ପରିବାରମାନକୁ ପ୍ରଧାନମନ୍ତ୍ରୀ ଆବାସ, ଇନ୍ଦିରା ଆବାସ, ବିଜୁ ପକ୍କାଘର, ମୋ କୁଡ଼ିଆ ଯୋଜନାରେ ସାମିଲ କରି ପକାଘର ଯୁଗେଇ ଦେଉଛନ୍। ଯେନ୍ ହିତାଧିକାରୀମାନେ ଧାଯ୍ ସମିଆ ଭିତରେ ଘର ତିଆରି କରବେ ତାହାକୁ ସରକାରକଁର ତରଫୁ ପୋରଛାହନ୍ ଟଁକା ବି ଦିଆଯାଉଛେ। ହେଲେ ଅନେକ ଜାଗାରେ ଅଧିକାରୀ, କରମଚାରୀମାନକର ଖାମଖିଆଲି ମନଭାବ ଲାଗି ଅନେକ ହିତାଧିକାରୀ ଯୋଜନାର ଲାଭ ପାଏବାରୁ ବଁଚିତ୍ ହେଉଛନ୍। ସେନ୍ତା ଆରକେତେ ଜାଗାରେ ହିତାଧିକାରୀ ଯୋଜନାରେ ଘର ତିଆରି କରି ବିଲ୍ ଟଁକା ପାଏବାର ଲାଗି ବାରଦୁଆର ହେଉଛନ୍। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅଂଚଲରେ।

ସୂଚନା ହିସାବେ ହରଭଙ୍ଗା ବ୍ଲକ କୁଶଙ୍ଗ ପଁଚେତ୍ ଭଗାମୁଣ୍ଡା ଗାଁର ଅର୍ଜୁନ ସାହୁ। ସେ ୨୦୧୮-୧୯ ସାଲେ ବିଜୁ ପକ୍କାଘର ଯୋଜନାରେ ଘର ତିଆରିବାର ଲାଗି କାର୍ଯ୍ୟାଦେଶ ପାଇଥିଲେ। ସେ ଧାର ଉଧାର କରି ଆଏଜ୍‌କେ ୬ ମାସ୍ ହେଲା ଘର ତିଆରି କରି ସାଏଲେନ। ତାହାକୁ ଘରବନା ବାବ୍‌ଦେ କେତେ ଟଁକା ମିଳିଥିଲାବେଲେ ଶେଷ୍ ବିଲ୍ ନାଇଁ ମିଳୁଥିବାର ସେ ଅଭିଯୋଗ କରିଛନ୍। ଇ ବାବ୍‌ଦେ ଅର୍ଜୁନ ପଁଚେତ୍ କରମଚାରୀନୁ ମୂଳ କରି ବ୍ଲକ ପରଶାସନ ତକ୍ ଗୁହାରି କରି ଥକି ଗଲେନ, ହେଲେ କେହି ତାକର କଥା ନାଇଁ ଶୁନୁଥିବାର ସେ କହିଛନ୍। ସେ ଘର ପୂରା କରବାର ୬ ମାସ ବିତିଯାଇଥିଲା ବେଲେ ଲୁକ୍‌କରନୁ ଆନିଥିବାର ଧାର ଉଧାର ସୁଝବାର ଲାଗି ନାନା ସମସିଆର ସାମନା କରୁଛନ୍। ଇ ବାବ୍‌ଦେ କୁଶଙ୍ଗ ପଁଚେତ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଜଗଦିଶ ମଲିକକୁଁ ପଚରାଲାରୁ ମୁଇଁ ଫାଇନାଲ ବିଲ କରବାର ଲାଗି ସବୁ କାଗଜପତର ବ୍ଲକ ପରଶାସନକେ ପଠେଇ ଦେଇଛେଁ। ହେଲେ କାଗଜପତର ବ୍ଲକ ପରଶାସନ ପାସେ ଅଟକି ରହିଥିବାର ଲାଗି ଟଁକା ନାଇଁ ମିଲବାର ବଲି ସେ କହିଥିଲେ। ଇ ଦିଗେ ଜିଲାପାଳ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ଅର୍ଜୁନ ଗଣମାଧମ ଜରିଆରେ ଗୁହାରି କରିଛନ୍।




ନିଜର ବିଜୁ ପକ୍କାଘର ଆଘେ ଅର୍ଜୁନ ଆର ତାକର ମାଏକିନା।



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବାମରା, ୧୪।୮ (ସ୍ୱ.ପ୍ର.)- ବାମରା ବ୍ଲକ ଗୋବିନ୍ଦପୁରରେ ଜଣେ ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ପ୍ରଫୁଲ୍ଲ ପଟେଲଙ୍କ ପୁଅ ସୁମନ୍ତ ପଟେଲ (୩୨) ଏ ନେଇ ଗୋବିନ୍ଦପୁର ଥାନାରେ ପରିବାର ବର୍ଗ ଲିଖିତ ଭାବେ ଜଣାଇଛନ୍ତି । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସେ ଇଲେକ୍ଟ୍ରି କାମ କରନ୍ତି। କେହି ଜଣେ ତାଙ୍କ ପାଖକୁ ଚାଷ କାମ ପାଇଁ ଟ୍ରାକ୍ଟର ମାଗିବାକୁ ଆସିଥିଲେ। ହେଲେ ସୁମନ୍ତ ତରବରିଆ ଭାବେ ଘର ଭିତର ଏକ କୋଠରିକୁ ଯାଇ ଆଉ ବାହାରି ନ ଥିଲେ । ଘର ଲୋକ ଯାଇ ଦେଖିବାକୁ ସେ ଅଚେତ ହୋଇ ତଳେ ପଡି ଯାଇଥିଲେ। ପରିବାର ଲୋକେ ଏହାପରେ ଡାକ୍ତରଖାନା ନେଇଥିଲେ। ହେଲେ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କଳାମାଟି ପଞ୍ଚାୟତ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ଚିପିଲିମା, ୧୪।୮ (ଡି.ଏନ.ଏ.)- ସମ୍ବଲପୁର ଜିଲା ଧନକଉଡା ବ୍ଲକ କଳାମାଟି ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ସମ୍ବଲପୁର ଡିଆରଡିଏ ପିଡି ସୁକାନ୍ତ ତ୍ରିପାଠୀ ସମୀକ୍ଷା କରିଛନ୍ତି । ବୁଢ଼ିଖମାର ରାସ୍ତାର କଲଭର୍ଟ ଉପରେ ବର୍ଷା ଦିନେ ୪/୫ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଥିବାରୁ ଲୋକେ ଯିବଆସିବା କରି ପାରୁ ନାହାନ୍ତି। ପିଡି ତ୍ରିପାଠୀ ଉକ୍ତ କଲଭର୍ଟ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଡିଓ ଲିନା କୁମାରୀ ଖେସ, ବ୍ଲକ ଉପାଧ୍ୟକ୍ଷା ସୁଷମା ସାହୁ, ସରପଞ୍ଚ ଶ୍ରୀହରି ନାଗ, ଇଓ ହୃଷିକେଶ ବଢ଼େଇ ପ୍ରମୁଖ ଉପସ୍ଥିତ ଥିଲେ ।



### ଠେଲକଲୋଇ ଥାନା ଏଏସ୍ଆଇ କୈଳାସ ଚନ୍ଦ୍ର ପ୍ରଧାନଙ୍କୁ ରାଷ୍ଟ୍ରପତି ପଦକ

ରେଙ୍ଗାଲି, ୧୪।୮ (ଡି.ଏନ.ଏ.)- ଠେଲକଲୋଇ ଥାନାର ଏଏସ୍ଆଇ କୈଳାସ ଚନ୍ଦ୍ର ପ୍ରଧାନ ୨୦୧୯ ବର୍ଷ ପାଇଁ ରାଷ୍ଟ୍ରପତି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସ୍ୱାଧୀନତା ଦିବସ ଉପଲକ୍ଷେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଗୁରୁବାର ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ତାଙ୍କୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯିବ।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ରିଆମାଳ, ୧୪।୮ (ଡି.ଏନ.ଏ.)- ରିଆମାଳ ବ୍ଲକ ବୁଢ଼ିଦୋ ପଞ୍ଚାୟତ ସଭାଗୃହରେ ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲ ରିଆମାଳ ବ୍ଲକର ବିଭିନ୍ନ ଗ୍ରାମର ୪୦ଟି ଅଭିଯୋଗ ଶୁଣାଣି କରିଥିଲେ। ଚୁହିଲାମାଲ ପଞ୍ଚାୟତରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଧାନ ବେଉଷଣ ହୋଇ ନ ଥିବାରୁ ଏହି ପଞ୍ଚାୟତକୁ ମରୁଡି ଘୋଷଣା ଦାବି କରିବାକୁ ପଞ୍ଚାୟତବାସୀ ଅଭିଯୋଗ କରିଥିଲେ। ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା ଓ ରାସ୍ତାର ଉନ୍ନତିକରଣ ଉପରେ ଅଭିଯୋଗ ଆସିଥିଲା। ଜିଲା ପ୍ରକଳ୍ପ ଅଧିକାରୀ ଭୀମସେଣ୍ଟ ପୁନମକାନ୍ତ ଏକ୍କା, ଜିଲା ଆରକ୍ଷୀ ଅଧିକାରୀ ରାହୁଲ ଜୈନ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିମଳା ବିରୁଲି, ସମସ୍ତ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିନା ଗୁହାଳରେ ବିଲ୍ ପାସ୍

**ପିଲିପିଶି ନେଇଗଲେ ସରକାରୀ ଟଙ୍କା**
- ପଦବୀର ଅପବ୍ୟବହାର
- ସରପଞ୍ଚଙ୍କ ଶ୍ୱଶୁର ହିତାଧିକାରୀ
- ଅଭିଯୋଗ ପରେ ତରବରିଆ ନିର୍ମାଣ ଆରମ୍ଭ

ଧମା, ୧୪।୮ (ଡି.ଏନ.ଏ.)

ମାନେଶ୍ୱର ବ୍ଲକ ସାହାସପୁର ପଞ୍ଚାୟତର ସରପଞ୍ଚଙ୍କ ଶ୍ୱଶୁରଙ୍କ ନାଁରେ ଏକ ଗୁହାଳ ମଞ୍ଜୁର ହୋଇଛି। ଏହା ବାବଦକୁ ବିଲ୍ ପାଶସ୍ ହୋଇ ଟଙ୍କା ହଡପ ହୋଇଛି। ହେଲେ ଗୁହାଳ ନିର୍ମାଣ ହୋଇନି। ଏଭଳି ଏକ ଅଭିଯୋଗ ମାନେଶ୍ୱର ବିଡିଓଙ୍କୁ ଲଳିତ ମଗର ନାମକ ବ୍ୟକ୍ତି ଲିଖିତ ଆକାରରେ ଦେଇଛନ୍ତି।

୨୦୧୭ ଆର୍ଥିକ ବର୍ଷରେ ସାହାସପୁର ପଞ୍ଚାୟତର ୪ଜଣ ବ୍ୟକ୍ତିଙ୍କ ନାଁରେ ଗୁହାଳ ମଞ୍ଜୁର କରାଯାଇଥିଲା । ତନ୍ମଧ୍ୟରୁ ସରପଞ୍ଚ ତିଳୋତ୍ତମା ବାଗଙ୍କ ଶ୍ୱଶୁର ହାରାଚାନ୍ଦ ବାଗଙ୍କ ନାମରେ ଏକ ଗୁହାଳ ମଞ୍ଜୁର ହୋଇଥିଲା। ହେଲେ ଗୁହାଳ ନିର୍ମାଣ ନ କରି ୭୯ ହଜାର ଟଙ୍କା ବିଲ୍ କରାଯାଇଛି । ଏଥିରେ ଜାଲିଆତି ହୋଇଥିବାର ସନ୍ଦେହ କରି ଲଳିତ ଆରଟିଆଇରେ ତଥ୍ୟ ମାଗିଥିଲେ । ରିପୋର୍ଟ ପାଇବା ପରେ ଗୁହାଳ ନିର୍ମାଣ କରାଯାଇ ନ ଥିବା ଜଣାପଡିବାରୁ ସେ ଅଭିଯୋଗ କରିଛନ୍ତି । ହାରାଚାନ୍ଦ ଗୋରୁ ଗାଈ ନ ରଖି ମଧ୍ୟ ଗୁହାଳ ପାଇଲେ କେମିତି । ବିନା ଗୁହାଳରେ ବିଲ୍ ପାସ୍ ହେଲା କେମିତି। ସରପଞ୍ଚ, ଇଓ, ଜିଆରଏସ ଏବଂ କିଛି ବ୍ଲକ ଅଧିକାରୀଙ୍କ ଏଥିରେ ମଧୁଚନ୍ଦ୍ରିକା ରହିଛି କି। ଅଭିଯୋଗ ହେବା ପରେ ତରବରିଆ ଭାବେ ନିର୍ମାଣ ଆରମ୍ଭ କରାଯିବାର କାରଣ କ'ଣ। ଏହିପରି ବିଭିନ୍ନ ପ୍ରଶ୍ନ ସେ କରିଛନ୍ତି। ଏହାର ତଦନ୍ତ ଦାବି କରି ସେ ବିଡିଓ ଶୁଭଶ୍ରୀ ତ୍ରିପାଠୀଙ୍କୁ ଅଭିଯୋଗ ପତ୍ର ଦେଇଛନ୍ତି। ତେବେ ଏ ବାବଦରେ ସରପଞ୍ଚଙ୍କ ସ୍ୱାମୀ ଚିତ୍ତରଞ୍ଜନ ବାଗ କହିଛନ୍ତି ଯେ, ଗୁହାଳ ନିର୍ମାଣ କରାଯାଇଥିଲା । ମାତ୍ର ସ୍ଥାନାଭାବରୁ ତାହାକୁ ଭାଙ୍ଗି ଦିଆଯାଇ ଗୋରୁଗାଈଙ୍କୁ ବିକ୍ରି କରି ଦିଆଯାଇଛି।



ବଡ଼ତୁରାଙ୍ଗ ଗାଁରେ ହିନ୍ଦୁଧର୍ମକୁ ଫେରିବା ନେଇ ପୂଜାର୍ଚ୍ଚନା ଚାଲିଛି।

# ଗୋଟିଏ ପରିବାରର ୫ ଜଣ ପୁଣି ହିନ୍ଦୁଧର୍ମକୁ ଫେରିଲେ

ପଡିଆବାହାଲ, ୧୪।୮ (ଡି.ଏନ.ଏ.)

ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ବଡତୁରାଙ୍ଗ ଗ୍ରାମସ୍ଥିତ ରାମେଶ୍ୱର ମହାଦେବ ମନ୍ଦିରରେ ବୁଧବାର ଗୋଟିଏ ପରିବାରର ୫ଜଣ ସଦସ୍ୟ ପୁଣି ହିନ୍ଦୁ ଧର୍ମକୁ ପରିବର୍ତ୍ତିତ ହୋଇଛନ୍ତି। ଗୋଲେଖି ମେହେର ତାଙ୍କ ସ୍ତ୍ରୀ, ଦୁଇ ପୁଅ ଓ ଝିଅ ସହ ଅନ୍ୟ ଏକ ଧର୍ମ ଗ୍ରହଣ କରିଥିଲେ। ହେଲେ ଶେଷରେ ସ୍ୱଧର୍ମକୁ ଫେରିଛନ୍ତି। ତେବେ ଅମୂଲ୍ୟ ବଡପଣ୍ଡା ସଂକଳ୍ପ ହୋମଯଜ୍ଞ କରି ପଞ୍ଚାମୃତ, ଫୁଲ ପ୍ରସାଦ ସେବନ କରାଇ ହିନ୍ଦୁ ଧର୍ମରେ ଏମାନଙ୍କୁ ସାମିଲ କରିଥିଲେ। ବିଶ୍ୱହିନ୍ଦୁ ପରିଷଦ ପ୍ରାନ୍ତ ଧର୍ମ ପ୍ରସାର ପ୍ରମୁଖ ଦିଲୀପ କୁମାର ମେହେର, ଜିଲା ସଂଗଠକ ଅନନ୍ତ ବେହେରା, ରୋହିତ ମେହେର, ଅବସରପ୍ରାପ୍ତ ଶିକ୍ଷକ ଇନ୍ଦ୍ରମଣୀ ପରିମାଣିକ, ବଳଭଦ୍ର ସାହୁ, ଶିବନାରାୟଣ ମହାପାତ୍ର ଓ ରାଧାମୋହନ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।



ଯୁବକମାନେ ଶ୍ରମଦାନ କରି ପୋଖରୀ ସଫା କରୁଛନ୍ତି।

# ନେହେରୁ ଯୁବକେନ୍ଦ୍ରର ଜଳଶକ୍ତି ମିଶନ, ଶ୍ରମଦାନ କାର୍ଯ୍ୟକ୍ରମ

ଦେବଗଡ, ୧୪।୮ (ଡି.ଏନ୍.ଏ.)

ଭାରତ ସରକାରଙ୍କ ଯୁବ ବ୍ୟପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ନେହେରୁ ଯୁବ କେନ୍ଦ୍ର ଦେବଗଡ଼ ପକ୍ଷରୁ ରିଆମାଳ ବ୍ଲକର ସେଣ୍ଡୋସ୍ଥିତ ନେତାଜୀ ଯୁବକ ସଂଘ,ବାରକୋଟ ବ୍ଲକର ପଲ୍ଲୀ ପ୍ରଗତୀ କ୍ଲବ କାଦୋପଡ଼ା ଓ ତିଲେଇବଣିର ସୁଗୁଡ଼ା ବ୍ଲକସ୍ଥିତ ନେତାଜୀ କ୍ଲବର ମିଳିତ ସହଯୋଗରେ ଜଳଶକ୍ତି ଅଭିଯାନ ଓ ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସ୍ୱେଚ୍ଛାସେବୀ ଉଦୟ ସାହୁ, ଓମ୍ ପ୍ରସାଦ ଭୁଟିଆ, ସନ୍ତୋଷ ବେହେରା, ସରୋଜ ଗଡ଼ନାୟକ,ଅକ୍ଳେଶ ଗଡ଼ନାୟକ,କିଶୋର ଚନ୍ଦ୍ର ପ୍ରଧାନ,ସନୁ ବିଶ୍ୱାଳ, ପରେଶ ପ୍ରଧାନ, ପିଙ୍କେଶ୍ୱର ପ୍ରଧାନଙ୍କ ସମେତ କ୍ଲବର ଅନ୍ୟ ସଦସ୍ୟ ସ୍ୱେଚ୍ଛାକୃତଭାବେ ଶ୍ରମଦାନ କରି ପୋଖରୀ, ରାସ୍ତା, ବୃକ୍ଷରୋପଣ ଆଦି କାର୍ଯ୍ୟ କରିଥିଲେ । ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ ବିଶ୍ୱାଳଙ୍କ ସହିତ ସ୍ୱେଚ୍ଛାସେବୀ ତରୁଣ ସାମଲ, ଦୀପକ ସାହୁ,କେଶବ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏନ୍ଏଲ୍ସି ବିସ୍ଥାପିତଙ୍କୁ ଥଇଥାନ, କ୍ଷତିପୂରଣ ଦିଅ

ରେଙ୍ଗାଲି, ୧୪।୮ (ଡି.ଏନ.ଏ.)

ତଲାବିରା କୋଇଲା ଖଣି ଦ୍ୱାରା କ୍ଷତିଗ୍ରସ୍ତ, ବିସ୍ଥାପିତ ପରିବାର ବର୍ଗଙ୍କ ଉପଯୁକ୍ତ ଥଇଥାନ କରାଯାଉ। ସେମାନଙ୍କୁ କ୍ଷତିପୂରଣ ଦିଆଯାଉ। ରେଙ୍ଗାଲି ବ୍ଲକ ଖିଣ୍ଡାସ୍ଥିତ ମାତୃଭୂମି ସଂଗଠନ ସମ୍ବଲପୁର ଜିଲାପାଳଙ୍କୁ ଏ ନେଇ ଏକ ଦାବିପତ୍ର ଦେଇଛି। ଏନଏଲସି କମ୍ପାନୀରେ ସ୍ଥାନୀୟ ଲୋକଙ୍କୁ ସିଧାସଳଖ ନିଯୁକ୍ତି ମିଳୁ। କମ୍ପାନୀ ଲାଭାଂଶରେ ଭାଗିଦାରୀ କରାଯାଉ। କ୍ଷତିପୂରଣ ପ୍ରଦାନ ନିମନ୍ତେ ପ୍ରଶାସନ ଏବଂ କମ୍ପାନୀ ଦ୍ୱାରା କରାଯାଇଥିବା ବର୍ଗୀକରଣ ଉଚ୍ଛେଦ ହେଉ। ସରକାରୀ ଜମିରେ ବସବାସ କରୁଥିବା ପରିବାର ବର୍ଗଙ୍କୁ ମଧ୍ୟ ସମାନ କ୍ଷତିପୂରଣ ପ୍ରଦାନ କରାଯାଉ। କମ୍ପାନୀରେ ସେବା ପ୍ରଦାନକାରୀ ଠିକା ସଂସ୍ଥାଗୁଡିକରେ ୭୫ ପ୍ରତିଶତ ସ୍ଥାନୀୟ ନିଯୁକ୍ତି ଦିଆଯାଉ। ବିସ୍ଥାପିତ ହେଉଥିବା ଅଞ୍ଚଳରେ ସିଏସଆର ଫଣ୍ଡକୁ ଶତ ପ୍ରତିଶତ ବିନିଯୋଗ କରିବାକୁ ଦାବି କରାଯାଇଛି । ବୁଧବାର ସଂଗଠନର ସଭାପତି ହେମନ୍ତ କୁମାର ପାଣ୍ଡେ, କାର୍ଯ୍ୟକାରୀ ସଭାପତି ପିତାମ୍ବର ବିଶ୍ୱାଳ, ଖିଣ୍ଡା ସରପଞ୍ଚ ନୀଳାବତି ଓରାମ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଉପରୋକ୍ତ ଦାବିଗୁଡିକ ପୂରଣ ନ ହେବା ଯାଏଁ ଏନଏଲସି କମ୍ପାନୀକୁ କାମ ଆରମ୍ଭ କରି ଦିଆଯିବ ନାହିଁ । କମ୍ପାନୀର ମନମୁଖି କାର୍ଯ୍ୟକଳାପକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଭିଏସ୍ଏସ୍ ଆଞ୍ଚଳିକ ସୁରକ୍ଷା ମଞ୍ଚ

ରେଙ୍ଗାଲି, ୧୪।୮ (ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତଠାରେ ଖିଣ୍ଡା, ମଲଦା ଏବଂ ପତ୍ରାପାଲି ପଞ୍ଚାୟତର ଜନସାଧାରଣ ଏବଂ ଜନପ୍ରତିନିଧିମାନଙ୍କୁ ନେଇ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏନଏଲସି ଖଣି ଏବଂ ପାୱାର ପ୍ଲାଣ୍ଟ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଏବଂ ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କ ସ୍ୱାର୍ଥରକ୍ଷା ଏବଂ ଦାବି ହାସଲ ପାଇଁ ଏହି ଅବସରରେ ବୀର ସୁରେନ୍ଦ୍ର ସାଏ ଆଞ୍ଚଳିକ ସୁରକ୍ଷା ମଞ୍ଚ ନାମରେ ଏକ ସଂଗଠନ ଗଠନ କରାଯାଇଛି । ସ୍ଥାନୀୟ ଜନସାଧାରଣଙ୍କର ବିଭିନ୍ନ ସମସ୍ୟା, ସ୍ୱାର୍ଥ, ଦାବିକୁ ଜିଲା ପ୍ରଶାସନ ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କଠାରେ ଉପସ୍ଥାପିତ କରି ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ଦିଗରେ ଏହି ସଂଗଠନ କାମ କରିବ। ଏହି ନବ ଗଠିତ ସଂଗଠନରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ଦିଲୀପ ସାହୁ, ଉପସଭାପତି ଭାବରେ ପଦ୍ମଲୋଚନ ଧର ଏବଂ ନୀଳମାଧବ ସିଂ ରହିଛନ୍ତି। ସାଧାରଣ ସମ୍ପାଦକ ଭାବରେ ହୃଦାନନ୍ଦ ରାଏ, ସମ୍ପାଦକ ଭାବରେ ପ୍ରମୋଦ ଦାସ, ଅମିତ କୁମାର ନାଗ ଏବଂ ମହେଶ୍ୱର ଭୋଇ, କୋଷାଧ୍ୟକ୍ଷ ଭାବରେ ସରୋଜ ପ୍ରଧାନଙ୍କୁ ମନୋନୀତ କରାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବାବାଜୀ ମହାରାଜଙ୍କ ଜୟନ୍ତୀ, ବିଜ୍ଞାନମେଳା

ରେଢାଖୋଲ, ୧୪।୮ (ଡି.ଏନ.ଏ.)

ରେଢାଖୋଲ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବୁଧବାର ବାବାଜୀ ମହାରାଜଙ୍କ ୧୧୨ତମ ଜୟନ୍ତୀ ପାଳନ ସହ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ସହଶିକ୍ଷାଧିକାରୀ ଚନ୍ଦ୍ରମଣି ପ୍ରଦାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଚାରମାଳ ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ସୁଜାତା ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାମ୍ପ୍ରତିକ ଯୁଗରେ ବିଜ୍ଞାନର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। କଦଳୀଗଡ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଦୁଃଖୀଶ୍ୟାମ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ବବାଜୀ ମହାରାଜଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଗୋପିନାଥ ଖିଲାରୀ ଆୟୋଜିତ ସଭାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବିଶ୍ୱାଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସହସମ୍ପାଦକ ସରୋଜ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷା ପ୍ରମୋଦା ବିଶ୍ୱାଳ ଧନ୍ୟବାଦ କରିଥିଲେ। ପ୍ରାଥମିକସ୍ତରରେ ପଞ୍ଚମ ଶ୍ରେଣୀ ଛାତ୍ରୀ ସ୍ନେହାସ୍ମିତା ସ୍ୱାଇଁ ପ୍ରଥମ ହୋଇଥିବା ବେଳେ ଉଚ୍ଚ ପ୍ରାଥମିକସ୍ତରରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଏଲିନା ମହାକୁଡ ପ୍ରଥମ ଓ ହାଇସ୍କୁଲସ୍ତରରେ ନବମ ଶ୍ରେଣୀ ଛାତ୍ର ସ୍ୱାଧୀନ କୁମାର ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ।



ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବାବାଜୀ ମହାରାଜଙ୍କ ଜୟନ୍ତୀରେ ମଞ୍ଚାସୀନ ଅତିଥି।

# ୨ ମାସର ଦରମା ମିଳିନି

ଧମା, ୧୪।୮ (ଡି.ଏନ.ଏ.)

ଦରମା ପ୍ରଦାନରେ ସର୍ବଦା ଜୁନିୟର ଶିକ୍ଷକଙ୍କୁ ଅଣଦେଖା ଓ ଅବହେଳିତ କରାଯାଉଥିବା ବାରମ୍ବାର ଅଭିଯୋଗ ହେଉଛି । ଏପରି ଏକ ଅଭିଯୋଗ ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଜୁନିୟର ଶିକ୍ଷକଙ୍କ ପକ୍ଷରୁ ଆସିଛି । ମାନେଶ୍ୱର ବ୍ଲକରେ ୫୦ ଜଣ ଶିକ୍ଷା ସହାୟକ, ୪୦ଜଣ ଜୁନିୟର ଶିକ୍ଷକ, ୭ଜଣ ଗଣଶିକ୍ଷକ, ଲେଭେଲ- ଭି ଏକ୍ସ କ୍ୟାଡର ୪୮ ଜଣ ଶିକ୍ଷକଙ୍କୁ ମିଶାଇ ସମୁଦାୟ ୧୪୫ ଜଣ କାର୍ଯ୍ୟରତ ଅଛନ୍ତି। ଏମାନଙ୍କୁ ଗତ ଜୁନ ଓ ଜୁଲାଇ ମାସର ଦରମା ମିଳୁ ନ ଥିବାରୁ ଅନିଶ୍ଚିତତାରେ କାଳ କାଟୁଛନ୍ତି ଏମାନଙ୍କ ପରିବାର। ଗତ ଏପ୍ରିଲ ଓ ମେ ମାସର ଦରମା ମଧ୍ୟ ମିଳିନ ଥିବାରୁ ଏହିପରି ହଇରାଣ ହୋଇଥିଲେ ଏହି ଶିକ୍ଷକମାନେ । ସେ ସମୟରେ ଜଣେ ଶିକ୍ଷକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ମଧ୍ୟ କରିଥିଲେ। ପରେ ପ୍ରଶାସନର ଚେତା ପଶିଥିଲା। ଫଳରେ ୨ ମାସର ଦରମା ଶିକ୍ଷକମାନଙ୍କୁ ପ୍ରଦାନ କରାଯାଇଥିଲା । ମାତ୍ର ବର୍ତ୍ତମାନ ପୁଣି ସେହି ଅବସ୍ଥା ଉପୁଜିଛି। ଗତ ଜୁନ ଓ ଜୁଲାଇ ମାସର ଦରମା ପାଇଁ ପୁଣି ଏହି ଶିକ୍ଷକମାନେ ଅପେକ୍ଷା କରି ରହିଛନ୍ତି। ଜଣେ ଶିକ୍ଷକ କହନ୍ତି ଯେ, ଦରମା ହେଉ ନ ଥିବାରୁ ରାସନ ଦୋକାନରେ ଧାରକରଜ ବଢ଼ିଯାଇଛି। ଦୋକାନୀ ଆଉ ବାକିରେ ଜିନିଷ ଦେବାକୁ ମଧ୍ୟ ମନା କରି ଦେଇଛନ୍ତି। ତେବେ ଏ ବାବଦରେ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ଉଭୟଙ୍କ ଉତ୍ତର ତାଳ ମେଳ ଖାଉ ନାହିଁ । ବ୍ଲକ ଶିକ୍ଷାଧିକାରୀ ସନାତନ ବିଶ୍ୱାଳ କହନ୍ତି ଦୁଇ ଦିନରେ ଦରମା ହୋଇଯିବ। ଜିଲା ଶିକ୍ଷାଧିକାରୀ ସୁବୋଧ ଦାସ ଆଲଟମେଣ୍ଟ ନ ଥିବାରୁ ଦରମା ହୋଇପାରୁ ନାହିଁ ବୋଲି କହୁଛନ୍ତି।

# ପୂର୍ତ୍ତ ବିଭାଗ ରାସ୍ତାରୁ ଜବରଦଖଲ ଉଚ୍ଛେଦ

ବାମରା, ୧୪।୮ (ସ୍ୱ.ପ୍ର.)

ବାମରା ବସଷ୍ଟାଣ୍ଡ ଛକ ବୁଲାଣିଠାରେ ପୂର୍ତ୍ତବିଭାଗ ରାସ୍ତା ଜବରଦଖଲ କରି ଦୋକାନ ଘର କରାଯାଇଥିବା ବେଳେ ଏ ନେଇ ବାରମ୍ବାର ଅଭିଯୋଗ ପରେ ଶେଷରେ ଉଚ୍ଛେଦ କରାଯାଇଛି । ବାମରା ସରକାରୀ ଓଆରସିଟିସି ବସଷ୍ଟାଣ୍ଡକୁ ଅନାମ ତ୍ରିପାଠୀ ଜବରଦଖଲ କରି ରଖିଥିବା ବେଳେ ଏହା ସହିତ ପୂର୍ତ୍ତବିଭାଗ ରାସ୍ତା ପର୍ଯ୍ୟନ୍ତ ଅତିକ୍ରମ କରି ୨ଟି କୋଠରୀ ନିର୍ମାଣ କରି ଏକ ତେଜରାତି ଦୋକାନ କରି ଥିଲେ। ଉକ୍ତ ସ୍ଥାନଟି ମୁଖ୍ୟରାସ୍ତା ସହ ବୁଲାଣି ହୋଇଥିବାରୁ ସେଠାରେ ବାରମ୍ବାର ଦୁର୍ଘଟଣା ହେଉଥିବା ନେଇ ଅଭିଯୋଗ ରହିଥିଲା । ଗତ ପ୍ରାୟ ୬ମାସ ତଳେ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ କରି ପୂର୍ତ୍ତ ବିଭାଗ ରାସ୍ତା ଜମି ଉପରୁ ଜବରଦଖଲ ହଟାଇବା ପାଇଁ ତାଙ୍କୁ ନୋଟିସ କରାଯାଇଥିଲା । ହେଲେ ବାରମ୍ବାର ତାଗିଦ ସତ୍ତ୍ୱେ ସେ ଉକ୍ତ ସ୍ଥାନରୁ ଜବରଦଖଲ ଉଚ୍ଛେଦ ନ କରିବା ଯୋଗୁ ମଙ୍ଗଳବାର ସାହାୟକ ଜିଲାପାଳ ହରେନ୍ଦ୍ର ଭୋଇ ଓ ବାମରା ତହସିଲଦାର ଅନୀଲ କୁଲୁ ଜେସିବି ମାଧ୍ୟମରେ ୨ କୋଠରୀ ମଧ୍ୟରୁ ରାସ୍ତା କଡରେ ଥିବା ଏକ କୋଠରୀକୁ ଭାଙ୍ଗି ଦେଇଥିଲେ । ଏହି ସମୟରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ବିରଞ୍ଚି ନାରାୟଣ ସାହୁ ଓ ରାଜସ୍ୱ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଗୋବିନ୍ଦପୁର ଥାନା ଅଧିକାରୀ ପ୍ରତାପ କୁମାର ରଣା, ଏସ୍ଆଇ ଥୋମାସ କେର୍କେଟା, ଶର୍ମିଷ୍ଠା ସୁନା ଫୋର୍ସ ସହ ଉପସ୍ଥିତ ଥିଲେ।



ବାମରାରେ ରାସ୍ତା ଜବରଦଖଲ ଉଚ୍ଛେଦ ହେଉଛି।

## ଫଟୋରେ ଖବର







ରେଢାଖୋଲ ସହରର ଶୁଣ୍ଡିମୁଣ୍ଡାସ୍ଥିତ ସରକାରୀ ଅନୁସୂଚିତ ଜାତି ଓ ଜନଜାତି ହାଇସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ବୃକ୍ଷରୋପଣରେ ସାମିଲ ହୋଇଛନ୍ତି (ବାମ)। ସମ୍ବଲପୁର ମହାନଦୀ ଦ୍ୱିତୀୟ ସେତୁ ନିକଟରେ ବଜରଙ୍ଗ ଦଳ ପକ୍ଷରୁ ଚାରା ରୋପଣ କରାଯାଉଛି (ମଝି) । ରେଡିଓ ହୀରାଖଣ୍ଡ ପକ୍ଷରୁ ବୁଧବାର ରାତିରେ ଏକ ହୋଟେଲର ସମ୍ମିଳନୀ କକ୍ଷରେ ଆୟୋଜିତ ଆଲୋଚନାଚକ୍ର।



"ଜମ୍ମୁ-କଶ୍ମୀର ବିଧାନସଭାରେ ଜଣେ ଭାଜପା ମୁଖ୍ୟମନ୍ତ୍ରୀଙ୍କୁ ବସାଇବା ପାଇଁ କେନ୍ଦ୍ର ସରକାର ଅନୁଚ୍ଛେଦ ୩୭୦କୁ ହଟାଇ ଦେଇଛନ୍ତି। ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କ ସନ୍ତାନମାନେ ମୋତେ ହତ୍ୟା କରିପାରନ୍ତି।
-ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍‌ଆଇଏମ୍ ଅଧକ୍ଷ





୭୩ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାରେ ପ୍ରସ୍ତୁତି ଶେଷ।



ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଆଗ୍ରାସ୍ଥିତ ତାଜମହଲ ପରିସରରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ସୁରକ୍ଷା କର୍ମୀ।



ପଞ୍ଜାବର ଭଟିଣ୍ଡାରେ ସ୍ୱାଧୀନତା ଦିବସ ପୂର୍ବରୁ ସେଲ୍ଫି ନେଉଛନ୍ତି ପୋଲିସ କର୍ମଚାରୀ।

# କଶ୍ମୀର ସବୁଠୁ ବଡ଼ ନିଷ୍ପତ୍ତି

**ନୂଆଦିଲ୍ଲୀ,୧୪।୮(ଆଇଏଏନ୍‌ଏସ୍)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଦ୍ୱିତୀୟ ପାଳି ସରକାରର ୭୫ ଦିନ ପୂରଣ କରିଛନ୍ତି। ଏହି ଅବସରରେ ସେ ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ତାଙ୍କ ସରକାରର ପ୍ରାଥମିକତା ଏବଂ ଜମ୍ମୁ-କଶ୍ମୀରଠାରୁ ଆରମ୍ଭ କରି ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ମତବ୍ୟକ୍ତ କରିଛନ୍ତି। ବହୁବର୍ଷ ଧରି ଜମ୍ମୁ-କଶ୍ମୀରରେ ଭୟର ରାଜୁତି ଚାଲିଥିଲା। ଏବେ ସେଠାରେ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ବିକାଶ ପାଇଁ ସୁଯୋଗ ଦେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହା ସରକାରଙ୍କର ସବୁଠୁ ବଡ଼ ନିଷ୍ପତ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ତାଙ୍କ ସରକାର ପ୍ରଥମ କିଛି ଦିନ ମଧ୍ୟରେ ଅଭୂତପୂର୍ବ ସଫଳତା ହାସଲ କରିପାରିଛି। ସ୍ୱଷ୍ଟନୀତି ଏବଂ ଠିକ୍ ମାର୍ଗଦର୍ଶନ ଯୋଗୁ ଏହି ସଫଳତା ମିଳିପାରିଛି। ଶିଶୁ ସୁରକ୍ଷାଠାରୁ ଆରମ୍ଭ କରି ଚନ୍ଦ୍ରୟାନ-୨, ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନଠାରୁ ଆରମ୍ଭ କରି ମୁସଲମାନ ମହିଳାଙ୍କୁ ତିନି ତଲାକର ଅଭିଶାପରୁ ମୁକ୍ତ କରିବା, କଶ୍ମୀରଠାରୁ କିଷାନ ପର୍ଯ୍ୟନ୍ତ ଏକ ଦୃଢ଼ ତଥା ବହୁମତ ସରକାର ଯାହା କରିବା କଥା ଆମେ ତାହା କରି ଦେଖାଇଛୁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଜଳଯୋଗାଣରେ ଉନ୍ନତି ଏବଂ ସଂରକ୍ଷଣ ଲାଗି ଗଠିତ ଜଳଶକ୍ତି ମନ୍ତ୍ରଣାଳୟ ମିଶନ ମୋଡ୍‌ରେ କାର୍ଯ୍ୟ କରୁଛି।

ସପ୍ତଦଶ ଲୋକ ସଭାର ପ୍ରଥମ ଅଧିବେଶନ ୧୯୫୨ ପରଠାରୁ ସବୁଠୁ ଫଳପ୍ରଦ ହୋଇପାରିଛି। ଏହି ସମୟ ମଧ୍ୟରେ କୃଷକ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ପେନ୍‌ସନ ଯୋଜନା, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସଂସ୍କାର, ଇନ୍‌ସଲଭେନ୍ସି ଓ ବ୍ୟାଙ୍କ୍ରପ୍ସି ନିୟମରେ ସଂଶୋଧନ, ଶ୍ରମ ସଂସ୍କାର ଆଦି ସରକାରଙ୍କର ବଡ଼ ସଫଳତା। ଯେତେବେଳେ ଉଦ୍ଦେଶ୍ୟ ଠିକ୍, ଲକ୍ଷ୍ୟ ଓ କାର୍ଯ୍ୟକାରିତା ସ୍ୱଷ୍ଟ ଏବଂ ଜନସାଧାରଣଙ୍କ ସମର୍ଥନ ରହିଥାଏ, ସେତେବେଳେ ଅନେକ କିଛି କରାଯାଇପାରିବ। ସ୍ୱାଧୀନତା ଦିବସରେ ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲା ପ୍ରାଚୀରରେ ଷଷ୍ଠଥର ପାଇଁ ଜାତୀୟ ପତାକା ଉତ୍ତୋଳନ କରି ଦେଶବାସୀଙ୍କୁ ସମ୍ବୋଧିତ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାକ୍ଷାତକାରରେ ଏହି ବାର୍ତ୍ତା ଦେଇଛନ୍ତି।

■ ସ୍ୱାଧୀନତା ଦିବସ ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତିଙ୍କ ବାର୍ତ୍ତା

# ପରିବର୍ତ୍ତନରୁ ଲାଭବାନ ହେବେ କଶ୍ମୀରବାସୀ

**ନୂଆଦିଲ୍ଲୀ,୧୪।୮(ପି.ଟି.)**

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିବାରୁ ସେଠାର ଜନସାଧାରଣ ଯଥେଷ୍ଟ ଉପକୃତ ହେବେ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସରକାର ଦେଶବାସୀଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ କାର୍ଯ୍ୟ କରୁଥିବା ୭୩ତମ ସ୍ୱାଧୀନତା ଦିବସ ପୂର୍ବ ସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି।

ଜମ୍ମୁ-କଶ୍ମୀରରେ ହୋଇଥିବା ପରିବର୍ତ୍ତନ ଏହାର ଜନସାଧାରଣଙ୍କୁ ଅନ୍ୟ ରାଜ୍ୟର ଲୋକମାନଙ୍କ ଭଳି ସମାନ ଅଧିକାର ଓ ସୁବିଧା ସୁଯୋଗ ପ୍ରଦାନ କରିବ। ଅକ୍ଟୋବରରୁ ଜମ୍ମୁ-କଶ୍ମୀର ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହେବାକୁ ଯାଉଛି।

ଯେଉଁ ମହାନ୍ ନେତାମାନେ ଆମକୁ ସ୍ୱାଧୀନତା ଦେଇଗଲେ ସେମାନଙ୍କ ମତରେ ସ୍ୱାଧୀନତାର ଅର୍ଥ କେବଳ ରାଜନୈତିକ କ୍ଷମତାର ହସ୍ତାନ୍ତର ନ ଥିଲା। ରାଷ୍ଟ୍ର ନିର୍ମାଣ ଓ ଯୋଡ଼ିବାର ଦୀର୍ଘ ତଥା ବିଶାଳ ପ୍ରକ୍ରିୟାରେ ଏହାକୁ ଏକ ପାହାଚ ଭାବେ ସେମାନେ ବିବେଚନା କରିଥିଲେ ବୋଲି ରାଷ୍ଟ୍ରପତି କହିଛନ୍ତି। ଏକକାଳୀନ ତିନି ତଲାକ୍ ପ୍ରଥାକୁ ଦଣ୍ଡନୀୟ ଅପରାଧ କରାଯାଇଥିବାରୁ ଏହାଦ୍ୱାରା ଝିଅମାନଙ୍କୁ ନ୍ୟାୟ ମିଳିବ ବୋଲି ରାଷ୍ଟ୍ରପତି ମତ ଦେଇଛନ୍ତି। ସେହିପରି ଦେଶର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ସରକାର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା, ଅନଲାଇନ୍ ଟିକସ ସଂଗ୍ରହ ଏବଂ ଯୋଗ୍ୟ ବ୍ୟବସାୟୀମାନଙ୍କୁ



ସହଜରେ ପୁଞ୍ଜି ଉପଲବ୍ଧ କରାଇବା ଭଳି ଆର୍ଥିକ ଭିତ୍ତିଭୂମି ପ୍ରସ୍ତୁତ କରିଛନ୍ତି।

ନିକଟରେ ଶେଷ ହୋଇଥିବା ସଂସଦୀୟ ଅଧିବେଶନ ଉଭୟ ସମୟ ଓ ବିଲ୍ ଗୃହୀତ ହେବା ଦୃଷ୍ଟିରୁ ସବୁଠୁ ଫଳପ୍ରଦ ଅଧିବେଶନ ଥିଲା। ବିଭିନ୍ନ ଦଳର ସଦସ୍ୟମାନଙ୍କ ସହଯୋଗ ଓ ଗଠନମୂଳକ ଆଲୋଚନା ମାଧ୍ୟମରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହୀତ ହୋଇପାରିଥିଲା। ଆଗାମୀ ୫ ବର୍ଷ ପାଇଁ ଏହା ଏକ ଭଲ ସୂଚନା ବୋଲି ରାଷ୍ଟ୍ରପତି କହିଛନ୍ତି। ରାଷ୍ଟ୍ର ଓ ସମାଜ, ସରକାର ଓ ନାଗରିକ ପରସ୍ପରକୁ ସହଯୋଗ କରିବା ଆବଶ୍ୟକ। ସପ୍ତଦଶ ଲୋକ ସଭା ପାଇଁ ନିର୍ବାଚନରେ ଭାଗ ନେଇଥିବା ଜନସାଧାରଣଙ୍କୁ ରାଷ୍ଟ୍ରପତି ଅଭିନନ୍ଦନ ଜଣାଇଛନ୍ତି। ମାନବ ଇତିହାସରେ ଏହା ସର୍ବବୃହତ୍ ଗଣତାନ୍ତ୍ରିକ କାର୍ଯ୍ୟକ୍ରମ ଥିଲା। ଏବେ ଦେଶକୁ ଏକ ନୂଆ ସ୍ତରକୁ ନେଇଯିବା ଲାଗି ଆମକୁ ଏକାଠି କାର୍ଯ୍ୟ କରିବାକୁ ହେବ । ୧୯୪୭ ପୂର୍ବରୁ ସ୍ୱପ୍ନ ଥିଲା ସ୍ୱାଧୀନ ଭାରତ। ବର୍ତ୍ତମାନର ସ୍ୱପ୍ନ ହେଉଛି ବିକାଶକୁ ତ୍ୱରାନ୍ୱିତ କରିବା ତଥା ପ୍ରଭାବଶାଳୀ ଓ ସ୍ୱଚ୍ଛ ପ୍ରଶାସନ। ୧୩୦ କୋଟି ଭାରତୀୟଙ୍କ ଦକ୍ଷତା, ନବୋନ୍ମେଷ, ସୃଜନୀ ଓ ଔଦ୍ୟୋଗିକତାରେ ବିରାଟ ସୁଯୋଗ ଓ ସାମର୍ଥ୍ୟ ରହିଥିବା ରାଷ୍ଟ୍ରପତି କହିଛନ୍ତି।

# ଅଭିନନ୍ଦନଙ୍କୁ ବୀରଚକ୍ର

**ନୂଆଦିଲ୍ଲୀ,୧୪।୮(ପି.ଟି.)**

ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ସ୍ୱାଧୀନତା ଦିବସରେ ବୀରଚକ୍ର ସମ୍ମାନ ପ୍ରଦାନ କରାଯିବ। ଅଭିନନ୍ଦନ ପାକିସ୍ତାନ ସମ୍ମୁଖରେ ପ୍ରଦର୍ଶନ କରିଥିବା ନିଜର ବୀରତ୍ୱ ପାଇଁ ଏହି ସମ୍ମାନ ପାଇବେ। ଫେବୃୟାରୀ ୨୬ ବାଲାକୋଟ୍ ଏୟାରଷ୍ଟ୍ରାଇକ୍‌ର ଗୋଟିଏ ଦିନ ପରେ ଅଭିନନ୍ଦନ ଚଳାଉଥିବା ମିଗ୍-୨୧କୁ ପାକିସ୍ତାନୀ ବାୟୁସେନା ପକ୍ଷରୁ ଗୁଳିକରି ଖସାଇ ଦିଆଯିବା ପରେ ଅଭିନନ୍ଦନ ଆକାଶଛତା ଯୋଗେ ପାକିସ୍ତାନ ଅଧିକୃତ କଶ୍ମୀରରେ ଓହ୍ଲାଇଥିଲେ। ତାଙ୍କୁ ପାକିସ୍ତାନୀ ସେନା ଧରିନେଇ ଗୋଟିଏ ଦିନ ଅଟକ ରଖିଥିଲେ। ଅଭିନନ୍ଦନଙ୍କ ଜେଟ୍ ଖସାଇଦିଆଯିବା ପୂର୍ବରୁ ସେ ପାକିସ୍ତାନର ଏଫ-୧୬ ବିମାନକୁ ଆକ୍ରମଣ କରି ତଳକୁ ଖସାଇଦେଇଥିଲେ। ଅଭିନନ୍ଦନଙ୍କୁ ମାର୍ଚ୍ଚ ୧ ରାତିରେ ପାକିସ୍ତାନ ଦ୍ୱାରା



ମୁକ୍ତ କରାଯାଇଥିଲା। ୩୬ ବର୍ଷୀୟ ଏହି ବାୟୁସେନା ପାଇଲଟଙ୍କୁ ପାକିସ୍ତାନରେ ଆକ୍ରମଣ କରାଯିବାରୁ ତାଙ୍କ ମୁହଁରେ ସାମାନ୍ୟ ଆଘାତ ଲାଗିଥିଲା। ଅଭିନନ୍ଦନଙ୍କୁ ମେଡିକାଲ ବୋର୍ଡ ସମ୍ପୂର୍ଣ୍ଣ ସୁସ୍ଥ ପ୍ରମାଣପତ୍ର ଦେବା ପରେ ଆସନ୍ତା କିଛି ସପ୍ତାହ ମଧ୍ୟରେ ସେ ମିଗ୍-୨୧ ଲଢୁଆ ଜେଟ୍‌ବିମାନର କକ୍‌ପିଟ୍‌କୁ ପୁଣିଥରେ ଫେରିବା ସମ୍ଭାବନା ଉଜ୍ଜ୍ୱଳ ହୋଇଛି।

■ ପିଓକେରେ ଇମ୍ରାନ୍: ଭାରତକୁ ପୁଣି ଦେଲେ ଯୁଦ୍ଧ ଧମକ

# ଇଟାର ଜବାବ ପଥରରେ ଦିଆଯିବ

**ଇସ୍‌ଲାମାବାଦ, ୧୪।୮(ପି.ଟି./ଆଇଏଏନ୍‌ଏସ୍)**

ଭାରତର ପ୍ରତ୍ୟେକ ଇଟା ମାଡ଼ର ଜବାବ ପଥରରେ ଦିଆଯିବ ବୋଲି ଜମ୍ମୁ-କଶ୍ମୀର ସମ୍ପର୍କିତ ନିଷ୍ପତ୍ତିକୁ ନେଇ ବିଚଳିତ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ବୁଧବାର ପୁଣି ଯୁଦ୍ଧ ଧମକ ଦେଇଛନ୍ତି। କଶ୍ମୀର ପ୍ରସଙ୍ଗକୁ ଜାତିସଂଘ ସମେତ ସମସ୍ତ ବିଶ୍ୱ ମଞ୍ଚରେ ଉଠାଯିବ ବୋଲି କହିବା ସହ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନାକୁ ନେଇ ଅନ୍ତର୍ଜାତୀୟ ସମୁଦାୟର ନୀରବତା ଉପରେ ସେ ପ୍ରଶ୍ନ ଉଠାଇଛନ୍ତି।

ପାକିସ୍ତାନର ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ପିଓକେ ରାଜଧାନୀ ମୁଜାଫରାବାଦରେ ବିଧାନସଭାକୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେଲେ ସେଥିପାଇଁ ଅନ୍ତର୍ଜାତୀୟ



ସମୁଦାୟ ଦାୟୀ ରହିବ। ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର କରିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ରଣନୈତିକ ଭୁଲ। ମୋଦି ତାଙ୍କର ଶେଷ କାର୍ଡ ଖେଳିଛନ୍ତି। ଏଥିପାଇଁ ମୋଦି ଓ ଭାଜପାକୁ ବହୁମୂଲ୍ୟ ଦେବାକୁ ପଡ଼ିବ। କାରଣ ସେମାନେ କଶ୍ମୀର ପ୍ରସଙ୍ଗର ଆନ୍ତର୍ଜାତିକୀକରଣ କରିଛନ୍ତି। ଏବେ ବିଶ୍ୱର ନଜର କଶ୍ମୀର ଓ ପାକିସ୍ତାନ ଉପରେ ରହିଛି। ତେଣୁ ପ୍ରତ୍ୟେକ ଅନ୍ତର୍ଜାତୀୟ ମଞ୍ଚରେ କଶ୍ମୀରୀଙ୍କ ସ୍ୱର ଉଠାଇବା ପାଇଁ ନିଜେ ଆମ୍ବାସାଡର ହେବାକୁ ଚାହାଁନ୍ତି ବୋଲି ଇମ୍ରାନ୍ କହିଛନ୍ତି। କଶ୍ମୀରରେ କିଛି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଭାରତ ଯୋଜନା କରୁଛି ବୋଲି ପାକିସ୍ତାନ ପାଖରେ ସୂଚନା ରହିଛି। ଭାରତ ପଟୁ ଆକ୍ରମଣ ହେଲେ ପାକିସ୍ତାନୀ ସେନା ତା'ର କଡ଼ା ଜବାବ ଦେବ। ପ୍ରତିଟି ଇଟାର ଜବାବ ପଥରରେ ଦିଆଯିବ। ତୁମେ ଆମକୁ ଶିକ୍ଷା ଦେବାକୁ ଚାହୁଁଥିଲେ କାନଖୋଲି ଶୁଣ, ସମୟ ଆସିଛି ଏବେ ଆମେ ତୁମକୁ ଏକ ଶିକ୍ଷା ଦେବୁ। ଯୁଦ୍ଧ ଏଡ଼ାଇବା ପାଇଁ ଗଠିତ ଅନ୍ତର୍ଜାତୀୟ ସଙ୍ଗଠନଗୁଡ଼ିକ ପାଇଁ ପାକିସ୍ତାନର ସନ୍ଦେଶ ହେଉଛି ଯୁଦ୍ଧ ହେଲେ ସେଥିପାଇଁ ସେଗୁଡ଼ିକ ଦାୟୀ ହେବେ ବୋଲି ଇମ୍ରାନ୍ କହିଛନ୍ତି। ପ୍ରକାଶ ଯେ, ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରାଯିବା ପରେ ଗତ ସପ୍ତାହରେ ଇମ୍ରାନ୍ ଭାରତକୁ ପୁଲଓ୍ୱାମା ଭଳି ଆକ୍ରମଣ ଓ ଯୁଦ୍ଧଭୟ ଦେଖାଇଥିଲେ।

## ପ୍ରକାଶ ଯାଦବଙ୍କୁ କୀର୍ତ୍ତିଚକ୍ର

**ନୂଆଦିଲ୍ଲୀ,୧୪।୮(ଆଇଏଏନ୍‌ଏସ୍):** ଦେଶ ପାଇଁ ପ୍ରାଣବଳି ଦେଇଥିବା ଶହୀଦ ଯବାନ ପ୍ରକାଶ ଯାଦବଙ୍କୁ ସ୍ୱାଧୀନତା ଦିବସ ଅବସରରେ ମରଣୋତ୍ତର ଭାବେ ଦେଶର ତୃତୀୟ ସର୍ବୋଚ୍ଚ ସାମରିକ ପୁରସ୍କାର କୀର୍ତ୍ତିଚକ୍ରରେ ସମ୍ମାନିତ କରାଯିବ। ଗତବର୍ଷ ଜମ୍ମୁ-କଶ୍ମୀରର କୁଲ୍‌ଗାମ୍ ଜିଲାରେ ଆତଙ୍କବାଦୀଙ୍କ ସହ ଗୁଳିବିନିମୟ ବେଳେ ସେ ଶହୀଦ ହୋଇଥିଲେ। ତେବେ ମୃତ୍ୟୁ ପୂର୍ବରୁ ସେ ଦୁଇ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲେ। ସ୍ୱାଧୀନତା ଦିବସରେ ୮ ଜଣଙ୍କୁ ଶୌର୍ଯ୍ୟଚକ୍ର ସମ୍ମାନରେ ସମ୍ମାନିତ କରାଯିବ। ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ମରଣୋତ୍ତର ଭାବେ ଏହି ସମ୍ମାନ ମିଳିବ। ଏହାବ୍ୟତୀତ ପାକିସ୍ତାନର ବାଲାକୋଟରେ ଥିବା ଆତଙ୍କବାଦୀ ଶିବିରକୁ ବୋମାମାଡ଼ରେ ଧ୍ୱଂସ କରିଥିବା ମିରାଜ-୨୦୦୦ ଯୁଦ୍ଧବିମାନର ୫ ପାଇଲଟଙ୍କୁ ବାୟୁସେନା ମେଡାଲରେ ସମ୍ମାନିତ କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡିଛି।



ସ୍ୱାଧୀନତା ଦିବସ ପୂର୍ବରୁ ପାକିସ୍ତାନ ସଂଲଗ୍ନ ଅଖ୍‌ନୁର୍ ସୀମା ଚେନାବ ନଦୀରେ ବିଏସ୍‌ଏଫ୍ ଯବାନଙ୍କ ପାଟ୍ରୋଲିଂ।

# ଶାହ ଫୈଜଲ ଗୃହବନ୍ଦୀ

**ନୂଆଦିଲ୍ଲୀ/ଶ୍ରୀନଗର, ୧୪।୮(ପି.ଟି./ଆଇଏଏନ୍‌ଏସ୍)**

ରାଜନେତା ସାଜିଥିବା ଜମ୍ମୁ-କଶ୍ମୀରର ପୂର୍ବତନ ଆଇଏଏସ୍ ଅଧିକାରୀ ଶାହ ଫୈଜଲଙ୍କୁ ଦିଲ୍ଲୀ ବିମାନବନ୍ଦରରୁ ଶ୍ରୀନଗର ପଠାଇ ସେଠାରେ ଗୃହବନ୍ଦୀ କରାଯାଇଛି। ଫୈଜଲ ମଙ୍ଗଳବାର ବିଳମ୍ବିତ ରାତିରେ ତୁର୍କୀର ଇସ୍ତାନବୁଲ ଅଭିମୁଖେ ଯାତ୍ରା କରୁଥିବାବେଳେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସାଧାରଣ ନିରାପତ୍ତା ଆଇନ (ପିଏସ୍‌ଏ) ବଳରେ ତାଙ୍କୁ ଅଟକ ରଖାଯାଇଥିଲା। ପରେ ତାଙ୍କୁ ଅନ୍ୟ ଏକ ବିମାନରେ



**ଦିଲ୍ଲୀ ବିମାନବନ୍ଦରରୁ ଶ୍ରୀନଗର ପଠାଗଲା**

ଶ୍ରୀନଗର ପଠାଇଦିଆଯାଇଛି। ଏହା ପୂର୍ବରୁ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି, ଫାରୁକ୍ ଅବ୍‌ଦୁଲ୍ଲା ଓ ଓମାର ଅବ୍‌ଦୁଲ୍ଲାଙ୍କ ସମେତ ଅନେକ ନେତାଙ୍କୁ ଗୃହବନ୍ଦୀ ରଖାଯାଇଛି। କାରଣ ଜମ୍ମୁ-କଶ୍ମୀର ଉପରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ନେଇ ଏମାନେ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଇ ଉପତ୍ୟକାରେ ହିଂସାର ସୂତ୍ରପାତ କରିପାରନ୍ତି ବୋଲି ଆଶଙ୍କା କରାଯାଉଛି। ପ୍ରକାଶ ଯେ, ଶାହ ଫୈଜଲ ଗତ ଜାନୁୟାରୀରେ ଆଇଏଏସ୍ ଚାକିରି ଛାଡ଼ି ଜମ୍ମୁ-କଶ୍ମୀର ପିପୁଲ୍ସ ମୁଭ୍‌ମେଣ୍ଟ (ଜେକେପିଏମ୍) ନାମରେ ଏକ ରାଜନୈତିକ ଦଳ ଗଢ଼ିଥିଲେ। ଅନୁଚ୍ଛେଦ ୩୭୦ ହଟାଯିବା ପରେ ସେ ସୋସିଆଲ ମିଡିଆରେ କେନ୍ଦ୍ର ବିରୋଧୀ ପୋଷ୍ଟିଂ କରିଆସୁଥିଲେ।

ଇତିହାସର ଆଇନାରେ

**ଅଗଷ୍ଟ ୧୫ର ପ୍ରମୁଖ ଘଟଣା**

୧୯୬୦ ଅଗଷ୍ଟ ୧୫ରେ ରିପବ୍ଲିକ୍ ଅଫ୍ କଙ୍ଗୋ ଫ୍ରାନ୍ସଠାରୁ ସ୍ୱାଧୀନତା ଲାଭ କରିଥିଲା। ରିପବ୍ଲିକ୍ ଅଫ୍ କଙ୍ଗୋକୁ ସଂକ୍ଷେପରେ କଙ୍ଗୋ କୁହାଯାଏ।

୨୦୦୫ ଅଗଷ୍ଟ ୧୫ରେ ଫ୍ରି ଆକେ ମୁଭମେଣ୍ଟ ଏବଂ ଇଣ୍ଡୋନେସିଆ ସରକାର ମଧ୍ୟରେ ହେଲ୍‌ସିଙ୍କି ଚୁକ୍ତି ସ୍ୱାକ୍ଷରିତ ହେବାପରେ ଦୀର୍ଘ ୩ ଦଶନ୍ଧିର ସଂଗ୍ରାମର ଅନ୍ତ ଘଟିଥିଲା।

# ମାଲେସିଆରୁ ଜାକିରଙ୍କ ବହିଷ୍କାର ଦାବି

**କୁଆଲାଲମ୍ପୁର,୧୪।୮**

ଭାରତୀୟ ଇସ୍‌ଲାମୀୟ ଧର୍ମଗୁରୁ ଜାକିର ନାଏକଙ୍କୁ ମାଲେସିଆରୁ ବହିଷ୍କାର କରିବା ଲାଗି ୩ ଜଣ ମନ୍ତ୍ରୀ ଦାବି କରିଛନ୍ତି। ୩ ବର୍ଷ ହେଲା ମାଲେସିଆରେ ରହୁଥିବା ଜାକିରଙ୍କ ବିରୋଧରେ ଭାରତରେ ମନିଲଣ୍ଡରିଂ ଏବଂ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେବା ନେଇ ମାମଲାର ବିଚାର ଚାଲିଛି। ଭାରତରେ ଥିବା ସଂଖ୍ୟାଲଘୁ ମୁସଲମାନଙ୍କ ତୁଳନାରେ



ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରରେ ରହୁଥିବା ହିନ୍ଦୁମାନଙ୍କର ୧୦୦ ଗୁଣ ଅଧିକ ଅଧିକାର ଥିବା କହି ସେ ପୁଣି ବିବାଦ ଘେରକୁ ଆସିଛନ୍ତି। ଜାକିର ମୁସଲମାନ ଓ ଅଣମୁସଲମାନମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ଲକ୍ଷ୍ୟରେ ଏଭଳି କହୁଥିବା ଅଭିଯୋଗ ହୋଇଛି। ମନ୍ତ୍ରୀ ଗୋବିନ୍ଦ ସିଂ ଦେଓ, ଏମ୍. କୁଲଶେଗରନ, ଜାଭିଏର ଜୟକୁମାର ଜାକିରଙ୍କ ବହିଷ୍କାର ଲାଗି ପ୍ରଧାନମନ୍ତ୍ରୀ ମହାଥିର୍ ମହମ୍ମଦଙ୍କୁ ଅନୁରୋଧ କରିଛନ୍ତି।

# ଚନ୍ଦ୍ରର ପ୍ରକ୍ଷେପ ପଥରେ ଚନ୍ଦ୍ରୟାନ-୨

**ଚେନ୍ନାଇ,୧୪।୮(ଆଇଏଏନ୍‌ଏସ୍)**

ଭାରତର ଦ୍ୱିତୀୟ ମୁନ୍ ମିଶନ୍ ଚନ୍ଦ୍ରୟାନ-୨ ବୁଧବାର ସଫଳତାର ସହିତ ଚନ୍ଦ୍ରର ପ୍ରକ୍ଷେପ ପଥ(ଲୁନାର ଟ୍ରାନ୍ସଫର ଟ୍ରାଜେକ୍ଟୋରି)ରେ ପ୍ରବେଶ କରିଥିବା ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ରାତି ୨ଟା ୨୧ରେ ୧୨୦୩ ସେକେଣ୍ଡ ପାଇଁ ସ୍ପେସ୍‌କ୍ରାଫ୍ଟର ମୋଟରକୁ ଫାଏରିଂ କରାଯିବା ପରେ ଚନ୍ଦ୍ରୟାନ-୨ ଲୁନାର ଟ୍ରାନ୍ସଫର ଟ୍ରାଜେକ୍ଟୋରି ମଧ୍ୟକୁ



ପ୍ରବେଶ କରିଥିଲା। ଉକ୍ତ ସ୍ପେସ୍‌କ୍ରାଫ୍ଟର ଗତିଶୀଳତା ଉପରେ ନିରନ୍ତର ନଜର ରଖାଯିବା ସହିତ ଏହାର ଗତିବିଧି ନିୟନ୍ତ୍ରଣ କରାଯାଉଛି। ଜୁଲାଇ ୨୨ରେ ଜିଏସ୍‌ଏଲ୍‌ଭି ମେକ୍‌୩-ଏମ୍୧ ରକେଟ ଦ୍ୱାରା ଚନ୍ଦ୍ରୟାନ-୨କୁ ଲଞ୍ଚ୍ କରାଯିବା ପରଠାରୁ ଏଥିରେ ଥିବା ସମସ୍ତ ଯନ୍ତ୍ରାଂଶ ସ୍ୱାଭାବିକ ଭାବେ କାର୍ଯ୍ୟ କରୁଛି। ସେପ୍ଟେମ୍ବର ୭ରେ ଏହା ଚନ୍ଦ୍ରର ଦକ୍ଷିଣ ମେରୁରେ ଧୀରେ ଧୀରେ ଅବତରଣ କରିବ ବୋଲି ଇସ୍ରୋ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଛି।

# ବଲାଙ୍ଗୀରରେ ବନ୍ୟା ଦୁର୍ଦ୍ଦଶା


ବରପାଲିପଡା ପୋଲର ଦୁର୍ଦ୍ଦଶା ।


ମେଘନାଦପଡାରେ ଭାଙ୍ଗିଯାଇଥିବା ଘର ।


ଧୋଇ ହୋଇଯାଇଥିବା ମାଳପଡା ରେଲୱେ ଷ୍ଟେଶନ୍ ରାସ୍ତା ।


ଧୋଇ ହୋଇଯାଇଥିବା ଗନ୍ଧରେଲ ଡ୍ୟାମ୍ ।


ବରପାଲିପଡାରେ ଧୋଇ ହୋଇଯାଇଥିବା ଘର ।


ଠିକାଦାରପଡା ଲକ୍ଷ୍ମୀଯୋର ପାଣିରେ ଧୋଇ ହୋଇଯାଇଥିବା ଜଣେ ବ୍ୟକ୍ତିଙ୍କ ଘର ।


ରିଲିଫ୍ ସାମଗ୍ରୀ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଲୋକଙ୍କ ଭିଡ ।


ବନ୍ୟା ପରେ ଭୁଜା ମିଲରେ ଲୋକେ ଲାଇନ୍ ଲାଗି ଭୁଜା କିଣୁଛନ୍ତି ।


କୃପାସାଗର ଉଛୁଳା ପାଣିରେ ମଳମଣ୍ଡା-କୁର୍ଲୁପାଲି ରାସ୍ତାରେ ଘାଇ ସୃଷ୍ଟି ହୋଇଛି ।

**ବଲାଙ୍ଗୀର ଅଫିସ, ୧୪।୮**

ବଲାଙ୍ଗୀରର ଅଭୂତପୂର୍ବ ବନ୍ୟା ପରିସ୍ଥିତି ଶତାଧିକ ଲୋକଙ୍କ ଘରଦ୍ୱାର ଓ ରାସ୍ତାଘାଟ ଛିନଭିନ୍ କରିଦେଇଛି। ମଙ୍ଗଳବାର ସନ୍ଧ୍ୟାରୁ ବର୍ଷା କମିବା ପରେ ବୁଧବାର ବନ୍ୟାର ଭୟାନକ ଚିତ୍ର ଲୋକଙ୍କୁ ବିବ୍ରତ କରିପକାଇଛି। ବଲାଙ୍ଗୀର ସହର ସମେତ ୫ଟି ବ୍ଲକର ଶତାଧିକ ଗ୍ରାମରେ ବନ୍ୟା ବିଭୀଷିକା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ରିଲିଫ୍ ସାମଗ୍ରୀ ପହଞ୍ଚାଇବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ବହୁସ୍ଥାନରେ ଲୋକେ ହଇରାଣ ହୋଇଥିବା ଜଣାପଡିଛି। ଅନେକ ସ୍ଥାନରେ ସ୍ୱେଚ୍ଛାସେବୀମାନେ ଲୋକଙ୍କ ଖାଇବା ବ୍ୟବସ୍ଥା କରିଥିବା ଜଣାପଡିଛି।

ଲୋକଙ୍କ କହିବା ମୁତାବକ, ବଲାଙ୍ଗୀର ସହରରେ ପ୍ରାୟ ୩୭ ବର୍ଷ ପରେ ଏଭଳି ପ୍ରଳୟଙ୍କରୀ ବନ୍ୟା ଦେଖିବାକୁ ମିଳିଛି । ଶେଷଥର ପାଇଁ ୧୯୮୨ରେ ୧୩ଦିନର ଲଗାଣ ବର୍ଷାରେ

- ଧୋଇ ହୋଇଗଲା ରାସ୍ତା, ଭାଙ୍ଗିଗଲା ଶତାଧିକ ଘର
- ଭୁଶୁଡି ଗଲା ଗନ୍ଧରେଲ ଡ୍ୟାମ୍
- ରିଲିଫ୍ ଆଶାରେ ବିପନ୍ନଙ୍କ ଭିଡ
- ୫ ବ୍ଲକର ଶତାଧିକ ଗାଁ ପରିସ୍ଥିତି ସାଂଘାତିକ
- ଖାଇବାକୁ ପାଉ ନ ଥିବା ଅଭିଯୋଗ

ବଲାଙ୍ଗୀର ସହରରେ ସାଂଘାତିକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ମଙ୍ଗଳବାର ଓ ବୁଧବାର ୨ଦିନର ଲଗାଣ ବର୍ଷା ୧୯୮୨ର ବନ୍ୟା ରେକର୍ଡକୁ ଭାଙ୍ଗି ଦେଇଛି। ମଙ୍ଗଳବାର ୨୬୩ ମିଲିମିଟର ଏବଂ ବୁଧବାର ୫୫୫ ମିଲିମିଟର ବର୍ଷା ଫଳରେ ବଲାଙ୍ଗୀର ସହରରେ ବନ୍ୟା ପରିସ୍ଥିତି


ପଲିଥିନ୍ ଆଶାରେ ପୁଇଁନ୍ତଲା ତହସିଲ ଅଫିସକୁ ଧାଇଁଥିବା ବିଭିନ୍ନ ଗ୍ରାମର ଗ୍ରାମବାସୀ ।

ଉପୁଜିଥିଲା । ଏପରି କି ବଲାଙ୍ଗୀର ସହର ଉପର ମୁଣ୍ଡରେ ଥିବା ଗନ୍ଧରେଲ ଡ୍ୟାମ ଧୋଇ ହୋଇଯିବା ଫଳରେ ଏକା ସମୟରେ ଡ୍ୟାମ ପାଣି ସହର ଭିତରକୁ ମାଡି ଆସିଥିବାରୁ ସମଗ୍ର ସହର ଜଳମଗ୍ନ ହୋଇଯାଇଥିବା ଜଣାପଡିଛି। ବର୍ଷା ଛାଡିବା ପରେ ସମଗ୍ର ବଲାଙ୍ଗୀର ସହରର ବିପନ୍ନ ଚିତ୍ର ଦେଖିବାକୁ ମିଳିଛି। ଲକ୍ଷ୍ମୀଯୋର ଉଭୟ କଡରେ ଶତାଧିକ ଘର ଧୋଇ ହୋଇଯାଇଥିବାବେଳେ ରାସ୍ତା, ପୋଲ ମଧ୍ୟ ଧୋଇ ହୋଇଯାଇଛି। ମେଘନାଦପଡ଼ା, ଚିମନିଭାଟି, ଆମପଡ଼ା, ବରପାଲିପଡା, ବିଭୂତିପଡ଼ା, ବ୍ରାହ୍ମଣପଡ଼ା, ଠିକାଦାରପଡ଼ା, ପୋଲିସ କଲୋନୀପଛପଟ, ରାଜେନ୍ଦ୍ରପଡ଼ା, ଚମାରପଡ଼ା, ଡ୍ୟାମପଡ଼ା, ଆଦର୍ଶପଡ଼ା, ରାଜୀବନଗର, ସାଲେପାଲି, ମାଳପଡା, ଉଦୟନଗର, ତେଲଗୋଠପଡା, ଟିକ୍ରାପଡା, ଗେଟସରୋବରପଡ଼ା, ବେହେରାପାଲି, ଗାନ୍ଧୀନଗରପଡ଼ା, ରାମେଶ୍ୱରନଗର, ଗୁଡୁଗୁଡିପଡ଼ା, ମ୍ୟୁନିସିପାଲିଟି କଲେନୀପଡ଼ା, ସାଗରପଡ଼ା, ଶାନ୍ତିପଡ଼ା, ଧୁମାମରା, ଲର୍କିପାଲିରେ, ତାଲପାଲିପଡ଼ା, କନ୍ଧପାଲିପଡ଼ାରେ ଲୋକଙ୍କ ଅବସ୍ଥା ଉଦ୍‌ବେଗଜନକ ହୋଇପଡିଥିଲା । ଏହି ପଡ଼ାରେ ଶତାଧିକ ଲୋକଙ୍କ ଘର ଭାଙ୍ଗି ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟ ହୋଇଯାଇଛି। ମ୍ୟୁନିସିପାଲିଟି କଲୋନୀପଡ଼ାରେ ଦଇମତି ମେହେର, ଗୁରୁବାରୀ ମାଝି, ନୀଳାଦ୍ରି ମେହେର, ନେପୁର ମଲ୍ଲିକ, ଗୁଣନିଧି ସ୍ୱାଇଁ, ଲକ୍ଷ୍ମୀପ୍ରିୟା ମେହେର, ଭୂମିସୂତା ମେହେର ଓ ଅନ୍ୟମାନଙ୍କ ଘର ଭାଙ୍ଗିଯାଇଛି। ମେଘନାଦପଡ଼ାରେ ଶ୍ରୀପତି କରକିଆ, ଗିରିଧାରୀ ଭୋଇ, ପରମେଶ୍ୱର ଭୋଇ, ଗଙ୍ଗା ଭୋଇ, ଚନ୍ଦ୍ରମଣି ରାଉତ, ରଘୁ ବଗର୍ତ୍ତୀ, ଭୋଲା ବଗର୍ତ୍ତୀ, ଜାନକୀ ବିଶ୍ୱାଳଙ୍କ ଘର ଭାଙ୍ଗିଛି। ବରପାଲିପଡ଼ାରେ ଶ୍ରୀମତୀ ଘିବେଲା, ସପୁରୀ ପଧାନ, ପଙ୍କଜିନୀ ପଧାନ, କୈକେୟୀ ସ୍ୱାଇଁଙ୍କ ଘର ଭାଙ୍ଗିଛି। ମାଧବ ସାହୁ, ବୁଡୁ ବେହେରା, ଋଷି ହଂସଙ୍କ ସମେତ ଶତାଧିକ ଲୋକଙ୍କ ଘରେ ବନ୍ୟା ଜଳ ପଶି ନାହିଁ ନ ଥିବା କ୍ଷତି ହୋଇଛି। ଠିକାଦାରପଡ଼ାର କୁନୁ ପଟ୍ଟନାୟକ, ରମେଶ ବହିଦାର, ରଞ୍ଜନ ପଧାନ, ବ୍ରଜ ପଟ୍ଟନାୟକ ଓ ଅନ୍ୟମାନଙ୍କ ଘର ଭାଙ୍ଗିଯାଇଛି। ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀଙ୍କ ଅଫିସ, କେନ୍ଦୁଲିଫ୍ ଅଫିସରଙ୍କ ପାଚେରି, ମଧ୍ୟମ ଜଳସେଚନ ଅଫିସ ପାଚେରି, ଡାକବଙ୍ଗଳା ପାଚେରି ଧୋଇ ହୋଇଯାଇଛି । ଅଫିସର୍ସ କଲୋନୀର ଜିଲା ଯୋଗାଣ ଅଧିକାରୀଙ୍କ ଘରେ ବର୍ଷା ପାଣି ପଶି ବ୍ୟାପକ ଜିନିଷ ନଷ୍ଟ ହୋଇଯାଇଛି।


କୁରୁଲ ଗାଁରେ ସ୍ୱଜଳ ଧାରା ପମ୍ପହାଉସ ଭାଙ୍ଗି ଦେବା ପରେ ନଳକୂପ ତଳୁ ମାଟି ଧୋଇଯାଇଛି ।

## ଖରସ୍ରୋତାରେ ଡଙ୍ଗା ବୁଡ଼ି

**୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସହ ଅନ୍ୟ ଯାତ୍ରୀମାନଙ୍କୁ ଉଦ୍ଧାର କରାଗଲା**

ଆଳି, ୧୪।୮ (ଡି.ଏନ୍.ଏ.)

କେନ୍ଦ୍ରାପଡା ଜିଲା ଆଳି ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ଖରସ୍ରୋତା ନଦୀର ଜରି-ମଧୁବନ ଘାଟରେ ବୁଧବାର ଏକ ଡଙ୍ଗା ବୁଡ଼ି ଯାଇଛି। କୂଳଠାରୁ ମାତ୍ର ଅଳ୍ପ ଦୂରରେ ଡଙ୍ଗାଟି ବୁଡ଼ି ଥିବା ବେଳେ ଏଥିରେ ଥିବା ୩୦ରୁ ଉର୍ଦ୍ଧ୍ୱ ସ୍କୁଲ ଛାତ୍ରୀଛାତ୍ର ଓ ଅନ୍ୟ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

ପ୍ରକାଶ ଯେ, ଡିମିରିପାଳ ପଞ୍ଚାୟତ ମଧୁବନ ଗ୍ରାମସ୍ଥିତ ମାହାରାକୂଳ ହାଇସ୍କୁଲରେ ଶିକ୍ଷକ ଅଭାବରୁ ସ୍ଥାନୀୟ ଛାତ୍ରୀଛାତ୍ରମାନେ ନଦୀପାର ହୋଇ ଯାଜପୁର ଜିଲା ଜରି ବିଜେ ସ୍କୁଲକୁ ପଢ଼ିବାକୁ ଯାଇଥାନ୍ତି। ପ୍ରାୟ ସବୁଦିନ ପିଲାମାନେ ବିପଦସଙ୍କୁଳ ଭାବେ ଡଙ୍ଗାରେ ନଦୀ ପାର ହୁଅନ୍ତି। ବୁଧବାର ଉକ୍ତ ଡଙ୍ଗାରେ ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସମେତ କେତେଜଣ ଲୋକ ନଦୀ ପାର ହେଉଥିଲେ। କୂଳଠାରୁ କିଛି ଦୂର ଯିବା ପରେ ଡଙ୍ଗାରେ ପାଣି ପଶିଯାଇଥିଲା। ପିଲାମାନେ ଚିତ୍କାର କରି ଏପଟ ସେପଟ ହେବା ଯୋଗୁ ଡଙ୍ଗାଟି ଓଲଟି ପଡ଼ିଥିଲା। ତେବେ ପିଲାମାନଙ୍କ ପାଟି ଶୁଣି ଆଖପାଖ ଅଞ୍ଚଳର ଲୋକେ ସେଠାରେ ପହଞ୍ଚି କେତେଜଣ ପିଲାଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ଅନ୍ୟମାନେ ପହଁରି ପହଁରି କୂଳକୁ ଚାଲି ଆସିଥିଲେ।

ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଆଳି ତହସିଲଦାର ଜୟନ୍ତ ପୃଷ୍ଟି ଘଟଣାସ୍ଥଳକୁ ଯାଇ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ସ୍କୁଲ ପିଲାଙ୍କ ସୁବିଧା ପାଇଁ ତୁରନ୍ତ ସେତୁ ନିର୍ମାଣ ସହ ମାହାରାକୂଳ ହାଇସ୍କୁଲରେ ଶିକ୍ଷକ ପଦବୀ ପୂରଣ ପାଇଁ ପଦକ୍ଷେପ ନେବେ ବୋଲି ତହସିଲଦାର ପୃଷ୍ଟି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଅଳ୍ପକେ ବର୍ତ୍ତିଲେ ୯ କର୍ମଚାରୀ

**ମନମୁଣ୍ଡା, ୧୪।୮ (ଡି.ଏନ.ଏ)**

ଖୋର୍ଦ୍ଧା-ବଲାଙ୍ଗୀର ରେଲୱେ ଲାଇନ ପାଇଁ ମନମୁଣ୍ଡା ତେଲନଦୀରେ ପୋଲ ନିର୍ମାଣ ସକାଳେ ଏସଏନକେ କମ୍ପାନୀର କର୍ମଚାରୀମାନେ ଦେଉଳି କୂଳରେ କ୍ୟାମ୍ପ କରି ରହିଥିଲେ । ବନ୍ୟାଜଳ ସେମାନେ ବନ୍ଦି ହୋଇ ରହିଯାଇଥିଲେ । ରାସ୍ତାଠାରୁ ପ୍ରାୟ ୩୦୦ ମିଟର ଦୂରରେ ଥିବା ଉକ୍ତ କ୍ୟାମ୍ପକୁ ବନ୍ୟାଜଳ ଘେରି ରହିଥିଲା। ଜଳର ସ୍ରୋତ ଥିବାରୁ ସେମାନେ ଆଉ ଆସିପାରି ନ ଥିଲେ ଓ ରାସ୍ତାଠାରୁ କ୍ୟାମ୍ପକୁ ପ୍ରାୟ ୨୦ ଫୁଟ ପାଣି ଘେରରେ ଫସି ରହିଥିଲେ । ସ୍ଥାନୀୟ ବାସିନ୍ଦା ବହୁ କଷ୍ଟରେ ଏକ ମାଛଧରା ଡଙ୍ଗା ସାହାଯ୍ୟରେ ଫସି ରହିଥିବା ୯ଜଣ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ ।

# ବଡ଼ ପରଦାରେ ଦେଶପ୍ରେମ


ଚଳଚ୍ଚିତ୍ର ଏଲ୍‌ଓସି କାର୍ଗିଲ୍


ଚଳଚ୍ଚିତ୍ର 'ମଦର ଇଣ୍ଡିଆ'ରେ ନର୍ଗିସ୍

ଦେଶପ୍ରେମକୁ ନେଇ କେବଳ ପ୍ରାନ୍ତୀୟ ଭାଷାରେ ନୁହେଁ, ବଲିଉଡ୍‌ରେ ଅନେକ ସିନେମା ନିର୍ମିତ ହୋଇଛି। ଉପଯୁକ୍ତ କାହାଣୀ ଚୟନ, ମନକୁ ଛୁଇଁଲା ଭଳି ଉପସ୍ଥାପନା ଶୈଳୀ ଏହି ଚଳଚ୍ଚିତ୍ରଗୁଡ଼ିକୁ ହିଟ୍ ପର୍ଯ୍ୟାୟଭୁକ୍ତ କରିବାରେ ସହାୟକ ହୋଇଛି। ଭିନ୍ନ ଭିନ୍ନ ସମୟରେ ଚର୍ଚ୍ଚିତ ଦେଶପ୍ରେମ ବିଷୟବସ୍ତୁକୁ ଆଧାର କରି ପ୍ରସ୍ତୁତ ସିନେମା ସାଉଁଟିଛି ଅନେକ ପ୍ରଶଂସା। ହିନ୍ଦୀ ସିନେମା ଜଗତରେ ଏହି ତାଲିକା ବେଶ୍ ଲମ୍ବା। ତନ୍ମଧ୍ୟରୁ କେତେକ ହିଟ୍ ଚଳଚ୍ଚିତ୍ର ସମ୍ପର୍କରେ ସୂଚନା...

## ଉରି : ଦ ସର୍ଜିକାଲ ଷ୍ଟ୍ରାଇକ୍

ଚଳିତ ବର୍ଷ ରିଲିଜ ହୋଇଥିବା ଏହି ଦେଶାତ୍ମବୋଧ ଫିଲ୍ମଟି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଆଦିତ୍ୟ ଧରଙ୍କ ନିର୍ଦ୍ଦେଶନାରେ ଫିଲ୍ମଟିକୁ ମିଳିଛି ଆଶାତୀତ ସଫଳତା। ଉକ୍ତ ସିନେମାଟି ୩୦୦କୋଟି କ୍ଲବ୍‌ରେ ସାମିଲ ହେବା ସହ ୪ଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର (ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଅଭିନେତା) ପାଇବାରେ ସକ୍ଷମ ହୋଇଛି। ଏଥିରେ ନବାଗତ ଭିକି କୌଶଳ ଏବଂ ପରେଶ ରାଓ୍ବଲଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି।

## ଏଲ୍‌ଓସି କାର୍‌ଗିଲ

ଜେ. ପି. ଦତ୍ତାଙ୍କ ନିର୍ଦ୍ଦେଶନାରେ 'ଏଲଓସି କାରଗିଲ୍' ଦର୍ଶକଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲା। ଦେଶାତ୍ମବୋଧକୁ ବେଶ୍ ସୁନ୍ଦର ଭାବରେ ଏଥିରେ ଅବତାରଣା କରାଯାଇଥିଲା। ଫିଲ୍ମର ବିଭିନ୍ନ ଭୂମିକାରେ ସଞ୍ଜୟ ଦତ୍ତ, ସୁନୀଲ ସେଟ୍ଟି, ଅଭିଷେକ ବଚ୍ଚନ, ସୈଫ ଅଲ୍ଲୀ ଖାଁ ଏବଂ ଅକ୍ଷୟ ଖାନ୍ନା ଅଭିନୟ କରିଥିଲେ।

## ବର୍ଡର

ଥରେ ମନେ ପକାନ୍ତୁ ନା ସେହି ସୁପରହିଟ୍ ଗୀତ 'ସନ୍ଦେସେ ଆତା ହୈ'କୁ। ହିନ୍ଦୀ ସିନେମା 'ବର୍ଡର'ରେ ସ୍ଥାନୀତ ଏହି ଗୀତ କେବଳ ସେ ସମୟରେ ନୁହେଁ ଏବେ ମଧ୍ୟ ସିନେପ୍ରେମୀଙ୍କ ମନରେ ସତେଜ ହୋଇରହିଛି। ଜେ.ପି. ଦତ୍ତାଙ୍କ ଏହି ମଲଟି ଷ୍ଟାରର ଫିଲ୍ମରେ ସନ୍ନି ଦେଓଲ, ସୁନୀଲ ସେଟ୍ଟି, ଅକ୍ଷୟ ଖାନ୍ନା, ଜ୍ୟାକି ଶ୍ରଫଙ୍କ ପରି ଅଭିନେତାଙ୍କ ଜୀବନ୍ତ ଅଭିନୟ ସ୍ମରଣୀୟ ହୋଇରହିଛି। ୧୯୭୧ରେ ସଂଘଟିତ ଭାରତ–ପାକିସ୍ତାନ ଯୁଦ୍ଧକୁ ଏହି ସୁପରହିଟ୍ ଫିଲ୍ମରେ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଥିଲା।


ଆମୀର ଖାଁ

## ଦ ଲିଜେଣ୍ଡ ଅଫ୍ ଭଗତ ସିଂ

ଭାରତର ସ୍ୱାଧୀନତା ସଂଗ୍ରାମକୁ ଆଗେଇ ନେଇଥିବା ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରୁ ଭଗତ ସିଂ ଅନ୍ୟତମ। ତାଙ୍କର ଜୀବନୀକୁ ନେଇ ଆଗଧାଡ଼ିର ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀ ନିର୍ମାଣ କରିଥିଲେ ଦେଶାତ୍ମବୋଧକ ସିନେମା 'ଦ ଲିଜେଣ୍ଡ ଅଫ ଭଗତ ସିଂ'। ଫିଲ୍ମର ଟାଇଟଲ ଭୂମିକାରେ ଅଜୟ ଦେବଗନଙ୍କ ଅଭିନୟକୁ ଦର୍ଶକେ ଢେର ପ୍ରଶଂସା କରିଥିଲେ।

## ଲଗାନ୍

ବ୍ରିଟିଶ ଶାସନ ସମୟରେ ଭାରତର କୃଷକମାନେ ମଧ୍ୟ ନିର୍ଯାତିତ ହୋଇଥିଲେ। ଅଯଥା କର ଭାରରେ ସେମାନଙ୍କ ବଞ୍ଚିବାର ମେରୁଦଣ୍ଡ ଭାଙ୍ଗିଯାଇଥିଲା। ଏପରି ଏକ ବିଷୟ ବସ୍ତୁରେ କ୍ରିକେଟ୍ ଖେଳକୁ ପଞ୍ଝ୍ କରି ବେଶ୍ ସୁନ୍ଦର ସିନେମାଟିଏ ନିର୍ମାଣ କରିଥିଲେ ନିର୍ଦ୍ଦେଶକ ଆଶୁତୋଷ ଗୋଓ୍ବାରିକର। ବ୍ରିଟିଶ ଶାସନକୁ ଚ୍ୟାଲେଞ୍ଜ ଦେଇ ଭାରତୀୟ କୃଷକମାନେ ଏକ କ୍ରିକେଟ ମ୍ୟାଚ୍ ଆୟୋଜନ କରିଥିଲେ ଏବଂ ସେଥିରେ ନିଜର ଦକ୍ଷତା ଦେଖାଇ ବିଜୟୀ ହୋଇଥିଲେ। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଆମୀର ଖାଁ।

## ମଙ୍ଗଲ ପାଣ୍ଡେ : ଦ ରାଇଜିଂ

ଭାରତର ସ୍ୱାଧୀନତା ସଂଗ୍ରାମ ସମୟରେ ମଙ୍ଗଲ ପାଣ୍ଡେ ନିଜର ଦେଶଭକ୍ତିର ପରିଚୟ ଦେଇ ନିଜକୁ ଜଣେ ଆଗଧାଡ଼ିର ସ୍ୱାଧୀନତା ସଂଗ୍ରାମୀ ଭାବରେ ପରିଚିତ କରାଇପାରିଥିଲେ। ତାଙ୍କର ଜୀବନୀକୁ ନେଇ ନିର୍ମିତ ହୋଇଥିଲା ହିନ୍ଦୀ ସିନେମା 'ମଙ୍ଗଲ ପାଣ୍ଡେ : ଦ ରାଇଜିଙ୍ଗ'। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଆମୀର ଖାଁ। ଏଥିରେ ଆମୀରଙ୍କ ହେୟାର ଷ୍ଟାଇଲ୍ ଯୁବପିଢ଼ିଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ୧୮୫୭ର ପାଇକ ବିଦ୍ରୋହକୁ ଏହି ଫିଲ୍ମରେ ବେଶ୍ ସୁନ୍ଦର ଭାବରେ ଅବତାରଣା କରାଯାଇଥିଲା। ୨୦୦୫ରେ ନିର୍ମିତ ଏହି ଦେଶାତ୍ମବୋଧକ ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ କେତନ ମେହେଟ୍ଟା।


'ଉରି : ଦ ସର୍ଜିକାଲ ଷ୍ଟ୍ରାଇକ୍ ଚଳଚ୍ଚିତ୍ର'ରେ ଭିକି କୌଶଲ

## ଗଦ୍ଦର : ଏକ ପ୍ରେମ କଥା

୧୯୪୭ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହେବା ପରେ ଦେଶ ବିଭାଜନ ଘଟଣାକୁ ନେଇ ନିର୍ମିତ ହୋଇଥିଲା ହିନ୍ଦୀ ସିନେମା 'ଗଦ୍ଦର : ଏକ ପ୍ରେମ କଥା'। ଭାରତ–ପାକିସ୍ତାନ ବିଭାଜନ ସମୟରେ ଘଟଣାକୁ ବେଶ୍ ସୁନ୍ଦର ଭାବରେ ଅବତାରଣା କରିଥିଲେ ନିର୍ଦ୍ଦେଶକ ଅନିଲ ଶର୍ମା। ଏଥିରେ ସନ୍ନି ଦେଓଲଙ୍କ ଭୂମିକା ସେ ସମୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲା। ବିଦେଶ ମାଟିରେ ଦେଶବିରୋଧୀ ସ୍ଲୋଗାନ ଦେବାକୁ ତାଙ୍କୁ ଯେତେବେଳେ ବାଧ୍ୟ କରାଗଲା ସେ କ୍ରୋଧାନ୍ୱିତ ହୋଇ ଏକ ନଳକୂଅକୁ ଓପାଡ଼ି ଦେଇଥିଲେ। ଏହି ଦୃଶ୍ୟ ଏବେ ମଧ୍ୟ ଚଳଚ୍ଚିତ୍ରପ୍ରେମୀଙ୍କ ମନରେ ଅପାସୋରା ହୋଇ ରହିଛି।

**ସ୍ୱଦେଶ :** ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା'ରେ ଜଣେ ଭାରତୀୟ ବଂଶୋଦ୍ଭବ ବୈଜ୍ଞାନିକ ଭାବରେ କାର୍ଯ୍ୟରତ। କାର୍ଯ୍ୟ ଭିତରେ ସେ ଅଳ୍ପ ଦିନ ପାଇଁ ଭାରତକୁ ଆସନ୍ତି। ଆଉ ସେଠାରେ ତାଙ୍କର ପିଲାଦିନର ସ୍ମୃତି ତାଙ୍କୁ ବିମୋହିତ କରିଦିଏ। ତାଙ୍କର ଦେଶାତ୍ମବୋଧକୁ ନେଇ ପ୍ରସ୍ତୁତ ହୋଇଥିଲା ଏକ ହୃଦୟସ୍ପର୍ଶୀ ହିନ୍ଦୀ ସିନେମା 'ସ୍ୱଦେଶ'। ଏଥିରେ ଶାହରୁଖଙ୍କ ଅଭିନୟକୁ ଦର୍ଶକ ବେଶ୍ ପ୍ରଶଂସା କରିଥିଲେ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ଆଶୁତୋଷ ଗୋଓ୍ବାରିକର।

## କ୍ରାନ୍ତିବୀର

ଦେଶାତ୍ମବୋଧ ହିନ୍ଦୀ ସିନେମା ବିଷୟରେ ଆଲୋଚନା କରିବା ସମୟରେ ସ୍ୱତଃ ଆଖି ସାମ୍ନାକୁ ଚାଲିଆସେ ନାନା ପାଟେକରଙ୍କ ଛାଟିଥରା ଡାଏଲଗ୍। ୧୯୯୪ରେ ପରଦା ଉପରକୁ ଆସିଥିବା 'କ୍ରାନ୍ତିବୀର' ସିନେମାରେ ତାଙ୍କର ଅଭିନୟ ବିଶେଷ ଭାବରେ କ୍ଲାଇମାକ୍ସରେ ତାଙ୍କର ଡାଏଲଗ୍ ଏ ପର୍ଯ୍ୟନ୍ତ ଅନେକଙ୍କ ମନରେ ବେଶ୍ ସତେଜ ହୋଇ ରହିଛି। ଜଣେ ଭାରତୀୟ କେତେ ଦେଶପ୍ରେମୀ ହୋଇପାରେ ତାହାର ଜ୍ୱଳନ୍ତ ଉଦାହରଣ ଥିଲା 'କ୍ରାନ୍ତିବୀର' ସିନେମାରେ ନାନା ପାଟେକରଙ୍କ ଭୂମିକା। ମେହୁଲ କୁମାରଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଏହି ସିନେମାଟିର ବଜେଟ ଥିଲା ମାତ୍ର ଦୁଇ କୋଟି ଏବଂ ବକ୍ସ ଅଫିସରେ ଏହା ୧୫କୋଟି ଆୟ କରିଥିଲା।

## ମଦର ଇଣ୍ଡିଆ

ବଲିଉଡ୍‌ରେ ନିର୍ମିତ ଦେଶାତ୍ମବୋଧ ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରୁ 'ମଦର ଇଣ୍ଡିଆ'କୁ ଏକ ମାଇଲଷ୍ଟୋନ୍ ଭାବରେ ଗ୍ରହଣ କରାଯାଇଥାଏ। ଏଥିରେ ନର୍ଗିସ ଦତ୍ତଙ୍କ 'ରାଧା' ଭୂମିକାକୁ ଅନେକ ଅଭିନେତ୍ରୀ ନିଜ ଚରିତ୍ରର ଆଦର୍ଶ ଭାବରେ ଗ୍ରହଣ କରିଥିବାର ନଜୀର ରହିଛି। ନର୍ଗିସଙ୍କ ବ୍ୟତୀତ ଏହି ଫିଲ୍ମରେ ସୁନୀଲ ଦତ୍ତ, ରାଜ କୁମାର, ରାଜେନ୍ଦ୍ର କୁମାର ମଧ୍ୟ ଅଭିନୟ କରିଥିଲେ। ୧୯୫୭ରେ ପରଦା ଉପରକୁ ଆସିଥିବା ଏହି ସୁପରହିଟ୍ ଦେଶାତ୍ମବୋଧକ ଫିଲ୍ମର ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ଦେଇଥିଲେ ମେହେବୁବ ଖାଁ। ଜଣେ ଗାଉଁଲି ନାରୀ ରାଧା କିପରି ଅଭାବ ଅନଟନ ସତ୍ତ୍ୱେ ନିଜର ଦେଶପ୍ରେମକୁ ଜାହିର କରିପାରୁଛି ତାହା ଏହି ସିନେମାରେ ଦେଖିବାକୁ ମିଳିଥିଲା।

## ୧୯୪୨ : ଏକ ଲଭ୍ ଷ୍ଟୋରି

ଭାରତର ପ୍ରାକ୍ ସ୍ୱାଧୀନତା ସଂଗ୍ରାମର ଏକ ହୃଦୟସ୍ପର୍ଶୀ ପ୍ରେମ କାହାଣୀକୁ ଏକ ସୁନ୍ଦର ଚଳଚ୍ଚିତ୍ରର ରୂପ ଦେଇଥିଲେ ବିଧୂଭୂଷଣ ଚୋପ୍ରା। ଲୋକପ୍ରିୟ ସ୍ୱର ସଂଯୋଜକ ଆର.ଡି. ବର୍ମନଙ୍କ ସୁମଧୁର ସଙ୍ଗୀତ ଫିଲ୍ମଟିକୁ ହିଟ୍ ପର୍ଯ୍ୟାୟଭୁକ୍ତ କରିବାରେ ଯଥେଷ୍ଟ ସହାୟକ ହୋଇଥିଲା। ଫିଲ୍ମର ମୁଖ୍ୟ ଭୂମିକାରେ ଅନିଲ କପୁର ଏବଂ ମନୀଷା କୋଇରାଲା ଅଭିନୟ କରିଥିଲେ।

## ସାତ ହିନ୍ଦୁସ୍ଥାନୀ

ପର୍ତ୍ତୁଗୀଜଙ୍କ ଅଧୀନରୁ ଗୋଆକୁ ସ୍ୱାଧୀନ କରିବା ପଛରେ ସାତ ଜଣ ଭାରତୀୟଙ୍କ ଭୂମିକାକୁ ବେଶ୍ ଜୀବନ୍ତ ଭାବରେ ଏହି ଫିଲ୍ମରେ ଉପସ୍ଥାପନା କରାଯାଇଥିଲା। ଖାସ୍ କଥା ହେଲା, ମିଲେନିୟମ ଷ୍ଟାର ଅମିତାଭ ବଚ୍ଚନ ଏହି ଫିଲ୍ମରୁ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଏଥିରେ ଜଣେ ଦେଶପ୍ରେମୀ ଭାରତୀୟ ଭୂମିକାରେ ଅମିତାଭ ଅଭିନୟ କରିଥିଲେ।

## ଓଡ଼ିଆ ସିନେମାରେ ଦେଶପ୍ରେମ

'ବହି ଯାଏରେ ଗଙ୍ଗା ଉଡେ ତ୍ରିରଙ୍ଗା' ଗୀତଟି ସଂଯୋଜିତ ହୋଇଥିଲା ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ 'ବଳିଦାନ'ରେ। ଏକ ସ୍କୁଲରେ ଜାତୀୟ ପତାକାର ଉତ୍ତୋଳନ ସମୟରେ ଏହି ଗୀତଟିର ଦୃଶ୍ୟାୟନ ଦର୍ଶକଙ୍କୁ ପ୍ରଭାବିତ କରିଥିଲା। ଉକ୍ତ ଗୀତରେ ସ୍କୁଲ ପିଲାଙ୍କ ସହ ମହମ୍ମଦ ମହସୀନଙ୍କ ଅଭିନୟକୁ ସେ ସମୟରେ ବେଶ୍ ପ୍ରଭାବିତ କରିଥିଲା। ଓଡ଼ିଆ ସିନେମା ଜଗତର ଅନ୍ୟତମ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କରଙ୍କ ସ୍ୱର ସଂଯୋଜନାରେ ପ୍ରସ୍ତୁତ ଏହି ଗୀତଟିକୁ ଏବେ ମଧ୍ୟ ଅନେକ ଗୁଣୁଗୁଣେଇ ଥାଆନ୍ତି। ସଂଗ୍ରାମ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ୨୦୦୬ରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚଳଚ୍ଚିତ୍ର 'ଆଇ ଲଭ୍ ମାଇଁ ଇଣ୍ଡିଆ'। ଦେଶପ୍ରେମ କାହାଣୀ ଉପରେ ଆଧାରିତ ଏହି ଚିତ୍ରରେ ବୁଦ୍ଧାଦିତ୍ୟ ମହାନ୍ତିଙ୍କ ଭୂମିକା ବେଶ୍ ପ୍ରଶଂସା ସାଉଁଟିଥିଲା।

## ଚର୍ଚ୍ଚିତ ଦେଶପ୍ରେମ ଗୀତ

ଥରେ ମନେପକାନ୍ତୁ ନା ସ୍ୱର ସମ୍ରାଜ୍ଞୀ ଲତା ମଙ୍ଗେସ୍‌କରଙ୍କର ସେହି କାଳଜୟୀ ଗୀତ 'ୟେ ମେରେ ୱତନ କି ଲୋଗୋଁ'କୁ। କବି ପ୍ରଦୀପଙ୍କ ଦ୍ୱାରା ରଚିତ ଏହି ଦେଶାତ୍ମବୋଧ ଗୀତ କେବଳ ସେ ସମୟରେ ନୁହେଁ ଏବେ ମଧ୍ୟ ଜନାଦୃତ ହୋଇ ରହିଛି। କେବଳ ଦେଶାତ୍ମବୋଧ ଚଳଚ୍ଚିତ୍ର ନୁହେଁ, ଏଗୁଡ଼ିକରେ ସଂଯୋଜିତ ଗୀତଗୁଡ଼ିକ ମଧ୍ୟ ବେଶ୍ ଶ୍ରୁତିମଧୁର। ମନରେ ଦେଶାତ୍ମବୋଧ ଭାବନା ଜାଗ୍ରତ କରୁଥିବା ସୁପରହିଟ୍ ଗୀତଗୁଡ଼ିକ ମଧ୍ୟରେ ରହିଛି–ୟେ ଦେଶ ହେ ବୀର ଜୱାନ କା (ନୟା ଦୌର), ମେରେ ଦେଶ କି ଧରତୀ ( ଉପକାର), ମା ତୁଝେ ସଲାମ (ବନ୍ଦେ ମାତରମ୍), ସନ୍ଦେସେ ଆତା ହୈ (ବର୍ଡର), ୟେ ୱତନ ତେରେ ଲିୟେ (କର୍ମା), ମେରେ ମୁଲ୍‌କ ମେରା ଦେଶ (ଦିଲ୍‌ଜଲେ), ୟେ ୱତନ (ରାଜି), ମେରେ ରଙ୍ଗ ଦେ ବସନ୍ତୀ ଚୋଲା (ରଙ୍ଗ ଦେ ବସନ୍ତୀ), ଆଇ ଲଭ୍ ମାଇଁ ଇଣ୍ଡିଆ (ପରଦେଶ୍), ଦେ ଦି ହେ ଆଜାଦି ହମେ ଖଡଗ ବିନା ଢାଲ (ଜାଗ୍ରିତି), ସୁନୋ ଗୌର ସେ ଦୁନିଆୱାଲୋଁ (ଦଶ୍), କନ୍ଧୋ ସେ ମିଲତେ ହୈ କନ୍ଧେ (ଲକ୍ଷ୍ୟ), ଏ ଜୋ ଦେଶ୍ ହୈ ତେରା (ସ୍ୱଦେଶ), ଛଲା (ଉରି : ଦ ସର୍ଜିକାଲ ଷ୍ଟ୍ରାଇକ୍) ଏବଂ ଚଲ୍ ଚଲୋ (ଲଗାନ୍)।


'ସ୍ୱଦେଶ' ଚଳଚ୍ଚିତ୍ରରେ ଶାହରୁଖ

# ସିନେମାରେ ରାଖୀ

ଦେବ ଆନନ୍ଦଙ୍କ ଅଭିନୀତ 'ହରେ ରାମା ହରେ କ୍ରିଷ୍ଣା' ସେ ସମୟରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଭାଇ–ଭଉଣୀ ସମ୍ପର୍କକୁ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରିଥିଲେ ନିର୍ଦ୍ଦେଶକ ଦେବ ଆନନ୍ଦ। ସେଥିରେ ରାଖୀକୁ ନେଇ ଏକ ହୃଦୟସ୍ପର୍ଶୀ ଗୀତ ଦୃଶ୍ୟାୟିତ ହୋଇଥିଲା। ତାହା ଥିଲା 'ଫୁଲୋଁ କା ତାରୋଁ କା କ୍ୟା କହେନା ହୈ, ଲାଖୋଁ ହଜାରୋ ମେଁ ମେରା ବହନା ହୈ'। ଏହି ଗୀତର ତାଳେ ତାଳେ ଦେବ ଆନନ୍ଦ ଏବଂ ଜୀନତ ଅମନଙ୍କ ଅଭିନୟ କେତେ ଜୀବନ୍ତ ଥିଲା ତାହା କହିବା ବାହୁଲ୍ୟ। ଆନନ୍ଦ ବକ୍ସିଙ୍କ ରଚିତ ଉକ୍ତ ଗୀତଟିକୁ ଆର.ଡି.ବର୍ମନ ସ୍ୱର ଦେଇଥିବା ବେଳେ କଣ୍ଠଦାନ କରିଥିଲେ କିଶୋର କୁମାର ଏବଂ ଲତା ମଙ୍ଗେସକର। ଲତାଙ୍କ କଣ୍ଠରେ ଆଉ ଏକ ରାଖୀ ଗୀତକୁ ମଧ୍ୟ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ଗୀତଟି ହେଲା–'ଭୈୟା ମେରି ରାଖୀ କେ ବନ୍ଧନ କୋ ନିଭାନା' ଆଉ ଫିଲ୍ମଟି ଥିଲା 'ଛୋଟା ବହନ୍'। ବଲରାଜ ସାହାଣୀ ଏବଂ ରେହମନଙ୍କୁ ନେଇ ଏଥିରେ ଏକ ରାଖୀ ଗୀତ ସଂଯୋଜିତ ହୋଇଥିଲା, ଯାହା ପାଇଁ କଣ୍ଠଦାନ କରିଥିଲେ ଲତା। ଶୈଳେନ୍ଦ୍ରଙ୍କ ରଚିତ ଏହି ଗୀତକୁ ସ୍ୱର ଦେଇଥିଲେ ଶଙ୍କର–ଜୟକିଶନ। ୧୯୭୪ରେ ନିର୍ମିତ ହୋଇଥିଲା ହିନ୍ଦୀ ସିନେମା 'ରେଶମ କି ଡୋରି'। ଭାଇ–ଭଉଣୀ ସମ୍ପର୍କକୁ ଆଧାର କରି ପ୍ରସ୍ତୁତ ଏହି ଚଳଚ୍ଚିତ୍ରଟିର ରାଖୀ ଗୀତ 'ବହନା ନେ ଭାଇ କା କଲାଇ ସେ ରାଖୀ ବାନ୍ଧା ହୈ'। ଧର୍ମେନ୍ଦ୍ର ଏବଂ ସାଇରାବାନନୋଙ୍କୁ ନେଇ ଏହି ଗୀତଟିର ଦୃଶ୍ୟାୟନ କରାଯାଇଥିଲା। ଗୀତଟି ପାଇଁ କଣ୍ଠଦାନ କରିଥିଲେ ସୁମନ କଲ୍ୟାନପୁର।


'ରେଶମ କି ଡୋରି' ଚଳଚ୍ଚିତ୍ରରେ ଧର୍ମେନ୍ଦ୍ର–ସାଇରା ବାନୋ

## ରାଖୀ ବାନ୍ଧିଲି ମୋ ରଖିବ ମାନ

'ଭାଇ ମୋର ତୋତେ ରହିଲା ରାଣ କହିବୁନି କଥା ପଦିଏ ଟାଣ, ତୋ ଆଖିରେ କେବେ ଦେବିନି ମୁଁ ଲୁହ ହସାଇବି ତୋତେ ସାରା ଜୀବନ.. ରାଖୀ ବାନ୍ଧିଲି ମୋ ରଖିବ ମାନ' ରାଖୀକୁ ନେଇ ଦୃଶ୍ୟାୟିତ ଏହି ଗୀତଟି କେତେ ଶ୍ରୋତାଦୃତ ତାହା କହିବା ବାହୁଲ୍ୟ। ଶିବାନୀ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଏହି ପ୍ରଥମ ସିନେମାର ଟାଇଟଲ ଥିଲା 'ରାଖୀ ବାନ୍ଧିଲି ମୋ ରଖିବ ମାନ'। ରତିକାନ୍ତ କାନୁନଗୋଙ୍କ ପ୍ରଯୋଜନାରେ ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ସଞ୍ଜୟ ନାୟକ। କେବଳ ସେତିକି ନୁହେଁ, ମଳୟ ମିଶ୍ରଙ୍କ ସ୍ୱର ସଂଯୋଜନାରେ ଏହି ଫିଲ୍ମଟି ମ୍ୟୁଜିକାଲ ହିଟ୍ ସାବ୍ୟସ୍ତ ହୋଇଥିଲା। ଏଥିରେ ଭାଇ ଭୂମିକାରେ ମିହିର ଦାସ ଓ ଭଉଣୀ ରୋଲ୍‌ରେ ଅନୁ ଚୌଧୁରୀଙ୍କ ଭୂମିକା ଏବଂ ପ୍ରୀତିନନ୍ଦା ରାଉତରାୟଙ୍କ କଣ୍ଠରେ ଏହି ଟାଇଟଲ ଗୀତ ସେ ସମୟରେ ବେଶ୍ ଦର୍ଶକାଦୃତ ହୋଇଥିଲା। ରାଖୀକୁ ନେଇ ଦୃଶ୍ୟାୟିତ ଅନ୍ୟତମ ଲୋକପ୍ରିୟ ଗୀତ ଥିଲା 'ରାଖୀରେ ରାଖୀ ତୁ ରହିଲୁ ସାକ୍ଷୀ'। 'ଚକା ଆଖି ସବୁ ଦେଖୁଛି' ଚଳଚ୍ଚିତ୍ରରେ ସଂଯୋଜିତ ଏହି ଗୀତରେ ଉତ୍ତମ ମହାନ୍ତି ଏବଂ ପ୍ରତିଭା ସାହୁ ଅଭିନୟ କରିଥିଲେ। ୧୯୮୯ରେ ରାଜୁ ମିଶ୍ରଙ୍କ ନିର୍ଦ୍ଦେଶନାରେ ମୁକ୍ତିଲାଭ କରିଥିବା ଏହି ସିନେମାର ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ଅକ୍ଷୟ ମହାନ୍ତି। ୧୯୯୭ରେ ନିର୍ମିତ ହୋଇଥିଲା ଓଡ଼ିଆ ସିନେମା 'ରାଖୀ ଭିଜିଗଲା ଆଖି ଲୁହରେ'। ଏଥିରେ ବିଜୟ ମହାନ୍ତି ଭାଇ ଏବଂ ରଚନା ବାନାର୍ଜୀ ଭଉଣୀ ଭୂମିକାରେ ଅଭିନୟ କରିଥିଲେ। ଦୁହିଁଙ୍କୁ ନେଇ ଦୃଶ୍ୟାୟିତ 'ସୁନା ରୁପା ଗଉଣୀ' ଗୀତଟି ବେଶ୍ ଲୋକପ୍ରିୟ ହୋଇଥିଲା। ସଂଗ୍ରାମ ବିଶ୍ୱାଳ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ଏବଂ ସ୍ୱର ସଂଯୋଜନା କରିଥିଲେ ଅରୁଣ ମହାନ୍ତି। ବିଜୟ, ରଚନାଙ୍କ ବ୍ୟତୀତ ସିଦ୍ଧାନ୍ତ ମହାପାତ୍ର, ଦେବୁ ବୋଷଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିଥିଲା। ଏହାବ୍ୟତୀତ ଓଡ଼ିଆ ସିନେମା 'ସମୟ ହାତରେ ଡୋରି'ରେ 'ମୋ ହାତରେ ବାନ୍ଧି ଦେଲୁ ରାଖୀ' ଦୃଶ୍ୟାୟିତ ହୋଇଥିଲା। ଭାଇ–ଭଉଣୀ ସମ୍ପର୍କକୁ ନେଇ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ଫେରିଆ ମୋ ସୁନା ଭଉଣୀ'। ରଣଜିତ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଚିତ୍ରରେ ମିହିର ଦାସ, ଅପରାଜିତା ମହାନ୍ତି, ବବି ମିଶ୍ର ଏବଂ ଜିନା ଅଭିନୟ କରିଥିଲେ।


'ରାଖୀ ବାନ୍ଧିଲି ମୋ ରଖିବ ମାନ' ଚଳଚ୍ଚିତ୍ରରେ ଅନୁ–ମିହିର।

| Dollar | Sensex | Nifty | Gold | Silver |
|---|---|---|---|---|
| 71.27 (13) | 37,311.53 (353.37) | 11,029.40 (103.55) | 37,945.00 (`425) | 44,310.00 (`690) |





“ଦୁଇଟି ଏନ୍‌ପିଏ ଆକାଉଣ୍ଟ ପାଇଁ ଆଇଡିବିଆଇ ବ୍ୟାଙ୍କର ଜୁନ୍ ତ୍ରୈମାସ କ୍ଷତି ୩୮୦୧ କୋଟି ଟଙ୍କାରେ ପହଞ୍ଚିଛି। ଆର୍‌ବିଆଇ ନିର୍ଦ୍ଦେଶ ପାଳନ କରିବା ଯୋଗୁ ଏହି କ୍ଷତି ହୋଇଛି।
– ରାକେଶ ଶର୍ମା, ଆଇଡିବିଆଇ ବ୍ୟାଙ୍କ ଏମ୍‌ଡି ତଥା ସିଇଓ



“ଦେଶର ଅର୍ଥନୀତି ଏବେ ଚକ୍ରୀୟ ଏବଂ ଢ଼ାଞ୍ଚାଗତ ମାନ୍ଦାବସ୍ଥା ଦେଇ ଗତିକରୁଛି। ଫଳରେ ଦେଶର ଅର୍ଥନୀତି ଆଶାନୁରୂପେ ବୃଦ୍ଧି ପାଉନାହିଁ। ଏହି କାରଣରୁ ଓମାକ୍ସର ଲାଭ ସେଭଳି ବଢୁନି।
– ରୋହଟାସ ଗୋୟଲ, ଓମାକ୍ସ ସିଏମ୍‌ଡି

## ସଂକ୍ଷେପରେ

### ୨୫ ମାସର ସର୍ବନିମ୍ନ ସ୍ତରରେ ପାଇକାରୀ ମୁଦ୍ରାସ୍ଫୀତି



**ନୂଆଦିଲ୍ଲୀ,୧୪-୮:** ଖୁଚୁରା ମୁଦ୍ରାସ୍ଫୀତି ପରେ ପାଇକାରୀ ମୁଦ୍ରାସ୍ଫୀତି କ୍ଷେତ୍ରରେ ମୋଦି ସରକାର ଆଶ୍ୱସ୍ତ ହୋଇଛନ୍ତି। ସରକାରଙ୍କ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ଜୁଲାଇରେ ପାଇକାରୀ ମୁଦ୍ରାସ୍ଫୀତି ୧.୦୮ ପ୍ରତିଶତକୁ ହ୍ରାସ ପାଇଛି। ଏହା ଗତ ୨୩ ମାସରେ ସର୍ବନିମ୍ନ ସ୍ତର କୁହାଯାଉଛି। ଜୁନ୍‌ରେ ଏହା ୨.୦୨% ରହିଥିବା ବେଳେ ଗତବର୍ଷ ଜୁଲାଇରେ ଏହା ୫.୨୭ ପ୍ରତିଶତ ରହିଥିଲା। ଏଥିପୂର୍ବରୁ ୨୦୧୭ ଜୁନ୍‌ରେ ପାଇକାରୀ ମୁଦ୍ରାସ୍ଫୀତି ୦.୯୦ ପ୍ରତିଶତ ରହିଥିଲା। ଜୁଲାଇରେ ଖାଦ୍ୟପଦାର୍ଥର ପାଇକାରୀ ମୁଦ୍ରାସ୍ଫୀତି ହାର ୫.୦୪ ପ୍ରତିଶତରୁ ହ୍ରାସ ପାଇ ୪.୫୪ ପ୍ରତିଶତ ହୋଇଛି। ସେହିପରି ପ୍ରାଇମେରି ଆର୍ଟିକିଲ୍ସର ମୁଦ୍ରାସ୍ଫୀତି ହାର ୬.୭୨ ପ୍ରତିଶତରୁ ୫.୦୩ ପ୍ରତିଶତକୁ କମିଛି। ଇନ୍ଧନ ଓ ବିଜୁଳି କ୍ଷେତ୍ରରେ ପାଇକାରୀ ମୁଦ୍ରାସ୍ଫୀତି ହାର ଜୁଲାଇରେ -୩.୬୪ ପ୍ରତିଶତକୁ ଖସିଆସିଥିବା ବେଳେ ଜୁନ୍‌ରେ ଏହା -୨.୨% ରହିଥିଲା। ସୂଚନାଥାଉ କି, ଜୁଲାଇର ଖୁଚୁରା ମୁଦ୍ରାସ୍ଫୀତି ୩.୧୫ ପ୍ରତିଶତକୁ ଖସିଆସିଛି, ଯାହା କି ଜୁନ୍‌ରେ ୩.୧୮ ପ୍ରତିଶତ ରହିଥିଲା।

# ରେଳଯାତ୍ରୀଙ୍କୁ ସୁରକ୍ଷା ଦେବେ କୋରସ୍ କମାଣ୍ଡୋ

- ରେଳମନ୍ତ୍ରୀଙ୍କ ଉପସ୍ଥିତିରେ ପ୍ରଥମ ବ୍ୟାଚ୍ ସାମିଲ
- ହରିୟାଣାରେ ପ୍ରତିଷ୍ଠା ହେବ କମାଣ୍ଡୋ ପ୍ରଶିକ୍ଷଣ କେନ୍ଦ୍ର
- ୧୮ ଜୋନ୍‌ରୁ ବଛାଯାଇଥିବା ଆର୍‌ପିଏଫ୍ ଯବାନଙ୍କୁ ନେଇ ଗଠନ ହୋଇଛି କମାଣ୍ଡୋ ବାହିନୀ

ନୂଆଦିଲ୍ଲୀ,୧୪-୮



ଭାରତୀୟ ରେଲୱେ ପକ୍ଷରୁ ପ୍ରଥମଥର କମାଣ୍ଡୋ ୟୁନିଟ ତିଆରି କରାଯାଇଛି। ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ କମାଣ୍ଡୋଜ ଫର୍ ରେଲୱେ ସେଫ୍‌ଟି ଅର୍ଥାତ୍ ‘କୋରସ୍’ କମାଣ୍ଡୋମାନେ ଜମ୍ମୁ-କଶ୍ମୀର, ନକ୍ସଲ ପ୍ରବଣ ତଥା ଉତ୍ତର-ପୂର୍ବ ଭାରତର ରେଳଯାତ୍ରୀ ଓ ରେଳ ଟ୍ରାକ୍‌କୁ ସୁରକ୍ଷା ଦେବେ। ବୁଧବାର ରେଳମନ୍ତ୍ରୀ ପୀୟୂଷ ଗୋୟଲ ଏଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ପ୍ରଶିକ୍ଷଣପ୍ରାପ୍ତ କୋରସ୍ କମାଣ୍ଡୋଙ୍କ ପ୍ରଥମ ବ୍ୟାଚ୍‌କୁ ରେଲୱେରେ ସାମିଲ କରିଛନ୍ତି। ଏଥିରେ ରେଳ ରାଷ୍ଟ୍ରମନ୍ତ୍ରୀ ସୁରେଶ ଅଙ୍ଗଦୀ ଉପସ୍ଥିତ ଥିଲେ। ଆର୍‌ପିଏଫ୍‌ର କମାଣ୍ଡୋ ମାନଙ୍କୁ ଅତ୍ୟାଧୁନିକ ପ୍ରଶିକ୍ଷଣ ଦେବା ଲାଗି ହରିୟାଣାର ଜଗାଧ୍ରୀରେ ଏକ କମାଣ୍ଡୋ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ଗୋୟଲ କହିଛନ୍ତି।

କୋରସ୍ କମାଣ୍ଡୋମାନେ ରେଲୱେରେ ସାମିଲ ହେବା ପୂର୍ବରୁ ନୂଆଦିଲ୍ଲୀ ଷ୍ଟେଶନରେ ଆୟୋଜିତ ସମାରୋହରେ ସେମାନେ ନେଇଥିବା ପ୍ରଶିକ୍ଷଣ ସମ୍ପର୍କରେ ପ୍ରଦର୍ଶନ କରିଥିଲେ। ରେଲୱେ ଟ୍ରାକ୍‌କୁ କିଭଳି ସୁରକ୍ଷା ଦିଆଯିବ ଏବଂ ଟ୍ରେନରେ ପଣବନ୍ଦୀ ଥିବା ଯାତ୍ରୀଙ୍କୁ କିଭଳି ମୁକୁଳାଯିବ ସେସମ୍ପର୍କରେ କମାଣ୍ଡୋମାନେ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଗୋୟଲ କହିଛନ୍ତି ଯେ, ଆର୍‌ପିଏଫ୍‌ର ୧୨୦୦ କ୍ରାକ୍ କମାଣ୍ଡୋଙ୍କୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପ୍ରଦାନ କରାଯିବା ସହ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସେମାନେ ପରବର୍ତ୍ତୀ ପର୍ଯ୍ୟାୟରେ ୬୦ରୁ ୬୫ ହଜାର କମାଣ୍ଡୋଙ୍କୁ ପ୍ରଶିକ୍ଷଣ ଦେବେ। ପ୍ରତ୍ୟେକ ଷ୍ଟେଶନରେ ସିସିଟିଭି ଲଗାଯିବ ଏବଂ ଏହାକୁ ସ୍ଥାନୀୟ ଷ୍ଟେଶନ, ଜିଆରପି, ଆର୍‌ପିଏଫ୍, ଡିଭିଜନାଲ ଅଫିସ୍ ଏବଂ ମନ୍ତ୍ରୀଙ୍କ ଅଫିସ୍‌ଙ୍କ ସହ ଯୋଡାଯିବ।

ସୂଚନାଥାଉ କି, ଆର୍‌ପିଏଫ୍‌ର ନିଜସ୍ୱ କମାଣ୍ଡୋ ୟୁନିଟ ରହିବା ଆବଶ୍ୟକ ବୋଲି ଏହାର ମହାନିର୍ଦ୍ଦେଶକ ଅରୁଣ କୁମାର ବିଚାର କରିଥିଲେ। ସେ ଦାୟିତ୍ୱ ଗ୍ରହଣ କରିବା ମାତ୍ରେ ଏ ଦିଗରେ କାର୍ଯ୍ୟାରମ୍ଭ କରିଥିଲେ। ରେଳ ମନ୍ତ୍ରଣାଳୟ ସୂତ୍ର ଅନୁଯାୟୀ, ବର୍ତ୍ତମାନ କୋରସ୍‌ର ପ୍ରଥମ ବାଟାଲିୟନରେ ଶାରୀରିକ ତଥା ମାନସିକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଫିଟ୍ ଥିବା ଆର୍‌ପିଏଫ୍ ଯବାନଙ୍କୁ ସାମିଲ କରାଯାଇଛି। ରେଲୱେର ସମସ୍ତ ୧୮ ଜୋନ୍‌ରେ ମୁତୟନ ହୋଇଥିବା ଯବାନଙ୍କ ମଧ୍ୟରୁ ସେମାନଙ୍କୁ ବଛାଯାଇଛି। ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଏନ୍‌ଏସ୍‌ଜିର ମାନେସର ସ୍ଥିତ ମୁଖ୍ୟାଳୟ ବ୍ୟତୀତ ନକ୍ସଲ ଅପରେଶନ ଲାଗି ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ପୋଲିସ ଦ୍ୱାରା ପ୍ରଶିକ୍ଷଣପ୍ରାପ୍ତ ଗ୍ରେ ହାଉଣ୍ଡ୍‌ସ ଫୋର୍ସର ଟ୍ରେନିଂ ସେଣ୍ଟରରେ ୪ ପର୍ଯ୍ୟାୟରେ କୋରସ୍ ଟିମ୍‌କୁ ପ୍ରଶିକ୍ଷଣ ଦିଆଯାଇଛି।

# ପୂର୍ବତଟ ରେଳପଥର ୧୯୧.୭୪ ନିୟୁତ ଟନ୍ ମାଲ ପରିବହନ

## ସ୍ୱାଧୀନତା ଦିବସ ଅବସରରେ ମହାପ୍ରବନ୍ଧକଙ୍କ ବାର୍ତ୍ତା

ଭୁବନେଶ୍ୱର, ୧୩-୮

୭୩ତମ ସ୍ୱାଧୀନତା ଦିବସ ଅବସରରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟାଭୂଷଣ ରେଳପଥ ପରିବାରର ସମସ୍ତ ସଦସ୍ୟ ତଥା ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦେଶର ଲୋକମାନଙ୍କର ବିକାଶ, ସୁଖ ଓ ସମୃଦ୍ଧି ଉଦ୍ଦେଶ୍ୟରେ ରାଷ୍ଟ୍ରକୁ ଏକ ନମ୍ବର ଭାବେ ଗଢି ତୋଳିବା ଲାଗି କଠିନ ପରିଶ୍ରମ, ନିଷ୍ଠା, ମାନବବାଦ, ମହତ୍ୱ ଆକାଂକ୍ଷା ରଖିବା ନେଇ ସେ ଆହ୍ୱାନ ଜଣାଇଛନ୍ତି। ଦେଶର ରାଜନୈତିକ ଆର୍ଥିକ ଏବଂ ସାମାଜିକ ସ୍ୱତନ୍ତ୍ରତାକୁ ବଜାୟ ରଖିବା ଲାଗି ଆମକୁ ପୁନଃ ସମର୍ପିତ କରିବାର ସମୟ ଆସିଛି। ଏହି ପ୍ରସଙ୍ଗଗୁଡିକୁ ମାର୍ଗଦର୍ଶକ ଭାବେ ବିଚାର କରି ପୂର୍ବତଟ ରେଳପଥ ଅଗ୍ରସର ହେଉଛି। ୨୦୧୮-୧୯ରେ ପୂର୍ବତଟ ରେଳପଥ ୧୯୧.୭୪ ନିୟୁତ ଟନ୍ ମାଲ ପରିବହନ କରିବା ସହ ବିଭିନ୍ନ ରେଳ ଜୋନଗୁଡିକଠାରୁ ଆଗରେ ରହିଛି। ସେହିଭଳି ସମୟାନୁବର୍ତ୍ତିତାରେ ଏହା ଦ୍ୱିତୀୟ ସ୍ଥାନରେ ରହିଛି। ଏହାର ପରିଚାଳନା ଅନୁପାତ ୫୩% ରହିଥିବା ବିଦ୍ୟାଭୂଷଣ କହିଛନ୍ତି।



ବିଦ୍ୟାଭୂଷଣ

ସେ ଆହୁରି ମଧ୍ୟ କହିଛନ୍ତି ଯେ, ବାତ୍ୟା ଫନୀ ଦ୍ୱାରା ରେଲୱେକୁ ଅନେକ କ୍ଷତି ହୋଇଥିବା ବେଳେ ମାତ୍ର ୩ ଦିନରେ ଟ୍ରେନ ସେବା ସ୍ୱାଭାବିକ କରିବାକୁ ସକ୍ଷମ ହୋଇଥିଲୁ। ପୂର୍ବତଟ ରେଳପଥର ଏଭଳି ଉଲ୍ଲେଖନୀୟ କାର୍ଯ୍ୟ ଲାଗି ରେଳବୋର୍ଡ ପକ୍ଷରୁ ପ୍ରଶଂସା କରାଯାଇଛି। ବିଭିନ୍ନ କ୍ଷେତ୍ରରେ ଯୋଗଦାନ ଲାଗି ପୂର୍ବତଟ ରେଳପଥ ‘ଜାତୀୟ ରେଳପଥ ପୁରସ୍କାର’ ଲାଭ କରିଛି। ୨୦୦ ମିଲିୟନ ଟନ୍ ମାଲ ପରିବହନ କ୍ଲବର ଉଦ୍‌ଘାଟନ କରିବାକୁ ସଂକଳ୍ପ ନିଆଯାଇଛି। ସେହିଭଳି ୮୦%ରୁ ଅଧିକ ସମୟାନୁବର୍ତ୍ତିତା, ୫୦%ରୁ କମ୍ ପରିଚାଳନା ଅନୁପାତ ନେଇ ଯୋଜନା ରହିଛି। ଯାତ୍ରୀ ସୁବିଧାର ଉନ୍ନତିକରଣ, ଦିବ୍ୟାଙ୍ଗଙ୍କ ପାଇଁ ୩୩ ଶୌଚାଳୟ, ୩ ପ୍ଲାଟଫର୍ମ ସେଡ୍, ୭ ଷ୍ଟେଶନ ଅଞ୍ଚଳର ବିକାଶ, ଟିଟିଆଇଙ୍କ ଲାଗି ହସ୍ତଚାଳିତ ଟିକେଟିଂ ମେଶିନ, ମୋବାଇଲରେ ଅଣ ସଂରକ୍ଷିତ ଟିକେଟିଂ ବ୍ୟବସ୍ଥା, ଦୁର୍ଗନ୍ଧମୁକ୍ତ ଟ୍ରେନ ଶୌଚାଳୟ, ଲିଫ୍ଟ, ଏସ୍କାଲେଟର ଏବଂ ଷ୍ଟେଶନ ବିଲଡିଂର ଆଲୋକୀକରଣ ବ୍ୟବସ୍ଥା ଭଳି ଅନ୍ୟ କ୍ଷେତ୍ରରେ ମଧ୍ୟ ବିଭିନ୍ନ କାର୍ଯ୍ୟ ହୋଇଛି।

ଏହାବାଦ, ନିରାପତ୍ତା ବୃଦ୍ଧି ନେଇ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ଏହି ସମୟରେ ପୂର୍ବତଟ ରେଳପଥ ୨୧୨ ଟ୍ରାକ କିଲୋମିଟର, ୫୧ ବ୍ରିଜ, ୭ ରୋଡ ଓଭର ବ୍ରିଜ, ସମ୍ବଲପୁର ରେଳମଣ୍ଡଳର ସମ୍ପୂର୍ଣ୍ଣ ଟ୍ରାକ ବିଦ୍ୟୁତୀକରଣ କରିଥିବା ସେ ପ୍ରକାଶ କରିଛନ୍ତି। ପୂର୍ବତଟ ରେଳପଥ ଏହାର ଉପଭୋକ୍ତା, ଯାତ୍ରୀ, କର୍ମଚାରୀ ଏବଂ ଅଂଶୀଦାରଙ୍କ ଅଭିଳାଷ ପୂରଣ ଦିଗରେ କାର୍ଯ୍ୟରତ। ସେହିଭଳି ଉତ୍କର୍ଷତାର ଅଗ୍ରଗତି ଲାଗି ପୂର୍ବତଟ ରେଳପଥ ଏହାର ପ୍ରୟାସ ଜାରି ରଖିବ ବୋଲି ବିଦ୍ୟାଭୂଷଣ କହିଛନ୍ତି।

# ପାନାସୋନିକ ପକ୍ଷରୁ କାରାଭାନ

ଭୁବନେଶ୍ୱର, ୧୪-୮

ପାର୍ବଣକୁ ଧ୍ୟାନରେ ରଖି ପାନାସୋନିକ ପକ୍ଷରୁ ନୂଆ କାରାଭାନର ଶୁଭାରମ୍ଭ ଘୋଷଣା କରାଯାଇଛି। କମ୍ପାନୀ ନୂଆ ମାର୍କେଟିଂ କ୍ୟାମ୍ପେନ ଅନ୍ତର୍ଗତ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ଶହିଦ ନଗରଠାରେ ଏକ କାର୍ଯ୍ୟକ୍ରମରେ ଏହାକୁ ଆରମ୍ଭ କରାଯାଇଛି। କମ୍ପାନୀର ଡିସପ୍ଲେ କାରାଭାନ ଆକ୍ଟିଭିଟି ଦ୍ୱାରା ଭିନ୍ନ ଭିନ୍ନ ସହରରେ ଏହାର ପ୍ରଡକ୍ଟକୁ ନେଇ ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ। କାରାଭାନ ରାଜ୍ୟର ବିଭିନ୍ନ ସହର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। କାରାଭାନରେ କମ୍ପାନୀର ବିଭିନ୍ନ ପ୍ରଡକ୍ଟ ଯଥା-ଏଲ୍‌ଇଡି, ରେଫ୍ରିଜରେଟର, ୱାଶିଂମେଶିନ, ମାଇକ୍ରୋଓଭନ, ଭାକ୍ୟୁମକ୍ଲିନର,ୱାଟର - ଏୟାର ପ୍ୟୁରିଫାୟର, ବିୟୁଟି କେୟାର ପ୍ରଡକ୍ଟ, କ୍ୟାମେରା, ସ୍ମଲ ହୋମ୍ ଆପ୍ଲାଏନ୍ସ ଭଳି ପ୍ରଡକ୍ଟ ସାମିଲ ରହିଛି। କାର୍ଯ୍ୟକ୍ରମ ଅବସରରେ ପୂର୍ବାଞ୍ଚଳ-୨ ବାଣିଜ୍ୟ ମୁଖ୍ୟ ସନ୍ତୋଷ କୁମାର ସାମନ୍ତରାୟ, ଓଡ଼ିଶା ବାଣିଜ୍ୟ ମୁଖ୍ୟ ଦୁର୍ଗେସ ଶୁକ୍ଲା, ରାଜ ଇଲେକଟ୍ରୋନିକ୍ସ ସ୍ୱତ୍ୱାଧିକାରୀ ପ୍ରକାଶ କୁମାର ବିଶ୍ୱାଳ, ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ଓନର ରାଜେଶ ଗୁପ୍ତା, ମହାବୀର ଏଜେନ୍ସି ମୁଖ୍ୟ ମନମୋହନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।



# ସମର୍ଥ ଯୋଜନାରେ ୪ ଲକ୍ଷ ଲୋକଙ୍କୁ ମିଳିବ ପ୍ରଶିକ୍ଷଣ

**ନୂଆଦିଲ୍ଲୀ,୧୪-୮:** ବୟନଶିଳ୍ପ କ୍ଷେତ୍ରରେ ଯୁବତୀଯୁବକଙ୍କୁ ଦକ୍ଷ କରିବା ଲାଗି କେନ୍ଦ୍ର ବୟନଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଏକ ‘ସମର୍ଥ ଯୋଜନା’ ହାତକୁ ନିଆଯାଇଛି। ଏହି ଯୋଜନା ଅଧୀନରେ ଦେଶର ୪ ଲକ୍ଷ ଯୁବତୀଯୁବତୀଙ୍କ ଦକ୍ଷତା ବୃଦ୍ଧି ପାଇଁ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏଥିପାଇଁ ଓଡ଼ିଶା ସମେତ ୧୮ ରାଜ୍ୟ ସହ କେନ୍ଦ୍ର ସରକାର ଚୁକ୍ତିସ୍ୱାକ୍ଷର କରିଛନ୍ତି। କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ଉପସ୍ଥିତିରେ ବୁଧବାର ଏହି ଚୁକ୍ତି ସ୍ୱାକ୍ଷର ହୋଇଛି। ବୟନଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ କୁଶଳ କାରିଗର ଭାବେ ଗଢ଼ିତୋଳିବା ଏହି ଯୋଜନାର ଲକ୍ଷ୍ୟ ବୋଲି କୁହାଯାଉଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଇରାନୀ କହିଛନ୍ତି ଯେ, ରାଜ୍ୟ ସରକାରଗୁଡ଼ିକର ପ୍ରତିନିଧି ଏଠାରେ ଉପସ୍ଥିତ ହୋଇ ନିଜର ତତ୍ପରତା ଦର୍ଶାଇଛନ୍ତି। କେନ୍ଦ୍ର ସରକାର ସମେତ ସମସ୍ତ ୧୮ ରାଜ୍ୟ ସରକାର ଗୋଟିଏ ଛାତ ତଳେ ରହି ୪ ଲକ୍ଷ ଲୋକଙ୍କୁ ଦକ୍ଷ କରିବା ଲାଗି ସଙ୍କଳ୍ପ ନେଇଛନ୍ତି। ତାଙ୍କ ମତରେ ଏହା ଦେଶର ଇତିହାସରେ ଅବ୍ୟାବଧି ନିଆଯାଇଥିବା ସବୁଠୁ ବଡ଼ ପଦକ୍ଷେପ। ସ୍ୱାକ୍ଷର କରିଥିବା ରାଜ୍ୟଗୁଡ଼ିକ ହେଲେ ଓଡ଼ିଶା, ଅରୁଣାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, କେରଳ, ମିଜୋରାମ, ତାମିଲନାଡୁ, ତେଲେଙ୍ଗାନା, ଉତ୍ତର ପ୍ରଦେଶ, ଆନ୍ଧ୍ରପ୍ରଦେଶ, ଆସାମ, ମଧ୍ୟପ୍ରଦେଶ,ତ୍ରିପୁରା, କର୍ଣାଟକ, ମଣିପୁର,ହରିୟାଣା, ମେଘାଳୟ, ଝାଡ଼ଖଣ୍ଡ ଓ ଉତ୍ତରାଖଣ୍ଡ। ବୟନଶିଳ୍ପ କ୍ଷେତ୍ରରେ ଜଡିତ ଶ୍ରମିକଙ୍କୁ ବସ୍ତ୍ର ନିର୍ମାଣ, ବୁଣା ହୋଇଥିବା ବସ୍ତ୍ର, ଧାତୁ ହସ୍ତକଳା, ହସ୍ତତନ୍ତ, ହସ୍ତକଳା ଓ କାର୍ପେଟ ଆଦି ନିର୍ମାଣ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ।

# ଏସ୍‌ପ୍ଲାନେଡରେ ମିଡ୍ ନାଇଟ ସେଲ୍ ଆଜି

ଭୁବନେଶ୍ୱର,୧୪-୮(ବ୍ୟୁରୋ)

ସ୍ୱାଧିନତା ଦିବସ ଅବସରରେ ଏସ୍‌ପ୍ଲାନେଡ ୱାନ ମଲ୍‌ରେ ମିଡ୍ ନାଇଟ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ୧୦୦ରୁ ଉର୍ଦ୍ଧ୍ୱ ଜାତୀୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡ ଉପରେ ଗ୍ରାହକମାନେ ରିହାତି ଲାଭ କରିପାରିବେ। ଅଗଷ୍ଟ ୧୫ ଦିନ କ୍ରୟ ଉପରେ ଫ୍ଲାଟ ୫୦% ରିହାତି ଉପଲବ୍ଧ ହେବ। ଗୋଟିଏ ଛାତ ତଳେ ଗ୍ରାହକ ବିଭିନ୍ନ ବ୍ରାଣ୍ଡ ଲାଭ କରିପାରିବେ। ସମାନ ଦିନରେ ରାକ୍ଷୀ ପୂର୍ଣ୍ଣିମା ପଡୁଥିବାରୁ ଗ୍ରାହକ ଏଠାରେ ଆକର୍ଷଣୀୟ ଡିଲ ଲାଭ କରିପାରିବେ ବୋଲି ଏସ୍‌ପ୍ଲାନେଡ ୱାନ୍ ମଲର ସେଣ୍ଟର ଡାଇରେକ୍ଟର ପାର୍ଥ ନାୟକ କହିଛନ୍ତି।

**ଆଲ୍ଲାହାବାଦ ବ୍ୟାଙ୍କ**
ମଣ୍ଡଳ କାର୍ଯ୍ୟାଳୟ, ଭୁବନେଶ୍ୱର
ଫୋନ୍- (୦୬୭୪) ୨୩୭୨୩୪୨, ୨୩୭୦୪୩୩

ଭ୍ରମ ସଂଶୋଧନ

ତା୧୨.୦୮.୨୦୧୯ ରିଖରେ ଦୈନିକ ଖବରକାଗଜ ଓଡିଶା ପୋଷ୍ଟ(ଇଂରାଜୀ)ଓ ଧରିତ୍ରୀ(ଓଡିଆ)ରେ ପ୍ରକାଶିତ ଇ-ନିଲାମ ବିକ୍ରୟ ବଜ୍ଞପ୍ତିରେ **ଓଲ୍ଡ଼ ଷ୍ଟେସନ ସ୍କୋୟାର ଶାଖାର** ଆକାଉଣ୍ଟ:ମେସର୍ସ ମେରୀ ରଙ୍ଗୋଲୀର ସମ୍ପତ୍ତିର ବିବରଣୀ ସ୍ତମ୍ଭରେ ବର୍ଣ୍ଣିତ ହୋଇଥିବା ଏକର୧.୨୦୦ ଡିସିମିଲି ମଧ୍ୟରୁ ପରିବର୍ତ୍ତେ **ଏକର ୧.୨୨୦ ମଧ୍ୟରୁ ପଢ଼ିବାକୁ ହେବ।**
ଏହା ବ୍ୟତିତ ଅନ୍ୟାନ୍ୟ ସମସ୍ତ ବିଷୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ। ସ୍ୱା/-
ତା.୧୪.୦୮.୨୦୧୯ କ୍ଷମତାପ୍ରାପ୍ତ ଅଧୀକାରୀ

**PARADIP PORT TRUST**

**e-TENDERING NOTICE**

Online tenders in three bid system i.e (1) EMD Bid (2) Technical Bid (3) Price Bid are invited from manufacturers / authorized dealers of manufacturers/stockist or supplier for supply of **Street Light pole Junction box.** The last date & time of submission of the tender is **17.15 Hours** on**Dt.29/08/2019.** For details, log on to website **https://eprocure.gov.in/eprocure/app**

Sr. Dy. Materials Manager
PPT/PR/264/19-20, Dt.14/08/2019

# ବିନା ବଜେଟରେ ଆର୍ଥିକ ଲକ୍ଷ୍ୟ ହାସଲ କଷ୍ଟକର

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM] ,CHARTERED WEALTH MANAGER
“Director, SmartFin Wealth Management Pvt. Ltd.”

‘ଧରିତ୍ରୀ’ ପକ୍ଷରୁ ‘ଅର୍ଥର ଅର୍ଥ’ ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**▶ ପରିବାରର ମାସିକ ଖର୍ଚ୍ଚ ବଢିଯାଇଛି। ଆୟବ୍ୟୟ ହିସାବ କିଛି ରଖି ହେଉନାହିଁ। ମାସିକ ଖର୍ଚ୍ଚ ପାଇଁ ବଜେଟ୍ କରିବା ଆବଶ୍ୟକ କି? ମାସିକ ଭଲ ଦରମା ମୋ ସ୍ୱାମୀ ପାଇବା ପରେ ଅଭାବ ଲାଗି ରହୁଛି। ଘରର ଦୈନନ୍ଦିନ ଖର୍ଚ୍ଚ ସବୁ ଚାଲିବା ପାଇଁ କ’ଣ କରିବା ଉଚିତ ହେବ?**

**– ମାନସୀ ମିଶ୍ର, କଟକ**

▶▶ ଆପଣଙ୍କ କ୍ଷେତ୍ରରେ କିମ୍ବା ଯେକୌଣସି ପରିବାରର ମାସିକ ଘରର ଦୈନନ୍ଦିନ ଜୀବନଶୈଳୀ ଖର୍ଚ୍ଚ ପାଇଁ ଏକ ବଜେଟ୍ ନିହାତି ଆବଶ୍ୟକ। ମାସିକ ବଜେଟ୍ କରିବା ଓ ଏହାକୁ ଅନୁସରଣ କରିବା ବୁଦ୍ଧିମାନର କାର୍ଯ୍ୟ। ଏହା ଏକ ସାଧାରଣ ଅଭ୍ୟାସ ଯାହାକି ଆପଣଙ୍କୁ ଅଧିକ ଖର୍ଚ୍ଚ କରିବାରେ ଦୂରରେ ରହିବେ ଏବଂ ଅଧିକ ସମ୍ପତ୍ତି ସୃଷ୍ଟି କରିବାରେ ନିଜର କାର୍ଯ୍ୟକୁ କେନ୍ଦ୍ରିତ କରି ପାରିବେ। ଆପଣ ଘରେ ବସି ଘରର ମାସିକ ଖର୍ଚ୍ଚକୁ ଏକ ତାଲିକାରେ ଲେଖନ୍ତୁ। ଆୟ-ବ୍ୟୟର ହିସାବକୁ ବିଶ୍ଳେଷଣ କରନ୍ତୁ। ବଜେଟ୍ ଅନୁଯାୟୀ ଖର୍ଚ୍ଚ କରନ୍ତୁ ଓ କୁଶଳ ଉପାୟରେ ଖର୍ଚ୍ଚ କରନ୍ତୁ । ପ୍ରାୟତଃ ଅଧିକାଂଶ କ୍ଷେତ୍ରରେ ଘରର ମାସିକ ବଜେଟ ହେଉଛି ସମସ୍ତ ଆର୍ଥିକ ଖର୍ଚ୍ଚ ସବୁକୁ ବ୍ୟବସ୍ଥିତ କରିବାର ଏକ ଆଦର୍ଶ ଓ ସହଜ ମାର୍ଗ। ବିନା ବଜେଟ୍‌ରେ ଆପଣ ନିଜର ଆର୍ଥିକ ଲକ୍ଷ୍ୟ ସବୁ ଓ ସମ୍ପତ୍ତି ସୃଷ୍ଟି କରିବା କ୍ଷେତ୍ରରେ ଅସୁବିଧା ହେବ।

**ସମ୍ପତ୍ତି ସୃଷ୍ଟି କରିବାର ଉପାୟ:**

➔ଆପଣଙ୍କ ମାସିକ ଦରମା ବା ରୋଜଗାରକୁ କିପରି ଭାବେ ଖର୍ଚ୍ଚ କରିବେ ଏହା ଉପରେ ଏକ ଲିଖିତ ବିବରଣୀ ପ୍ରସ୍ତୁତ କରନ୍ତୁ।

➔ପ୍ରତ୍ୟେକ ମାସରେ ଏକ ନିର୍ଦ୍ଦିଷ୍ଟ ରାଶି ଏକ ଭଲ ସ୍କିମରେ ନିବେଶ କରନ୍ତୁ।

➔ନିଜକୁ ପ୍ରତିଶ୍ରୁତିବଦ୍ଧ କରନ୍ତୁ ଯେ ଅତ୍ୟଧିକ ଖର୍ଚ୍ଚ କରିବେ ନାହିଁ।

➔ନିଜର ଅନାବଶ୍ୟକ ଖର୍ଚ୍ଚ କରିବାର ଇଚ୍ଛାକୁ ନିୟନ୍ତ୍ରଣ କରନ୍ତୁ।

➔ମଧ୍ୟକାଳୀନ କିମ୍ବା ଦୀର୍ଘକାଳୀନ ହିସାବରେ ଏକ ନିବେଶ ପୋର୍ଟଫୋଲିଓରେ ନିବେଶ କରନ୍ତୁ ଯାହାଦ୍ୱାରା ଆପଣ ସମ୍ପତ୍ତି ସୃଷ୍ଟି କରିପାରିବେ।

➔ଆପଣଙ୍କ ମାସିକ ଆୟ ବା ରୋଜଗାରର ୬୦-୬୫% ରୁ ଅଧିକ ଖର୍ଚ୍ଚ କରନ୍ତୁ ନାହିଁ।

ଆମର ପରାମର୍ଶ ଆପଣ ପରିବାରର ଆର୍ଥିକ ସୁରକ୍ଷା ଓ ଆର୍ଥିକ ଲକ୍ଷ୍ୟସବୁ ହାସଲ କରିବା ସହିତ କିପରି ଖର୍ଚ୍ଚ କରିବେ ଏବିଷୟରେ ଜଣେ ଚାର୍ଟାର୍ଡ ୱେଲଥ ମ୍ୟାନେଜର କିମ୍ବା ସାର୍ଟିଫାଏଡ୍ ଫାଇନାସିଆଲ ପ୍ଲାନରଙ୍କ ସହିତ ପରାମର୍ଶ କରି ଏକ ବ୍ୟାପକ ଆର୍ଥିକ ଯୋଜନା (ଯାହାକି ୬୦-୭୦ ପୃଷ୍ଠାର ଲିଖିତ ରିପୋର୍ଟ) ଅନୁଯାୟୀ ଓ ନିବେଶ କରନ୍ତୁ ।

**▶ ବରିଷ୍ଠ ନାଗରିକ ସଞ୍ଚୟ ସ୍କିମ୍‌ରେ ମିଳୁଥିବା ସୁଧରାଶି ୫୦,୦୦୦ ଟଙ୍କା ଭିତରେ ଆୟକର ଛାଡ ସୁବିଧା ମିଳିବ କି ? କିମ୍ବା ଏହି ଆୟ ଉପରେ ପୈଠ କରିବାକୁ ପଡ଼ିବ କି?**

– ସାଧୁ ଚରଣ ସାହୁ, ବାଲୁଗାଁ

▶▶ ୨୦୧୮ ବଜେଟରେ ଆୟକର ନିୟମରେ ଏକ ନୂତନ ପରିଚ୍ଛେଦ ୮୦ ଟିଟିବି ଆରମ୍ଭ କରାଯାଇଛି। ଏହି ନିୟମ ଅନୁଯାୟୀ ବରିଷ୍ଠ ନାଗରିକମାନେ ସୁଧରାଶି ଆୟ ସର୍ବାଧିକ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ ପାଇପାରିବେ। ଆପଣ କରିଥିବା ବରିଷ୍ଠ ନାଗରିକ ସଞ୍ଚୟ ସ୍କିମ (ଏସ୍‌ସିଏସ୍‌ଏସ୍)ର ସୁଧରାଶି ଏହି ସୁବିଧା ଅନ୍ତର୍ଭୁକ୍ତ ଅଛି।

**▶ ମୋ ବୟସ ୪୨ ବର୍ଷ ଓ ବିବାହିତା। ୮ବର୍ଷ ଓ ୧୧ ବର୍ଷ ୨ ଝିଅ, ମୋ ବାପା ମା’ଙ୍କ ସହିତ ରହୁଛି। ପରିବାରର ଚିକିତ୍ସା ଖର୍ଚ୍ଚ ସୁରକ୍ଷା ପାଇଁ ସ୍ୱାସ୍ଥ୍ୟ ବୀମା ପଲିସି କିଣିବାକୁ ଚାହୁଁଛି। ଏକ ଘରୋଇ କମ୍ପାନୀରେ କାମ କରୁଛି। ବାପା ମାଙ୍କର ଓ ମୋ ପରିବାରର ଯଦି ସ୍ୱାସ୍ଥ୍ୟବୀମା ପଲିସି କିଣିନିଏ, ତେବେ ଆୟକର ଦୃଷ୍ଟିରୁ କ’ଣ ଛାଡ ପାଇବି । ବାପାଙ୍କ ବୟସ ୬୫ ବର୍ଷ ଓ ମା’ଙ୍କର ବୟସ ୬୩ ବର୍ଷ ?**

**– ବାନାମ୍ବର ସ୍ୱାଇଁ , ଅନୁଗୋଳ**

▶▶ ଏ କ୍ଷେତ୍ରରେ ଆପଣ ୨ଟି ଅଲଗା ପଲିସି କରିବା ଉଚିତ ହେବ। ପ୍ରଥମ ସ୍ୱାସ୍ଥ୍ୟବୀମା ପଲିସିରେ ଆପଣ, ଆପଣଙ୍କ ସ୍ତ୍ରୀ ଓ ୨ଝିଅଙ୍କର ସ୍ୱାସ୍ଥ୍ୟ ବୀମା ସୁରକ୍ଷା କରିପାରିବେ। ଦ୍ୱିତୀୟ ସ୍ୱାସ୍ଥ୍ୟବୀମା ପଲିସିରେ ବାପା ମାଙ୍କର ସ୍ୱାସ୍ଥ୍ୟବୀମା କରିପାରିବେ । ଏହି ୨ଟି ସ୍ୱାସ୍ଥ୍ୟ ବୀମା ପଲିସି ଆପଣ ଫ୍ଲୋଟର ପଲିସି କିଣିପାରିବେ। ଅଧିକନ୍ତୁ ଜଣେ ବ୍ୟକ୍ତି ୨ଟି ପଲିସି କିଣି ଆୟକର ନିୟମ ୟୁ/ଏସ୍ ୮୦ଡି ଅଧିନରେ ସର୍ବାଧିକ ଆୟକର ସୁବିଧା ବା ଛାଡ ପାଇପାଇପାରିବେ। ଉପରୋକ୍ତ ଟେବୁଲକୁ ଦୃଷ୍ଟି ଦେଲେ ବୁଝିପାରିବେ।

**ସ୍ୱାସ୍ଥ୍ୟବୀମା ପଲିସିରେ ଆୟକର ଛାଡ ୟୁ/ଏସ୍ ୮୦ଡି – ଆର୍ଥିକ ବର୍ଷ ୨୦୧୯-୨୦**

| ପରିସ୍ଥିତି ବା ରୂପରେଖା | ପ୍ରିମିୟମ ପଇଠ (ଟଙ୍କା): ଜଣେ ବ୍ୟକ୍ତି (ନିଜେ) ସ୍ତ୍ରୀ କିମ୍ବା ସ୍ୱାମୀ ଓ ପୁଅଝିଅ | ପ୍ରିମିୟମ ପଇଠ (ଟଙ୍କା): ବାପା ମା | ସର୍ବାଧିକ ଆୟକର ଛାଡ ୟୁ/ଏସ୍ ୮୦ଡି |
|---|---|---|---|
| ଜଣେ ବ୍ୟକ୍ତି, ପରିବାର ଓ ବାପାମାଙ୍କର ବୟସ ୬୦ ବର୍ଷ ତଳେ | ୨୫,୦୦୦ | ୨୫,୦୦୦ | ୫୦,୦୦୦ |
| ଜଣେ ବ୍ୟକ୍ତି (ନିଜେ) ପରିବାର ଓ ବାପା ମାଆଙ୍କର ବୟସ ୬୦ ବର୍ଷ ତଳକୁ ଅଛି ଓ ବାପା ମା ଯାହାଙ୍କର ବୟସ ୬୦ ବର୍ଷରୁ ଅଧିକ | ୨୫,୦୦୦ | ୫୦,୦୦୦ | ୭୫,୦୦୦ |
| ଜଣେ ବ୍ୟକ୍ତି (ନିଜେ) ପରିବାର ଓ ବାପା ମା ଯାହାଙ୍କର ବୟସ ୬୦ ବର୍ଷରୁ ଅଧିକ | ୫୦,୦୦୦ | ୫୦,୦୦୦ | ୧୦୦,୦୦୦ |

ଆମ ଠିକଣା
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର – ୧୦

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା**

**ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ**

ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ୭୩ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କୁ ନେଇ ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ ‘‘ଭାରତୀୟମ୍’’ ଯାହା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ।

**ତାରିଖ: ୧୫।୦୮।୨୦୧୯ ସନ୍ଧ୍ୟା ଘ.୬.୩୦ମିନିଟ୍**
**ସ୍ଥାନ: ରବୀନ୍ଦ୍ରମଣ୍ଡପ, ଭୁବନେଶ୍ୱର**

**ମୁଖ୍ୟଅତିଥି:**
**ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ପ୍ରମୁଖ ଶାସନ ସଚିବ**
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

**ସମ୍ମାନନୀୟ ଅତିଥି:**
**ଶ୍ରୀ ବିଜୟ କୁମାର ନାୟକ, ନିର୍ଦ୍ଦେଶକ ଓ ଅତିରିକ୍ତ ଶାସନ ସଚିବ**
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
**ଡଃ. ରାମକୃଷ୍ଣ ସାହୁ, ସ୍ୱତନ୍ତ୍ର ଶାସନ ସଚିବ**
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ସଭାପତି, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ଭୁବନେଶ୍ୱର
**ଶ୍ରୀମତୀ ସଂଘମିତ୍ରା ଶତପଥୀ, ଯୁଗ୍ମ ନିର୍ଦ୍ଦେଶିକା ତଥା ଯୁଗ୍ମ ଶାସନ ସଚିବ**
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
**ଶ୍ରୀମତୀ ଲିପ୍‌ସା ଦାସ, ଯୁଗ୍ମ ନିର୍ଦ୍ଦେଶିକା**
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
**ଶ୍ରୀମତୀ ମନସ୍ୱିନୀ ସାହୁ, ଯୁଗ୍ମ ଶାସନ ସଚିବ**
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

ଏହି କାର୍ଯ୍ୟକ୍ରମରେ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବାକୁ ସାଦର ନିମନ୍ତ୍ରଣ।

**ଡ. ବିଜୟ କୁମାର ଜେନା**
**ସଚିବ**
**ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ**

## କୋହଲିଙ୍କୁ କ୍ଷମା ମାଗିଲେ ଷ୍ଟେନ୍

ଜୋହାନ୍ସବର୍ଗ,୧୪।୮- ଆହତ ସମସ୍ୟା ଯୋଗୁ ପେସର ଡେଲ ଷ୍ଟେନଙ୍କ ଅନ୍ତର୍ଜାତୀୟ କ୍ୟାରିୟର ବହୁ ମାତ୍ରାରେ ବାଧାପ୍ରାପ୍ତ ହୋଇଛି। ଏବେ ସମ୍ପୂର୍ଣ୍ଣ ଫିଟ୍ ଓ ଉପଲବ୍ଧ ଥିଲେ ମଧ ତାଙ୍କୁ ଭାରତ ବିପକ୍ଷ ଟି୨୦ ସିରିଜ୍ ଲାଗି ଘୋଷିତ ଦକ୍ଷିଣ ଆଫ୍ରିକା ଦଳରେ ସ୍ଥାନ ଦିଆଯାଇନାହିଁ। କେବଳ ଏତିକି ନୁହେଁ, ଚୟନକର୍ତ୍ତା ଭେଟେରାନ ପେସରଙ୍କୁ ଦଳରେ ସ୍ଥାନ ନ ଦେବାର କାରଣ ମଧ ସ୍ପଷ୍ଟ କରି ନାହାନ୍ତି। ଏଥିନେଇ ବୁଧବାର ଷ୍ଟେନ ଟୁଇଟ୍ କରି ଦୁଃଖ ପ୍ରକାଶ କରିଛନ୍ତି। ଦଳରୁ ବାଦ୍ ପଡ଼ିବାରୁ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି। ବିରାଟ ଓ ଭାରତର କୋଟି କୋଟି ପ୍ରଶଂସକ ମୁଁ ସେଠାରେ ଖେଳିବି ବୋଲି ଆଶା କରିଥିଲେ। ହେଲେ ମୋତେ ସୁଯୋଗ ମିଳି ନାହିଁ ବୋଲି ଷ୍ଟେନ କହିଛନ୍ତି। ସେ ଏବେ ୟୁରୋ ଟି୨୦ ସ୍ଲାମ ଖେଳିବେ। ୩୬ ବର୍ଷୀୟ ପେସର ୪୪ ଅନ୍ତର୍ଜାତୀୟ ଟି୨୦ ଖେଳି ୬୧ ଉଇକେଟ ନେଇଛନ୍ତି। ବିଭିନ୍ନ ଦେଶରେ ଖେଳାଯାଉଥିବା ଲିଗ୍‌କୁ ମିଶାଇଲେ ୨୦୧ ମ୍ୟାଚ୍ ଖେଳି ମୋଟ ୨୩୧ ଉଇକେଟ ହାସଲ କରିଛନ୍ତି।

## ଭେଗାନ ବଲ ବ୍ୟବହାର କଲା ଇୟର୍ଲି କ୍ରିକେଟ କ୍ଲବ

ଲଣ୍ଡନ,୧୪।୮(ଏଏଫ୍‌ପି)- ଇଂଲିଶ୍ କ୍ରିକେଟ କ୍ଲବ ଇୟର୍ଲି ଏବେ ଏକ ନୂଆ ପ୍ରକାର ବଲ୍ ବ୍ୟବହାର କରି ଖବର ସୃଷ୍ଟି କରିଛି। ପାରମ୍ପରିକ ଚମଡ଼ା ବଲ୍ ବଦଳରେ ଏହି କ୍ଲବ ଭେଗାନ ବଲ ବ୍ୟବହାର କରିଛି। ଲଣ୍ଡନଠାରୁ ୬୪ କି.ମି. ପଶ୍ଚିମରେ ଅବସ୍ଥିତ ଏହି କ୍ଲବ ପୂର୍ବରୁ ତା'ର ଖେଳାଳିଙ୍କ ପାଇଁ ଭେଗାନ ଟି ବା ଚା ସାମିଲ ଚର୍ଚ୍ଚା ସୃଷ୍ଟି କରିଥିଲା। ଚମଡ଼ା ବଦଳରେ ଭେଗାନ ବଲ୍ ରବର ବ୍ୟବହୃତ ହୋଇଥାଏ। ଚମଡା ବା ଲେଦର ବଲ୍ ଭଳି ମଧ ଏହା ବ୍ୟବହାର କରିଥାଏ। ତେବେ ଏହି ବଲ୍ ଅପେକ୍ଷାକୃତ ଅଧିକ ବାଉନ୍ସ କରିଥାଏ ଫଳରେ ଏହାକୁ ଧରିବା ସାମାନ୍ୟ କଷ୍ଟକର ହୋଇଥାଏ। ବର୍ତ୍ତମାନ ଏହି ବଲ୍‌କୁ ବ୍ୟବହାର କରିବା ଜାରି ରଖିବୁ ବୋଲି କ୍ଲବର ପ୍ରତିଷ୍ଠାତା ତଥା ଅଧକ୍ଷ ଗ୍ୟାରୀ ଶାକଲେଡି କହିଛନ୍ତି। ଖୁବ୍‌ଶୀଘ୍ର ଏହି ବଲ୍‌ର ଏକ ଅପେକ୍ଷାକୃତ ଉନ୍ନତ ସଂସ୍କରଣ ଆମେ କ୍ରିକେଟରେ ସାମିଲ କରିବୁ ବୋଲି ସେ କହିଛନ୍ତି।

# କ୍ରିସ୍ ଗେଲ୍‌ଙ୍କ ଅର୍ଦ୍ଧଶତକ

**ପୋର୍ଟ ଅଫ୍ ସ୍ପେନ, ୧୪।୮**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ କୁଇନ୍ସ ପାର୍କ ଓଭାଲ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ଚଳିତ ସିରିଜର ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଛି। ଦ୍ୱିତୀୟ ଥର ପାଇଁ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବା ବେଳକୁ ୱେଷ୍ଟଇଣ୍ଡିଜ ୨୨ ଓଭରରେ ୨ ଉଇକେଟ ହରାଇ ୧୫୮ ରନ ସଂଗ୍ରହ କରିଛି। ବିସ୍ଫୋରକ ଓପନର କ୍ରିସ୍ ଗେଲ୍ ଅର୍ଦ୍ଧଶତକ ହାସଲ କରି ଆଉଟ ହୋଇଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ୱେଷ୍ଟଇଣ୍ଡିଜ ୧.୩ ଓଭର ଖେଳିଥିବାବେଳେ ବର୍ଷା ହୋଇଥିଲା। କିଛି ସମୟ ଖେଳ ବନ୍ଦ ହେବାପରେ ପୁଣି ଆରମ୍ଭ ହୋଇଥିଲା। ଭୁବନେଶ୍ୱର କୁମାରଙ୍କ ପ୍ରଥମ ଓଭରରୁ ରନ ସଂଗୃହୀତ ହୋଇ ନ ଥିଲେ ହେଁ ଆକ୍ରମଣାତ୍ମକ ଆଭିମୁଖ୍ୟ ନେଇ ଖେଳିଥିଲା ୱେଷ୍ଟଇଣ୍ଡିଜ। ଭାରତର ୩ ଜଣ ଯାକ ଦ୍ରୁତ ବୋଲରଙ୍କୁ ଧୂଳେଇ କରି ଦ୍ରୁତ ହାରରେ ରନ ସଂଗ୍ରହ ସହ ଓପନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ିଥିଲେ ଦୁଇ ଓପନର। ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ୧୧ତମ ଓଭରରେ ସ୍ପିନର ୟୁଜବେନ୍ଦ୍ର ଚହଲଙ୍କୁ ବୋଲିଂଭାର ଦେବାପରେ ଯାଇ ବ୍ରେକ୍ ଥ୍ରୁ ମିଳିଥିଲା। ମାତ୍ର ୨୯ ବଲ୍‌ରୁ ୫ ଚୌକା ଓ ୩ ଛକା ସହ ୪୩ ରନ କରିସାରିଥିବା ଲିୱିସଙ୍କୁ ନିଜ ପ୍ରଥମ ଓଭରର ୫ମ ବଲ୍‌ରେ ଆଉଟ କରି ଭାରତକୁ ପ୍ରତୀକ୍ଷିତ ସଫଳତା ଦେଇଥିଲେ ଚହଲ। ଗେଲ୍ କିନ୍ତୁ ଧୂଆଁଧାର ବ୍ୟାଟିଂ ଜାରି ରଖିଥିଲେ। ୪୧ ବଲ୍‌ରୁ ୮ ଚୌକା ଓ ୫ ଛକା ସହ ୭୨ ରନ କରିବାପରେ ସେ ଖଲିଲ ଅହମ୍ମଦଙ୍କ ବଲ୍‌ରେ ବିରାଟ କୋହଲିଙ୍କ ଏକ ଚିତ୍ତାକର୍ଷକ କ୍ୟାଚଦ୍ୱାରା ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। କ୍ୟାରିୟରର ୩୦୧ତମ ଏକଦିବସୀୟ ମ୍ୟାଚ ଖେଳିଥିବା ଗେଲ୍‌ଙ୍କର ଏହାଥିଲା ୫୪ତମ ଅର୍ଦ୍ଧଶତକ। ଏହି ଦୁଇ ବ୍ୟାଟ୍ସମ୍ୟାନ ଆଉଟ ହେବାପରେ ୱେଷ୍ଟଇଣ୍ଡିଜର ରନ ହାରରେ ଅଙ୍କୁଶ ଲାଗିଥିଲା। ଚହଲଙ୍କ ପରି କେଦାର ଯାଦବ ମଧ ପ୍ରଭାବୀ ବୋଲିଂ କରିଥିଲେ। ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବାବେଳକୁ ଶାଇ ହୋପ୍ ୪୦ ବଲ୍‌ରୁ ୧୯ ଏବଂ ଶିମରନ ହେଟମେର ୨୩ ବଲ୍‌ରୁ ୧୮ ରନକରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ଚହଲ ଓ ଖଲିଲ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।

ପ୍ରଥମ ଦିନିକିଆ ବର୍ଷା ଯୋଗୁ ବାତିଲ ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ବିଜୟୀ ହୋଇ ଭାରତ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।

### ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଛକା

୫୮: ଏବି ଡିଭିଲର୍ସ(୨୦୧୫)
୫୬: କ୍ରିସ୍ ଗେଲ୍(୨୦୧୯)
୪୮: ଶାହିଦ ଆଫ୍ରିଦୀ(୨୦୦୨)
୪୬: ରୋହିତ ଶର୍ମା(୨୦୧୭)






ଅର୍ଦ୍ଧଶତକ ହାସଲ କରି ଆଉଟ ହେବାପରେ ବ୍ୟାଟ୍ ଉପରେ ହେଲ୍‌ମେଟ ରଖି ପଡ଼ିଆ ଛାଡୁଛନ୍ତି କ୍ରିସ୍ ଗେଲ୍। ନିଜର ୩୦୧ତମ ଦିନିକିଆରେ ସମାନ ସଂଖ୍ୟା ଲେଖାଥିବା ଜର୍ସି ପରିଧାନ କରିଛନ୍ତି ଏହି ୱେଷ୍ଟଇଣ୍ଡିଜ ଓପନର।

# ୩୦୧ ନମ୍ବର ଜର୍ସି ପିନ୍ଧିଲେ ଗେଲ୍

**ପୋର୍ଟ ଅଫ୍ ସ୍ପେନ, ୧୪।୮(ପି.ଟି.)**

ବୁଧବାର ଏଠାରେ ଅନୁଷ୍ଠିତ ଭାରତ ବିପକ୍ଷ ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚରେ କ୍ୟାରିୟରର ୩୦୧ତମ ଏକଦିବସୀୟ ଖେଳିଥିଲେ ୱେଷ୍ଟଇଣ୍ଡିଜ ଦୁର୍ଦ୍ଧର୍ଷ ଓପନର କ୍ରିସ୍ ଗେଲ୍। ତେଣୁ ମ୍ୟାଚରେ ସେ ୩୦୧ ନମ୍ବର ଜର୍ସି ପରିଧାନ କରି ଖେଳିଥିଲେ। ଏହା ଗେଲ୍‌ଙ୍କ କ୍ୟାରିୟରର ସମ୍ଭାବ୍ୟ ଅନ୍ତିମ ଦିନିକିଆ ହୋଇଥିବାରୁ ସେ ୪୧ ବଲ୍‌ରୁ ୭୨ ରନ କରି ଆଉଟ ହେବାପରେ ଭାରତୀୟ ଖେଳାଳିମାନେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଡ୍ରେସିଂ ରୁମ୍‌ରେ ୱେଷ୍ଟଇଣ୍ଡିଜ ଖେଳାଳିମାନେ ମଧ ଛିଡ଼ା ହୋଇ ତାଙ୍କୁ ଅଭିବାଦନ ଜଣାଇଥିଲେ। ଆଉଟ ହେବାପରେ ଗେଲ୍ ନିଜ ବ୍ୟାଟ୍‌କୁ ଉପରକୁ ଫୋପାଡ଼ି ଦେଇଥିଲେ। ଏହାପରେ ବ୍ୟାଟ୍ ଉପରେ ହେଲ୍‌ମେଟ ରଖି ପଡ଼ିଆ ଛାଡ଼ିଥିଲେ। ୩୦୧ ମ୍ୟାଚରେ ଗେଲ୍ ୨୫ ଶତକ ଓ ୫୪ ଅର୍ଦ୍ଧଶତକ ସହାୟତାରେ ୧୦୪୮୦ ରନ ସଂଗ୍ରହ କରିଥିଲେ। ସେହିପରି ସେ ୧୦୩ଟି ଟେଷ୍ଟ ଖେଳି ୧୫ ଶତକ ସହ ୭୨୧୪ ରନ ସ୍କୋର କରିଥିଲେ। ଗେଲ୍ ଦୀର୍ଘବର୍ଷ ଧରି ଟେଷ୍ଟ ମ୍ୟାଚ ଖେଳି ନାହାନ୍ତି। ଭାରତ ବିପକ୍ଷରେ ଗୋଟିଏ ଟେଷ୍ଟ ଖେଳି ଅବସର ନେବାକୁ ଇଚ୍ଛା ପ୍ରକାଶ କରିଥିଲେ। ମାତ୍ର ଚୟନକର୍ତ୍ତାମାନେ ଟେଷ୍ଟ ସିରିଜ ପାଇଁ ତାଙ୍କୁ ଚୟନ କରି ନ ଥିଲେ। ଭାରତ ବିପକ୍ଷ ଟି୨୦ ସିରିଜରେ ମଧ ସେ ଖେଳି ନ ଥିଲେ। ଭାରତ ବିପକ୍ଷ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ ଖେଳି ସେ ଏକ ରେକର୍ଡର ଅଧିକାରୀ ହୋଇଥିଲେ। ୱେଷ୍ଟଇଣ୍ଡିଜର ସର୍ବାଧିକ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ ଖେଳି ସେ ବ୍ରାଏନ ଲାରା(୨୯୯ ମ୍ୟାଚ)ଙ୍କ ରେକର୍ଡ ଭାଙ୍ଗିଥିଲେ।

# ଆଶେସ ଲଞ୍ଚ୍ ମେନ୍ୟୁ

**ଲଣ୍ଡନ, ୧୪।୮**

କ୍ରିକେଟ୍‌ର ମକ୍କା ଭାବେ ପରିଚିତ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ବୁଧବାରଠାରୁ ଘରୋଇ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆଶେସ ସିରିଜର ୨ୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। କିନ୍ତୁ ଶେଷ ଖବର ସୁଦ୍ଧା ଲଗାଣ ବର୍ଷା ଯୋଗୁ ଟସ୍ ପଡ଼ିବାରେ ବହୁ ବିଳମ୍ବ ହୋଇଛି। ଏହି ଅବସରରେ ଲର୍ଡ୍ସ କ୍ରିକେଟ୍ ଗ୍ରାଉଣ୍ଡ୍ ଅଫିସିଆଲ୍ ଟୁଇଟର୍‌ରେ ଏକ ରୋଚକ ତଥ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ମ୍ୟାଚ୍ ହେଉଥିବାବେଳେ ଉଭୟ ଦଳର ଖେଳାଳି କ'ଣ ସବୁ ଖାଦ୍ୟ ଲଞ୍ଚ୍‌ରେ ଖାଇଥାନ୍ତି। ତାହା ଜାଣିବା ପାଇଁ କ୍ରିକେଟ୍‌ପ୍ରେମୀ ସର୍ବଦା ଆଗ୍ରହ ରଖୁଥିବାବେଳେ ଲର୍ଡ୍ସ କ୍ରିକେଟ୍ ଗ୍ରାଉଣ୍ଡ ଅଫିସିଆଲ୍ ଟୁଇଟର୍‌ରେ ଖେଳାଳିଙ୍କ ଲଞ୍ଚ୍ ମେନ୍ୟୁ ତାଲିକା ପ୍ରଦାନ କରାଯାଇଛି। ଯଦି କୌଣସି ଖେଳାଳି ହାଲ୍‌କା ଖାଦ୍ୟ ଗ୍ରହଣ କରିବାକୁ ଚାହୁଁଥାନ୍ତି ତେବେ ସୁପ୍ ଓ ଫଳ ସାଲାଡ୍ ବ୍ୟବସ୍ଥା ରହିଛି। ସେହିଭଳି କୌଣସି ଖେଳାଳି ଅଧିକ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବାକୁ ଚାହିଁବେ ତେବେ ଏଥିଲାଗି ମେନ୍ୟୁରେ ଶତାଧିକ ତାଲିକା ରହିଛି। ଯେଉଁଥିରେ ସ୍ପେନର ପ୍ରସିଦ୍ଧ ପାଏଲା (ଚାଉଳରୁ ପ୍ରସ୍ତୁତ ଏକ ଖାଦ୍ୟ) ରହିଛି। ଏହାବାଦ୍ ଏହି ମେନ୍ୟୁରେ ଆହୁରି ଅନେକ ପ୍ରକାର ଖାଦ୍ୟର ତାଲିକା ରହିଛି। 'ଏହି ଭଳି ଏକ ସୁନ୍ଦର ଖାଦ୍ୟ ତାଲିକା ଲଞ୍ଚ୍‌ରେ ରହିଥିଲେ ମଧ ଯଦି କିଛି ଘଣ୍ଟା ଖେଳ ଅନୁଷ୍ଠିତ ହୋଇଥାନ୍ତା ତେବେ ଖାଇବାକୁ ଭଲ ଲାଗିଥାନ୍ତା' ବୋଲି କେତେକ ଖେଳାଳି ନିରାଶବ୍ୟକ୍ତ କରି କହିଛନ୍ତି।

ଗଢ଼ିବା ନୂଆ ଓଡ଼ିଶା

ଆମେ କେବଳ ସମୟୋପଯୋଗୀ ପଦକ୍ଷେପ ଯୋଗୁଁ ଫନୀ ମହାବାତ୍ୟାର ସଫଳ ମୁକାବିଲା କରି ପାରିଲୁ ।

ଆମେ ଉତ୍ସର୍ଗୀକୃତ ମନୋଭାବ ସହିତ ସମୟସୀମା ପ୍ରତି ଆମର ପ୍ରତିବଦ୍ଧତା ଯୋଗୁଁ ୯୦ ଦିନ ମଧ୍ୟରେ ଏସିଆନ୍ ଆଥଲେଟିକ୍ସ ଚମ୍ପିଆନସିପ୍ ଆୟୋଜନ କରିପାରିଲୁ ।

ଆମେ ଅଧିକ ୩୦ ଲକ୍ଷ ମହିଳାଙ୍କୁ ମିଶନ ଶକ୍ତିରେ ସାମିଲ କରିଛୁ ।

ମାତ୍ର ୩୦ ଦିନ ମଧ୍ୟରେ **ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା** କାର୍ଯ୍ୟକାରୀ କରି ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ପାରିଛୁ ।

ଲୋକଙ୍କ କଲ୍ୟାଣ ପାଇଁ 5T ର ସମୟୋପଯୋଗୀ ପ୍ରୟୋଗ ଆମକୁ ଏହି ସଫଳତା ଆଣିଦେଇଛି । ଲୋକ ସେବାରେ ଏହିଭଳି ଗତିଶୀଳତା ଜରୁରୀ । ଜନସାଧାରଣଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତ୍ୱରିତ ସେବା ପ୍ରଦାନ ପୂର୍ବକ ନୂଆ ଓଡ଼ିଶା ଗଢ଼ିବା ପାଇଁ ଆମର ଏହି ପ୍ରୟାସ ଆଗାମୀ ଦିନରେ ଜାରି ରଖିବା ପାଇଁ ଆମେ ଆଜି ଦୃଢ଼ ସଂକଳ୍ପବଦ୍ଧ ।

ଓଡ଼ିଶା ସରକାର
ସୂଚନା ଓ ଲୋକସମ୍ପର୍କ ବିଭାଗ

DADLS-18

15001/13/0027/1920





## ୧୯ ବର୍ଷରୁ କମ୍ ଦଳର କୋଚ୍ ପଦ ଦୌଡ଼ରେ ସାକଲିନ



କରାଚୀ,୧୪।୮(ପିଟି): ଦେଶର ୧୯ ବର୍ଷରୁ କମ୍ ଦଳର ମୁଖ୍ୟ କୋଚ୍ ପଦ ଦୌଡ଼ରେ ସାମିଲ ହୋଇଛନ୍ତି ପୂର୍ବତନ ପାକିସ୍ତାନ ସ୍ପିନର ସାକଲିନ ମୁସ୍ତାକ। ଆଗାମୀ ବର୍ଷ ହେବାକୁ ଥିବା ଜୁନିୟର ବିଶ୍ୱକପ୍ ଲାଗି ପ୍ରସ୍ତୁତ ହେଉଥିବା ଦଳର କୋଚ୍ ପଦ ପାଇଁ ପିସିବି ପକ୍ଷରୁ ବିଜ୍ଞାପନ ଦିଆଯାଇଥିଲା। ଏଥିଲାଗି ୧୬୯ ଦିନିକିଆ ଓ ୪୯ ଟେଷ୍ଟରେ ମୋଟ ୪୯୬ ଉଇକେଟ ନେଇଥିବା ୪୨ ବର୍ଷୀୟ ସାକଲିନ ଆବେଦନ କରିଛନ୍ତି। ମୁଁ ଜୁନିୟର ଦଳର ମୁଖ୍ୟକୋଚ୍ ପଦ ପାଇଁ ଆବେଦନ କରିଛି। ଆସନ୍ତା ସପ୍ତାହରେ ମୋର ସାକ୍ଷାତକାର ଅଛି। ପାକିସ୍ତାନ କ୍ରିକେଟକୁ ମୁଁ ଏବେ ମଧ ଅବଦାନ ଦେଇପାରିବି ବୋଲି ଅନୁଭବ କରିବା ପରେ ପଦ ପାଇଁ ଆବେଦନ କରିଛତ ବୋଲି ସାକଲିନ କହିଛନ୍ତି। ଇସିବିଠାରୁ ୩ୟ ଲିଭେଲ କୋଚ୍ ସାର୍ଟିଫିକେଟ ପାଇଥିବା ପୂର୍ବତନ ସ୍ପିନର ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ୱେଷ୍ଟଇଣ୍ଡିଜ ଓ ବାଂଲାଦେଶ ସହ ପରାମର୍ଶଦାତା ଭାବେ କାର୍ଯ୍ୟ କରିସାରିଛନ୍ତି। ଏବେ ସେ ବିଶ୍ୱକପ୍ ବିଜୟୀ ଇଂଲଣ୍ଡ ଦଳ ସହ ସ୍ପିନ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି। ଇଦ୍ ଛୁଟି ପରେ ପିସିବି ସିନିୟର ଦଳର ମୁଖ୍ୟ କୋଚ୍ ପାଇଁ ମଧ ବିଜ୍ଞପନା ବାହାର କରିବା ନେଇଆଶା କରାଯାଉଛି। ବୋର୍ଡ ମିକି ଆର୍ଥରଙ୍କ କାର୍ଯ୍ୟକାଳରେ ବୃଦ୍ଧି କରାଯିବା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି। ୱେଷ୍ଟଇଣ୍ଡିଜ ଦଳର ପରାମର୍ଶଦାତା ଭାବେ କର୍ଯ୍ୟ କରୁଥିବା ସାକଲିନଙ୍କ ସାଥି ସ୍ପିନର ମୁସ୍ତାକ ଅହମ୍ମଦ ପାକିସ୍ତାନ ଦଳର ମୁଖ୍ୟ କୋଚ୍ ଲାଗି ଇଚ୍ଛୁକ ଥିବା ପ୍ରକାଶ କରିଛନ୍ତି। ଉଲ୍ଲେଖଥାଉ କି, ବିସିସିଆଇ ପୂର୍ବତନ ଅଧିନାୟକ ରାହୁଲ ଦ୍ରାଭିଡଙ୍କ ନେତୃତ୍ୱରେ ୧୯ ବର୍ଷରୁ କମ୍ ଭାରତୀୟ ଦଳ ଓ ଭାରତ ଏ' ସଫଳତା ପାଇବା ପରେ ପିସିବି ସମାନ ରଣନୀତି ଆପଣେଇବାକୁ ନିଷ୍ପତ୍ତି ନେଇଛି।

## ଅଲିମ୍ପିକ୍ ଚାମ୍ପିୟନ ଚାଇନିଜ ଭଲିବଲ ଖେଳାଳି ବାସନ୍ଦ

ଶାଙ୍ଘାଇ,୧୪।୮(ଏଏଫ୍‌ପି): ଚାଇନିଜ ଅଲିମ୍ପିକ୍ ଚାମ୍ପିୟନ ଭଲିବଲ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଡୋପ ଟେଷ୍ଟରେ ବିଫଳ ହେବା କାରଣରୁ ୪ ବର୍ଷ ଲାଗି ବାସନ୍ଦ ହୋଇଛନ୍ତି। ଫଳରେ ୟାଙ୍ଗ ଫାଙ୍ଗଜୁ ଆଉ ଚାଇନିଜ ମହିଳା ଦଳକୁ ଅଲିମ୍ପିକ୍ସ ଟାଇଟଲ ଟୋକିଓରେ ବଜାୟ ରଖିବାରେ ସହାୟତା କରିପାରିବେ ନାହିଁ। ୪ ବର୍ଷ ବାସନ୍ଦାଦେଶ ଯୋଗୁ ତାଙ୍କ କ୍ୟାରିୟରର ପ୍ରାୟ ଶେଷ ହୋଇସାରିଛି। ଗତବର୍ଷ ପ୍ରତିଯୋଗିତା ପରେ ତାଙ୍କର ଡୋପ ନମୁନା ନିଆଯାଇଥିଲା। ତାଙ୍କ ନମୁନାରେ ନିଷିଦ୍ଧ ଔଷଧ ଇପିଓ ମିଳିଥିଲା ବୋଲି ଚାଇନିଜ ନାଡା ପକ୍ଷରୁ କୁହାଯାଇଛି। ୟାଙ୍ଗ ସର୍ବିଆ ବିପକ୍ଷ ରିଓ ଅଲିମ୍ପିକ୍ସ ଫାଇନାଲରେ ୩ ପଏଣ୍ଟ ସ୍କୋର କରିଥିଲେ। ସେ ୨୦୨୨ ପର୍ଯ୍ୟନ୍ତ କୌଣସି ସ୍ତରରେ ଭଲିବଲ ଖେଳିପାରିବେ ନାହିଁ। ଆଇସି ହକି ଖେଳାଳି ଲି ଜିଆଜିନ ଓ ଆଥ୍‌ଲେଟ୍ ସୁ ଗୁଆନଝୋଙ୍ଗଙ୍କୁ ମଧ ବାସନ୍ଦ କରାଯାଇଥିବା ଚିନାଡା ପକ୍ଷରୁ ଆହୁରି କୁହାଯାଇଛି।

■ ୟୁରୋପ ଆଥଲେଟିକ୍ସ ମିଟ୍‌ରେ ଭାଗ ନେବା ଆଶା ଅଧୁରା

# ଭିଜା ମିଳିଲାନି, ଦୂତୀ ନିରାଶ

ଭୁବନେଶ୍ୱର, ୧୪।୮ (କ୍ରୀଡ଼ା ପ୍ରତିନିଧି)



ଜାତୀୟ ରେକର୍ଡର ଅଧିକାରିଣୀ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଧାବିକା ଦୂତୀ ଚାନ୍ଦଙ୍କୁ ଶେଷରେ ନିରାଶ ହେବାକୁ ପଡ଼ିଛି। ୟୁରୋପ୍ ଗସ୍ତ ପାଇଁ ତାଙ୍କୁ ଭିଜା ମିଳିଲାନି। ତେଣୁ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ଯୋଗ୍ୟତା ହାସଲ ପାଇଁ ସେ ୟୁରୋପ୍ ଗସ୍ତରେ ଯାଇ ଦୁଇଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ଯେଉଁ କାର୍ଯ୍ୟକ୍ରମ ରହିଥିଲା, ତାହା ଧୂଳିସାତ୍ ହୋଇଛି। ସୋସିଆଲ ମିଡିଆ ଜରିଆରେ ଦୂତୀ ଏହା ପ୍ରକାଶ କରିଛନ୍ତି। ''ଫେକ୍ ନ୍ୟୁଜ, ମୋତେ ଭିଜା ମିଳିଲା ନାହିଁ। ମୋର ସବୁ ଆଶା ମଉଳିଗଲା। ମୋର ଜର୍ମାନୀ ଯିବା କ୍ୟାନସଲ'' ବୋଲି ଦୂତୀ ନିଜ ଫେସ୍‌ବୁକ୍ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି।

ନିଜର ଭିଜା ସମ୍ପର୍କିତ ଔପଚାରିକତା ପୂରଣ ପାଇଁ ଦୂତୀ ବହିର୍ବ୍ୟାପାର ବିଭାଗ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ସହାୟତା ଲୋଡ଼ିଥିଲେ। ଏହାପରେ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ ଫେଡେରେଶନ (ଆଇଏଏଏଫ) ଅନୁମୋଦିତ ଆୟର୍ଲାଣ୍ଡ (ଅଗଷ୍ଟ ୧୩) ଓ ଜର୍ମାନୀ(ଅଗଷ୍ଟ ୧୯) ମିଟ୍ ପାଇଁ ଓଡ଼ିଶା ଆଇକନ୍ ଦୂତୀ ଚାନ୍ଦଙ୍କୁ ଭିଜା ମିଳିଲା ବୋଲି ଗତ ୯ ତାରିଖରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଟୁଇଟର ପୃଷ୍ଠାରେ ଉଲ୍ଲେଖ କରାଯାଇଥିଲା। ଏପରି ଭୁଲ ଖବରକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଦୂତୀ। ''ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ଯୋଗ୍ୟତା ପାଇଁ ୟୁରୋପରେ ୨ଟି ରେସ୍‌ରେ ଭାଗନେବାକୁ ଯେଉଁ ସ୍ୱପ୍ନ ଦେଖିଥିଲି ତାହା ଆଶାରେ ରହିଗଲା। ୨ଟି ସମ୍ମାନଜନକ ପ୍ରତିଯୋଗିତା ପାଇଁ ମୁଁ ନିଜକୁ ପ୍ରସ୍ତୁତ କରିଥିଲି। ପ୍ରତିଯୋଗିତାରେ ଭାଗ ନେବାକୁ ପଇଠ କରିଥିବା ୪ ଲକ୍ଷ ଟଙ୍କା ମଧ ମୋତେ ଫେରସ୍ତ ମିଳିବ ନାହିଁ। ତତ୍କାଳରେ ଟିକେଟ ବୁକ୍ କରିଥିବାରୁ ଟିକେଟ ମଧ ବାତିଲ କରିପାରିବି ନାହିଁ। ଏହା ମୋତେ ଖୁବ୍ ଆଘାତ ଦେଇଛି'' ବୋଲି ଦୂତୀ କହିଛନ୍ତି। ଆଇଏଫଏଏଫର ଏହି ୨ଟି ପ୍ରତିଯୋଗିତା ପାଇଁ ଭିଜା ମିଳିବା ନେଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲେ ହେଁ ଏ ନେଇ ଦୂତୀଙ୍କ ସହ ଗତ ମଙ୍ଗଳବାର ଯୋଗାଯୋଗ କରାଯାଇ ପାରିଥିଲା। ପାସପୋର୍ଟ ପାଇଁ ତାଙ୍କର ସ୍ଥାୟୀ ଠିକଣାକୁ ନେଇ କେତେକ ସମସ୍ୟା ରହିଥିଲେ ହେଁ ତାଙ୍କୁ ଅବଗତ କରାଯିବା ବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ପ୍ରକାଶ ଯୋଗ୍ୟ ଯେ, ଦୂତୀ ଜୁଲାଇ ୧୦ରେ ଇଟାଲୀର ନାପୋଲିଠାରେ ଅନୁଷ୍ଠିତ ବିଶ୍ୱ ୟୁନିଭର୍ସିଟି ଗେମ୍ସରେ ଅଂଶଗ୍ରହଣ କରି ପ୍ରଥମ ଭାରତୀୟ ଭାବେ ମହିଳା ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ୧୦୦ ମିଟର ରେସ୍‌ରେ ବିଶ୍ୱ ଚାମ୍ପିୟନଶିପ୍ କ୍ୱାଲିଫାଇଙ୍ଗ୍ ଟାଇମିଂ ହେଉଛି ୧୧.୨୪ ସେକେଣ୍ଡ। ୨୦୨୦ ଅଲିମ୍ପିକ୍ସ ପାଇଁ କ୍ୱାଲିଫାଇଙ୍ଗ୍ ଟାଇମିଂ ୧୧.୧୫ ସେକେଣ୍ଡ ରହିଛି। ଦୂତୀ ଗତ ଏପ୍ରିଲ୍‌ରେ ଦୋହାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ୧୧.୨୬ ସେକେଣ୍ଡ ନେଇ ବ୍ୟକ୍ତିଗତ ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏଥିରେ ଉନ୍ନତି ଆଣି ସେ ବିଶ୍ୱ ଚାମ୍ପିୟନଶିପ ଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ଲକ୍ଷ୍ୟରେ ରହିଥିଲେ।

## ଏଏଏ ସଦସ୍ୟା ହେଲେ ପିଟି ଉଷା

ନୂଆଦିଲ୍ଲୀ, ୧୪।୮ (ପି.ଟି.)



କିମ୍ବଦନ୍ତୀ ଭାରତୀୟ ମହିଳା ସ୍ପ୍ରିଣ୍ଟର ପି.ଟି. ଉଷା ଏସିଆନ ଆଥ୍‌ଲେଟିକ୍ ଆସୋସିଏଶନ (ଏଏଏ)ର ଆଥ୍‌ଲେଟିକ କମିଶନ ସଦସ୍ୟା ହୋଇଛନ୍ତି। ଉପମହାଦେଶୀୟ ଷ୍ଟେଜ୍‌ରେ ଚମତ୍କାର ଆଚିଭମେଣ୍ଟ ପାଇଁ ଉଷାଙ୍କୁ ଏହି ସମ୍ମାନଜନକ ସଦସ୍ୟତା ପଦ ପାଇଁ ନିଯୁକ୍ତ କରାଯାଇଛି। ୫୫ ବର୍ଷୀୟା ଉଷା ତାଙ୍କ ସମୟରେ ଏସିଆ ମହାଦେଶର ଶ୍ରେଷ୍ଠ ମହିଳା ଧାବିକା ରହିଥିଲେ। ୧୯୯୨ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ହାମର୍ ଥ୍ରୋୟର ଉଜବେକିସ୍ତାନର ଆନ୍ଦ୍ରେ ଅବଦୁଭାଲିୟେଭ ୬ ସଦସ୍ୟ ବିଶିଷ୍ଟ ଏଏଏ ଆଥ୍‌ଲେଟିକ କମିଶନର ଅଧ୍ୟକ୍ଷ ରହିଛନ୍ତି। 'ଏଏଏ ଆଥ୍‌ଲେଟିକ କମିଶନ ସଦସ୍ୟା ଭାବେ ମୋତେ ନିଯୁକ୍ତ କରାଯାଇଥିବାରୁ ଏହାକୁ ଗ୍ରହଣ କରୁଛି। ଏହା ଦେଶ ଓ ମୋ ପାଇଁ ଏକ ବଡ଼ ସମ୍ମାନ' ବୋଲି ଉଷା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ୟୁଏସ୍ ଓପନରୁ ଓହରିଲେ ଡେଲ ପୋଟ୍ରୋ

କାଲିଫର୍ନିଆ,୧୪।୮(ଏଏଫ୍‌ପି)

୨୦୦୯ ୟୁଏସ୍ ଓପନ ଚାମ୍ପିୟନ ଓ ୨୦୧୮ ସଂସ୍କରଣର ରନର୍ସଅପ୍ ଜୁଆନ ମାର୍ଟିନ ଡେଲ ପୋଟ୍ରୋ ଗତ ଜୁନରେ ଡାହାଣ ଆଣ୍ଠୁରେ ସଫଳ ଅସ୍ତ୍ରୋପଚାର କରାଇଛନ୍ତି। ହେଲେ ଆର୍ଜେଣ୍ଟିନା ଖେଳାଳି ଚଳିତ ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରୁ ଓହରିଯାଇଛନ୍ତି। ଏ ନେଇ ୟୁଏସ୍‌ଟିଏ ପକ୍ଷରୁ ଘୋଷଣା କରାଯାଇଛି। ଗତ ଜୁଲାଇ ମାସରେ ଡେଲ ପୋଟ୍ରୋ ଏକ ଭିଡିଓ ଶେୟାର କରିଥିଲେ, ଯେଉଁଥିରେ ସେ ଟ୍ରେଡମିଲରେ ଚାଲିବାକୁ ନିଜକୁ ଉତ୍ସାହିତ କରୁଥିଲେ। ସେ ଓହରି ଯିବାରୁ ଆମେରିକାର ଡେନିସ କୁଡଲା ଟୁର୍ନାମେଣ୍ଟର ମୁଖ୍ୟ ପର୍ଯ୍ୟାୟରେ ଖେଳିବେ।

# ଦନଞ୍ଜୟଙ୍କୁ ୫ ଉଇକେଟ: ନ୍ୟୁଜିଲାଣ୍ଡ ୨୦୩/୫

ଗାଲେ, ୧୪।୮ (ପି.ଟି.)

ସ୍ଥାନୀୟ ଗାଲେ ନ୍ୟାଶନାଲ ଷ୍ଟାଡିୟମରେ ଶ୍ରୀଲଙ୍କା ଓ ଘରୋଇ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ବୁଧବାରଠାରୁ ଆରମ୍ଭ ହୋଇଛି। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ ଟେଲରଙ୍କ ୮୬ ରନର ଅର୍ଦ୍ଧଶତକୀୟ ପାଳି ବଳରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୬୮ ଓଭରରେ ୫ ଉଇକେଟ ହରାଇ ୨୦୩ ରନ ସଂଗ୍ରହ କରିଛି। ଡାହାଣହାତୀ ଅଫ୍ ସ୍ପିନର ଦନଞ୍ଜୟ ମାତ୍ର ୫୭ ରନ ବ୍ୟୟ କରି ସବୁ ୫ଟି ଯାକ ଉଇକେଟ ଅକ୍ତିଆର କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ୧୩୧ଟି ବଲର ସମ୍ମୁଖୀନ ହୋଇ ଟେଲର ୬ ଚୌକା ସହ ୮୬ ଓ ମିଚେଲ ସାଣ୍ଟନର ୮ ରନ କରି ଅପରାଜିତ ରହିଛନ୍ତି। ଜିତ୍ ରାଭାଲ ଓ ଟମ୍ ଲଥାମ ଇନିଂସ ଓପନ କରି ପ୍ରଥମ ଉଇକେଟ ଯୋଡିରେ ୬୪ ରନ ସଂଗ୍ରହ କରିଥିଲେ। ଲଥାମ ୩୦ ରନ କରିଥିବା ବେଳେ ଅକିଲ ଦନଞ୍ଜୟଙ୍କ ବଲ୍‌ରେ ଉଇକେଟକିପର ନିରୋଶାନ ଡିକ୍‌ୱେଲାଙ୍କୁ କ୍ୟାଚ୍ ଦେଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଇନ୍‌ଫର୍ମ ଅଧିନାୟକ କେନ୍ ୱିଲିୟମସନ ଖାତା ଖୋଲିବା ପୂର୍ବରୁ ଶର୍ଟ ମିଡ୍‌ଉଇକେଟରେ ଦିମୁଥ କରୁଣାରତ୍ନେଙ୍କୁ କ୍ୟାଚ୍ ଦେଇ ଦନଞ୍ଜୟଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ରାଭାଲ ୩୩ ରନ କରିଥିବା ବେଳେ ଦନଞ୍ଜୟଙ୍କ ବଲ୍‌ରେ ସ୍ଲିପ୍‌ରେ ଧନଞ୍ଜୟ ଡିସିଲ୍‌ଭାଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି ହେନେରୀ ନିକୋଲ୍ସ ୪୨ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ବିଜେ ୱାଟ୍‌ଲିଂ ୧ ରନ କରି ଦନଞ୍ଜୟଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ଆଉଟ ହୋଇଥିଲେ। ବୋଲିଂରେ ଚତୁର୍ଥଥର ପାଇଁ ୫ ଉଇକେଟ ସଫଳତା ହାସଲ କରିଛନ୍ତି। ଶ୍ରୀଲଙ୍କା ଗସ୍ତରେ ଆସିଥିବା ନ୍ୟୁଜିଲାଣ୍ଡ ୨ଟି ଟେଷ୍ଟ ଓ ୩ଟି ଟି୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ସେମାନଙ୍କ ପ୍ରଥମ ମ୍ୟାଚ୍ ଖେଳିଛନ୍ତି। ଏହି ଚାମ୍ପିୟନଶିପ୍‌ରେ ଶ୍ରେଷ୍ଠ ୯ଟି ଦଳ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ ଓ ଟେଷ୍ଟ ଫର୍ମାଟରେ ସେମାନଙ୍କର ଶ୍ରେଷ୍ଠତ୍ୱ ଜାହିର ପାଇଁ ପ୍ରୟାସ କରିବେ। ବର୍ଷା ଯୋଗୁ ପ୍ରଥମ ଦିବସରେ ପାଖାପାଖି ଏକ ଘଣ୍ଟା ଖେଳ ବନ୍ଦ ରହିଥିଲା ଓ ୨୨ ଓଭର ଖେଳ ସମ୍ଭବ ହୋଇପାରି ନ ଥିଲା।



ଉଇକେଟ ଅକ୍ତିଆର ପରେ ଖୁସି ମନାଉଛନ୍ତି ଅକିଲ ଦନଞ୍ଜୟ।

**ପ୍ରଥମ ଟେଷ୍ଟ**

**ସଂକ୍ଷିପ୍ତ ସ୍କୋର:**
ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୬୮ ଓଭରରେ ୨୦୩/୫ (ଟେଲର- ୮୬*, ନିକୋଲ୍ସ- ୪୨, ଲଥାମ- ୩୦, ରାଭାଲ- ୩୩, ଦନଞ୍ଜୟ- ୫/ ୫୭)

## ଫେଡରର, ଜୋକୋଭିଚ୍‌ଙ୍କ ବିଜୟ ଅଭିଯାନ

ସିନସିନାଟି,୧୪।୮(ଏଏଫ୍‌ପି)

ୱିମ୍ବେଲଡନ ଓପନ ଫାଇନାଲ ପରେ କିମ୍ବଦନ୍ତୀ ପୁରୁଷ ସିଙ୍ଗଲ୍ସ ଟେନିସ ଖେଳାଳି ରୋଜର ଫେଡରର ଓ ଶୀର୍ଷ ର୍‍ୟାଙ୍କଧାରୀ ନୋଭାକ ଜୋକୋଭିଚ୍ କୋର୍ଟକୁ ବିଜୟ ସହ ଫେରିଛନ୍ତି। ଦୁଇ ତାରକା ଖେଳାଳି ସିନସିନାଟି ମାଷ୍ଟର୍ସରେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୩ୟ ସିଡ୍ ତଥା ୭ ଥର ଚାମ୍ପିୟନ ଫେଡରର ୬-୩, ୬-୪ ସେଟ୍‌ରେ ଆର୍ଜେଣ୍ଟିନାର ଜୁଆନ ଲୋଣ୍ଡେରୋଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ଡିଫେଣ୍ଡିଂ ଚାମ୍ପିୟନ ଜୋକୋଭିଚ୍ ଆମେରିକାର ସାମ କୁରେଙ୍କୁ ୭-୫, ୬-୧ ବ୍ୟବଧାନରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ସେରେନା ୱିଲିୟମ୍ସ ପିଠି ଜନିତ ସମସ୍ୟା ଯୋଗୁ ଟୁର୍ନାମେଣ୍ଟରେ ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ସମାନ କାରଣରୁ ୨୩ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଟରୋଣ୍ଟୋ ଓପନ ଫାଇନାଲ ମ୍ୟାଚ୍ ମଝିରୁ ଓହରି ଯାଇଥିଲେ। ଏଥିଯୋଗୁ ୟୁଏସ୍ ଓପନରେ ତାଙ୍କ ଖେଳିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି।

■ ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ

# ରାମକୃଷ୍ଣ ଶିକ୍ଷାକେନ୍ଦ୍ର, ୟୁନିଟ-୧ ବିଜୟୀ

ଭୁବନେଶ୍ୱର, ୧୪।୮ (କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ୬ ନମ୍ବର ହାଇସ୍କୁଲ ପଡ଼ିଆରେ ଚାଲିଥିବା ୟୁନିଲାଇଟ୍ କପ୍ ଭୁବନେଶ୍ୱର ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ଓ ମଦର୍ସ ପବ୍ଲିକ୍ ସ୍କୁଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ୩-୨ ଗୋଲରେ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ୭ମ, ୩୦ ଓ ୩୧ତମ ମିନିଟରେ ୩ଟି ଗୋଲ ହୋଇଥିବାବେଳେ ମଦର୍ସ ପକ୍ଷରୁ ୧୫ ଓ ୫୦ତମ ମିନିଟରେ ୨ଟି ଗୋଲ ପରିଶୋଧ କରାଯାଇ ପାରିଥିଲା। ଖୋର୍ଦ୍ଧା ଜିଲା କ୍ରୀଡ଼ା ଅଧିକାରୀ ଲଳିତ ମହାନ୍ତି ଅତିଥିଭାବେ ଯୋଗଦେଇ ରାମକୃଷ୍ଣ ଶିକ୍ଷାକେନ୍ଦ୍ରର ବିପିନ ମୁଦ୍ରିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ୟୁନିଟ-୧ ହାଇସ୍କୁଲ ୩-୧ ଗୋଲରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲକୁ ପରାସ୍ତ କରିଥିଲା। ସାଇ ଇଣ୍ଟରନ୍ୟାଶନାଲର ଅର୍ଚ୍ଚିତ ବାନ୍ଦୋ ଏବଂ ୟୁନିଟ-୧ର ସାନ୍‌ଖାଇ ମୁର୍ମୁ, ସୁନ୍ଦର ମୋହନ କିସ୍କୁ ଓ ସାନ୍‌ଖାଇ ହେମ୍ବ୍ରମ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଭୁବନେଶ୍ୱର ସ୍କୁଲ୍ସ ସ୍ପୋର୍ଟ୍ସ ଆସୋସିଏଶନର ସମ୍ପାଦିକା ସୋନାମିକା ରାୟ ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ସୁନ୍ଦର ମୋହନ କିସ୍କୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଆସୋସିଏଶନର ସଭାପତି ତପନ ମହାନ୍ତି ଉପସ୍ଥିତ ଥିଲେ। ଚନ୍ଦ୍ରକାନ୍ତ ବାରିକ, ଦେବଜ୍ୟୋତି ସିଂ, ଶ୍ରୀକାନ୍ତ ପଣ୍ଡା, ଶେଖାୱତ ଖାଁ, ଦିଗ୍‌ବିଜୟ ଦାସ, ଅମିତ ନାୟକ ଓ ଲକ୍ଷ୍ମୀ ପ୍ରସାଦ ମ୍ୟାଚ ପରିଚାଳନା କରିଥିଲେ।




ସୁନ୍ଦର ମୋହନ କିସ୍କୁ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ମନେ ପଡ଼ନ୍ତି

ଷଷ୍ଠ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ମନୋରଞ୍ଜନ ମଲ୍ଲିକ (ବିକି)
ଆବିର୍ଭାବ: ୧୧।୧୨।୧୯୯୪
ତିରୋଧାନ: ୧୫।୦୮।୨୦୧୩
ମାତା: ଜ୍ୟୋସ୍ନାରାଣୀ ମଲ୍ଲିକ
ପିତା: ମୂଷା ମଲ୍ଲିକ
ଦାମୋଦରପୁର, ମଣପଡ଼ା, ବ୍ରହ୍ମଗିରି, ପୁରୀ
ଚାହୁଁ ଚାହୁଁ ୬ବର୍ଷ ବିତିଗଲାଣି। ତୁ ଯେଉଁଠି ଥାଆ ଶାନ୍ତିରେ ଥାଆ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ତୋର ଠୁବି ଆଣ୍ଟି, ଅଙ୍କଲ ଏବଂ ଆତ୍ମୀୟସ୍ୱଜନ
ଧ-୧୩୯୧୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଡ. ରବିନାରାୟଣ ମିଶ୍ର
ନାନା,
ତୁମେ ଯିବାର ଏକବର୍ଷ ବିତି ଯାଇଥିଲେ ମଧ ତୁମର ଉପସ୍ଥିତି ଆମେ ସଦାସର୍ବଦା ଅନୁଭବ କରୁଅଛୁ। ତୁମେ ଯେଉଁଠିଥିଲେ ମଧ ଆମକୁ ଆଶିର୍ବାଦ ଦେବ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଆମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ସୋନି ଓ ମୁନୀ
ଧ-୬୭୭୦୧

ଦଶାହ ଉପଲକ୍ଷେ

ସ୍ୱର୍ଗତ କୃପାସିନ୍ଧୁ ଜେନାମଣୀ
ଆବିର୍ଭାବ: ୧୩।୦୮।୧୯୪୪
ତିରୋଧାନ: ୦୬।୦୮।୨୦୧୯
ଆପଣଙ୍କର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ:
ଦିପୁ, ଜିତୁ, ଲିଲି, ପିଙ୍କି, ରିତା, ରୁନୁ, ବ୍ରଜ, ହିତୁ, ସ୍ମାଇଲ୍, ସାହିଲ୍, ରୁବୁଲ୍, ରିତିକା, ଚାନ୍ଦିନି, ମନିଷ୍
ଧ-୧୩୯୧୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଶଶିଶେଖର ମହାପାତ୍ର
ଜେନାମଠ ଲେନ୍, କୁଣ୍ଡେଇବେଣ୍ଟ ସାହି, ପୁରୀ
ଆବିର୍ଭାବ: ୨୫।୦୭।୧୯୩୬
ତିରୋଧାନ: ୨୬।୦୮।୨୦୧୮
ଦେଖୁ ଦେଖୁ ବର୍ଷେ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଏମିତି ସଦା ସର୍ବଦା ଆମ ଉପରେ ରହିଥାଉ। ଆପଣଙ୍କ ଆତ୍ମାର ସଦ୍‌ଗତି ଲାଗି ମହାପ୍ରଭୁଙ୍କ ନିକଟରେ ବିନତି କରୁଛୁ।
ଶୋକସନ୍ତପ୍ତ:
ସ୍ତ୍ରୀ, ପୁତ୍ର, ବୋହୂ, କନ୍ୟା, ନାତି, ନାତୁଣୀ
ଧ-୬୩୭୭୯

ଜନ୍ମଦିନ ଶୁଭେଚ୍ଛା

Subhasmita Priyadarsini Sahoo
(Deepa)
ବୌଦ୍ଧ, ଆଡ଼େନି ଗଡ଼
ତୁମର ୨୩ତମ ଜନ୍ମଦିନରେ ସାଇବାବାଙ୍କ କୃପାରୁ ତୁମର ପ୍ରତିଟିଦିନ ସୁଖମୟହେଉ।
ଶୁଭେଚ୍ଛା ସହ
ବାବା, ବୋଉ, ଭାଇ, ମାମୁ, ମାଇଁ, ଅଜା, ବନ୍ଧୁ ଓ ପରିବାରବର୍ଗ।
ଧ-୧୩୮୯

Birthday wish

Gunu
Many many happy returns of the day to my dear Dhana.
God bless you.
Heartly wishes from:
Baba, Mummy, Didi, Nana, Gugu, Bapa, Bou.
D-13915

8th Happy birthday

Janisha Paikaray
(Pihu)
Wishing all good wishes and good luck on 8th birthday.
From- Paikaray family and relatives.
Happy Birthday Jinisha
D-67351

୭ମ ଜନ୍ମଦିନ ଶୁଭେଚ୍ଛା

Jagsobha Mishra
(Rakhi)
ତୋର ଶୁଭ ସପ୍ତମ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେଉ।
ତୋର ମଙ୍ଗଳାକାଂକ୍ଷୀ:
ଅଜା, ଆଈ, ମାମୁ, ବାପା, ମା', କେକେ ମା', ମଉସା, ମାଉସୀ, ପିଉସା, ପିଉସୀ, ବବୁଲୁ।
ଧ-୧୩୮୯୪

୨ୟ ଜନ୍ମଦିନ ଶୁଭେଚ୍ଛା

ପ୍ରିନ୍‌ସ
ଆଜି ତୋର ୨ୟ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଏବଂ ତୋର ଭବିଷ୍ୟତ ମଙ୍ଗଳମୟ ହେଉ ଏହାହିଁ ପ୍ରଭୁଙ୍କ ପାଖରେ ପ୍ରାର୍ଥନା।
ଶୁଭେଚ୍ଛା ସହ
ଜେଜେବାପା, ଜେଜେମା, ମାନ, ଗୋବିନ୍ଦ, ପ୍ରଦୀପ, ରଞ୍ଜିତା, ଦୀପୁ ଏବଂ ପରିବାରବର୍ଗ।
ଧ-୬୪୦୮୩

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

### ନିଜେ ଭିନ୍ନକ୍ଷମ, ମାଏକିନା ମାନ୍‌ସିକ ରୁଗୀ

# ଭଗବାନ ଭରସାରେ ବୁରୁଧ୍ ଦମ୍ପତି

**ଲୋଇସିଂହା,୧୪।୮(ଡି.ଏନ୍.ଏ)**


ବୁରୁଧ୍ ଶଙ୍କର ଗାଁ ଖୁଲିରେ ଘେଁସ୍‌ରି ଘେଁସ୍‌ରି ଯାଉଛନ୍।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ଗାଁର ବୁରୁଧ୍ ଦମ୍ପତି ଶଙ୍କର ମିଶ୍ର(୭୫) ଆର ମାଏକିନା ସୁଗନ୍ଧା(୭୦)। ଦମ୍ପତିକଁର ପିଲାଛୁଆ ନାଇଁ। ଏହେଦେଇ ଅସାହା ଦମ୍ପତିବଡା ଗୁଲ୍‌ଗୁଲା ହେଇ ଜୀବନ୍ ବିତଉଛନ୍। ଗଲା ୫ ଦିନ୍ ହେଲା ବୁରୁଧ୍ ଶଙ୍କରକଁର ଦିହିପା ଖରାପ ଅଛେ। ଯେନ୍‌ଥିରଲାଗି ସେ ଅଥାଥାଲି ହେଇଯାଉଛନ୍, ଶୁଇବସି ନାଇଁ ପାରବାର। ଏନ୍‌ତାଥି ନିସାହା ଅବସ୍ତାରେ ବୁଢ଼ାବୁଢ଼ି ନିଜର ଭାଏଗ୍‌କେ ଆଦ୍‌ରି ଘରେ ପଡ଼ିରହିଛନ୍।

ସୂଚନା ଅନ୍‌ସାରେ ବାଦିବାହାଲ ପଁଚେତ୍ ଭାଲିଆମୁଣ୍ଡାର ଇ ନିସାହା ଦମ୍ପତିକଁର ପିଲାଛୁଆ ନାଇଁ। ଇମାନେ ନିହାତି ଗରିବ୍ ହେଇଥିଲାବେଲେ ଜମିବାଡ଼ି ବି ନାଁଇଁନ। ପଁଚେତ୍‌ରୁ ମିଲୁଥିବାର ସରକାରୀ ଚାଉଲ ଆର ବୁଢ଼ାବୁଢ଼ି ଭତା ବୁରୁଧ୍ ଦମ୍ପତିକଁର ସାହାଭରସା। ଇଆଡ଼େ ପାଖିପଡ଼ିଶାକଁର କହେବାର ହିସାବେ ବୁଢ଼ାବୁଢ଼ି ରଁଧାବଢ଼ା କରବାକେ ଅକ୍ଷମ ଆଏ, ଖାଏବାକେ ମୁଠେ ନାଇଁ ପାଏବାର। ଏନ୍‌ତାଥି ବୁରୁଧ୍ ଶଙ୍କର ୫ ଦିନ୍ ହେଲା ପେଟବଥାରେ ସଁଥିଲି ହେଉଛନ୍। ପେଟ୍ ଦରଦ୍ ଲାଗି ସେ ଶୁଇବସି ନାଇଁ ପାରବାର, ଖାଲି ଛାଟିପିଟି ହେଇ କିରଲଉଛନ୍। ଇଆଡ଼େ ଢୁଂଗି ଦେଖିବାକେ ପାସେ କେହି ନାଇଁ। ପାଖିପଡ଼ିଶାକର କହେବାର ହିସାବେ ବଛର କେତେ ହେଲା ବୁଢ଼ାବୁଢ଼ିକର ମାନସିକ୍ ଥିତି ବି ଠିକ୍ ନାଁଇଁନ। ଗଲା ବଛର ବୁରୁଧ୍ ଶଙ୍କର ଗୁଟେ ଗାତେ ପଡ଼ି ଅକରମା ହେଇଯାଇଛନ୍, ଚାଲବୁଲ କରି ନାଇଁ ପାରବାର। ରେଁଗ୍‌ସି ଘେଷ୍‌ରି ଯିବାର ଆଏବାର କରୁଛନ୍। ଏନ୍‌ତା ପରିସ୍ଥିତିରେ ପଡ଼ିଶା ଘର ପଁଚେତ୍‌ରୁ ପିଡିଏସ୍ ସାମାନ ଆନି ଦେଉଥିବାର ଶଙ୍କର କହିଛନ୍। ଇଆଡ଼େ ସୁଗନ୍ଧାକଁର ମାନ୍‌ସିକ ଥିତି ଠିକ୍ ନାଁଇଁନ, ସେ ଇଆଡ଼େ ସେଆଡ଼େ ବୁଲୁଛନ୍। ଏନ୍‌ତାଥି ଘରେ ଚୁଲି ନାଇଁ ଜଲବାର। ଖାଏଦ୍ ପାଏନ୍ ଅଭାବୁ ବୁରୁଧ୍ ଶଙ୍କରକଁର ଦିହିପା ବିଗ୍‌ଡିଯାଇଛେ। ୫ ଦିନ୍ ହେଲା ସେ ରାତିରେ ଶୁଇ ନାଇଁପାରୁଥିବାର କହିଛନ୍। ଦୁଇ ମାଏଝି ମୁନୁଷ୍‌କର ଚିକିତ୍ସା ସାହାଯ୍ ଲାଗି ଶଙ୍କର ଗଣମାଧ୍ୟମ ଜରିଆରେ ଥାନୀୟ ପରଶାସନକେ ଆକୁଲବିକୁଲ ହେଇ ନିବେଦନ କରିଛନ୍। ପୂରବର ସୂଚନା ହିସାବେ ୨୦୧୭ରେ ଇ ଅସାହା ବୁରୁଧ୍ ଦମ୍ପତିକଁର ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ତା’ପରେ ବ୍ଲକ ପରଶାସନ ଦମ୍ପତିକୁଁ ସରକାରୀ ଯୋଜନାରେ ଘରଖଁଡ଼େ ଯୁଗେଇ ଦେଇଥିଲା। ହେଲେ ଦମ୍ପତି ଘର ତିଆରିବାରେ ଅକ୍ଷମ ହେଲାରୁ ଝନେ ଠିକାଦାର ତାକର ଘର ତିଆରି ଦେଇଥିଲେ। ଘରଟା ଏଭେ ବି ଦରଖଁଡ଼ିଆ ହେଇ ପଡ଼ିଛେ। ଘରେ ଲାଗିଥିବାର ଲୁହା କବାଟ ୨ ମାସ ତଲେ ରାତିରେ ପଡ଼ି ଯାଇଛେ। ହେଲେ ବୁଢ଼ାବୁଢ଼ି ଗୁଟେ ବଡ଼ ବିପଦ୍‌ରୁ ଅଲପ୍‌କେ ବରତି ଯାଇଥିବାର ପଡ଼ିଶା ଲୋକ୍ କହିଛନ୍। ଥାନୀୟ ପରଶାସନ ଇ ଅସାହା ବୁଢ଼ାବୁଢ଼ିକୁଁ ଉଧାର କରି ଚିକିତ୍ସା ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।

## ଶର୍ଟସର୍କିଟ: ବସ୍‌ରେ ନିଆଁ, ବର୍ତିଲେ ଯାତ୍ରୀ

**ଦେବଗଡ଼, ୧୪।୮(ଡି.ଏନ.ଏ.)**

ଦେବଗଡ଼ରୁ ରିଆମାଳ ହୋଇ ବୁଢାପାଳ ଯାଉଥିବା ଭବାନୀ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍‌ରେ ବୁଧବାର ସକାଳେ ଚିକିନି ଘାଟି ନିକଟରେ ଶର୍ଟସର୍କିଟ ହୋଇ ନିଆଁ ଲାଗିଥିଲା। ବସଟି ଜଳି ନ ଥିଲେ ମଧ୍ୟ ପ୍ରବଳ ଧୂଆଁ ବାହାରିଥିଲା। ଲୋକମାନେ ଭୟଭୀତ ହୋଇ ବସରୁ ଓହ୍ଲାଇପଡ଼ିଥିଲେ। ଦମକଳ ବାହିନୀ ଆସି ପାଣି ପକାଇ ଧୂଆଁକୁ ଆୟତ୍ତ କରିଥିଲେ।


ଯାତ୍ରୀବାହୀ ବସ୍‌ରୁ ଧୂଆଁ ବାହାରୁଛି।

## ଏସ୍‌ଓଜି ଯବାନ – ମାଓବାଦୀ ଗୁଳି ବିନିମୟ

**ଭବାନୀପାଟଣା, ୧୪।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଗୁଣ୍ଡରି ରିର୍ଜଭ ଫରେଷ୍ଟରେ ବୁଧବାର ସନ୍ଧ୍ୟା ୬ଟାରେ ଏସ୍‌ଓଜି ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିବା ସୂଚନା ମିଳିଛି। ଏସ୍‌ଓଜି ଜବାନମାନେ କୋମ୍ବିଂ ଅପରେଶନ କରୁଥିବା ବେଳେ ଉକ୍ତ ଫରେଷ୍ଟ ନିକଟରେ ମାଓବାଦୀମାନେ ଅଚାନକ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଯବାନମାନଙ୍କ ପାଲଟା ଜବାବରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଯବାନମାନେ ସେଠାରେ ଏକ ମାଓବାଦୀ କ୍ୟାମ୍ପ ଠାବ କରିଛନ୍ତି। କ୍ୟାମ୍ପ ନିକଟରେ ରକ୍ତ ଛିଟା ପଡିଛି । ଏହି ଗୁଳି ବିନିମୟରେ ଏକାଧିକ ମାଓବାଦୀ ଗୁରୁତର ଆହତ ହୋଇଥିବା ଆଶଙ୍କା କରାଯାଉଛି । ବର୍ତ୍ତମାନ ଗୁଣ୍ଡରି ଜଙ୍ଗଲ ଚାରିପଟେ ଘେରାଉ କରାଯାଇ ସର୍ଚ୍ଚ ଅପରେଶନ ଜାରି ରହିଛି। ମାଓବାଦୀ କ୍ୟାମ୍ପ ନିକଟରୁ ୨ଟି ଜିଲୋଟିନ୍, ଗୋଟିଏ ଡିଟୋନେଟର, ଟିଫିନ ବୋମା, ୭ଟି ଛତା ଆଦି ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି ବୋଲି ଏସ୍‌ପି ବି. ଗଙ୍ଗାଧର କହିଛନ୍ତି।

### ପୁଓର ଚିକିଛା ଲାଗି ବାପ୍ ବାରଦୁଆର

# ସରକାରୀ ସାହାଯ୍ ଆଶ୍‌ରେ ପରିବାର

**ଅତାବିରା, ୧୪।୮ (ଡି.ଏନ୍.ଏ.)**


ମା’ବାପ୍ ସଂଗେ ମଲଦୁଆର ସମସିଆରେ ପୀଡ଼ିତ ଶଙ୍କର।

କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖିକର ଚିକିଛା ସୁବିଧା ଲାଗି ସ୍ୱାସ୍ଥ୍ୟ ବୀମା ଯୋଜନା କାଯ୍‌କାରୀ କରୁଛନ୍। ହେଲେ ଶିକ୍ଷାଦୀକ୍ଷା ହେଉ କି ସରକାରୀ ପରଚାର ପରସାରର ଅଭାବ, ଆଏଜ୍ ବି ଅନେକ୍ ଗରିବ୍ ଦୁଖି ଇ ସରକାରୀ ସୁବିଧାରୁ ବଁଚିତ୍ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଂଚଲରେ।

ସୂଚନା ଅନ୍‌ସାରେ ବରଗଡ଼ ଜିଲା ଅତାବିରା ବ୍ଲକ ଚାବିରିପାଲିର ମୂଲ ବାସିନ୍ଦା ରାମ ଜାଲ(୪୦)। ପରିବାର କହେଲେ ମାଏକିନା ସୁବାଶିନୀ(୩୫), ତିନ୍ ପୁଓ କୃଷ୍ଣ(୧୮), ଶଙ୍କର(୮), ସଞ୍ଜୟ(୧)କେ ନେଇ ତାକର ସଁସାର। ରାମକଁର ଦୁତୀଅ ପୁଓ ଶଙ୍କର ଜନମ୍ ହେଲାବେଲେ ତାର ମଲଦୁଆର ନାଇଁଥାଇ। ଏନ୍‌ତାଥି ସେ ପୁଓକେ ବୁର୍ଲାନୁ ମୂଳକରି କଟକ ତକ୍ ନେଇ ଚିକିଛା କରେଇ ସରବ୍‌ସୁଆଁତ୍ ହେଲେ। ହେଲେ ପୁଓ ପୂରା ନୁକୋ ନାଇଁ ହେଲା। ଡାକ୍‌ତର ଶଙ୍କରର ପେଟ୍‌ରେ ଗୁଟେ କଣା କରି ମଳ ବାହାରବାର ବେବସ୍ତା କରିଛନ୍। ଡାକ୍‌ତରକଁର କହେବାର ହିସାବେ ଶଙ୍କରକେ ପୂରା ଠିକ୍ କରବାକେ ହେଲେ ବୁହୁତ୍ ଟଁକା ଦରକାର। ଇଆଡ଼େ ରାମ ଝନେ ନିହାତି ଗରିବ୍ ଲୋକ୍ ହେଇଥିଲାବେଲେ ବାହାଜାଂଗଲ ମାଜି କୁଟୁମ୍ ପୁଷୁଛନ୍। ଯାହା ପାରଲେ ଲାଗେଲେସରକଁରନୁ ଧାର ଉଧାର କରି ପୁଓର ଚିକିଛା କରେଇଛନ୍। ଏହେଦେ ଶଙ୍କରକେ ୮ ବଛର ହେଲାନ, ହେଲେ ଏନ୍‌ତା ସମସିଆର ଲାଗି ସେ ସ୍କୁଲ ଯିବାର ମୂଳ କରି ନାଇଁପାରି। ଇଆଡ଼େ କୁଟୁମବସିଆ ରାମ ପୁଓର ଚିକିଛା ସାହାଯ୍ ଆଶ୍‌ରେ ଭେଡ଼େନ ବ୍ଲକ ବଡପିପିଲିପାଲରେ ଥିବାର ଝନେ ଲାଗେଲେସର ଘରରେ ବଛରେ ପାଖାପାଖି ହେଲା ଡେରା ପକେଇଛନ୍। ହେଲେ ରାମ ଉପେ ଖୂଇନ୍ ହେଇ ପୁଓର ଚିକିଛା ସାହାଯ୍ ଲାଗି ଗଣମାଧ ଜରିଆରେ ପରଶାସନ, ବେସରକାରୀ ଅନୁଷ୍ଠାନ, ସହୃରୁଦ୍ ଲୁକ୍‌କୁଁ ଗୁହାରି କରିଛନ୍। ଇ ବାବ୍‌ଦେ ଭେଡ଼େନ ବିଡିଓ ମୂରଲୀଧର ନାୟକ ଆର ଅତାବିରା ବିଡିଓ ପ୍ରଣବ ଚାନ୍ଦକୁଁ ପଚରାଲାରୁ ଉଭଏ ପରଶାସନ ତରଫୁ ଶଙ୍କରର ଚିକିଛା ଲାଗି ବେବସ୍ତା କରାଯିବା ବଲି କହିଥିଲେ।

## ଭାଲୁ ଆକ୍ରମଣରେ ମୃତ୍ୟୁ

**ରେଢାଖୋଲ,୧୪।୮(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ଉପଖଣ୍ଡ ଚାରମାଲ ଥାନା ଅଧୀନ ବଡମାଲ ପଞ୍ଚାୟତର ଖଇରଟାପ ଗ୍ରାମରେ ବୁଧବାର ମଧ୍ୟାହ୍ନ ୧୨ଟା ବେଳେ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲଳିତ ବାଗ (୪୫)। ସେ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାକୁ ନେଇଥିଲେ। ବୁର୍ଲାରୁ କଟକ ବଡ ଡାକ୍ତରଖାନାକୁ ଯାଉଥିବାବେଳେ ବାଟରେ ସେ ଆଖି ବୁଜିଛନ୍ତି। ତାଙ୍କ ମୁହଁରେ ଗୁରୁତର ଆଘାତ ହୋଇଛି। ବଡମାଲ ସରପଞ୍ଚ ସଦାନନ ପ୍ରଧାନ ଆର୍ଥିକ ସାହାଯ୍ୟ କରି ବୁର୍ଲା ଡାକ୍ତରଖାନାକୁ ପଠାଇଥିଲେ। ବନବିଭାଗ ପକ୍ଷରୁ ତୁରନ୍ତ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବିପଦ ବଢାଉଛି ନିର୍ମାଣାଧୀନ କଟକ-ସମ୍ବଲପୁର ଚାରି ଧାଡିଆ ରାସ୍ତା

## ପୋଲ ତଳକୁ ଖସିପଡିଲା କୋଇଲା ବୋଝେଇ ଟ୍ରକ୍

**ରେଢାଖୋଲ, ୧୪।୮ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ଥାନା ବୈଷ୍ଣବଖୋଲି ଗ୍ରାମ ନିକଟରେ କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥ ଉପରେ ଥିବା ଏକ ପୋଲ ଉପରୁ ବୁଧବାର ସନ୍ଧ୍ୟା ସାଢେ ୫ଟା ବେଳେ ଏକ କୋଇଲା ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ପ୍ରାୟ ୨୫ ଫୁଟ ତଳକୁ ଖସିପଡିଛି। ଫଳରେ ଗାଡିର ଡ୍ରାଇଭର ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ହରସନ ଗ୍ରାମର ସୁମନ୍ତ ପ୍ରଧାନ (୨୨) ଆହତ ହୋଇଛନ୍ତି। ଦୁର୍ଘଟଣାର ଖବର ପାଇ ରେଢାଖୋଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ଆହତ ଡ୍ରାଇଭରଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ଆଣିଥିଲା। ସୂଚନାଯୋଗ୍ୟ, ତାଳଚେରରୁ କୋଇଲା ବୋଝେଇ କରି ଟ୍ରକ (ନଂ ଓଡି ୩୫ ବି ୫୩୧୫)ଟି ସମ୍ବଲପୁର ଆସୁଥିଲା। ହେଲେ ସମ୍ବଲପୁରରୁ କଟକ ପର୍ଯ୍ୟନ୍ତ ନିର୍ମାଣାଧୀନ ଚାରିଧାଡିଆ ରାସ୍ତାର ଦୁରାବସ୍ଥା ଯୋଗୁ ଭାରସାମ୍ୟ ହରାଇ ପୋଲ ଉପରୁ ଖସିପଡିଥିଲା। ତେବେ ଏ ନେଇ ପୋଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଦିନକୁ ଦିନ ଏହି ରାସ୍ତାରେ ଦୁର୍ଘଟଣା ବୃଦ୍ଧି ପାଇବା ଫଳରେ ଜନଜୀବନ ନଷ୍ଟ ହେଉଛି । ହେଲେ ରାସ୍ତାକାମ ଠିକା ନେଇଥିବା ସଂସ୍ଥାର ଏ ଦିଗରେ ଆଦୌ ଚିନ୍ତା ନାହିଁ। ଜିଲା ପ୍ରଶାସନ ମଧ୍ୟ ଏହି ସଂସ୍ଥାକୁ ହୁଗୁଳା ଛାଡି ଦେଇଥିବା ଅଭିଯୋଗ ହେଉଛି।


## ADMISSION NOTICE 2019-20

**GANGADHAR MEHER UNIVERSITY, AMRUTA VIHAR, SAMBALPUR**

Invites Applications for Admission into the (vacant seats) of the following Programmes

| COURSE | DURATION | COURSE FEE | ELIGIBILITY |
|---|---|---|---|
| **MBA** (Financial Management) | 2 Years | 30,000/-per annum | +3 or Equivalent with 45% marks in aggregate at Degree Level (relaxation of 5% Marks is allowed for the students belonging to ST/SC categories) |
| **M.Sc. ETC** (Electronics & Telecommuni-cations) | 2 Years | 35,000/- per annum | B.Sc. with Maths./Physics /Electronics &Telecommunication/ Computer Science /IST or Equivalent and minimum 45% marks in aggregate at Degree Level or B.Tech.(ETC/CSE/IT) (relaxation of 5% Marks is allowed for the students belonging to ST/SC categories) |

- Applications are invited for admission into a few vacant seats of PG Courses of (MBA-FM, M.Sc. ETC, MSC Anthropology & MA Sociology) of Gangadhar Meher University, Sambalpur for the session 2019-20. Interested candidates are required to visit the university website **www.gmuniversity.ac.in** for eligibility, application form, Information Boucher & other details.
For the PG Vacant Seat Admission-2019-20, The downloaded Hard Copy of Application Form along with necessary documents will be received in the Academic Section GMU, SBP from **Dt.14.08.2019 to Dt. 19.08.2019 (10.30 AM to 12.30 PM).** Candidates are advised to visit the universities website **www. gmuniversity.ac.in** for details. If required, candidates may contact the following helpline number from **10.00 AM to 05.00 PM.**

**Sd./- Registrar**

**Helpline No - 0663–2522543, Mob. 9861283124, 8328821808, 7008225400, 9438735182, 9853132904**






BRIGHT



ଯାହାର ଆଖି ନଷ୍ଟ ହୋଇଯାଇଛି, ସେ ଅନ୍ଧ ନୁହେଁ,
ଯେ ନିଜର ଦୋଷ ଘୋଡ଼ାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ








ବନ୍ୟା ପୀଡିତଙ୍କୁ ବିଙ୍ଗ ହ୍ୟୁମାନ୍ ଟିମ୍ ଉଦ୍ଧାର କରୁଛନ୍ତି (ବାମ)। ବରପାଲିପଡ଼ା ଯୁବଗୋଷ୍ଠୀ ପୀଡିତଙ୍କ ପାଇଁ ରନ୍ଧା କାର୍ଯ୍ୟ କରୁଛନ୍ତି।

# ସହାୟତାର ହାତକୁ ସଲାମ୍

**ବଲାଙ୍ଗୀର ଅଫିସ, ୧୪।୮**

ବଲାଙ୍ଗୀରରେ ବନ୍ୟା ବିଭୀଷିକା ସହରବାସୀଙ୍କୁ ଯେତିକି ଭୟଭୀତ କରିଛି ସେତିକି ଆତ୍ମୀୟ କରିଦେଇଛି। ଲଗାଣ ବର୍ଷାରେ ସହରର ବିଭିନ୍ନ ପଡ଼ାବାସୀ ଆର୍ତ୍ତଚିତ୍କାର କରୁଥିବାବେଳେ ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ, ସମାଜିକ କର୍ମୀ, ରାଜନେତା, ପ୍ରଶାସନିକ ଅଧିକାରୀ, ପୋଲିସ କର୍ମଚାରୀ ଲୋକଙ୍କ ସହାୟତା ପାଇଁ ହାତ ବଢ଼ାଇ ଥିଲେ। ବନ୍ୟାରେ ଫଶି ରହିଥିବା ଡ୍ୟାମପଡ଼ାର ଶତାଧିକ ଲୋକଙ୍କୁ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍‌ର ସମାଜିକ କର୍ମୀମାନେ ଉଦ୍ଧାର କରିଥିଲେ। ଗୋପାଳ ପ୍ରଧାନ, ସୋମନାଥ ମିଶ୍ର, ପ୍ରୀତମ ବରାଡ, ଏଲେକ୍ସ ନନ୍ଦ, ସୋନୁ ଚୌବେ, ସର୍ବେଶ୍ୱର ବିଶି, ରାହୁଲ ଛତ୍ରିଆ, ବିବେକାନନ୍ଦ ପଟେଲ, ରାଜଗୋପାଳ ସିଂ ଓ ଅନ୍ୟମାନେ ଜୀବନକୁ ବିପନ୍ନ କରି ବନ୍ୟା ବିପନ୍ନ ଲୋକଙ୍କୁ ଉଦ୍ଧାର କରିଥିଲେ। ବଳରାମ ମିଶ୍ର ଓ ସାଥୀ ଫରେଷ୍ଟ କଲୋନୀରୁ ୪ ଜଣଙ୍କୁ ଉଦ୍ଧାର କରିଥିଲେ। ପୋଲିସ ଟିମ୍ ସାଗରପଡ଼ା ଅଞ୍ଚଳରୁ ଶତାଧିକ ଲୋକଙ୍କୁ ଉଦ୍ଧାର କରିଥିଲା। ଜିଲାପାଳ ଅରିନ୍ଦମ ଡାକୁଆ ପ୍ରଶାସନିକ ନେତୃତ୍ୱ ନେଇଥିବା ବେଳେ ଏସ୍‌ପି କେ ଶିବା ସୁବ୍ରମଣି ଉଦ୍ଧାର କାର୍ଯ୍ୟର ନେତୃତ୍ୱ ନେଇଥିଲେ। ବିଧାୟକ ନରସିଂହ ମିଶ୍ରଙ୍କ ନେତୃତ୍ୱରେ ବୁଲୁ ଦାନୀ, ଅଜୟ ବାଲି ଓ ସହଯୋଗୀମାନେ ବନ୍ୟା ପୀଡିତଙ୍କୁ ରିଲିଫ୍ ପ୍ରଦାନ କରିଥିଲେ । ଭାଜପା ପକ୍ଷରୁ ସୁରଜ ଗୁରୁ, ଅନୀଲ ପାଣିଗ୍ରାହୀ ଓ ଅନ୍ୟମାନେ ସହାୟତା କରିଥିଲେ। ବିଜେଡି ପକ୍ଷରୁ ଲୋଟସ ଷଡଙ୍ଗୀ, ଶମ୍ଭୁ ନାଗ ଓ ଅନ୍ୟମାନେ ସହାୟତା କରିଥିଲେ । ବୁଧବାର ପୂର୍ବତନ ଏମ୍‌ପି ଅନଙ୍ଗ ଉଦୟ ସିଂଦେଓ ବନ୍ୟା ପୀଡିତଙ୍କ ଅବସ୍ଥା ପଚାରି ବୁଝିଥିଲେ। କାଉନ୍‌ସିଲର ସୌମ୍ୟଦୀପ ସରାଫ୍‌ଙ୍କ ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବଣ୍ଟନକୁ ଲୋକେ ପ୍ରଶଂସା କରିଛନ୍ତି। ବରପାଲିପଡ଼ା ଯୁବଗୋଷ୍ଠୀଙ୍କ ପକ୍ଷରୁ ବୁଧବାର ପଡ଼ାବାସୀଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି । ରୁଗୁଡିପଡ଼ା ଦୁର୍ଗାପୂଜା ମଣ୍ଡପରେ ଲଳିତ କୁମାର ନାୟକ, ଶିବ ବେହେରା, ଟିଟୁ ମହାନ୍ତି ଓ ଅନ୍ୟମାନେ ଶତାଧିକ ବନ୍ୟା ପୀଡିତଙ୍କୁ ମଙ୍ଗଳବାର ସକାଳୁ ରନ୍ଧାଖାଦ୍ୟ ବଣ୍ଟନ କରିଆସୁଛନ୍ତି। ବୁଧବାର ଅପରାହ୍ନରେ ସମ୍ବଲପୁରରୁ ଆସିଥିବା ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ବଲାଙ୍ଗୀରରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଏଥିରେ ଉପଦେଷ୍ଟା ପ୍ରମାଦ ରଥ, ସମୀର ରଞ୍ଜନ ବାବୁ, ମାନସ ରଞ୍ଜନ ବକ୍ସି , ଦେବାଶିଷ ବେହେରା, ବଲାଙ୍ଗୀର ସଂଯୋଜକ ପ୍ରଦୀପ୍ତ କୁମର ମିଶ୍ରି ସାମିଲ ହୋଇଥିଲେ। ଏପରି କି ବିଭିନ୍ନ ପଡ଼ାରେ ଶତାଧିକ ସ୍ୱେଚ୍ଛାସେବୀ ବନ୍ୟା ପୀଡିତଙ୍କୁ ସହାୟତା ଯୋଗାଇବା ସହ ରହିବା ପାଇଁ ସୁରକ୍ଷିତ ଜାଗା ଯୋଗାଇ ଦେଇଛନ୍ତି।

# ରେଳଷ୍ଟେଶନରେ ମହିଳାଙ୍କଠାରୁ ଲୁଟ ଘଟଣା, ୨ ଗିରଫ

**ଟିଟିଲାଗଡ଼,୧୪।୮(ଡି.ଏନ.ଏ.)**

ଟିଟିଲାଗଡ଼ ରେଲ ଷ୍ଟେଶନ ପରିସରରେ ଜଣେ ମହିଳା କର୍ମଚାରୀଙ୍କଠାରୁ ଲୁଟ ଘଟଣାରେ ଜିଆର୍‌ପି ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଟିଟିଲାଗଡ଼ ଥାନା ଅଧୀନ ଖଜୁରପଡ଼ାର ବବଲୁ ବାରିକ ଏବଂ ସରୋଜ କଟା। ପୋଲିସ ସୂଚନା ମୁତାବକ, ରେଳଷ୍ଟେଶନରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ଡ୍ୟୁଟି ସାରି ସରକାରୀ କ୍ୱାଟର୍ସକୁ ଫେରୁଥିଲେ। ହେଲେ ଷ୍ଟେଶନ ପରିସରରେ ୨ଜଣ ଯୁବକ ତାଙ୍କୁ ଧକ୍କା ମାରିଥିଲେ। ଫଳରେ ସେ ତଳେ ପଡିଯାଇଥିଲେ। ଏହାର ସୁଯୋଗ ନେଇ ଯୁବକ ଦ୍ୱୟ ତାଙ୍କଠାରୁ ପର୍ସ ଛଡାଇ ଫେରାର ହୋଇଯାଇଥିଲେ। ପର୍ସରେ ମୋବାଇଲ ଫୋନ ସହ ୨ ହଜାର ଟଙ୍କା ଥିଲା। ଏନେଇ ମହିଳା କର୍ମଚାରୀ ଜଣକ ଜିଆର୍‌ପି ଥାନାରେ ଏକ ଅଭିଯୋଗ କରିଥିଲେ। ଜିଆର୍‌ପି ପୋଲିସ ଏକ ମାମଲା (ନଂ.୪୮/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଜିଆର୍‌ପି ପୋଲିସ ତଦନ୍ତ ପରେ ଘଟଣାରେ ସମ୍ପୃକ୍ତ ବବଲୁ ଏବଂ ସରୋଜଙ୍କୁ ଧରିବାରେ ସଫଳ ହୋଇଥିଲା। ପୋଲିସ ଗିରଫ ଯୁବକ ଦ୍ୱୟଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଅବନୀ ସାହୁ ସୂଚନା ଦେଇଛନ୍ତି।

# ବର୍ଷାରୁ ତ୍ରାହି: ଲୋକଙ୍କ ଦୁର୍ଦ୍ଦଶା ବଢୁଛି

**ଗୁଡ଼ଭେଲା,୧୪।୮(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଓ ତୁଷୁରା ସହରରେ ବୁଧବାର ବନ୍ୟା ପରିସ୍ଥିତି ସ୍ୱାଭାବିକ ହେବାରେ ଲାଗିଛି। ହେଲେ ବନ୍ୟା ଯୋଗୁ ରାସ୍ତାଘାଟ ଧୋଇ ହୋଇଯାଇଥିବା ବେଳେ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ବନ୍ୟା ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଥିବା ଜଣାପଡିଛି। ଜିଲା ଚିକିତ୍ସା ଅଧିକାରୀ ସଂଯୁକ୍ତା ସାହୁ ଗୁଡ଼ଭେଲା ବ୍ଲକର ଡୁଙ୍ଗିବାହାଲ, ଜାମୁଟ, ଗୁଡ଼ଭେଲା, ମହିପୁର ଅଞ୍ଚଳ ବୁଲି ଲୋକଙ୍କ ସହ ଆଲୋଚନା କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବନ୍ୟାରେ ପ୍ରାୟ ୧୬ଶହ ଲୋକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୧୫ଟି କେନ୍ଦ୍ରରେ ରନ୍ଧାଖାଦ୍ୟ ଦିଆଯାଉଥିବା ବିଡିଓ ରାମ ବିଳାଶ ମଙ୍ଗରାଜ କହିଥିଲେ। ଗୁଡ଼ଭେଲା ବ୍ଲକ ଓ ତୁଷୁରା ଏନ୍‌ଏସି ଅଧୀନରେ ୬୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଯାଇଥିବା ବେଳେ ପ୍ରାୟ ସମସ୍ତଙ୍କୁ ପଲିଥିନ ବଣ୍ଟନ କରାଯାଇଥିବା ତୁଷୁରା ତହସିଲଦାର ଚନ୍ଦ୍ରମଣି ନାଗ କହିଛନ୍ତି। ତୁଷୁରା ସହରର କିଛି ଅଞ୍ଚଳକୁ ଅପରାହ୍ନ ୫ଟାରେ ବିଦ୍ୟୁତ୍ ସଂଯୋଗ କରାଯାଇଥିବା ବେଳେ ତାହା ସ୍ୱାଭାବିକ ହୋଇପାରି ନାହିଁ। ସୋନଗଡ଼ ନଦୀରୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ୍ ଯୋଗେ ଜଳଯୋଗାଣ ହୋଇପାରୁ ନାହିଁ। ତୁରନ୍ତ କ୍ଷୟକ୍ଷତିର ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।


**କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ., କେନ୍ଦ୍ରାପଡ଼ା**

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟ ପରିସର ଅବିଭକ୍ତ କଟକ ଜିଲ୍ଲା ଯଥା–କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ।
- ସଞ୍ଚୟ ଜମା (Saving Collection Account) ରେ ବାର୍ଷିକ ୪.୦୦% ସୁଧ Daily Balance ଉପରେ ଦିଆଯାଏ।
- ସ୍ଥାୟୀ ଜମା (Fixed Deposit)ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାର୍ଷିକ ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୂର୍ଦ୍ଧ୍ୱ ପାଇଁ ୯.୦୦% ସୁଧ ଦିଆଯାଏ।
- ବିଜୁ ପଟ୍ଟନାୟକ ବିକାଶପତ୍ର @୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧିନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (Senior Citizen)ଙ୍କ ଜମା ଉପରେ ୦.୫% ଅଧିକ ସୁଧ ଦିଆଯାଏ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ ବିଭାଗ ଅଫିସ ସନ୍ନିକଟ କଜଳା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହନିର୍ମାଣ କାର୍ଯ୍ୟଆରମ୍ଭ।
- ଗ୍ରାହକମାନଙ୍କ ପାଇଁ ସମିତିରେ ଟଙ୍କା ଦେଣନେଣ କାରବାର ସମ୍ପୂର୍ଣ୍ଣ କରମୁକ୍ତ।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାନମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତସିଂହପୁର, ଯାଜପୁର ଟାଉନ୍, ରାହାମା, ଚୌଦ୍ୱାର, ଜଗତପୁର ଓ ବାଲିଚନ୍ଦ୍ରପୁରଠାରେ ଶାଖା ସୂଚାରୁରୂପେ କାର୍ଯ୍ୟ କରୁଅଛି।

ପ୍ରହ୍ଲାଦ ସାହୁ, ସମ୍ପାଦକ, ମୋ.- ୯୪୩୯୪୩୭୫୦୬
ପ୍ରମୋଦ ସାହୁ, ସଭାପତି, ମୋ.- ୯୪୩୭୮୩୧୯୯



**ପୂର୍ବ ତଟ ରେଳପଥ**

**ସାର୍ବଜନିକ ନିଲାମ ବିକ୍ରି ବିଜ୍ଞପ୍ତି**

ସଂ. C/SBP/Public Auction/Cement/BRGA/8/19 ତା.02.08.2019

ଏତଦ୍ୱାରା ରେଳବାଇ ଅଧିନିୟମ 1989 ର ଧାରା 83 ଏବଂ 84 ଅନୁଯାୟୀ ସୂଚିତ କରାଯାଉଅଛି କି, ବରଗଡ଼ ରୋଡ଼ ରେଳ ଷ୍ଟେସନ ଠାରେ ବର୍ତ୍ତମାନ ରେଳବାଇ ତତ୍ତ୍ୱାବଧାନରେ ପଡ଼ିଥିବା 309 ଗୋଟି ସିମେଣ୍ଟ ବ୍ୟାଗର ନିଲାମ ନିୟମ ଅନୁଯାୟୀ ନିମ୍ନଲିଖିତ ସ୍ଥାନ ଓ ସମୟରେ ପ୍ରକାଶ୍ୟ-ସହ-ଜଉମୁଦା ବିଡ଼ ପ୍ରଣାଳୀ ମାଧ୍ୟମରେ ସାର୍ବଜନିକ ନିଲାମ ଦ୍ୱାରା ନିକାଶ କରାଯିବ।

**କନ୍‌ସାଇନମେଣ୍ଟର ବିବରଣୀ :** ବରଗଡ଼ ରୋଡ଼ ରେଳ ଷ୍ଟେସନ ଠାରେ ପଡ଼ିଥିବା 309 ଗୋଟି ସଲିଡ୍ ବ୍ରାଣ୍ଡ (Solid Brand) ସିମେଣ୍ଟ ବ୍ୟାଗଗୁଡ଼ିକର କନ୍‌ସାଇନ୍‌ମେଣ୍ଟ।

**ନିଲାମ ସ୍ଥାନ :** ବରଗଡ଼ ରୋଡ଼ ରେଳ ଷ୍ଟେସନ ସ୍ଥିତ ଷ୍ଟେସନ ମ୍ୟାନେଜରଙ୍କ କାର୍ଯ୍ୟାଳୟ।

**ସମୟ ସହିତ ନିଲାମ ତାରିଖ :** ତା.20.08.2019ରିଖ 1100 ଘଟିକାରେ।

ଇଚ୍ଛୁକ ବିଡ଼ରମାନଙ୍କୁ ଉପର ବର୍ଣ୍ଣିତ ଅନୁଯାୟୀ କନ୍‌ସାଇନମେଣ୍ଟର ଆବଶ୍ୟକୀୟ ଯାଞ୍ଚ ନିମନ୍ତେ ଦିନ ବେଳେ ଉକ୍ତ ସ୍ଥାନ ତଦାରଖ କରିପାରିବେ। କୌଣସି କାରଣ ନ ଦର୍ଶାଇ ନିଲାମକୁ ବାତିଲ୍ କରିବା କିମ୍ବା କୌଣସି କିମ୍ବା ସମସ୍ତ କନ୍‌ସାଇନମେଣ୍ଟକୁ ପ୍ରତ୍ୟାହାର କରି ନେବାର ଅଧିକାର ରେଲୱେ ନିକଟରେ ସୁରକ୍ଷିତ ଅଟେ। ନିଲାମ ସମ୍ବନ୍ଧୀୟ ସବିଶେଷ ବିବରଣୀ ବରଗଡ଼ ରୋଡ଼ ରେଳ ଷ୍ଟେସନ ଠାରେ ଉପଲବ୍ଧ ହେବ।

PR-291/K/19-20 ସହାୟକ ବାଣିଜ୍ୟ ପ୍ରବନ୍ଧକ-II, ସମ୍ବଲପୁର


ଲଘୁଚାପ ବରଷାରେ ଘର ଭାଂଗଲା

# ଆବାସ ଯୋଜନାରେ ସାମିଲ କରବାକେ ଦାବି



ଝି'ର ସଂଗେ ନିଜର ଭଂଗା ଘର ଆଘେ କରମସନି।

**ଲାଠୋର, ୧୪।୮ (ଡି.ଏନ୍.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୋଠୋର ପଁଚେତ୍ ସଦର ଗାଁର କର୍ତ୍ତିଆପଡ଼ାର ମଧୁ ବାଗକଁର ଘର ଲଘୁଚାପ ବରଷାରେ ଭାଂଗି ଯାଇଛେ। ଆଗ୍‌କେ ବରଷା ହେଲେ ଘରଟା ମାଟିରେ ମିଶିଯିବାର ଭଏ ରହିଛେ। ଏନ୍‌ତାଥି ପରିବାରଟା କେନ୍‌ଠାନେ ମୁଡ ଗୁଁଜ୍‌ବେ ସେ ଚିନ୍‌ତାରେ ଘାରି ହେଉଛନ୍।

ସୂଚନା ଅନ୍‌ସାରେ କର୍ତ୍ତିଆପଡ଼ାର ମଧୁ ବାଗକଁର ପରିବାର କହେଲେ ଦିବ୍ୟାଙ୍ଗ ମାଏକିନା କରମସନି ବାଗ ଆର ଝି' ଗାୟତ୍ରୀକେ ନେଇ ତାକର ସଁସାର। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଜମିବାଡ଼ି ବଲି କିଛି ନାଇଁ। ମଧୁ ଫିଦିନ୍ ଦୁଇ କେ.ଜି. ଚନା ସିଝେଇ ସେଟାକେ ବିକୁଛନ୍, ସେଥିରେ ଯାହା କମାନି ହେଉଛେ ତାକର ପରିବାର ଚଲୁଛେ। ସରକାରୀ ହିସାବେ ମାସିକ ପାଉଥିବାର ୧୦ କେ.ଜି. ଚାଉଲକେ ଛାଡ଼ିଦେଲେ ବାକି କେହେନ୍‌ସି ସୁବିଧା ନାଇଁ ପାଏବାର। ଏନ୍‌ତାଥି ପରିବାରଟା ଦୁଖ୍‌ସୁଖ କରି ଗୁଟେ ମାଟି ଖପର ଘରେ ପଲିଥିନ୍ ଢାପି ରହୁଛନ୍। ହେଲେ ଲଘୁଚାପ ପରଭାବରେ ଗଲା ୩ ଦିନ୍ ଧରି ହେଇଥିବାର ବରଷାରେ ତାକର ଘରର କେତେ କାଁଥି ମାଡ଼ି ବସିଛେ। ଆଗ୍‌କେ ଯଦି ବରଷା ପାଏନ୍ ଲାଗି ରହିବା କେତେବେଲେ ବି ଘରଟା ମାଟିରେ ମିଶି ଯିବା ବଲି ପରିବାର ଲୋକ୍ କହିଛନ୍। ଏନ୍‌ତାଥି କୁଟୁମବସିଆ କେନ୍‌ଠାନେ ଆଶ୍ରେ ନେବେ ସେ ଚିନ୍‌ତାରେ ହରମେଶା ଘାରି ହେଉଛନ୍। ଇଆଡ଼େ ମଧୁକଁର ମାଏକିନା କରମସନି ଝନେ ଦିବ୍ୟାଙ୍ଗ ହେଇଥିଲେ ବି ଆଏଜ୍‌ତକ ଭିନ୍ନକ୍ଷମ ପରମାନପତର ନାଇଁ ପାଇପାରି। ସେନ୍‌ତା ସେ ଭିନ୍ନକ୍ଷମ ଭତାରୁ ବି ବଁଚିତ୍ ହେଇ ରହିଛନ୍। ବନେ ବଛର କେତେ ଆଗରୁ କରମସନିକୁଁ ଜର ହେଇଥିଲା। ସେଦିନ୍‌ଠାନୁ ତାକର ଡେବ୍‌ରି ଗୋଡ଼ ଅଚଲ ହେଇଯାଇଛେ। ଚିକିଛା କରବାକେ ବି ମଧୁ ସକ୍ଷମ ନୁହଁନ୍। ଗୁଲ୍‌ଗୁଲା ହେଇ ଜୀବନ୍ ବିତଉଥିବାର ଇ ଗରିବ୍ ପରିବାରକେ ଆବାସ ଯୋଜନାରେ ଘରଖଁଡ଼େ ସଂଗେ ଉନିଆ ସରକାରୀ ସାହାଯ୍ ଯୁଗେଇ ଦେବାକେ ପରିବାର ଲୋକ୍ ଦାବି କରିଛନ୍।

# ସାପ କାମୁଡ଼ାରେ ଜଣେ ମୃତ

**ଭବାନୀପାଟଣା, ୧୪।୮(ଡି.ଏନ.ଏ.):**

ଉକ୍ରେଲା ଫାଣ୍ଡି କୋକୋମୁଣ୍ଡା ଗ୍ରାମରେ ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅଭିରାମ ମେହେର (୩୫)। ସୋମବାର ଅଭିରାମ ଏକ ଉଇହୁଙ୍କାରୁ ଛତୁ ତୋଳୁଥିବା ବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ହେଲେ ସେ ଜାଣି ପାରି ନ ଥିଲେ। ଘରେ ପହଞ୍ଚିବା ପରେ ଶୋଇ ପଡିଥିଲେ। ପରେ ଅସୁସ୍ଥତା ଲାଗିବାରୁ ପରିବାର ଲୋକେ ତାଙ୍କୁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2019-11, ତା: 06.08.2019

**କାର୍ଯ୍ୟର ନାମ :** 03 (ତିନି) ବର୍ଷ ଅବଧି ନିମନ୍ତେ ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ସମ୍ବଲପୁରଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ନିମନ୍ତେ ଚୁକ୍ତି ଭିତ୍ତିରେ ଗୋଟିଏ ସଡ଼କ ଗାଡ଼ି ଭଡ଼ା ସୂତ୍ରରେ ନେବା।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** ₹ 13,58,089/-, EMD (ଟଙ୍କାରେ) : ₹ 27,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 2,360/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.08.2019 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

PR-288/K/19-20 ମଣ୍ଡଳ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ/ ସମ୍ବଲପୁର



**ପୂର୍ବ ତଟ ରେଳପଥ**

**ବୈଦ୍ୟୁତିକ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. BBS-EL-C-T-316E, ତା: 07.08.2019

**କାର୍ଯ୍ୟର ନାମ :** "ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଲେଭେଲ କ୍ରସିଙ୍ଗ୍ ନଂ.JT-1, JT-2, JT-25, JT-26 ଏବଂ JT-60 ପରିବର୍ତ୍ତେ ରୋଡ଼ ଓଭର ବ୍ରିଜ୍ (ROB)ର ପ୍ରଚଳନ ସମ୍ବନ୍ଧୀୟ ରୂପାନ୍ତରଣ କାର୍ଯ୍ୟ ସହିତ 25KV OHE ର ଡିଜାଇନ୍, ଯୋଗାଣ, ଉତ୍ଥାପନ (Erection), ପରୀକ୍ଷଣ ଏବଂ ସମ୍ପାଦନ (Commissioning) ।"

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** ₹ 77.77 ଲକ୍ଷ, EMD (ଟଙ୍କାରେ) : ₹ 1,55,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 06(ଛଅ)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.08.2019ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

PR-36/CC/19-20 ମୁଖ୍ୟ ବିଦ୍ୟୁତ ଯନ୍ତ୍ରୀ(ନିର୍ମାଣ)/ ଭୁବନେଶ୍ୱର


# ବନ୍ୟାରେ ରାସ୍ତା ଧୋଇଗଲା

**ଲୋଇସିଂହା,୧୪।୮(ଡି.ଏନ.ଏ.)**

ସୋମବାର ଏବଂ ମଙ୍ଗଳବାର ୨ ଦିନ ଲଗାଣ ବର୍ଷାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ବଲାଙ୍ଗୀର ଜିଲା ଲୋଇସିଂହା ଏବଂ ଆଗଲପୁର ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବର୍ଷାରେ ଶତାଧିକ ଘର ଭାଙ୍ଗି ଯାଇଥିବା ବେଳେ ବିଭିନ୍ନ ରାସ୍ତା ଧୋଇ ହୋଇଯାଇଛି।

ସୂଚନା ଯୋଗ୍ୟ, ଲୋଇସିଂହା ବ୍ଲକ ବୁର୍ଡା ୨୬ ନମ୍ବର ଜାତୀୟରାଜପଥରୁ ଆଗଲପୁର ବ୍ଲକ ନଅଗାଁ(ଖ)କୁ ୩ କି.ମି ମୋରୁମ ରାସ୍ତା ରହିଛି। ଦୁମଦୁମି ପଥରଗଡ଼ ଏବଂ ବଡଟିକା ଅଞ୍ଚଳରେ ବନ୍ୟା ପାଣି ଉକ୍ତ ରାସ୍ତା ଉପରେ ପ୍ରବାହିତ ହେବାରୁ ରାସ୍ତାର ୩ଟି ସ୍ଥାନରେ କଟି ଯାଇଛି। ଫଳରେ ଉକ୍ତ ରାସ୍ତା ଦେଇ କୌଣସି ଚାରିଚକିଆ ଯାନବାହନ ଯାଇପାରୁନାହିଁ। ସେହିପରି ବୁର୍ଡାରୁ କୁଟେବପାଲି ପଞ୍ଚାୟତ ଅଧୀନ ଦୁମଦୁମିରାସ୍ତାରେ ସମଦଶା ହୋଇଛି। କେତେକ ସ୍ଥାନରେ ରାସ୍ତା ଧୋଇ ହୋଇଯାଇଛି। ଦୁମଦୁମି ଫଡିଘରଠାରୁ ଗାଁମୁଣ୍ଡ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ରାସ୍ତାର ଉନ୍ନତୀକରଣ ପାଇଁ ଦୁମଦୁମି ଗ୍ରାମବାସୀ ସରପଞ୍ଚ, ବ୍ଲକ ଅଧକ୍ଷା, ଉପଅଧକ୍ଷଙ୍କୁ ଜଣାଇ ନିରାଶ ହୋଇ ପଡିଥିବା କହିଛନ୍ତି। ଏହି ଉଭୟ ରାସ୍ତାର ଉନ୍ନତୀକରଣ ପ୍ରତି ଜିଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।


No.: 39-L

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

**କାଳିଆ**

**ଗ୍ରାମ ପଞ୍ଚାୟତ ସ୍ତରରେ**

**କାଳିଆ ହିତାଧିକାରୀ ତାଲିକା ଯାଞ୍ଚ ପ୍ରକ୍ରିୟା**

**୨୭ ଅଗଷ୍ଟ, ୨୦୧୯ ପର୍ଯ୍ୟନ୍ତ ବଳବତ୍ତର ରହିବ**

- କାଳିଆ ଯୋଜନାରେ ସହାୟତା ରାଶି ପାଇଥିବା କିମ୍ବା ଦରଖାସ୍ତ କରି ଚୟନ ହୋଇନଥିବା ସମସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକ ହିତାଧିକାରୀଙ୍କ ତାଲିକା ପ୍ରତି ପଞ୍ଚାୟତର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟରେ ୨୭ ଅଗଷ୍ଟ ୨୦୧୯ ପର୍ଯ୍ୟନ୍ତ ପଞ୍ଚାୟତ ସ୍ତରୀୟ କମିଟି ଦ୍ୱାରା ଯାଞ୍ଚ କାର୍ଯ୍ୟ ଚାଲୁରହିବ।
- ଏହି ଯାଞ୍ଚରେ କାଳିଆ ସହାୟତା ପାଇଥିବା ତାଲିକାରୁ କାଳିଆ ମାନଦଣ୍ଡ ବ୍ୟବହାର କରି ଯୋଗ୍ୟ ଅଯୋଗ୍ୟ ହିତାଧିକାରୀ ଚୟନ ଓ ବାଦ୍ ଦିଆଯିବ।
- କମ୍ ହିତାଧିକାରୀ ଥିବା ନିର୍ଦ୍ଦିଷ୍ଟ ପଞ୍ଚାୟତରେ କାଳିଆ ଦରଖାସ୍ତ ଫର୍ମ ଗ୍ରହଣ ଓ ଅନ୍ୟ ସମସ୍ତ ପଞ୍ଚାୟତରେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବାର ବ୍ୟବସ୍ଥା ଏହି ସମୟ ମଧ୍ୟରେ ଚାଲୁ ରହିବ।

ଏ ସମ୍ବନ୍ଧୀୟ କୌଣସି ପ୍ରକାର ପ୍ରଶ୍ନର ଉତ୍ତର ପାଇବା ପାଇଁ ଚାଷୀଭାଇମାନେ ନିମ୍ନୋକ୍ତ ସଂଯୋଗ ହେଲ୍ପ ଲାଇନ୍ ଟୋଲ୍ ଫ୍ରି ନମ୍ବର ବ୍ୟବହାର କରନ୍ତୁ।

ଜୀବିକା ଓ ଆୟ ବୃଦ୍ଧି ନିମିତ୍ତ କୃଷକଙ୍କୁ ସହାୟତା | କୃଷକ ସଶକ୍ତିକରଣ ଦିଗରେ ଏକ ଅଭିନବ ପଦକ୍ଷେପ

www.kalia.co.in

କାଳିଆ ହେଲ୍ପ ଲାଇନ୍

୧୮୦୦ ୩୪୫୬ ୭୭୦ / ୧୫୫୩୩୫ (ସମୟ ସକାଳ ୬ ଘଣ୍ଟାରୁ ରାତ୍ର ୧୦ ଘଣ୍ଟା ପର୍ଯ୍ୟନ୍ତ)

01034/11/0012/1920



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଖପ୍ରାଖୋଲରେ ଲଗାଣ ବର୍ଷା ପ୍ରଶାସନର ସ୍ଥିତି ଅନୁଧାନ: ଲୋକଙ୍କ ପାଖକୁ ଗଲେ ବିଧାୟକ

**ଖପ୍ରାଖୋଲ,୧୪।୮(ଡି.ଏନ୍.ଏ.):** ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଲଗାଣ ବର୍ଷା ପରେ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ ସହ ସ୍ଥିତି ଅନୁଧାନ କରାଯାଇଛି। ବର୍ଷାରେ ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ପାଣି ଚାଲିଥିବା ବେଳେ ଖପ୍ରାଖୋଲ- ଲାଠୋର ରାସ୍ତାର ବଡଗୁର୍ଜିଭଟା ନିକଟରେ ଅସ୍ଥାୟୀ ପୋଲ ଧୋଇ ଯାଇ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ସେହିପରି ଅଞ୍ଚଳରେ ବିଭିନ୍ନ ଗ୍ରାମରେ ଘର ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି। ଏନେଇ ଖପ୍ରାଖୋଲ ବିଡିଓ ତରଣୀ ସୁନା ବିଭିନ୍ନ ଗାଁକୁ ଯାଇ ସ୍ଥିତି ଅନୁଧାନ କରିଥିବା ବେଳେ କପସିପାଲି, ତୁର୍ଲା ସେବାଶ୍ରମ ବିଦ୍ୟାଳୟ ବୁଲି ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରମାନଙ୍କ ସମସ୍ୟା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ସେହିପରି ଡୁଡୁମଦର୍ହା ଗାଁ ନିକଟରେ ଥିବା ବାଗଝରଣ୍ କ୍ଷୁଦ୍ର ଜଳସେଚନ ଡ୍ୟାମ ପାଣି ରାସ୍ତା ଉପରେ ଯାଉଥିବାରୁ ଏହାର ସ୍ଥିତି ଅନୁଧାନ କରିଥିଲେ। ଏ ନେଇ ବିଡିଓ ସୁନାଙ୍କୁ ପଚାରିବାରୁ ପ୍ରତି ପଞ୍ଚାୟତର କ୍ଷୟକ୍ଷତି ଆକଳନ ସହ ଘର ଭଙ୍ଗା ସମ୍ପର୍କରେ ରିପୋର୍ଟ ମଗାଯାଇଛି। ତୁରନ୍ତ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏ ନେଇ ଖପ୍ରାଖୋଲ ଅତିରିକ୍ତ ତହସିଲଦାର ଜୟନ୍ତ ସାହୁଙ୍କୁ ପଚାରିବାରୁ କ୍ଷୟକ୍ଷତି ଆକଳନ କରାଯାଉଥିବା କହିଥିଲେ। ପାଟଣାଗଡ଼ ବିଧାୟକ ସରୋଜ ମେହେର ବୁଧବାର ଅପରାହ୍ନରେ ବ୍ଲକର ମାଲପଡ଼ା, ଜାମଚୂଆଁ, ବାଗଝରନ୍, ବେନକେରା, କପସିପାଲି ପ୍ରମୁଖ ଗାଁକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

### ସାପ କାମୁଡ଼ାରେ ଜଣେ ମୃତ

**ସଇଁତଲା,୧୪।୮(ଡି.ଏନ୍.ଏ.):** ସାପ କାମୁଡ଼ାରେ ସଇଁତଲା ଥାନା ଅଧୀନ କୁଇକେଡ଼ା ପଞ୍ଚାୟତ ସିକାପତ୍ରାପାଲି ଗ୍ରାମର ବଳଭଦ୍ର ବାଗଙ୍କ ମୃତ୍ୟୁ ଘଟିଛି। ବଡ଼ମାଳ ଗୋଳାବାରୁଦ କାରଖାନାରେ କାର୍ଯ୍ୟରତ ବଳଭଦ୍ର ବୁଧବାର କ୍ଷେତରେ କାମ କରୁଥିବା ବେଳେ ଏକ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ଗୋଳାବାରୁଦ କାରଖାନାରେ ଭର୍ତ୍ତି କରାଯାଇଥିଲା।

# ଜଳସ୍ତର କମୁଛି, ଦୁର୍ଦ୍ଦଶା ବଢୁଛି

**ସୋନପୁର/ତରଭା,୧୪।୮ (ନି.ପ୍ର./ଡି.ଏନ.ଏ.)**

ଲଘୁଚାପଜନିତ ବର୍ଷା ହ୍ରାସ ପାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ତରଭା ବ୍ଲକକୁ ବାଦ୍ ଦେଲେ ଜିଲାରେ ୨୮୬.୬୦ ମି.ମି. ବର୍ଷା ରେକର୍ଡ କରାଯାଇଛି । ତରଭା ବ୍ଲକରେ ଥିବା ଆରଜି ଷ୍ଟେଶନ (ରେନ୍ ଗଜ ଷ୍ଟେଶନ) ପାଣିରେ ବୁଡି ରହିଥିବାରୁ ରେକର୍ଡ ନିଆ ଯାଇପାରିନି। ତେବେ ତେଲନଦୀ, ଅଙ୍ଗନଦୀ, ସୁକତେଲ ନଦୀ ଓ ନିବୃତ୍ତି ଯୋରରେ ବୁଧବାର ଜଳସ୍ତର ହ୍ରାସ ପାଇଛି । ହୀରାକୁଦରେ ଗେଟ୍ ଖୋଲାଯିବା ଯୋଗୁ ମହାନଦୀର ଜଳସ୍ତର ସାମାନ୍ୟ ବଢିଛି । କିନ୍ତୁ ଜଳସ୍ରୋତ ବିପଦ ସଙ୍କେତଠାରୁ ତଳେ ପ୍ରବାହିତ ହେଉଛି । ଖୋର୍ଦ୍ଧା–ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ତରଭା ନିକଟସ୍ଥ ଘାଟକଇଁତରା ନିକଟରେ ନିବୃତି ଯୋରର ଉଦ୍‌ବୃତ୍ତ ଜଳ ମଙ୍ଗଳବାର ଅପରାହ୍ନରୁ ରାସ୍ତା ଉପରେ ପ୍ରବାହିତ ହେଉଥିଲା । ଏହି ରାସ୍ତାରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ବୁଧବାର ସକାଳ ସାଢେ ୮ଟାରେ ଜଳସ୍ତର କମିବା ପରେ ବଲାଙ୍ଗୀର–ସୋନପୁର ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଛି । ତରଭା ସହର ଓ ବ୍ଲକ ଅଞ୍ଚଳ ବନ୍ୟା ଯୋଗୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ।



ତରଭା ବ୍ଲକର ତୁଲୁଣ୍ଡାରେ ଚାଷଜମି ଜଳମଗ୍ନ ରହିଛି ।

ସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ଓ ଲୋକଙ୍କ ଘରେ ପାଣି ପସିବା ଯୋଗୁ ସ୍ଥିତି ଏବେ ବି ସଙ୍ଗୀନ ରହିଛି। ଜଳସ୍ତର କମିଥିଲେ ହେଁ ବିପନ୍ନଙ୍କ ଦୁର୍ଦ୍ଦଶା ବଢିଛି । ବହୁ କଚ୍ଚା ଘର ଭାଙ୍ଗି ଥିବା ବେଳେ ଗ୍ରାମଗୁଡିକ ଏବେ ବି ଜଳମଗ୍ନ ରହିଛି । ଶତାଧିକ ଏକର ଚାଷ କ୍ଷତିଗ୍ରସ୍ତ ହୋଇଛି । କେତେକ ସ୍ଥାନରେ ଜମିରେ ବାଲିଚର ମାଡିଯାଇଛି। ତଳିଆ ଅଞ୍ଚଳର ଲୋକେ ବାତ୍ୟା ଆଶ୍ରୟ ସ୍ଥଳ ଓ ବିଦ୍ୟାଳୟରେ ଆଶ୍ରୟ ନେଉଛନ୍ତି । ଜିଲା ପ୍ରଶାସନ ପକ୍ଷରୁ ୧୮ଟି ସ୍ଥାନରେ ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି । ବୁଧବାର ୬ ହଜାର ୩୪ଜଣଙ୍କୁ ଦୁଇ ଓଳି ରନ୍ଧାଖାଦ୍ୟ ଦିଆଯାଇଛି । ସର୍ବାଧିକ କ୍ଷତିଗ୍ରସ୍ତ ତରଭାରେ ୫୬୧୮ ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି । ତରଭା, ସୋନପୁର, ବିନିକା ଓ ବୀରମହାରାଜପୁର ବ୍ଲକରେ ଏନଡିଆରଏଫ ଓ ଓଡ୍ରାଫ୍ ଟିମ୍ ମୁତୟନ ଅଛନ୍ତି । ସେମାନେ ପାୱାର ବୋଟ, ଲାଇଫ ଜ୍ୟାକେଟ୍, କଟର ଓ ଆବଶ୍ୟକ ସରଞ୍ଜାମ ସହିତ ଜଳମଗ୍ନ ଅଞ୍ଚଳରେ ମୁତୟନ ହୋଇଛନ୍ତି। ଏଥିସହ ଅଗ୍ନିଶମ ବିଭାଗର କର୍ମଚାରୀଙ୍କୁ ମଧ୍ୟ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ନିୟୋଜିତ କରାଯାଇଛି । ତେଲ ନଦୀର ବନ୍ୟା ଯୋଗୁ ତରଭା ବ୍ଲକର ବ୍ରାହ୍ମଣୀ ପଞ୍ଚାୟତ, ସିଂହାରୀ ପଞ୍ଚାୟତର ଜୁନାନୀ, ଝାରବଡଯୋର, ବଡତେଣ୍ଡା, ତୁଲୁଣ୍ଡା ଓ ଚାରଭଟା ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି । ତୁଲୁଣ୍ଡାରେ ୧୫ଟି ଘର ଭାଙ୍ଗିଯାଇଛି ।

**ସୁବର୍ଣ୍ଣପୁର ଜିଲା**

- କ୍ଷୟକ୍ଷତିର ଆକଳନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ
- ୧୮ ସ୍ଥାନରେ ୬୦୩୪ ବିପନ୍ନଙ୍କୁ ରନ୍ଧାଖାଦ୍ୟ
- ଓଡ୍ରାଫ୍ ଓ ଏନଡିଆରଏଫ ଟିମ୍ ମୁତୟନ
- ଚାଷ ନଷ୍ଟ, ତରଭାରେ ସ୍ଥିତି ସଙ୍ଗିନ

ସହରର ଦଳିତପଡା, ବ୍ଲକ କଲୋନି, ହାଟପଦାପଡା, ମାଳିପଡା, ନୂଆଁପଡା, ମେହେନ୍ତର ପଡା, ମସଜିଦ୍‌ପଡା, ମୋଚିପଡା, ପଦରପଡା ଓ ପୌର୍ଣ୍ଣମାସୀ ପଡାରେ ବନ୍ୟା ପାଣି ପସିଯାଇଛି । ରାସ୍ତାଘାଟ ଧୋଇ ହୋଇ ନଷ୍ଟ ହୋଇଛି । ଜିଲାପାଳ ମୋନିଷା ବାନାର୍ଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତରଭା ବିଡିଓ ନିହାର ରଞ୍ଜନ କହଁର, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ଓ ଏନଏସି ନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ ରିଲିଫ କାର୍ଯ୍ୟର ତଦାରଖ କରୁଛନ୍ତି । ଅନ୍ୟପକ୍ଷେ ଆସନ୍ତା ୭ ଦିନ ମଧ୍ୟରେ ସମସ୍ତ କ୍ଷୟକ୍ଷତିର ଆକଳନ କରିବାକୁ ଜିଲାପାଳ ବାନାର୍ଜୀ କୃଷି ଓ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଫଟୋ କ୍ୟାପସନ–ତରଭା ବ୍ଲକର ତୁଲୁଣ୍ଡାରେ ଚାଷଜମି ଜଳମଗ୍ନ ରହିଛି ।

### ପାଟଣାଗଡ଼ ଉପଖଣ୍ଡରେ ଲଗାଣ ବର୍ଷା: ଚାଷଜମି ବାଲିଚର

**ପାଟଣାଗଡ଼.୧୪।୮(ଡି.ଏନ.ଏ.)**

୧୧ତାରିଖ ରାତିରୁ ୧୩ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ପାଟଣାଗଡ଼ ଉପଖଣ୍ଡରେ ଲଗାଣ ବର୍ଷା ଜାରି ରହିଥିଲା। ଫଳରେ ଚାଷଜମି ବାଲିଚର ସେବାସହ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଯୋଗ୍ୟ ପାଟଣାଗଡ ଉପଖଣ୍ଡ ପାଟଣାଗଡ଼ ବ୍ଲକରେ ପ୍ରଥମ ଦିନରେ ୧୯୬ ମିଲିମିଟର ଏବଂ ଦ୍ୱିତୀୟ ଦିନରେ ୮୭ ମିଲିମିଟର ମୋଟ ୨୮୩ମି.ମି. ବର୍ଷା ହୋଇଥିବା ବେଳେ ବେଲପଡ଼ାରେ ୨୩୫ମି.ମି., ଖପ୍ରାଖୋଲରେ ୨୫୭ ମି.ମି. ବର୍ଷା ହୋଇଥିଲା। ପାଟଣାଗଡ଼ ଉପଖଣ୍ଡରେ ମୋଟ ୭୭୫ ମି.ମି.ବର୍ଷା ରେକର୍ଡକରାଯାଇଛି। ଫଳରେ ବନ୍ୟା ପାଣି ଆସି ଅଞ୍ଚଳର ପ୍ରାୟ ଚାଷ ଜମି ବାଲିଚର ହୋଇ ଧାନ ଫସଲ ନଷ୍ଟ ହୋଇଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପାଟଣାଗଡ଼ କୃଷି ଅଧିକାରୀଙ୍କ ରେକର୍ଡ ଅନୁଯାୟୀ ପାଟଣାଗଡ଼ ବ୍ଲକରେ ପ୍ରାୟ ୧୦,୫୭୪ ହେକ୍ଟର ଚାଷ ଜମିରେ ବନ୍ୟା ପାଣି ମାଡିଯାଇଥିବା ବେଳେ ବେଲପଡ଼ା ବ୍ଲକରେ ୭୫୫୩ ହେକ୍ଟର ଏବଂ ଖପ୍ରାଖୋଲ ବ୍ଲକରେ ୫୯୩୧ ହେକ୍ଟର ସମୁଦାୟ ୨୪,୦୫୮ ହେକ୍ଟର ଜମିରେ ପାଣି ମାଡିଯାଇଥିଲା। ପାଟଣାଗଡ଼ ବ୍ଲକର ତମିଆଁ, ଘସିଏନ, ଉଲବା ଏବଂ ବେଲପଡ଼ା ବ୍ଲକର ଧୁମାଭଟା, ବେଲପଡ଼ା, ମଧୁପୁର ଏବଂ ଖପ୍ରାଖୋଲ ବ୍ଲକର ଦମେଇପାଲି, ଜୁରିଆ, ଲୁହାସିଂହା ପଞ୍ଚାୟତରେ ଚାଷ ଜମି ପ୍ରଭାବିତ ହୋଇଥିବା ପାଟଣାଗଡ଼ କୃଷି ଅଧିକାରୀ ଯଶୋବନ୍ତ ସାହୁ ସୂଚନା ଦେଇଛନ୍ତି।

# କଳାପଥର କଲେଜରେ ଚାରା ରୋପଣ

**ଅମରପାଲି,୧୪।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥରସ୍ଥିତ ସତ୍ୟବାଦୀ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଓ ରେଡ୍‌କ୍ରସ୍‌ର ମିଳିତ ଆନୁକୂଲ୍ୟରେ ଚାରାରୋପଣ ଓ ସ୍ୱଚ୍ଛତା ମିଶନ କାର୍ଯ୍ୟକ୍ରମ କରାଯାଇଥିଲା। ରେଡକ୍ରସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ କିଶୋର ସାହୁ, ଏନ୍‌ଏସ୍‌ଏସ୍‌ର ଶଶାଙ୍କ ଶେଖର ସୁଆରଙ୍କ ତତ୍ତ୍ୱାବଧାନରେ କଲେଜ ପରିସରକୁ ସଫେଇ କାର୍ଯ୍ୟକ୍ରମ କରାଯିବା ସହ ଚାରାରୋପଣ କରାଯାଇଥିଲା। ଏହି ଅବସରରେ କଲେଜର ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନ ଛାତ୍ରୀଛାତ୍ରମାନଙ୍କୁ ବୃକ୍ଷରୋପଣର ଉପକାରିତା ଉପରେ କହିବା ସହ ପ୍ରତ୍ୟେକଙ୍କୁ ଚାରା ରୋପଣ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିବା ବେଳେ କଲେଜର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ ।



କଳାପଥର ସତ୍ୟବାଦୀ କଲେଜରେ ଚାରା ରୋପଣ କରାଯାଉଛି ।

### ଏଏସ୍‌ଆଇ କୈଳାସ ଚନ୍ଦ୍ରଙ୍କୁ ରାଷ୍ଟ୍ରପତି ପଦକ

**ରେଙ୍ଗାଲି,୧୪।୮(ଡି.ଏନ.ଏ.)**

ଠେଲକଲୋଇ ଥାନାର ଏଏସ୍‌ଆଇ କୈଳାଶ ଚନ୍ଦ୍ର ପ୍ରଧାନ ୨୦୧୯ ବର୍ଷ ପାଇଁ ରାଷ୍ଟ୍ରପତି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସ୍ୱାଧୀନତା ଦିବସ ଉପଲକ୍ଷେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଗୁରୁବାର ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ତାଙ୍କୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯିବ।

ଜାତୀୟ ପୋଷ୍ଟର ପ୍ରତିଯୋଗିତା

# ସତ୍ୟବାଦୀ ବିଜ୍ଞାନ କ୍ଲବ ସମ୍ମାନିତ

**ଅମରପାଲି,୧୪।୮ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅଧୀନ କଳାପଥରସ୍ଥିତ ସତ୍ୟବାଦୀ ବିଦ୍ୟାପୀଠର ସତ୍ୟବାଦୀ ବିଜ୍ଞାନ କ୍ଲବ ଜାତୀୟସ୍ତରରେ ବିଜ୍ଞାନ କ୍ଲବ ପୋଷ୍ଟର ପ୍ରତିଯୋଗିତାରେ ଏକ୍ସିଲେନ୍ସି ପୋଷ୍ଟର ସମ୍ମାନ ସହ ଗୋଲ୍ଡ କ୍ଲବ ସମ୍ମାନ ପାଇବାର ଗୌରବ ଅର୍ଜନ କରିଛି। ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଗୁଜରାଟର ରାଜକୋଟସ୍ଥିତ ଅର୍ପିତ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ଆୟୋଜିତ ୨ ଦିନିଆ କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଜ୍ଞାନ କ୍ଲବକୁ ସମ୍ମାନିତ କରାଯାଇଥିଲା। ଏଥିରେ ଓଡ଼ିଶାର ୯ଟି ବିଜ୍ଞାନ କ୍ଲବ ଅଂଶ ଗ୍ରହଣ କରିଥିବା ବେଳେ ସତ୍ୟବାଦୀ ବିଜ୍ଞାନ କ୍ଲବକୁ ଏହି ସମ୍ମାନ ମିଳିଛି । ସମଗ୍ର ଭାରତରୁ ୨୮୬ଟି ବିଜ୍ଞାନ କ୍ଲବ ଯୋଗ ଦେଇଥିଲେ। ସତ୍ୟବାଦୀ ବିଜ୍ଞାନ କ୍ଲବ ସଂଯୋଜକ ରାଧେଶ୍ୟାମ ପୁରୋହିତ କାର୍ଯ୍ୟକ୍ରମରେ ଯୋଗଦେଇ ସମ୍ମାନ ଗ୍ରହଣ କରିଥିଲେ। ଉତ୍ସବରେ ବିଜ୍ଞାନ ପ୍ରସାରର ନିର୍ଦ୍ଦେଶକ ନକୁଳ ପରାସର ଯୋଗଦେଇ ବିଜ୍ଞାନ ସଞ୍ଚାର ପାଇଁ ସରକାରୀ ତଥା ବେସରକାରୀସ୍ତରରେ ବିଜ୍ଞାନ କ୍ଲବର ଭୂମିକାକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ବିଜ୍ଞାନ କ୍ଲବ ସଂଯୋଜକ ଡ. ଅରବିନ୍ଦ ସିଂ ରାନାଡେ, ଅର୍ପିତ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ନିର୍ଦ୍ଦେଶକ ନରେନ୍ଦ୍ର ସିନୋଜିଆ, ଦକ୍ଷୀଣ ଦିଲ୍ଲୀ ସ୍ଥିତ ମ୍ୟୁନିସିପାଲ କର୍ପୋରେଶନ ଉପନିର୍ଦ୍ଦେଶକ ଡ. ପୁଷ୍ପା ଓ ଜବାହାର ନବୋଦୟ ସମିତି ଉପନିର୍ଦ୍ଦେଶକ ଡ. ରାମ ଚନ୍ଦ୍ରନ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ । ସତ୍ୟବାଦୀ ବିଜ୍ଞାନ କ୍ଲବର ଏହି ସମ୍ମାନ ଯୋଗୁ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି ।




ସତ୍ୟବାଦୀ ବିଜ୍ଞାନ କ୍ଲବକୁ ସମ୍ବର୍ଦ୍ଧିତ କରାଯାଉଛି।

ସୁଧୁରୁଛି ଜିଲା ମୁଖ୍ୟ ଚିକିତ୍ସାଳୟର ପରିମଳ ବ୍ୟବସ୍ଥା

# ନିର୍ମଳ ଯୋଜନାରେ ସଫେଇ କରୁଛି ମେଶିନ

**ସୋନପୁର,୧୪।୮(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ନିର୍ମଳ ଯୋଜନା ଆରମ୍ଭ ହୋଇଛି । ଏହି ଯୋଜନା ଆରମ୍ଭ ହେବା ପରେ ପରିମଳ ବ୍ୟବସ୍ଥା ବ୍ୟାପକ ସୁଧାର ଆସିଛି । ଚିକିତ୍ସାଳୟ ପରିସର ଏବେ ଚକ୍‌ଚକ୍ ରହୁଛି । ଆଗ ଭଳି ଆଉ ଗନ୍ଧମୟ ପରିବେଶ ନାହିଁ । ନୂଆ ଯୋଜନା ଲାଗୁ ହେବା ପରେ ଯାନ୍ତ୍ରିକ ପଦ୍ଧତିରେ ସମସ୍ତ ସଫେଇ କାର୍ଯ୍ୟ କରାଯାଉଛି। ଏଭଳି ସଫାସୁତୁରା ପରିବେଶକୁ ଦେଖି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ପରିବାରବର୍ଗ ଖୁସି ହେଉଛନ୍ତି । ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ୱାର୍ଡ, ବର୍ହିବିଭାଗ, ଆନ୍ତଃବିଭାଗ, ଅସ୍ତ୍ରୋପଚାର ଗୃହ, ପ୍ରସୂତି ବିଭାଗରେ ନିୟମିତ ଭାବେ ଯାନ୍ତ୍ରିକ ପଦ୍ଧତିରେ ପରିଷ୍କାର ପରିଚ୍ଛନ୍ନ କରାଯାଉଛି । ଏଥିପାଇଁ ଫ୍ଲୋର ସ୍କର୍ବିଂ, ହାଇ ପ୍ରେସର କ୍ଲିନର ଓ ହେବି ଡ୍ୟୁଟି ସ୍କବର ଭଳି ପ୍ରାୟ ୧୦ ପ୍ରକାରର ମେଶିନ ବ୍ୟବହାର ହେଉଛି । ମେଶିନ ସହାୟତାରେ ଚଟାଣ, କାନ୍ଥ, ଝରକା, କବାଟଠୁ ଆରମ୍ଭ କରି ସମସ୍ତ ଆସବାବପତ୍ର, ବର୍ହିବିଭାଗର ଡ୍ରେସିଂ ଟେବୁଲ ଆଦି ସଫା କରାଯାଉଛି । ଅସ୍ତ୍ରୋପଚାର ସମୟରେ ବର୍ଯ୍ୟବସ୍ତୁ ଉଠାଉବାଠାରୁ ରକ୍ତଦାଗ ମଧ୍ୟ ମେସିନ ସଫା କରୁଛି। ପୂର୍ବରୁ କର୍ମଚାରୀଙ୍କ ଦ୍ୱାରା ଏସବୁ ହାତରେ ସଫା କରା ଯାଉଥିବାରୁ ବିଭିନ୍ନ ଅଭିଯୋଗ ଆସୁଥିଲା । ଭୁବନେଶ୍ୱରର ଏଲ ଏଣ୍ଡ କେ କମ୍ପାନୀ ଜିଲା ମୁଖ୍ୟ ଚିକିତ୍ସାଳୟ, ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟ, ତରଭା, ଡୁଙ୍ଗୁରିପାଲି, ବିନିକା, ନାଇକେନପାଲି ଓ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା ପାଇଁ ଦାୟିତ୍ୱ ନେଇଛି । ଗତ ୧ ତାରିଖଠାରୁ ଏହି ଯୋଜନା ଆରମ୍ଭ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ କହିଛନ୍ତି। ପ୍ରମୋଦ କୁମାର ପଣ୍ଡା ଓ ଦୁର୍ବାଶା ବେହେରା ସଫେଇ ଦାୟିତ୍ୱରେ ଅଛନ୍ତି । ପ୍ରକାଶ ଯେ, ଗତ ଜୁଲାଇ ୧୮ ତାରିଖରେ ନୂତନ ଜିଲାପାଳ ମନୀଷା ବାନାର୍ଜୀ ଅଚାନକ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ମୁଖ୍ୟ ବର୍ହିବିଭାଗ ଓ ଆନ୍ତଃବିଭାଗ ପରିଦର୍ଶନ ସମୟରେ ପରିମଳ ବ୍ୟବସ୍ଥା ଅତି ଖରାପ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ ।



ମେଶିନ ଦ୍ୱାରା କର୍ମଚାରୀ ସଫେଇ କାର୍ଯ୍ୟ କରୁଛନ୍ତି ।

## ଫଟୋରେ ଖବର







ବନ୍ୟା ପାଣି ଘେରରେ ବାଙ୍କିଗିର୍ଡି ରାଜସ୍ୱ ସର୍କଲର ଚାଷ ଜମି (ବାମ)। ଲଗାଣ ବର୍ଷାରେ କୌଡିଆମୁଣ୍ଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗି ଯାଇଛି (ମଝି)। ବନ୍ୟାରେ ଡୁଙ୍ଗୁରିପାଲିକୁ ସଂଯୋଗ କରୁଥିବା ସିଆଲବାହାଲି ରାସ୍ତା ଧୋଇ ହୋଇଯିବାରୁ ଯାନବାହନ ଚଳାଚଳ ବନ୍ଦ ରହିଛି।



"ଯାହାର ଆଖି ନଷ୍ଟ ହୋଇଯାଇଛି, ସେ ଅନ୍ଧ ନୁହେଁ,
ଯେ ନିଜର ଦୋଷ ଘୋଡ଼ାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ



## ସଂକ୍ଷେପରେ

### ବିରୋଧୀଦଳ ନେତାଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ, ସମ୍ବର୍ଦ୍ଧନା

ଭବାନୀପାଟଣା/କେସିଙ୍ଗା,୧୪।୮ (ଡି.ଏନ.ଏ.): ଭବାନୀପାଟଣା ଭାଜପା ବିଧାୟକ ପ୍ରଦୀପ୍ତ କୁମାର ନାଏକ ବିରୋଧି ଦଳର ନେତା ହେବା ପରେ ପ୍ରଥମ କରି କଳାହାଣ୍ଡି ଗସ୍ତ କରିଛନ୍ତି । ଏହି ସମୟରେ କେସିଙ୍ଗା ବ୍ଲକ ଅମାଠରୁ ଆରମ୍ଭ କରି ଭବାନୀପାଟଣା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଭାଜପା କର୍ମୀ ଓ ନେତାଙ୍କ ସମେତ ଜନସାଧାରଣ ତରଫରୁ ବିପୁଳ ଭାବରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କେସିଙ୍ଗାର ଅଗ୍ରସେନ ଭବନରେ କେସିଙ୍ଗା ଭାଜପା ନଗର କମିଟି ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଲୋଇସିଙ୍ଗା ବିଧାୟକ ମୁକେଶ ମହାଲିଙ୍ଗ, ଉମରକୋଟ ବିଧାୟକ ନିତିନ ଗଙ୍ଗା, କଳାହାଣ୍ଡି ଜିଲାର ପୂର୍ବତନ ଏମ୍ପି ସୁବାସ ନାଏକ, ରାଜ୍ୟ ଏକଜ୍ୟୁକେଟିଭ ସଦସ୍ୟ ଆର୍ତ୍ତ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଭାରତୀୟ ଜନତା ପାର୍ଟି କେସିଙ୍ଗା ନଗର ସଭାପତି ସତ୍ୟବ୍ରତ ଦାଶଙ୍କ ନେତୃତ୍ୱରେ ବିରୋଧି ଦଳ ନେତାଙ୍କୁ ପୁଷ୍ପମାଲା ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ । ପରେ ନାଏକ ଭବାନୀପାଟଣା ପହଞ୍ଚିବା ପରେ ସହର ବିଭିନ୍ନ ସ୍ଥାନରେ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହିତ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ପହଞ୍ଚିଥିଲେ। ସେଠାରେ ନାଏକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ନମିତା ରାଣୀ ସାହୁ, ଉପାଧକ୍ଷ ଭବସିନ୍ଧୁ ମଙ୍ଗରାଜ, ସାଧାରଣ ସମ୍ପାଦକ ଯୁଗଳ ପୋଦ୍ଦ, ବରିଷ୍ଠ ନେତା ଭବେନ୍ଦ୍ର ପଣ୍ଡା, ଦେବେନ୍ଦ୍ର ମହାନ୍ତି, ଆର୍ତ୍ତତ୍ରାଣ ମହାପାତ୍ର, ବଦ୍ରୀନାରାୟଣ ପଟ୍ଟନାୟକ, ଅନିରୁଦ୍ଧ ପ୍ରଧାନ, ଭବାନୀପାଟଣା ବ୍ଲକ ଅଧକ୍ଷା ସନ୍ତୋଷିନୀ ଦାସ, ରୁପେଶ ଜୈନ, ମୁକେଶ ଅଗ୍ରୱାଲ, ନରହରୀ ପଟ୍ଟନାୟକ, ସାଜୁ ବାଲନ, ରମେଶ ମାଝି, ପୁଷ୍ପା ତାଣ୍ଡି, ଶୋଭାଗିନୀ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

ଲଘୁଚାପ ବରଷାରେ ଘର ଭାଂଗଲା

# ଆବାସ ଯୋଜନାରେ ସାମିଲ କରବାକେ ଦାବି

ଲାଠୋର, ୧୪।୮ (ଡି.ଏନ୍.ଏ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୋଠୋର ପଁଚେତ୍ ସଦର ଗାଁର କର୍ତ୍ତିଆପଡ଼ାର ମଧୁ ବାଗକଁର ଘର ଲଘୁଚାପ ବରଷାରେ ଭାଂଗି ଯାଇଛେ। ଆଗ୍‌କେ ବରଷା ହେଲେ ଘରଟା ମାଟିରେ ମିଶିଯିବାର ଭଏ ରହିଛେ। ଏନ୍‌ତାଥି ପରିବାରଟା କେନ୍‌ଠାନେ ମୁଡ ଗୁଁଜ୍‌ବେ ସେ ଚିନ୍‌ତାରେ ଘାରି ହେଉଛନ୍।

ସୂଚନା ଅନ୍‌ସାରେ କର୍ତ୍ତିଆପଡ଼ାର ମଧୁ ବାଗକଁର ପରିବାର କହେଲେ ଦିବ୍ୟାଙ୍ଗ ମାଏକିନା କରମସନି ବାଗ ଆର ଝିଁ' ଗାୟତ୍ରୀକେ ନେଇ ତାକର ସଁସାର। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଜମିବାଡ଼ି ବଲି କିଛି ନାଇଁ। ମଧୁ ଫିଦିନ୍ ଦୁଇ କେ.ଜି. ଚନା ସିଝେଇ ସେଟାକେ ବିକୁଛନ୍, ସେଥିରେ ଯାହା କମାନି ହେଉଛେ ତାକର ପରିବାର ଚଲୁଛେ। ସରକାରୀ ହିସାବେ ମାସିକ ପାଉଥିବାର ୧୦ କେ.ଜି. ଚାଉଲକେ ଛାଡ଼ିଦେଲେ ବାକି କେହେନ୍‌ସି ସୁବିଧା ନାଇଁ ପାଏବାର। ଏନ୍‌ତାଥି ପରିବାରଟା ଦୁଖ୍‌ସୁଖ କରି ଗୁଟେ ମାଟି ଖପର ଘରେ ପଲିଥିନ୍ ଢାପି ରହୁଛନ୍। ହେଲେ ଲଘୁଚାପ ପରଭାବରେ ଗଲା ୩ ଦିନ୍ ଧରି ହେଇଥିବାର ବରଷାରେ ତାକର ଘରର କେତେ କାଁଥି ମାଡ଼ି ବସିଛେ। ଆଗ୍‌କେ ଯଦି ବରଷା ପାଏନ୍ ଲାଗି ରହିବା କେତେବେଲେ ବି ଘରଟା ମାଟିରେ ମିଶି ଯିବା ବଲି ପରିବାର ଲୋକ୍ କହିଛନ୍। ଏନ୍‌ତାଥି କୁଟୁମବସିଆ କେନ୍‌ଠାନେ ଆଶ୍‌ରେ ନେବେ ସେ ଚିନ୍‌ତାରେ ହରମେଶା ଘାରି ହେଉଛନ୍। ଇଆଡ଼େ ମଧୁକଁର ମାଏକିନା କରମସନି ଝନେ ଦିବ୍ୟାଙ୍ଗ ହେଇଥିଲେ ବି ଆଏଜ୍‌ତକ ଭିନ୍ନକ୍ଷମ ପରମାନପତର ନାଇଁ ପାଇପାରି। ସେନ୍‌ତା ସେ ଭିନ୍ନକ୍ଷମ ଭତାରୁ ବି ବଁଚିତ୍ ହେଇ ରହିଛନ୍। ବନେ ବଛର କେତେ ଆଗରୁ କରମସନିକୁଁ ଜର ହେଇଥିଲା। ସେଦିନ୍‌ଠାନୁ ତାକର ଡେବ୍‌ରି ଗୋଡ଼ ଅଚଲ ହେଇଯାଇଛେ। ଚିକିଛା କରବାକେ ବି ମଧୁ ସକ୍ଷମ ନୁହଁନ୍। ଗୁଲ୍‌ଗୁଲା ହେଇ ଜୀବନ୍ ବିତଉଥିବାର ଇ ଗରିବ୍ ପରିବାରକେ ଆବାସ ଯୋଜନାରେ ଘରଖଁଡ଼େ ସଂଗେ ଉନିଆ ସରକାରୀ ସାହାଯ୍ ଯୁଗେଇ ଦେବାକେ ପରିବାର ଲୋକ୍ ଦାବି କରିଛନ୍।



ଝିଁ'ର ସଂଗେ ନିଜର ଭଂଗା ଘର ଆଘେ କରମସନି।

# ବିଶ୍ୱ ଆଦିବାସୀ ଦିବସ ପାଳିତ

ଭବାନୀପାଟଣା,୧୪।୮(ଡି.ଏନ.ଏ.)

ଭବାନୀପାଟଣା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ନୃତତ୍ତ୍ୱ ବିଭାଗ ଦ୍ୱାରା ବିଶ୍ୱ ଆଦିବାସୀ ଦିବସ ସ୍ଥାନୀୟ ବଚପନ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏସପି ବାତୁଲା ଗଙ୍ଗାଧର, ମୁଖ୍ୟବକ୍ତା ଶିକ୍ଷାବିତ୍ ତଥା ନାଟ୍ୟକାର ଡଃ ପରମେଶ୍ୱର ମୁଣ୍ଡ ଏବଂ ପୃଥ୍ୱିରାଜ ସିଂଦେଓ ଓ ମୁକୁନ୍ଦ ରେଡି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ନୃତତ୍ତ୍ୱ ବିଭାଗର ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ ନମ୍ରତା ଅଚର୍ଯା ଏବଂ ଦ୍ୱିତୀୟ ବର୍ଷ ଛାତ୍ର ବିନାୟକ ଗଡତୀୟା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ନୃତତ୍ତ୍ୱ ବିଜ୍ଞାନ ମୁଖ୍ୟ ଅଧାପିକା ତଥା ଏହି କାର୍ଯ୍ୟକ୍ରମର ପରିଚାଳିକା ଡ. ସିଲି ରାଉତ ଏହାର ଅଭିମୁଖ୍ୟ ଏବଂ ମହତ୍ତ୍ୱ ବିଷୟରେ ଅବଗତ କରାଇଥିବା ବେଳେ ମହାବିଦ୍ୟାଳୟ ଅଧକ୍ଷକ ପି ସି ଦଲେଇଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଆଦିବାସୀ ପରମ୍ପରା ଓ ଭାଷା କିପରି ଅଧିକ ପ୍ରଚାର ଓ ପ୍ରସାର ହେଇପାରିବ ସେ ନେଇ ବ୍ୟକ୍ତ କରିଥିଲେ। ପରେ ବିଭାଗର ମୁଖ୍ୟ ଏହାକୁ ଦୃଷ୍ଟିରେ ରଖି ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି କଳା ସଂସ୍କୃତି ସଂସ୍ଥା ଏବଂ ନୃତ୍ୟତତ୍ତ୍ୱ ବିଭାଗ ତରଫରୁ ଏକ ଚିତ୍ରକଳାର ପ୍ରତିଯୋଗିତା କରାଯାଇଥିଲା ଏବଂ ସମସ୍ତ ପ୍ରତିଯୋଗିମାନଙ୍କୁ ବିଭାଗ ତରଫରୁ ପୁରସ୍କୃତ କରାଯାଇଥିଲା । ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ର ପ୍ରବୀଣ କୁମାର ଧନ୍ୟବାଦ ଦେଇଥିଲେ। ସଙ୍ଗମ ଡ୍ୟାନ୍ସ ଏକାଡେମୀର ଅଦିବାସୀ ନୃତ୍ୟ ପରିବେଷଣ କରିଥିଲେ।

# ରେଳଷ୍ଟେଶନରେ ମହିଳାଙ୍କଠାରୁ ଲୁଟ ଘଟଣା, ୨ ଗିରଫ

ଟିଟିଲାଗଡ଼,୧୪।୮(ଡି.ଏନ.ଏ.)

ଟିଟିଲାଗଡ଼ ରେଲ ଷ୍ଟେଶନ ପରିସରରେ ଜଣେ ମହିଳା କର୍ମଚାରୀଙ୍କଠାରୁ ଲୁଟ ଘଟଣାରେ ଜିଆର୍‌ପି ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଟିଟିଲାଗଡ଼ ଥାନା ଅଧୀନ ଖଜୁରପଡ଼ାର ବବଲୁ ବାରିକ ଏବଂ ସରୋଜ କଟା।

ପୋଲିସ ସୂଚନା ମୁତାବକ, ରେଳଷ୍ଟେଶନରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ଡ୍ୟୁଟି ସାରି ସରକାରୀ କ୍ୱାଟର୍ସକୁ ଫେରୁଥିଲେ। ହେଲେ ଷ୍ଟେଶନ ପରିସରରେ ୨ଜଣ ଯୁବକ ତାଙ୍କୁ ଧକ୍କା ମାରିଥିଲେ। ଫଳରେ ସେ ତଳେ ପଡିଯାଇଥିଲେ। ଏହାର ସୁଯୋଗ ନେଇ ଯୁବକ ଦ୍ୱୟ ତାଙ୍କଠାରୁ ପର୍ସ ଛଡାଇ ଫେରାର ହୋଇଯାଇଥିଲେ। ପର୍ସରେ ମୋବାଇଲ ଫୋନ ସହ ୨ ହଜାର ଟଙ୍କା ଥିଲା। ଏନେଇ ମହିଳା କର୍ମଚାରୀ ଜଣକ ଜିଆର୍‌ପି ଥାନାରେ ଏକ ଅଭିଯୋଗ କରିଥିଲେ। ଜିଆର୍‌ପି ପୋଲିସ ଏକ ମାମଲା(ନଂ.୪୮/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଜିଆର୍‌ପି ପୋଲିସ ତଦନ୍ତ ପରେ ଘଟଣାରେ ସମ୍ପୃକ୍ତ ବବଲୁ ଏବଂ ସରୋଜଙ୍କୁ ଧରିବାରେ ସଫଳ ହୋଇଥିଲା। ପୋଲିସ ଗିରଫ ଯୁବକ ଦ୍ୱୟଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଅବନୀ ସାହୁ ସୂଚନା ଦେଇଛନ୍ତି।

**କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ., କେନ୍ଦ୍ରାପଡ଼ା**

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟ ପରିସର ଅବିଭକ୍ତ କଟକ ଜିଲ୍ଲା ଯଥା–କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ।
- ସଞ୍ଚୟ ଜମା (Saving Collection Account) ରେ ବାର୍ଷିକ ୪.୦୦% ସୁଧ Daily Balance ଉପରେ ଦିଆଯାଏ।
- ସ୍ଥାୟୀ ଜମା (Fixed Deposit)ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାର୍ଷିକ ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୂର୍ଦ୍ଧ୍ୱ ପାଇଁ ୯.୦୦% ସୁଧ ଦିଆଯାଏ।
- ବିଜୁ ପଟ୍ଟନାୟକ ବିକାଶପତ୍ର @୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧିନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (Senior Citizen)ଙ୍କ ଜମା ଉପରେ ୦.୫% ଅଧିକ ସୁଧ ଦିଆଯାଏ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ ବିଭାଗ ଅଫିସ ସନ୍ନିକଟ କଜଳା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହନିର୍ମାଣ କାର୍ଯ୍ୟଆରମ୍ଭ।
- ଗ୍ରାହକମାନଙ୍କ ପାଇଁ ସମିତିରେ ଟଙ୍କା ଦେଣନେଣ କାରବାର ସମ୍ପୂର୍ଣ୍ଣ କରମୁକ୍ତ।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାନମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତସିଂହପୁର, ଯାଜପୁର ଟାଉନ୍, ରାହାମା, ଚୌଦ୍ୱାର, ଜଗତପୁର ଓ ବାଲିଚନ୍ଦ୍ରପୁରଠାରେ ଶାଖା ସୂଚାରୁରୂପେ କାର୍ଯ୍ୟ କରୁଅଛି।

ପ୍ରହ୍ଲାଦ ସାହୁ, ସମ୍ପାଦକ, ମୋ.- ୯୪୩୯୪୩୭୫୦୬
ପ୍ରମୋଦ ସାହୁ, ସଭାପତି, ମୋ.- ୯୪୩୭୧୮୩୧୯୯

**ପୂର୍ବ ତଟ ରେଳପଥ**
**ସାର୍ବଜନିକ ନିଲାମ ବିକ୍ରି ବିଜ୍ଞପ୍ତି**

ସଂ. C/SBP/Public Auction/Cement/BRGA/8/19 ତା.02.08.2019

ଏତଦ୍ୱାରା ରେଳବାଇ ଅଧିନିୟମ 1989 ର ଧାରା 83 ଏବଂ 84 ଅନୁଯାୟୀ ସୂଚିତ କରାଯାଉଅଛି କି, ବରଗଡ଼ ରୋଡ଼ ରେଳ ଷ୍ଟେସନ ଠାରେ ବର୍ତ୍ତମାନ ରେଳବାଇ ତତ୍ତ୍ୱାବଧାନରେ ପଡ଼ିଥିବା 309 ଗୋଟି ସିମେଣ୍ଟ ବ୍ୟାଗ୍‌ର ନିଲାମ ନିୟମ ଅନୁଯାୟୀ ନିମ୍ନଲିଖିତ ସ୍ଥାନ ଓ ସମୟରେ ପ୍ରକାଶ୍ୟ-ସହ-ଜଉମୁଦା ବିଡ୍ ପ୍ରଣାଳୀ ମାଧ୍ୟମରେ ସାର୍ବଜନିକ ନିଲାମ ଦ୍ୱାରା ନିକାଶ କରାଯିବ ।

**କନ୍ସାଇନ୍‌ମେଣ୍ଟର ବିବରଣୀ :** ବରଗଡ଼ ରୋଡ଼ ରେଳ ଷ୍ଟେସନ ଠାରେ ପଡ଼ିଥିବା 309 ଗୋଟି ସଲିଡ୍ ବ୍ରାଣ୍ଡ (Solid Brand) ସିମେଣ୍ଟ ବ୍ୟାଗ୍‌ଗୁଡ଼ିକର କନ୍ସାଇନ୍‌ମେଣ୍ଟ ।

**ନିଲାମ ସ୍ଥାନ :** ବରଗଡ଼ ରୋଡ଼ ରେଳ ଷ୍ଟେସନ ସ୍ଥିତ ଷ୍ଟେସନ ମ୍ୟାନେଜରଙ୍କ କାର୍ଯ୍ୟାଳୟ ।

**ସମୟ ସହିତ ନିଲାମ ତାରିଖ :** ତା.20.08.2019ରିଖ 1100 ଘଟିକାରେ ।

ଇଚ୍ଛୁକ ବିଡ଼ରମାନଙ୍କୁ ଉପର ବର୍ଣ୍ଣିତ ଅନୁଯାୟୀ କନ୍ସାଇନ୍‌ମେଣ୍ଟର ଆବଶ୍ୟକୀୟ ଯାଞ୍ଚ ନିମନ୍ତେ ଦିନ ବେଳେ ଉକ୍ତ ସ୍ଥାନ ତଦାରଖ କରିପାରିବେ । କୌଣସି କାରଣ ନ ଦର୍ଶାଇ ନିଲାମକୁ ବାତିଲ୍ କରିବା କିମ୍ବା କୌଣସି କିମ୍ବା ସମସ୍ତ କନ୍ସାଇନ୍‌ମେଣ୍ଟକୁ ପ୍ରତ୍ୟାହାର କରି ନେବାର ଅଧିକାର ରେଳୱେ ନିକଟରେ ସୁରକ୍ଷିତ ଅଟେ । ନିଲାମ ସମ୍ବନ୍ଧୀୟ ସବିଶେଷ ବିବରଣୀ ବରଗଡ଼ ରୋଡ଼ ରେଳ ଷ୍ଟେସନ ଠାରେ ଉପଲବ୍ଧ ହେବ ।

PR-291/K/19-20 — ସହାୟକ ବାଣିଜ୍ୟ ପ୍ରବନ୍ଧକ-II, ସମ୍ବଲପୁର

# କଳାହାଣ୍ଡି ତାଲୁକା ବାଣାୟତ ଓଡ଼ିଆ ସମାଜ ଗଠନ

ଭବାନୀପାଟଣା,୧୪।୮(ଡି.ଏନ.ଏ.)

ଓଡ଼ିଶା ବାଣାୟତ ଓଡ଼ିଆ ସମାଜ ଅନୁମୋଦନକ୍ରମେ କଳାହାଣ୍ଡି ଜିଲାରେ କିଛି ଦିନ ତଳେ ଗଠନ କରାଯାଇଥିବା କଳାହାଣ୍ଡି ଜିଲା ତାଲୁକାସ୍ତରୀୟ ବାଣାୟତ ଓଡ଼ିଆ ସମାଜ ପ୍ରଥମ ବାର୍ଷିକ ଜିଲାସ୍ତରୀୟ ସମ୍ମିଳନୀ ସ୍ଥାନୀୟ ଅଗ୍ରସେନ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ଝଡିଆ ସ୍ୱାଇଁ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ରମେଶ ଜେନା ସଙ୍ଗଠନ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ବଣାୟତ ଓଡିଆ ସମାଜର ସଭାପତି ଗନ୍ଧର୍ବ ପ୍ରଧାନ ଓ କେବିକେ ଜିଲା ସଭାପତି ରଜନୀ ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକରୁ ବଣାୟତ ଓଡିଆ ସମାଜର ବହୁ ସଂଖ୍ୟାର ପୁରୁଷ ମହିଳାମାନେ ଯୋଗଦେଇ ବଣାୟତ ଓଡିଆ ସମାଜର ବିଭିନ୍ନ ସମସ୍ୟା ଓ ପୁଅ ଝିଅମାନଙ୍କ ବିବାହ ଆଦି ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଉପସଭାପତି ସନାତନ ସ୍ୱାଇଁ, ସହ ସମ୍ପାଦକ ନନ୍ଦ କିଶୋର ସ୍ୱାଇଁ ଏବଂ କୋଷାଧ୍ୟକ କାଲୁ ଚରଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ଦେଇଥିଲେ ।

# ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ବିରୋଧୀ ଦଳ ନେତା




ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ନେତା ସୂଚନା ଦେଉଛନ୍ତି।

ଭବାନୀପାଟଣା, ୧୪।୮ (ଡି.ଏନ.ଏ.)

ବିରୋଧିଦଳ ନେତା ଭାବେ ଦାୟିତ୍ୱ ନେବା ପରେ ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାଏକ କଳାହାଣ୍ଡି ଗସ୍ତରେ ଆସିଛନ୍ତି । ଏହି ଅବସରରେ ସେ ସ୍ଥାନୀୟ ସର୍କିଟ ହାଉସଠାରେ ଏକ ଖବରଦାତା ସମ୍ମିଳନୀରେ ଗତ ବିଧାନସଭାରେ ସରକାରଙ୍କ ଦୋଷ ଦୁର୍ବଳତା ସମ୍ପର୍କରେ ଉଠାଇଥିବା କେତେଗୁଡିଏ ପ୍ରଶ୍ନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିରୋଧିଦଳ ନେତା ନାଏକ ରାଜ୍ୟର ବିଜେଡି ସରକାର ବିଭିନ୍ନ ଯୋଜନା ନାମରେ ଜନସାଧାରଣଙ୍କୁ ଭୁଆଁ ବୁଲାଇ ଭୋଟ ହାତେଇବା ପରେ ଯୋଜନାଗୁଡିକର କାର୍ଯ୍ୟକାରୀ କରୁ ନ ଥିବା ଅଭିଯୋଗ କରିଥିଲେ। ଗତ ନିର୍ବାଚନ ପୂର୍ବରୁ ଚିଟଫଣ୍ଡ ଦୁର୍ନୀତିରେ ସରକାର ବଦନାମ ହୋଇ ଚିଟ୍‌ଫଣ୍ଡ ଦୁର୍ନୀତିରେ ଲିପ୍ତ ସଙ୍ଗଠନ ମାନଙ୍କ ସମ୍ପତ୍ତି ବ୍ୟାଜ୍ୟାପ୍ତ କରାଯାଇ ଲୋକଙ୍କ ଟଙ୍କା ଫେରସ୍ତ କରିବାକୁ ପ୍ରତିଶ୍ରୁତି ଦେଇ ଏଯାଏଁ ତାହା ପୂରଣ କରିନାହାନ୍ତି। ସେହିଭଳି କାଳିଆ ଯୋଜନା ନାମରେ ୫୭ ହଜାର ଚାଷୀ ପରିବାରଙ୍କୁ ସମ୍ପୃକ୍ତ କରାଯାଇ ୪୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା କହୁଥିବା ବେଳେ ଆଜିଯାଏଁ କେନ୍ଦ୍ର ସରକାର ମାଗିଥିବା ଚାଷୀ ତାଲିକା ପ୍ରଦାନ କରିନାହାନ୍ତି। ଉକ୍ତ ତାଲିକା ସର୍ବସାଧାରଣ ଅବଗତ ନିମନ୍ତେ ତୁରନ୍ତ ପ୍ରକାଶ କରିବା ସକାଶେ ବିରୋଧି ଦଳର ନେତା ଦାବି କରିଛନ୍ତି। ବିଜେଡି ଶାସନ ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ପିଇବା ପାଣି, ବେକାରୀ ସମସ୍ୟା, ଜଗନ୍ନାଥ ମହାପ୍ରଭୁଙ୍କ ରତ୍ନ ଭଣ୍ଡାର ଚାବି ହଜିବା ଘଟଣା ଭଳି ଅନେକ ଘଟଣା ଘଟିଯାଇଥିଲେ ହେଁ ସରକାର ଠିକ ଭାବରେ ଶାସନ ଭାର ପରିଚାଳନା କରୁନାହାନ୍ତି କିମ୍ବା ଦୋଷିମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଦିନକୁ ଦିନ ଦୁର୍ନୀତି ଚରମ ସିମାରେ ପହଞ୍ଚିଛି। କଳାହାଣ୍ଡି ଜିଲାରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ମେଡିକାଲ କଲେଜ, ୟୁନିଭରସିଟି ଦିବାସ୍ୱପ୍ନ ଭଳି ଲାଗୁଛି। ଧାନକିଣା ଦୁର୍ନୀତି, ଇନ୍ଦ୍ରାବତୀ ଦକ୍ଷିଣ କେନାଲ କାମର ଦୁର୍ନୀତି, ଭବାନୀପାଟଣା ବାଇପାସ ରାସ୍ତା, ରେଳୱେ ଓଭରବ୍ରିଜ ସକାଶେ ଜମି ଅଧିଗ୍ରହଣ, ରେଳଡବା କାରଖାନା ସକାଶେ ଜମି ଅଧିଗ୍ରହଣ ଆଦି କାର୍ଯ୍ୟରେ ରାଜ୍ୟ ସରକାର ଅବହେଳା ପ୍ରଦର୍ଶନ କରୁଥିବାରୁ କଳାହାଣ୍ଡିର ବିକାଶ ହୋଇପାରୁନାହିଁ ବୋଲି ବିରୋଧିଦଳ ନେତା ନାଏକ ଅଭିଯୋଗ କରିଥିଲେ। ସରକାର ଏସବୁ କାର୍ଯ୍ୟ ପ୍ରତି ଅବହେଳା କରୁଥିବାରୁ ଆଗାମୀ ଦିନ ବିରୋଧିଦଳ ଭାବରେ ସରକାରଙ୍କୁ ସବୁଦିଗରୁ ଘେରାଯିବ ବୋଲି ସେ ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀରେ ଭାନୁପ୍ରକାଶ ରଥ, ବରିଷ୍ଠ ଭାଜପା ନେତା ଦେବେନ୍ଦ୍ର ମହାନ୍ତି, ଭାବସିନ୍ଧୁ ମଙ୍ଗରାଜ, ସରିତା ସିନ୍ଧୁ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ କହିଛନ୍ତି ଯେ, ରାଜ୍ୟବାସୀ ଜାଣିଛନ୍ତି ବିଜେଡି ସରକାରଙ୍କ କାର୍ଯ୍ୟକଳାପ। ଏଥିପାଇଁ ଲୋକେ ଲଗାତର ଭୋଟଦେଇ ବିଜୟୀ କରୁଛନ୍ତି। ବିରୋଧୀ ଦଳ ଯାହା ଅଭିଯୋଗ କରୁଛି ସେଥିରେ କିଛି ନୂତନତ୍ୱ ନାହିଁ।

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2019-11, ତା: 06.08.2019

**କାର୍ଯ୍ୟର ନାମ :** 03 (ତିନି) ବର୍ଷ ଅବଧି ନିମନ୍ତେ ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ସମ୍ବଲପୁରଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ନିମନ୍ତେ ଚୁକ୍ତି ଭିତ୍ତିରେ ଗୋଟିଏ ସଡ଼କ ଗାଡ଼ି ଭଡ଼ା ସୂତ୍ରରେ ନେବା ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** ₹ 13,58,089/-, EMD (ଟଙ୍କାରେ) : ₹ 27,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 2,360/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.08.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନା/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ/ ସମ୍ବଲପୁର
PR-288/K/19-20

**ପୂର୍ବ ତଟ ରେଳପଥ**
**ବୈଦ୍ୟୁତିକ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. BBS-EL-C-T-316E, ତା: 07.08.2019

**କାର୍ଯ୍ୟର ନାମ :** "ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଲେଭେଲ କ୍ରସିଙ୍ଗ୍ ନଂ.JT-1, JT-2, JT-25, JT-26 ଏବଂ JT-60 ପରିବର୍ତ୍ତେ ରୋଡ଼ ଓଭର ବ୍ରିଜ୍ (ROB)ର ପ୍ରଚଳନ ସମ୍ବନ୍ଧୀୟ ରୂପାନ୍ତରଣ କାର୍ଯ୍ୟ ସହିତ 25KV OHE ର ଡିଜାଇନ୍, ଯୋଗାଣ, ଉତ୍ଥାପନ (Erection), ପରୀକ୍ଷଣ ଏବଂ ସମ୍ପାଦନ (Commissioning) ।"

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** ₹ 77.77 ଲକ୍ଷ, EMD (ଟଙ୍କାରେ) : ₹ 1,55,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 06(ଛଅ)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.08.2019ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନା/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ ଭୁବନେଶ୍ୱର
PR-36/CC/19-20

No.: 39-L

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

**କାଳିଆ**
**ଗ୍ରାମ ପଞ୍ଚାୟତ ସ୍ତରରେ**
**କାଳିଆ ହିତାଧିକାରୀ ତାଲିକା ଯାଞ୍ଚ ପ୍ରକ୍ରିୟା**
**୨୭ ଅଗଷ୍ଟ, ୨୦୧୯ ପର୍ଯ୍ୟନ୍ତ ବଳବତ୍ତର ରହିବ**

- କାଳିଆ ଯୋଜନାରେ ସହାୟତା ରାଶି ପାଇଥିବା କିମ୍ବା ଦରଖାସ୍ତ କରି ଚୟନ ହୋଇନଥିବା ସମସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକ ହିତାଧିକାରୀଙ୍କ ତାଲିକା ପ୍ରତି ପଞ୍ଚାୟତର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟରେ ୨୭ ଅଗଷ୍ଟ ୨୦୧୯ ପର୍ଯ୍ୟନ୍ତ ପଞ୍ଚାୟତ ସ୍ତରୀୟ କମିଟି ଦ୍ୱାରା ଯାଞ୍ଚ କାର୍ଯ୍ୟ ଚାଲୁରହିବ ।
- ଏହି ଯାଞ୍ଚରେ କାଳିଆ ସହାୟତା ପାଇଥିବା ତାଲିକାରୁ କାଳିଆ ମାନଦଣ୍ଡ ବ୍ୟବହାର କରି ଯୋଗ୍ୟ ଅଯୋଗ୍ୟ ହିତାଧିକାରୀ ଚୟନ ଓ ବାଦ୍ ଦିଆଯିବ ।
- କମ୍ ହିତାଧିକାରୀ ଥିବା ନିର୍ଦ୍ଦିଷ୍ଟ ପଞ୍ଚାୟତରେ କାଳିଆ ଦରଖାସ୍ତ ଫର୍ମ ଗ୍ରହଣ ଓ ଅନ୍ୟ ସମସ୍ତ ପଞ୍ଚାୟତରେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବାର ବ୍ୟବସ୍ଥା ଏହି ସମୟ ମଧ୍ୟରେ ଚାଲୁ ରହିବ ।

ଏ ସମ୍ବନ୍ଧୀୟ କୌଣସି ପ୍ରକାର ପ୍ରଶ୍ନର ଉତ୍ତର ପାଇବା ପାଇଁ ଚାଷୀଭାଇମାନେ ନିମ୍ନୋକ୍ତ ସଂଯୋଗ ହେଲ୍ପ ଲାଇନ୍ ଟୋଲ୍ ଫ୍ରି ନମ୍ବର ବ୍ୟବହାର କରନ୍ତୁ ।

ଜୀବିକା ଓ ଆୟ ବୃଦ୍ଧି ନିମିତ୍ତ କୃଷକଙ୍କୁ ସହାୟତା | କୃଷକ ସଶକ୍ତିକରଣ ଦିଗରେ ଏକ ଅଭିନବ ପଦକ୍ଷେପ

www.kalia.co.in

କାଳିଆ ହେଲ୍ପ ଲାଇନ୍

୧୮୦୦ ୩୪୫୬ ୭୭୦ / ୧୫୫୩୩୫ (ସମୟ ସକାଳ ୬ ଘଣ୍ଟାରୁ ରାତ୍ର ୧୦ ଘଣ୍ଟା ପର୍ଯ୍ୟନ୍ତ)

01034/11/0012/1920

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୫ ଅଗଷ୍ଟ, ୨୦୧୯



ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ,
ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍



# କାର୍ଯ୍ୟାଦେଶ ମିଳିଛି, ଟଙ୍କା ମିଳୁନି

**ନୂଆପଡା ଅଫିସ,୧୪।୮**



ନିଜର ଭଙ୍ଗା ଘର ସମ୍ମୁଖରେ ପରିବାର ସହ ଅରକ୍ଷିତ ସୁନାନୀ ।

- ସ୍ଲାବ ପାଇଁ ଟଙ୍କା ନାହିଁ
- ଭଙ୍ଗା ଘର ଭରସା

ସରକାର କାହାରିକୁ ଖପର ଘରେ ରହିବାକୁ ଦେବେ ନାହିଁ ବୋଲି ହଜାର ହଜାର ସଂଖ୍ୟାରେ ପ୍ରଧାନମନ୍ତ୍ରୀ ଆବାସ ଘର ଯୋଗାଇଦେଉଛନ୍ତି । ହେଲେ ସେଗୁଡିକର ପରିଚାଳନା ବ୍ୟବସ୍ଥା ଢିଲା ପଡିଥିବା ଯୋଗୁ ଥିଲାବାଲା ଲୋକ ଶୀଘ୍ର ଏଥିରୁ ଫାଇଦା ନେଉଥିବାବେଳେ ଗରିବ ଲୋକଙ୍କୁ କେବଳ କାର୍ଯ୍ୟାଦେଶ ମିଳିଯାଉଛି, ବାକି ଟଙ୍କା ପ୍ରଦାନରେ ଜାଣିଶୁଣି ଅବହେଳା କରାଯାଉଛି । ଫଳରେ ଗରିବ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନୂଆପଡ଼ା ଜିଲା କୋମନା ବ୍ଲକ ପଲସିପାଣି ଗାଁର ଅରକ୍ଷିତ ସୁନାନୀ (୩୨) ନାମକ ଜଣେ ବ୍ୟକ୍ତିଙ୍କ କୁଡିଆର ଘର ଭାଙ୍ଗିଯିବା ପରେ ଅର୍ଦ୍ଧ ଭଗ୍ନ ଘରେ ରହୁଥିଲେ। ଏହାକୁ ଦେଖି ତାଙ୍କୁ ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ସକାଶେ ବ୍ଲକ ପ୍ରଶାସନ ତରଫରୁ କାର୍ଯ୍ୟାଦେଶ ଦିଆଯାଇଥିଲା । ଅରକ୍ଷିତଙ୍କୁ ପ୍ରଥମ କିସ୍ତିରେ ମାତ୍ର ୨୦ ହଜାର ଟଙ୍କା ପ୍ରଦାନ କରାଗଲା । ପରେ ସେ ନିଜ ଘରର ସମସ୍ତ ଆସବାବ ବିକ୍ରି କରି ଘର ନିର୍ମାଣରେ ଲାଗିଗଲେ । ହେଲେ ବାକି ଟଙ୍କା ମିଳିଲା ନାହିଁ । ବର୍ତ୍ତମାନ ସ୍ଲାବ ପର୍ଯ୍ୟନ୍ତ କାମ ଯାଇ ଅଟକି ଯାଇଛି । ସ୍ଲାବ ପାଇଁ ବାକି ୪୫ହ ଜାର ଟଙ୍କା ମିଳିବା କଥା । ହେଲେ ତାହା ଦିଆଯାଉନାହିଁ । ଟଙ୍କା ପାଇଁ ବାରମ୍ବାର ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନ ଥିବାରୁ ଭାଙ୍ଗି ପଡିଛନ୍ତି । ଘରେ ଏବେ ଖାଇବାକୁ କିଛି ନ ଥିବାବେଳେ ବାଧ୍ୟ ହୋଇ ଭଙ୍ଗା ଘରେ ସ୍ତ୍ରୀ ପତରଙ୍ଗୀ, ପୁଅ ନରେନ୍ଦ୍ର, ଝିଅ ରଶ୍ମିତା ରହୁଥିବା ଅରକ୍ଷିତ ପ୍ରକାଶ କରିଛନ୍ତି । ଏହା ଉପରେ ଜିଲା କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରିକାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି ।

## ମା'ମାନେ ସଶକ୍ତ ହେଲେ ଦେଶ ସଶକ୍ତ ହେବ

**ନୂଆପଡା ଅଫିସ,୧୪।୮**

ମାତୃଶକ୍ତି ମହାନ ଶକ୍ତି । ମା'ମାନେ ସଶକ୍ତ ହେଲେ ଦେଶ ଆଗକୁ ଯିବ ବୋଲି ମତପ୍ରକାଶ ପାଇଛି । ସ୍ଥାନୀୟ ସାରାବଙ୍ଗ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ପ୍ରଦାନ ସହ ଉଜ୍ଜ୍ୱଳା ଯୋଜନାରୁ ମହିଳାଙ୍କୁ ଗ୍ୟାସ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ବକ୍ତବ୍ୟରେ ଏହା କହିଥିଲେ। ବୁଧବାର ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଭରତଲାଲ ରାଉତ ସଭାପତିତ୍ୱ କରିଥିବାବେଳେ ଏମ୍‌ପି ପଣ୍ଡା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ବିଡିଓ ସୁନୀଲ କୁମାର କେର୍କେଟା, ସମିତି ସଭ୍ୟ ମନୁଲାଲ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତରେ ବିଭିନ୍ନ ଗାଁରୁ ଶତାଧିକ ମହିଳାପୁରୁଷମାନେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଲୋକଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ସରକାର ପଞ୍ଚାୟତଗୁଡିକର ଉନ୍ନତି ସକାଶେ ବିଭିନ୍ନ ଯୋଜନାରେ ସାମିଲ କରିଛନ୍ତି । ଏହି ଜରିଆରେ ଲୋକେ ଉଚିତ ଶାସନ ବ୍ୟବସ୍ଥା ପାଇପାରିବେ । ତେଣୁ କରି ନିଜର ଅଧିକାର ପ୍ରତି ସଜାଗ ହେବାକୁ ଅତିଥିମାନେ କହିଥିଲେ। ମା'ମାନଙ୍କ ବିକାଶ ସକାଶେ ମୁଖ୍ୟଅତିଥି ପଣ୍ଡା ଗୁରୁତ୍ୱାରୋପ କରିଥିଲେ। ମା'ମାନେ ଆଗେଇଲେ ଦେଶ ଆଗେଇବ ବୋଲି କହିଥିଲେ। ଏହି ଅବସରରେ ପଞ୍ଚାୟତର ମୋଟ ୬୫ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା । ଏଥିସହିତ ଉଜ୍ଜ୍ୱଳ ଯୋଜନାରେ ୧୫ଜଣ ମହିଳାଙ୍କୁ ମୁକ୍ତ ଗ୍ୟାସ ସଂଯୋଗ ସକାଶେ କିଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସରପଞ୍ଚ ଭରତଲାଲ ରାଉତ ପରିଚାଳନା କରିଥିବାବେଳେ ପଞ୍ଚାୟତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସଂକ୍ଷେପରେ

### ଘର ଭାଙ୍ଗିବା ଆଗରୁ ଥଇଥାନ

**ଖଡିଆଲ,୧୪।୮(ଡି.ଏନ.ଏ.)**- ଚଳିତ ଲଘୁଚାପ ଜନିତ ବର୍ଷାରେ ଅନେକ କ୍ଷୟକ୍ଷତି ହୋଇଛି। ଏଥିରେ କାହାର ଘରର କାନ୍ଥ ଭୁଶୁଡି ଥିବା ଏବଂ କାହାର ଘର ଭାଙ୍ଗି ଯାଇଥିବା ଦେଖିବାକୁ ମିଳୁଛି । ପ୍ରଶାସନ ଏହାର ମୁକାବିଲା କରିବାକୁ ଯାଇ ତତ୍ପରତା ଦେଖିବାକୁ ମିଳିଛି । ସୂଚନା ମୁତାବକ ଖଡିଆଲ ୱାର୍ଡ ନଂ. ୧ରେ ଜଣେ ଗରିବ ପରିବାରର ଘରକୁ ପାଣି ପଶି ଯିବାରୁ ତାଙ୍କ ଅବସ୍ଥା ଶୋଚନୀୟ ଅବସ୍ଥାରେ ରହିଛି । ତାଙ୍କ ନାମ ଖଜୁର ହଂସ । ପରିବାର କହିଲେ ସ୍ତ୍ରୀ ଚଚରା ହଂସ ଓ ଜଣେ ଝିଅ । ସ୍ତ୍ରୀଙ୍କ ଦେହ ଠିକ ନାହିଁ । ସେ ରୋଗାଗ୍ରସ୍ତ ଅବସ୍ଥାରେ ରହି ଆସୁଛି । ଖବର ଜାଣିବା ପରେ ଖଡିଆଲ ବ୍ଲକ ଅଧକ୍ଷ ବାଳକୃଷ୍ଣ ଶବର ଏବଂ ଖଡିଆଲ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ସାହୁ ୱାର୍ଡ ନଂ. ୧ରେ ରହୁଥିବା ଖଜୁର ହଂସ ଘର ପରିଦର୍ଶନ କରି ତାଙ୍କୁ ଥଇଥାନ ବ୍ୟବସ୍ଥା କରିଥିଲେ। ଦୁହେଁ ଅଧିକାରୀଙ୍କୁ ଖଡିଆଲ ଅଞ୍ଚଳରେ ପ୍ରଶଂସା ଏବଂ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି ।

### ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ

**ନୂଆପଡା ଅଫିସ/ବୋଡେନ,୧୪।୮**- ନୂଆପଡା ଜିଲା ବୋଡେନ ବ୍ଲକ ବିନୋପୁର ଏସଏଚଜି ଗ୍ରୁପ ହଲଠାରେ ବୁଧବାର ବୋଡେନ ମଣ୍ଡଳ ତରଫରୁ ସଦସ୍ୟତା ସଂଗ୍ରହ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ସଭାପତି ବସନ୍ତ ପଣ୍ଡା, ଅନ୍ୟତମ ସମ୍ମାନିତ ଅତିଥି ପୂର୍ବତନ ଖଡିଆଲ ବିଧାୟକ ହିତେଶ କୁମାର ବଗର୍ତ୍ତି, ଜିଲା ସଦସ୍ୟ ଅଭିଯାନ ପ୍ରଭାରି ହୋମ ସିଂ ମାଝି, ଜିଲା ସଭାପତି ଶିବ ପ୍ରସାଦ ମୁଣ୍ଡ ପ୍ରମୁଖ ଯୋଗଥିଲେ। ଭାଜପାର ଜିଲା ସମ୍ପାଦକ କିଶୋର ଚନ୍ଦ୍ର ନାଗ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ପରିଚୟ ପ୍ରଦାନ କରିଥିଲେ। ଆଗାମୀ ଦିନରେ ବହୁ ସଂଖ୍ୟାରେ ଭାଜପାରେ ନୂତନ ସଦସ୍ୟତା ତାଲିକା ଯୋଗ କରିବା ପାଇଁ ଏମ୍‌ପି କର୍ମକର୍ତ୍ତାଙ୍କୁ କହିଥିଲେ। ସ୍ଥାନୀୟ ପଡିଆରେ୨୦ଟି ଆମ୍ବ ଗଛ ରୋପଣ କରାଯାଇଥିଲା । ଏଥିରେ ସ୍ଥାନୀୟ କର୍ମକର୍ତ୍ତା ବେଦବ୍ୟାସ ନାଗ, ପର୍ଶୁରାମ ନିଆଲ, ଗୌରିଶଙ୍କର ନାଗ, ଦିବାନ ନିଆଲ, ନିଳାମ୍ବର ମେହେର, ଅନ୍ତରାମ ଚିନ୍ଦା ପ୍ରମୁଖ ସହଯୋଗ କରିଥିଲେ ।

### ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପରଲୋକ

**ଜୁନାଗଡ,୧୪।୮(ଡି.ଏନ.ଏ.)**- କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟିଗୁଡା ଗ୍ରାମର ଶାନ୍ତନୁ କୁମାର ପଣ୍ଡା(୫୮)ଙ୍କ ପରଲୋକ ହୋଇଯାଇଛି। ଗତ କିଛି ମାସ ହେବ ସେ ରକ୍ତକର୍କଟ ରୋଗରେ ପୀଡିତ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ସ୍ୱର୍ଗତ ପଣ୍ଡା ଗୋଲାମୁଣ୍ଡା ବ୍ଲକର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ) ଭାବେ କାର୍ଯ୍ୟରତ ଥିଲେ। ଶେଷଦର୍ଶନ ବେଳେ ଅଞ୍ଚଳର ଅନେକ ଲୋକ ସାମିଲ ହୋଇଥିଲେ। ୨ପୁଅ ସିତୁ ଓ ଜିତୁ ମୁଖାଗ୍ନି ଦେଇଥିଲେ।

## ଉତ୍ତମ ମାନର ସ୍ୱାସ୍ଥ୍ୟ ସେବା ଆବଶ୍ୟକ

- ଉତ୍କର୍ଷ କ୍ଲିନିକ ଶୁଭାରମ୍ଭ

**ନୂଆପଡା ଅଫିସ,୧୪।୮**

ନୂଆପଡା ଏକ ଉପାନ୍ତ ଜିଲା । ଏଠାରେ ସ୍ୱାସ୍ଥ୍ୟ ସମସ୍ୟା ସବୁବେଳେ ଲାଗି ରହିଥାଏ । ଏଥିପାଇଁ ଉଭୟ ବେସରକାରୀ ଏବଂ ସରକାରୀସ୍ତରରେ ଉତ୍ତମମାନ ସେବା ପ୍ରଦାନର ଆବଶ୍ୟକତା ରହିଛି । ଏଥିପାଇଁ ସମସ୍ତଙ୍କୁ ଆଗକୁ ଆସିବାକୁ ପଡିବ ବୋଲି କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ଉତ୍କର୍ଷ କ୍ଲିନିକ ନାମରେ ଏକ ବେସରକାରୀ କ୍ଲିନିକ ଉଦ୍‌ଘାଟନ କରିବା ଅବସରରେ ଏହା କହିଥିଲେ। କାର୍ଯ୍ୟକ୍ରମରେ ଡା. ପ୍ରଦୀପ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିବାବେଳେ ଏମ୍‌ପି ପଣ୍ଡା ମୁଖ୍ୟଅତିଥି, ସିଆରପିଏଫ କମାଣ୍ଡାଣ୍ଟ ରାଜେଶ ବସ୍, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ସହରର ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଏଣି କି ଗୋଟିଏ ଛାତତଳେ ଉଭୟ ଔଷଧ ଦୋକାନ ସହ ବିଶେଷଜ୍ଞ ଡାକ୍ତରଙ୍କ ସେବା ମିଳିପାରିବ ବୋଲି ଡା. ପାଣିଗ୍ରାହୀ କହିଥିଲେ। କାର୍ଯ୍ୟକ୍ରମକୁ ପ୍ରେମ କୁମାର ସାହୁ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ଉଦ୍‌ବୋଧନ ଦେଉଛନ୍ତି ।

## ଯବାନଙ୍କ ଉଦ୍ଦେଶ୍ୟରେ ୧୫୦ ରାଖୀ ପଠାଇଲେ

**ଭବାନୀପାଟଣା,୧୪।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲର ୫୦ ଜଣରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସ୍କୁଲ ଅଧକ୍ଷ ଶିବରାମ ନାଏକଙ୍କ ସହଯୋଗରେ ନୂଆଦିଲ୍ଲୀସ୍ଥିତ ଭାରତୀୟ ଆର୍ମି ହେଡକ୍ୱାର୍ଟରକୁ ଡାକ ଯୋଗେ ୧୫୦ରୁ ଅଧିକ ରାଖୀ ପଠାଇଛନ୍ତି। ଯବାନମାନେ ଦେଶର ସୁରକ୍ଷା କବଚ। ସେମାନଙ୍କ ନିଷ୍ଠାପର ସେବା ଓ ଦେଶପ୍ରେମ ଯୋଗୁ ଦେଶ ସୁରକ୍ଷିତ ରହିଥାଏ। ଏହିବିଦ୍ୟାଳୟର ଅଧକ୍ଷ ଓ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ସମେତ ଛାତ୍ରୀଛାତ୍ରଙ୍କ ଏହି ମହତ କାର୍ଯ୍ୟ ନିଶ୍ଚିନ୍ତ ଭାବେ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ସୁତମ ନାଏକ ଏବଂ ଅନ୍ୟ ଅତିଥିମାନେ ମତପ୍ରକାଶ କରିଥିଲେ।

## ଗଙ୍ଗାଧର ମେହେର ଜୟନ୍ତୀ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗୀତା

**ଖଡିଆଲ,୧୪।୮(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଲ ରାଜ ଦରବାରଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉପଲକ୍ଷେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ମେହେରଙ୍କ ସ୍ୱରଚିତ ଗୀତ ଗାୟନ ପ୍ରତିଯୋଗୀତାରେ ପ୍ରଥମରୁ ତୃତୀୟ ଶ୍ରେଣୀ ପାଇଁ ଅଂଶୁମାନ ପାଣିଗ୍ରାହୀ ପ୍ରଥମ, ମୋହିତ ମୋହନ ମାଝି ଦ୍ୱିତୀୟ, ଆଦ୍ୟାଶା ସାହୁ ତୃତୀୟ ହୋଇଛନ୍ତି । ତୃତୀୟରୁ ସପ୍ତମ ଶ୍ରେଣୀ ପାଇଁ ସାଇନି ପାଣିଗ୍ରାହୀ ପ୍ରଥମ, ଶିଫା ବେଗମ୍ ଦ୍ୱିତୀୟ ଓ ଉଦୟନ ପଟ୍ଟନାୟକ ତୃତୀୟ ସ୍ଥାନ ପାଇଥିଲେ । ଅଷ୍ଟମରୁ ଦଶମ ଶ୍ରେଣୀ ପାଇଁ ବକ୍ତୃତା ପତ୍ରିଯୋଗୀତାରେ ସ୍ୱୟଂ ସରଗମ ବାରିକ ପ୍ରଥମ, ସାନିଆ ବାରିକ ଓ ଆରତୀ ପଣ୍ଡା ଯୁଗ୍ମ ଭାବେ ଦ୍ୱିତୀୟ ଏବଂ ରିୟା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି କୃତୀ ପ୍ରତିଯୋଗୀମାନଙ୍କୁ ଗଙ୍ଗାଧର ମେହେର ଜୟନ୍ତୀ ପାଳନ ଅବସରରେ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମକୁ ସମିତିର ସଙ୍ଗୀତ ସମ୍ପାଦକ ନନ୍ଦଲାଲ ବାରିକ ଅଧକ୍ଷତା କରିଥିବା ବେଳେ କବି ଗୌରାଙ୍ଗ କୁମାର ସାହୁ କାର୍ଯ୍ୟ ପରିଚାଳନା କରିଥିଲେ । ବିଚାରକ ଭାବେ ବିଶିଷ୍ଟ କବି ନୀଳଲୋହିତ ସିଂହଦେଓ କାର୍ଯ୍ୟ ତୁଲାଇଥିଲେ । କାର୍ଯ୍ୟକ୍ରମରେ ଶିକ୍ଷାବିତ ସତୀଶ କୁମାର ପଟ୍ଟନାୟକ, କବି ସନାତନ ମହାନ୍ତି, କବି ଶିରୀଶଙ୍କର ବାରିକ ଦାୟୀତ୍ୱ ନିର୍ବାହ କରିଥିଲେ । ଇରଫାନ ମହମ୍ମଦ, ଯୁବରାଜ ଦେବଦେବ ସିଂଦେଓ, ଆକାଶ କୁମାର ସାହୁ ସହଯୋଗ କରିଥିଲେ ।

## ମ.ରାମପୁର କଲେଜ ଅଧ୍ୟାପକ, କର୍ମଚାରୀଙ୍କ ଆନ୍ଦୋଳନ ସାମୟିକ ସ୍ଥଗିତ

**ମ.ରାମପୁର,୧୪।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ୪୦ ବର୍ଷ ପୁରୁଣା ମ.ରାମପୁର କଲେଜରେ ଗତ ୫ ମାସ ହେବ ପ୍ରାଧ୍ୟାପକ, ଅଧ୍ୟାପକ, କର୍ମଚାରୀ ଦରମା ପାଇପାରି ନାହାନ୍ତି । ଏଥିରେ ଅଧକ୍ଷ ପଦବୀରେ ପ୍ରତିଷ୍ଠିତଜନିତ ବିବାଦ ବାଧକ ସାଜିଛି । ଏଥି ଯୋଗୁ ୧୦ ତାରିଖରେ ୯୦ %ରୁ ଅଧିକ ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟବନ୍ଦ କରି କାର୍ଯ୍ୟାଳୟ ବାରଣ୍ଡାରେ ଆନ୍ଦୋଳନ ଆରମ୍ଭ କରିଛନ୍ତି। ୪ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବା ପାଇଁ ସ୍ଥାନୀୟ ନର୍ଲା ବିଧାୟକ ତଥା ମ.ରାମପୁର କଲେଜ ସଭାପତି ଭୁପିନ୍ଦର ସିଂହ ପ୍ରତିଶ୍ରୁତି ଦେବା ପରେ ୧୩ ତାରିଖ ପରଠାରୁ ଅଧ୍ୟାପକ ଓ କର୍ମଚାରୀମାନେ ଆନ୍ଦୋଳନକୁ ସାମୟିକ ସ୍ଥଗିତ ରଖିଛନ୍ତି ।

## ପାଗ ଶୁଖିଲା ପରେ ରାଖୀ ବେପାର ଜମିଲା

**ମ.ରାମପୁର,୧୪।୮ (ଡି.ଏନ.ଏ.)**

ଗତ ୩ ଦିନ ଧରି କଳାହାଣ୍ଡି ଜିଲା ମ.ରାମପୁର ଅଞ୍ଚଳରେ ବନ୍ୟା ପରିସ୍ଥିତି ଯୋଗୁ ରାଖୀ ଦୋକାନୀମାନେ ଚିନ୍ତାରେ ପଡିଯାଇଥିଲେ । ଗୁରୁବାର ରାଖୀ ପୂର୍ଣ୍ଣମୀର ଦିନକ ପୂର୍ବରୁ ବର୍ଷା ଛାଡି ଯାଇ ପାଗ ଶୁଖିବା ପରେ ନିରାଶ ବେପାରୀଙ୍କୁ ଖୁସି କରିଛି । ପାଗ ଶୁଖିବା ପରେ ଏବେ ରାଖୀ ଦୋକାନଗୁଡିକୁ ଭିଡ ଜମିଛି । ଗାଁ ଗହଳି, ସାହି ବସ୍ତିରୁ ଆସି ଲୋକେ ରାଖୀ ଓ ମିଠା ଦୋକାନରେ ଗହଳି କରିଛନ୍ତି । ମ.ରାମପୁର ସହର ସମେତ ଯୋରାଡୋବରା, ମଦନପୁର, ମୋହନଗିରି ଆଦି ସ୍ଥାନରେ ରାଖୀ କ୍ରେତାଙ୍କ ଭିଡ ପରିଲକ୍ଷିତ ହୋଇଛି । ମ.ରାମପୁରଠାରୁ ୧୫ରୁ ଅଧିକ ରାକ୍ଷୀ ଷ୍ଟଲଠାରେ କ୍ରେତା ରାକ୍ଷୀ କିଣୁଛନ୍ତି । ଶୁଖିଲା ପାଗ କ୍ଷଣ ସ୍ଥାୟୀ ଆଶଙ୍କାରେ ଲୋକେ ହରବର ହେଇ ରାଖୀ ଓ ମିଠା କିଣୁଥିବା ଅବସ୍ଥାରେ ଦୋକାନୀ ମନମୁତାବକ ଦରରେ ବିକ୍ରି କରିବା ଯୋଜନା ସହାୟକ ହୋଇପଡିଛି । ଗୋଟିଏ ଦିନରେ ସ୍ୱାଧୀନତା ଦିବସ, ରାକ୍ଷୀ ପୂର୍ଣ୍ଣମୀ, ଗଙ୍ଗାଧର ମେହେର ଜୟନ୍ତୀ ପାଳନ ଯୋଜନାରେ ଲୋକେ ତରତର ହେବା ପରିଲକ୍ଷିତ ହୋଇଛି ।

## କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ନୂଆପଡା ଅଫିସ/ବୋଡେନ,୧୪।୮**

ନୂଆପଡା ଜିଲା ବୋଡେନ ସରସ୍ୱତୀ ଶିଶୁ ମନ୍ଦିର ତରଫରୁ ବୁଧବାର କଳାହାଣ୍ଡି ଏମ୍‌ପି ତଥା ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଏଥିରେ ଜିଲା ସଭାପତି ବସନ୍ତ ପଣ୍ଡା ଓ ଜିଲା ପ୍ରଭାରି ହୋମ ସିଂ ମାଝି ଉପସ୍ଥିତ ଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଜନେଶ୍ୱର ସିଂ ମଲ୍ଲିକ ବିଦ୍ୟାଳୟର ଉନ୍ନତିମୂଳକ ଏବଂ ଆର୍ଥକ ସାହାଯ୍ୟ ପାଇଁ ଏମ୍‌ପିଙ୍କୁ ଲିଖିତ ଭାବେ ଜଣାଇଥିଲେ । ଏଥିରେ କମିଟି ଉପସଭାପତି କବିରାଜ ମାଝି, ସମ୍ପାଦକ ହରି ସିଂ ମାଝି, ସହ ସମ୍ପାଦକ ଟିକେଶ୍ୱର ନାଗ ଏବଂ କମିଟିର ଉପଦେଷ୍ଟା ନୂଆପଡା ବିଭାଗ ପ୍ରମୁଖ ଗୟାଧର ମହାନ୍ତି, ଥବିରାମ ପାଣ୍ଡେ, ଡିଙ୍ଗର ମହାନନ୍ଦ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ବିଦ୍ୟାଳୟ ପ୍ରଧାନ ଗୁରୁଜୀ ତ୍ରିନାଥ ନାଗ ସହ ଗୁରୁଜୀ ଗୁରୁମା ତଥା ଛାତ୍ରୀଛାତ୍ରମାନେ ସ୍ୱାଗତ କରିଥିଲେ।

## ମୃତ ଦାଦନଙ୍କ ପରିବାରକୁ ପ୍ରଶାସନର ସହାୟତା

**ଭବାନୀପାଟଣା,୧୪।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଳମପୁର ବ୍ଲକ ଅନ୍ତର୍ଗତ କସାବାହିର ଦିବାକର ହରିଜନ (୩୫) ଗତ ୩ ତାରିଖରେ ସାଙ୍ଗମାନଙ୍କ ସହ ଦାଦନ ଘଟିବାକୁ ଟ୍ରେନ ଯୋଗେ ଗୁଜୁରାଟ ଯାଉଥିଲେ। ସେ ୫ ତାରିଖ ସକାଳେ ବରଦଲି ଷ୍ଟେଶନରେ ଖସିପଡି ଟ୍ରେନରେ କଟି ତାଙ୍କର ମୃତ୍ୟୁ ଘଟିଥିଲା। ଏପରିକି ଗରିବ ପରିବାର ଶବ ମଧ ଗାଁକୁ ଆଣି ପାରି ନ ଥିଲେ। ଏ ସମ୍ପର୍କରେ ଜିଲା ପ୍ରଶାସନ ଅବଗତ ହେବା ପରେ ଦିବାକରଙ୍କ ପରିବାରଙ୍କୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ମଙ୍ଗଳବାର ମୃତ ଦିବାକରଙ୍କ ସ୍ତ୍ରୀ ଗୀତାଞ୍ଜଳୀ ଜିଲା ପ୍ରଶାସନଠାରୁ ଅର୍ଥ ଗ୍ରହଣ କରିଥିବା ଜଣାପଡିଛି।

## ଜିଲା ପରିଷଦ ଜୋନ୍‌ସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ

**ସିନାପାଲି,୧୪।୮(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ୧୪ ନଂ. ଜିଲା ପରିଷଦ ଜୋନସ୍ତରରେ ସମସ୍ତ ବିଦ୍ୟାଳୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଗୋଷ୍ଠୀ ଶିକ୍ଷାଧିକାରୀ ଜଗଦୀଶ ପ୍ରସାଦ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏବିଇଓ ଉତ୍କଳମଣି ଅଗସ୍ତି, ଭାବଗ୍ରାହୀ ପଣ୍ଡା ଓ ରୁଦ୍ରେଶ୍ୱର ମେହେରଙ୍କ ସମେତ ଜିଲା ବିଜ୍ଞାନ ସୁପରଭାଇଜର୍ ଅଶ୍ୱିନୀ କୁମାର ଭୋଇ, ଶୁଭ୍ରାଂଶୁ ଶେଖର ବାରିକ ପ୍ରମୁଖ ଯୋଗଦେଇଥିଲେ । ଜିଲା ପରିଷଦ ସଭ୍ୟ ପ୍ରିୟରଞ୍ଜନ ମେହେର, ଗୋଡାଲ ସରପଞ୍ଚ ରାସେଶ୍ୱର ପାଣିଗ୍ରାହୀ, ସିନାପାଲି ସରପଞ୍ଚ ସତ୍ୟବାନ ମେହେର, ନୂଆପଡା ସରପଞ୍ଚ ବିଦ୍ୟାଧର ବୋଡକିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ସମସ୍ତ ସିଆର୍‌ସିସି ଓ ୪୯ ଜଣ ବିଭିନ୍ନ ବିଦ୍ୟାଳୟ ପ୍ରଧାନଶିକ୍ଷକ ଯୋଗଦେଇଥିଲେ। ସରକାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଦାୟିତ୍ୱ ଗ୍ରାମପଞ୍ଚାୟତକୁ ହସ୍ତାନ୍ତର କରିଥିବା ବେଳେ ଗ୍ରାମପଞ୍ଚାୟତ ସହିତ ବିଦ୍ୟାଳୟକୁ ଯୋଡିବା ପାଇଁ ଆଲୋଚନା କରାଯାଇଥିଲା। ଏହାସହିତ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଅନୁପାତରେ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି, ଆବଶ୍ୟକ ଶ୍ରେଣୀ କୋଠରି, ବିଦ୍ୟାଳୟ ମରାମତି, ଆବଶ୍ୟକ ପାଇଖାନା, ପାନୀୟଜଳ ବ୍ୟବସ୍ଥା, ବିଦ୍ୟୁତ୍‌କରଣ, ବାଡା ନିର୍ମାଣ, ଖେଳପଡିଆ ଓ ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ଇତ୍ୟାଦିର ନିର୍ମାଣ ଓ ମରାମତି କାର୍ଯ୍ୟ କିପରି ଠିକ୍ ଢଙ୍ଗରେ ହୋଇ ପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ବିଦ୍ୟାଳୟ ସୁରକ୍ଷା, ଜନସାଧାରଣଙ୍କ ସମ୍ପୃକ୍ତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ସିନାପାଲି ଶିକ୍ଷା ବିଭାଗରେ ବହୁ ସମସ୍ୟା ଲାଗି ରହିଥିଲେ ବି ପ୍ରଶାସନ ସ୍ଥାଣୁ ପାଲଟିଥିବା ବେଳେ ଜିଲା ପରିଷଦ ସଦସ୍ୟଙ୍କ ନେତୃତ୍ୱରେ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଜାରି ରଖିଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏଭଳି ଉଦ୍ୟମ କେବେ ହୋଇ ନ ଥିବା ବେଳେ ବୁଦ୍ଧିଜୀବୀ ମହଲରେ ସାଧୁବାଦ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ବିଦ୍ୟାଳୟଗୁଡିକୁ ଯୋଗାଣ ହୋଇଥିବା ମଧ୍ୟାହ୍ନଭୋଜନ ଚାଉଳ ଯୋଗାଣରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଶିକ୍ଷକମାନେ ଅଭିଯୋଗ କରି ଆସୁଥିଲେ ମଧ ଏହାର ସମାଧାନ ହୋଇପାରୁନାହିଁ। ଏହି ଅନିୟମିତତାକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଜଣାପଡିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ଶିକ୍ଷା ସମୀକ୍ଷା ବୈଠକରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ ବୃନ୍ଦ ।

- ଖଡିଆଳ, ସିନାପାଲିରେ ବୁଦ୍ଧିଜୀବୀ ସମ୍ମିଳନୀ

## ବିଭିନ୍ନ ସମସ୍ୟା ନେଇ ଆଲୋଚନା

**ଖଡିଆଲ/ସିନାପାଲି, ୧୪।୮ (ଡି.ଏନ.ଏ.)**



ଖଡିଆଳ ଅଗ୍ରସେନ ଭବନଠାରେ ଭାଜପା ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀରେ ଆଲୋଚନା କରାଯାଉଛି।

ନୂଆପଡା ଜିଲା ଖଡିଆଲ ଅଗ୍ରସେନ ଭବନଠାରେ ମଙ୍ଗଳବାର ଭାଜପା ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଯୋଗଦେଇଥିଲେ। ଖଡିଆଲ ସହର ସମେତ ବିଭିନ୍ନ ଅଞ୍ଚଳର ବୃଦ୍ଧିଜୀବୀ, ଆଇନଜୀବୀ, ସାମାଜିକ କର୍ମୀ, ବରିଷ୍ଠ ନାଗରିକ ଓ ଶିକ୍ଷାବିତମାନେ ଯୋଗଦେଇ ଖଡିଆଲ ଅଞ୍ଚଳର ବିକାଶ ଦିଗରେ ଆଲୋଚନା କରିଥିଲେ । ବିଶେଷ କରି ଖଡିଆଲ ସହରରେ ବାଇପାସ ରାସ୍ତା ନିର୍ମାଣ, ଖଡିଆଲ ସହର ଦେଇ ରେଳ ଲାଇନ ନିର୍ମାଣ କରିବାକୁ ଉପସ୍ଥିତ ଜନସାଧାରଣ ନିଜର ମତାମତ ଉପସ୍ଥାପନ କରିଥିଲେ । ଖଡିଆଲସ୍ଥିତ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ କରିବା ସହ ଚନାବେଡାଠାରେ ନିର୍ମାଣାଧୀନ ନୂତନ ହସ୍ପିଟାଲ ଗୃହ କାମ ସମ୍ପୂର୍ଣ୍ଣ କରିବା ସହରବାସୀ ଦାବି ଉପସ୍ଥାପନ କରିଛନ୍ତି । ଏପରିକି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକ୍ଷମ କରି ଚାଷୀଙ୍କ ଜମିକୁ ଜଳସେଚନ ଯୋଗାଇ ଦେବା, ଖଡିଆଳରେ ଏକ ମିନିଷ୍ଟାଡିୟମ ନିର୍ମାଣ କରିବା ସହିତ ଜାତୀୟ ରାଜପଥ ୩୫୩ର ନିର୍ମାଣ କାମକୁ ଶୀଘ୍ର ଶେଷ କରିବାକୁ ଜନସାଧାରଣ ଦାବି ଜଣାଇଛନ୍ତି । ଆଗାମୀ ଦିନରେ ଖଡିଆଲ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି କରିବା ସହିତ ଖଡିଆଲ ବ୍ଲକ ଢୁକୁଲା ଗ୍ରାମକୁ ନିଜର ଆଦର୍ଶ ଗାଁ ଭାବେ ଘୋଷଣା କରି ଏହାର ବିକାଶ ଦିଗରେ କାମ କରିବି ବୋଲି ଏମ୍‌ପି ପ୍ରକାଶ କରିଛନ୍ତି ।

ସେହିପରି ସିନାପାଲି ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ସନ୍ଧ୍ୟାରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ସିନାପାଲି ବ୍ଲକ୍ ଅଧକ୍ଷା ତପସ୍ୱିନୀ ମାଝି, ପୂର୍ବ ବ୍ଲକ୍ ଅଧକ୍ଷ ନୀଳମଣି ମେହେର, ସିନାପାଲି ମହାବିଦ୍ୟାଳୟ ଅଧକ୍ଷ ମୋହନ ସାହୁ, ସିନାପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସତ୍ୟବାନ ମେହେର, ସିନାପାଲି ବାର୍ ଆସୋସିଏଶନ୍ ସଭାପତି କ୍ଷୀରସିନ୍ଧୁ ମେହେର, ସିନାପାଲି ନାଗରିକ କମିଟି ସଭାପତି ଉମ୍ବରୁଧର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ । ପୂର୍ବ ଜିଲା ପରିଷଦ ସଭ୍ୟ ସୁବ୍ରତ କୁମାର ଠାକୁର ସ୍ୱାଗତ ଅଭିଭାଷଣ ଦେଇଥିଲେ । ଏହି ସମ୍ମିଳନୀରେ ସିନାପାଲି ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥିତ ଲୋକମାନେ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ବୁଦ୍ଧିଜୀବୀ ସମ୍ମିଳନୀରେ ସିନାପାଲି ଅଞ୍ଚଳର ଅନେକ ଶିକ୍ଷାନୁଷ୍ଠାନ, ଯୁବକ ସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରମୁଖମାନଙ୍କ ସହିତ ଅନେକ ବୁଦ୍ଧିଜୀବୀ ଯୋଗଦେଇଥିଲେ।



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ



# ବର୍ଷା ଛାଡ଼ିଲା, ବଢୁଛି ଦୁର୍ଦ୍ଦଶା

ଭବାନୀପାଟଣା,୧୪।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଗତ ୭ ତାରିଖ ଲଘୁଚାପଜନିତ ବନ୍ୟାସ୍ଥିତିରୁ ଜନଜୀବନ ସ୍ୱାଭାବିକ ହୋଇ ଆସୁଥିବା ବେଳେ ଗତ ୧୧ରୁ ୧୩ ତାରିଖ ଲଗାଣ ବର୍ଷା ପୁଣି ବେହାଲ କରିଦେଇଛି। ବର୍ତ୍ତମାନ ବନ୍ୟା ପରିସ୍ଥିତି ଧୀରେ ଧୀରେ ସୁଧାର ଆସିବାରେ ଲାଗିଛି। ଜିଲାର ଉତେଇ, ତେଲନଦୀ ସମେତ ଅନ୍ୟାନ୍ୟ ନଦୀରେ ଜଳସ୍ତର ମଧ୍ୟ କମିବାରେ ଲାଗିଛି। ଜିଲାର କର୍ଲାମୁଣ୍ଡା, ମ.ରାମପୁର ବ୍ଲକରେ ସର୍ବାଧିକ କ୍ଷତି ହୋଇଥିବା ସୂଚନା ମିଳୁଛି। ଜିଲାର ୧୦ଟି ପଞ୍ଚାୟତର ୧୮ଟି ଗାଁର ୮୯୨ ଜଣ ବର୍ଷା ପ୍ରଭାବିତଙ୍କୁ ବିଭିନ୍ନ ଆଶ୍ରୟସ୍ଥଳିରେ ଶୁଖା ଖାଦ୍ୟ ଓ ରନ୍ଧାଖାଦ୍ୟ ଦେଇ ଆଶ୍ରୟ ଦିଆଯାଉଥିଲା। ବନ୍ୟାରେ ସୁଧାର ଆସିବା ପରେ ସେମାନଙ୍କୁ ନିଜ ବାସସ୍ଥାନକୁ ଫେରାଇ ଆଣିବା ପ୍ରକ୍ରିୟା ପ୍ରଶାସନ ଆରମ୍ଭ କରିଛି । କର୍ଲାମୁଣ୍ଡା ବ୍ଲକ ସରାବାହିଲି-କର୍ଲାମୁଣ୍ଡା ମୁଖ୍ୟ ରାସ୍ତାରେ ଏକ ପୋଲ ଭାଙ୍ଗିଯିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ଲାଞ୍ଜିଗଡ ବ୍ଲକ ଛତ୍ରପୁର-ବାତିଲିମା ମଧ୍ୟରେ ମଧ୍ୟ ଏକ ପୋଲ ଭାଙ୍ଗିଯାଇଥିବାରୁ

## ୧୮ ଗାଁର ୮୯୨ ସ୍ଥାନାନ୍ତରିତ ଲୋକେ ଫେରିଲେ





ଚମ୍ପାଦେଇପୁରରୁ ଜୋରାଡୋଗ୍ରା ଯାଇଥିବା ରାସ୍ତା ଧୋଇଯାଇଛି (ବାମ)। ପରିସ୍ଥିତି ସୁଧାରିବାରେ ଲୋକେ ଲାଗିଛନ୍ତି।

ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହି ଅଞ୍ଚଳରେ ବନ୍ୟାପାଣି ମାଡିଯାଇ ବହୁ ଚାଷଜମି ନଷ୍ଟ ହୋଇଛି। ଜମିରେ ବନ୍ୟାପାଣି ରହିଥିବାରୁ କୌଣସି କ୍ଷୟକ୍ଷତି ଆକଳନ ହୋଇନାହିଁ। ପାଣି କମିବା ପରେ କ୍ଷୟକ୍ଷତି ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ଜିଲା ପ୍ରଶାସନ ତରଫରୁ କୁହାଯାଇଛି। ଅନ୍ୟପକ୍ଷରେ ପରିସ୍ଥିତି ମୁକାବିଲା ପାଇଁ ଜିଲା ପ୍ରଶାସନ ସଜାଗ ଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଗତ ୧୨ ତାରିଖରେ କର୍ଲାମୁଣ୍ଡା ବ୍ଲକରେ ଗୋଟିଏ ଦିନରେ ୬୦୮ ମି.ମି. ବର୍ଷା ରେକର୍ଡ କରାଯାଇଛି। ଲଗାଣବର୍ଷା ଜନିତ ବନ୍ୟା ଯୋଗୁ କଳାହାଣ୍ଡି ଜିଲାର ୩ଟି ବ୍ଲକର ୧୮ଟି ଗାଁର ୮୯୨ଜଣ ପାଣି ଘେରରେ ଥିବା ଯୋଗୁ ସେମାନଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ଜିଲାରେ ଲଗାଣ ବର୍ଷାରେ ୩୦୮ଟି ଘର ଭାଙ୍ଗିଥିବା ସରକାରୀ ଭାବେ ରିପୋର୍ଟ ମିଳିଛି। ବର୍ଷା ଛାଡିବା ପରେ ଏହାର ସଂଖ୍ୟା ଆହୁରି ଅଧିକ ହେବ ବୋଲି ଅନୁମାନ କରାଯାଉଛି।

କେସିଙ୍ଗା ବ୍ଲକ ତୁଣ୍ଡଲା ନିକଟ ଭୋଇପଡା ନିକଟରେ, ମ. ରାମପୁର ବ୍ଲକ ଗୌଡକେଲା, ଉର୍ଲାଦାନୀଠାରେ ଜାତୀୟ ରାଜପଥ ୫୯ ବର୍ଷାପାଣି ଯୋଗୁ ଯୋଗାଯୋଗ ବ୍ୟାହତ ହୋଇଥିଲା। ସେହିଭଳି ତୁଣ୍ଡଲା-କର୍ଲାମୁଣ୍ଡା, ରାମପୁର-କର୍ଲାମୁଣ୍ଡା, ପଲମ-ବେଲଖଣ୍ଡି, ଯୋରାଡୋବ୍ରା-କର୍ଲାମୁଣ୍ଡା, ରିଷିଡା-ତୁଷରା, ବାଲିପଡା-ରୁପ୍ରାରୋଡ, ନର୍ଲା-ଭୂର୍ତ୍ତିଗଡ, ମାଡିଙ୍ଗ-ପାଷ୍ଟିକୁଡି, ନର୍ଲା-ପଲମ, ପାଜିବାହାଲ-ମୋହନଗିରି, ଭବାନୀପାଟଣା-ରାୟଗଡା ସମେତ ବିଭିନ୍ନ ସ୍ଥାନରେ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜାତୀୟ ରାଜପଥ ୨୬ ବଲାଙ୍ଗୀର-ଭବାନୀପାଟଣା ମଧ୍ୟରେ ଯୋଗାଯୋଗ ବ୍ୟାହତ ହୋଇଛି। କଳାହାଣ୍ଡି ଜିଲାର ବହୁ ଛାତ୍ରୀଛାତ୍ର ଓଟିଇଟି ପରୀକ୍ଷା କେନ୍ଦ୍ର ସମ୍ବଲପୁରଠାରେ ଥିବା ଯୋଗୁ ଗାଡି ଭଡା କରି ଯାଉଥିବା ବେଳେ ତରଭା ନିକଟରେ ଫସି ରହିଛନ୍ତି। ଶହଶହ ଛାତ୍ରୀଛାତ୍ର ବନ୍ୟା ପରିସ୍ଥିତି ଯୋଗୁ ପରୀକ୍ଷା ଦେବାରୁ ବଞ୍ଚିତ ହେଉଥିବା ଜଣାପଡିଛି। ୧୩ ତାରିଖରେ ଲଗାଣ ବର୍ଷା ଯୋଗୁ କଳାହାଣ୍ଡି ଜିଲାପାଳ ସମସ୍ତ ସ୍କୁଲ, କଲେଜକୁ ଛୁଟି ଘୋଷଣା କରିଥିଲେ। ଉପରମୁଣ୍ଡରେ ବର୍ଷା ଯୋଗୁ ଇନ୍ଦ୍ରାବତୀ ଜଳ ଭଣ୍ଡାରକୁ ବହୁ ପରିମାଣରେ ପାଣି ଜଳ ଭଣ୍ଡାରକୁ ପ୍ରବେଶ କରୁଥିବା ବେଳେ ବର୍ତ୍ତମାନ ଜଳ ଭଣ୍ଡାରର ଜଳସ୍ତର ୬୪୨ ମିଟର ରହିବା ବେଳେ ୬୪୦.୧୭ ମି. ଜଳସ୍ତର ରହିଛି। ଜଳସ୍ତର ବୃଦ୍ଧି ପାଉଥିବା ଇନ୍ଦ୍ରାବତୀ ପ୍ରକଳ୍ପ ସୂତ୍ରରୁ ପ୍ରକାଶ। ସେହିପରି ଇନ୍ଦ୍ରାବତୀ ଜଳପ୍ରକଳ୍ପ ମୁଖିଗୁଡାସ୍ଥିତ ମଙ୍ଗଳପୁର ବ୍ୟାରେଜ ପ୍ରତି ସେକେଣ୍ଡରେ ୧୩୯.୮୦ କ୍ୟୁମେକ୍ସ ପାଣି ବ୍ୟାରେଜକୁ ପ୍ରବେଶ କରୁଥିବା ବେଳେ ପ୍ରତିସେକେଣ୍ଡରେ ୧୨୬.୦୫ କ୍ୟୁମେକ୍ସ ପାଣି ବ୍ୟାରେଜରୁ ଛଡାଯାଉଛି। ବ୍ୟାରେଜର ୨ଟି ଗ୍ୟାଟ ଖୋଲାଯାଇଛି। ଜିଲାପାଳ ଡ. ଗାଭିଲି ପରାଗ ହର୍ଷଦ ସମସ୍ତ ବ୍ଲକ ଅଧିକାରୀମାନଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଅଜଣା ଗାଡି ଧକ୍କାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଭବାନୀପାଟଣା,୧୪।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ଗାଁର ଜଣେ ଦାଦନ ଶ୍ରମିକ ଚେନ୍ନାଇରେ ରାସ୍ତା ପାର ହେଉଥିବା ବେଳେ ଏକ ଅଜଣା ଗାଡି ଧକ୍କାରେ ମୃତ୍ୟୁ ହୋଇଥିଲା। ମୃତ ଶ୍ରମିକ ଜଣଙ୍କ ହେଲେ ଲକ୍ଷ୍ମଣ ରାଉତ (୩୫) । ମଙ୍ଗଳବାର ସନ୍ଧ୍ୟାରେ ମୃତଦେହ ଗାଁରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନା ମୁତାବକ, ଜୟପାଟଣା ଥାନା ଅନ୍ତର୍ଗତ ଜୟପାଟଣା ଗ୍ରାମର ଦୁତିଆ ରାଉତଙ୍କ ପୁଅ ଲକ୍ଷ୍ମଣ ଗତ ୩ ମାସ ତଳେ ଚେନ୍ନାଇକୁ ଦାଦନ ଖଟିବାକୁ ଯାଇଥିଲେ। ଲକ୍ଷ୍ମଣ ରାସ୍ତା ପାରି ହେଉଥିବା ସମୟରେ ଏକ ଅଜଣା ଗାଡି ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ମୃତଦେହ ଗାଁରେ ପହଞ୍ଚିଥିଲା। ପରେ ନିକଟସ୍ଥ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଲକ୍ଷ୍ମଣ ବିବାହିତ ହୋଇଥିବା ବେଳେ ତାଙ୍କର ପୁଅଝିଅ ନାହିଁ। ଘରର ରୋଜଗାରିଆ ପୁଅର ମୃତ୍ୟୁ ହୋଇଥିବା ବେଳେ କିଭଳି ପରିବାର ପ୍ରତିପୋଷଣ କରିବେ ସେ ନେଇ ତାଙ୍କ ବାପା ଦୁତିଆ ଏବେ ଚିନ୍ତାରେ ପଡିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏହି ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ସଂକ୍ଷେପରେ

### ଓଲଟିଲା ଦମକଳ ବାହିନୀଙ୍କ ବୋଟ ଅଳ୍ପକେ ବର୍ତ୍ତିଲେ ବିଡିଓ, ଥାନା ଅଧିକାରୀ

ତୁଣ୍ଡଲା,୧୪।୮(ଡି.ଏନ.ଏ.) କଳାହାଣ୍ଡି ଜିଲାରେ ପ୍ରବଳ ବର୍ଷା ଯୋଗୁ କେସିଙ୍ଗା ବ୍ଲକ ବେଲଖଣ୍ଡି ପ୍ରସିଦ୍ଧ ଧବଳେଶ୍ୱର ପୀଠରେ ୩୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଫସି ରହିଥିଲେ । ଶ୍ରଦ୍ଧାଳୁଙ୍କୁ ମଙ୍ଗଳବାର ଉଦ୍ଧାର କରିବା ପାଇଁ କେସିଙ୍ଗା ଅଗ୍ନିଶମ ବିଭାଗଙ୍କ ସମେତ କେସିଙ୍ଗା ବିଡିଓ ଭୀମସେନ ଶବର ଓ କେସିଙ୍ଗା ଥାନା ଅଧିକାରୀ ଅଶୋକ କୁମାର ମହାପାତ୍ର ମନ୍ଦିରକୁ ବୋଟ ସାହାଯ୍ୟରେ ପହଞ୍ଚିଥିଲେ। ପ୍ରଥମେ ୯ ଜଣ ଶ୍ରଦ୍ଧାଳୁଙ୍କୁ ଉଦ୍ଧାର କରି ବେଲଖଣ୍ଡି ବନ୍ୟାଶ୍ରମଠାରେ ରଖିଥିଲେ। ପରେ ଆଉ ଅନ୍ୟମାନଙ୍କୁ ଆଣିବାକୁ ଯାଇ ଫେରିବା ବେଳେ ହଠାତ ବୋଟଟି ଚକା ଭଉଁରି ହୋଇ ଓଲଟି ଯାଇଥିଲା।ଏଥିରେ ବସିଥିବା ବିଡିଓ ଓ ଥାନା ଅଧିକାରୀଙ୍କ ସମେତ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଛିଟିକି ପଡିଥିଲେ। ବହୁ କଷ୍ଟରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉଭୟଙ୍କୁ ଉଦ୍ଧାର କରିଥିଲେ।



### ବର୍ଷାରେ ଘର ଭାଙ୍ଗିଲା, ସହାୟତା ପାଇଁ ନିବେଦନ

ରିଷିଡ଼ା,୧୪।୮(ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ କୁନ୍ଦେଇପାଲି ଗ୍ରାମର ମତିରାମ ରାଉତଙ୍କ ଗତ ଲଗାଣ ବର୍ଷାରେ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ତାଙ୍କ ସ୍ତ୍ରୀ ଓ ୩ ଜଣ ସନ୍ତାନଙ୍କୁ ନେଇ ତାଙ୍କ ପରିବାର । ଜଣେ ଅଭାବି ବ୍ୟକ୍ତି । ସେ ଜଣେ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି । ମତିରାମ ନିଜ ଖର୍ଚ୍ଚରେ ଘରଟିଏ କରିବାକୁ ସକ୍ଷମ ନୁହନ୍ତି । ସରକାରଙ୍କ ତରଫରୁ ଘର ଯୋଗାଇ ଦେବା ସେ ନିବେଦନ କରିଛନ୍ତି । ଗତ ସୋମବାର ପିଇଓ ଭଙ୍ଗା ଘର ଦେଖି ଯାଇଛନ୍ତି । ସେ ବି ଏ ସମ୍ପର୍କରେ ରିଷିଡା ଆରଆଇଙ୍କୁ ଜଣାଇଛନ୍ତି ।

### ସାପ କାମୁଡ଼ାରେ ଜଣେ ମୃତ

ଭବାନୀପାଟଣା,୧୪।୮(ଡି.ଏନ.ଏ.) ଉତ୍କେଲା ଫାଣ୍ଡି କୋକୋମୁଣ୍ଡା ଗ୍ରାମରେ ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅଭିରାମ ମେହେର (୩୫) । ସୋମବାର ଅଭିରାମ ଏକ ଉଇହୁଙ୍କାରୁ ଛତୁ ତୋଳୁଥିବା ବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ହେଲେ ସେ ଜାଣି ପାରି ନ ଥିଲେ। ଘରେ ପହଞ୍ଚିବା ପରେ ଶୋଇ ପଡିଥିଲେ। ପରେ ଅସୁସ୍ଥତା ଲାଗିବାରୁ ପରିବାର ଲୋକେ ତାଙ୍କୁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉତ୍କେଲା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



### ଧୋଇଯାଇଥିବା ରାସ୍ତାରେ ଟ୍ରକ ଫସିଲା, ଯୋଗାଯୋଗ ଠପ୍

ରିଷିଡ଼ା,୧୪।୮(ଡି.ଏନ.ଏ.)- କଳାହାଣ୍ଡି ଜିଲା ରିଷିଡା-ମ.ରାମପୁର ରାସ୍ତା ବଡଡୁଙ୍ଗୁରୀଗୁଡା ନିକଟରେ ବର୍ଷାରେ ରାସ୍ତା ଅଧା ଯୋଇଯାଇଛି । ଯାନବାହନଗୁଡିକ ଗୋଟିଏ ପାର୍ଶ୍ୱରେ ଯାତାୟାତ କରୁଥିଲା। କିନ୍ତୁ ଅପରାହ୍ନରେ ଗୋଟିଏ ଟ୍ରକ ସେହି ରାସ୍ତାରେ ଫସି ଯାଇଯାଇଛି। ଫଳରେ ରିଷିଡା-ମ. ରାମପୁର ରାସ୍ତାରେ ଯାନବାହନ ଯାତାୟାତ ଠପ ହୋଇଯାଇଛି। ତୁରନ୍ତ ରାସ୍ତା ମରାମତି କରିବା ପାଇଁ ଦାବି ହେଉଛି ।

## ଜୁନାଗଡ଼ ଅବକାରୀ ବିଭାଗ ଚଢ଼ାଉ

# ୪୧ ଲିଟର ଚୋରାମଦ ଜବତ, ୩ କୋର୍ଟ ଚାଲାଣ

ଜୁନାଗଡ,୧୪।୮(ଡି.ଏନ.ଏ.)

ଜିଲା ଅବକାରୀ ଅଧୀକ୍ଷକ ବିଶ୍ୱନାଥ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଜୁନାଗଡ ଅବକାରୀ ବିଭାଗ ଓ ଜିଲା ଭ୍ରାମ୍ୟମାଣ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ବୁଧବାର ଜୁନାଗଡ ବ୍ଲକର ଚାରମହୁଲ ଓ ଏକନାଗୁଡା ଗ୍ରାମରେ ଅତର୍କିତ ଚଡାଉ କରାଯାଇଥିଲା। ଏହି ସମୟରେ ଚାରମହୁଲ ଗ୍ରାମର କାର୍ତ୍ତିକ ନାଏକ,ଏକନାଗୁଡା ଗ୍ରାମର ଜଗତରାମ ଶବର, ପାର୍ଥ ଶବର ପ୍ରମୁଖଙ୍କଠାରୁ ୪୧ ଲିଟର ଚୋରା ମଦ ଜବତ କରାଯାଇଥିଲା । ପରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜୁନାଗଡ ଅବକାରୀ ଉପନିରୀକ୍ଷକ (ଏସ୍ଆଇ) ଦିଲୀପ କୁମାର ରଥଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢାଉରେ ଏଏସ୍ଆଇ ବସନ୍ତ ବିଶି, କନଷ୍ଟେବଲ ପ୍ରତୀମା ଗହୀର, ବାଲେଶ୍ୱର ଧଙ୍ଗଡାମାଝି, ମହାଦେବ ମାଝି, ପ୍ରଦ୍ୟୁମ୍ନ ନାଏକ ପ୍ରମୁଖ ସାମିଥିଲେ ।



ଜୁନାଗଡ ଅବକାରୀ ଉପନିରୀକ୍ଷକଙ୍କ ସହ ୩ ଅଭିଯୁକ୍ତ ।

## ସ୍ୱାଧୀନତା ଦିବସ : ସାମୂହିକ ପତାକା ଉତ୍ତୋଳନ ପରେଡ ସ୍ଥାନ ପରିବର୍ତ୍ତନ

ମ.ରାମପୁର,୧୪।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ସହରସ୍ଥିତ ଦୁର୍ଗା ମାଧବ ଉଚ୍ଚ ବିଦ୍ୟାପୀଠ ପଡିଆଠାରେ ପ୍ରତିବର୍ଷ ସ୍ୱାଧୀନତା ଦିବସ ସାମୂହିକ ଭାବେ ପାଳିତ ହୋଇଆସୁଥିଲା । ଚଳିତବର୍ଷ ଏହି ଉତ୍ସବ ମ.ରାମପୁର ମହାବିଦ୍ୟାଳୟ ପଡିଆଠାରେ ପାଳନ କରାହେବ । ଦୁର୍ଗା ମାଧବ ଉଚ୍ଚ ବିଦ୍ୟାପୀଠ ଘାସ ଚାଷ ପାଇଁ କଲେଜ ପଡିଆଠାରେ ଉତ୍ସବ ପାଳନ ହେବ । କଲେଜ ପଡିଆ ଛୋଟ ଥିବା, ଛାତ୍ରୀଛାତ୍ରଙ୍କୁ ଅଧିକ ୫୦୦ ମିଟର ରାସ୍ତା ବଢ଼ିଯିବା ଆଦି ଘଟଣା ଅଭିଭାବକଙ୍କୁ ଅଡୁଆ ଲାଗିଛି । ଏଠାକାର ବିଦ୍ୟାଳୟ ଓ ମହାବିଦ୍ୟାଳୟ ସମୂହର ୩ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ସରକାରୀ ଓ ବେସରକାରୀ ଅନୁଷ୍ଠାନର ସାଧାରଣ ଜନତାଙ୍କୁ କଲେଜ ପଡିଆରେ ଏକତ୍ରିତ ହେଇ ସରଳ, ସିଧାସଳଖ ଦୃଶ୍ୟମାନ ଉତ୍ସବ ପାଳନ ପାଇଁ ବ୍ଲକ ପ୍ରଶାସନକୁ କାଠିକର ପାଠ ହେବ । ଉକ୍ତ ଉତ୍ସବରେ ନର୍ଲା ବିଧାୟକ ଭୂପିନ୍ଦର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମୂହିକ ପତାକା ଉତ୍ତୋଳନ ଓ ପରେଡ ଅଭିବାଦନ ଗ୍ରହଣ କରିବେ । କୌଣସି କାରଣ ବଶତଃ ତାଙ୍କ ଅନୁପସ୍ଥିତତାରେ ବ୍ଲକ ଅଧକ୍ଷ ଜିବେଶ ପଣ୍ଡା ଉକ୍ତ ଦାୟୀତ୍ୱ ନିର୍ବାହ କରିବେ । ବିଡିଓ ରୁମାନା ବୋସ୍ରୀ, ସରପଞ୍ଚ ଚିତ୍ତରଞ୍ଜନ ବାଗ, ସମିତି ସଭ୍ୟ କବିନାମ ପ୍ରମୁଖ ସହଯୋଗ କରିବେ ବୋଲି ଜଣାପଡ଼ିଛି।



ବିଧାୟକ ବନ୍ୟା ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧାନ କରି ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

# ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

ଲାଞ୍ଜିଗଡ଼,୧୪।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡରେ ଆଜକୁ ୩ ଦିନ ହେଲା ବର୍ଷା ଲାଗି ରହିଥିବା ବେଳେ ବିଭିନ୍ନ ନଦୀରେ ଜଳସ୍ରୋତ ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଶହ ଶହ ଏକର ଚାଷଜମି ବାଲିଚର ହେବା ସହ ଅନେକ ଗରୀବଙ୍କ ଘର ଭୁଶୁଡି ପଡିଛି । ବୁଧବାର ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ଲାଞ୍ଜିଗଡ ଅଞ୍ଚଳର ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ପ୍ରଥମେ ବିଧାୟକ ଲାଞ୍ଜିଗଡ ପଞ୍ଚାୟତ ସମିତି ବୈଠକରେ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ । ପରେ ପୋଖରୀବନ୍ଧ ପଞ୍ଚାୟତ ବିନାୟକପୁର, ଚମ୍ପାଦେଇପୁର ପଞ୍ଚାୟତର ଚନ୍ଦନପୁର, ଗୋପୀନାଥପୁର ପରିଦର୍ଶନ କରିଥିବା ବେଳେ ଛତ୍ରପୁରରୁ ବାତେରଲିମାକୁ ସଂଯୋଗ କରୁଥିବା ପୋଲ ନିକଟ ରାସ୍ତା ବନ୍ୟା ପାଣିରେ ସମ୍ପୂର୍ଣ୍ଣ ଧୋଇ ହୋଇଯାଇଥିବା ଦେଖିଥିଲେ । ହେଲେ କାନକୁଟ୍ରୁ ପଞ୍ଚାୟତର ୬ଟି ଗାଁ ବର୍ତ୍ତମାନ ମଧ୍ୟ ଜଳବନ୍ଦି ଅବସ୍ଥାରେ ଥିବା ବେଳେ ସେ ଅଞ୍ଚଳକୁ ବିଧାୟକଙ୍କ ଦୃଷ୍ଟି ପଡି ନ ଥିଲା। ଲାଞ୍ଜିଗଡ ବ୍ଲକରେ ଥିବା ଘାଟି ଅଞ୍ଚଳର ପାହାଡପଦର, ମାଲିଯୁବାଙ୍ଗ, ଲାଖବାହାଲି, ବେନଗାଁ, ଲାଞ୍ଜି, ବନ୍ଧପାରୀ, କାନକୁଟ୍ରୁ, କୁମଖାଲ ଓ ବେଡାଗାଁ ପଞ୍ଚାୟତରେ ଏହି ବନ୍ୟାରେ ଅନେକ ଲୋକଙ୍କ ଘର ଭୁଶୁଡି ପଡିଥିବା ବେଳେ ଅନେକ ଚାଷଜମୀ ବାଲିଚର ହୋଇ ଚାଷସବୁ ନଷ୍ଟ ହୋଇଯାଇଛି । ଏହି ଯାଗାକୁ ବିଧାୟକ ପରିଦର୍ଶନ କରି ଦେଖିବା କଥା ବୋଲି ଅନେକ ମତପ୍ରକାଶ କରିଛନ୍ତି। ନିର୍ବାଚନ ପରେ ବିଧାୟକ ପ୍ରଦିପଙ୍କ ଏହା ପ୍ରଥମ ଲାଞ୍ଜିଗଡ ଅଞ୍ଚଳ ଗସ୍ତ ଥିଲା । ବିଧାୟକ ଦିଶାରୀ ଆସିବା ପରେ ବିଜେଡି କର୍ମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ଅନେକ ସ୍ଥାନରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଗସ୍ତରେ ବିଧାୟକ ଅନେକ ସ୍କୁଲ ମଧ୍ୟ ପରିଦର୍ଶନ କରିଥିଲେ । ଏହି ଗସ୍ତରେ ବିଧାୟକ ପ୍ରତିନିଧି ପ୍ରଦିପ ଘଡେଇ, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନି, ବିଶ୍ୱମିତ୍ର ଘଡେଇ, ନରେନ୍ଦ୍ର ପ୍ରଧାନି ପ୍ରମୁଖ ଉପସ୍ଥିତ ଥିଲେ ।

## ଘରକାନ୍ଥ ଭୁଶୁଡ଼ି ମହିଳା ଗୁରୁତର

# ମହିଳାଙ୍କୁ ୭କି.ମି. ବୋହିନେଲେ

ମୋହନଗିର,୧୪।୮(ଡି.ଏନ.ଏ.)

ଲଘୁଚାପଜନିତ ପ୍ରବଳ ବର୍ଷାରେ ମୋହନଗିରି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଶହଶହ ଏକର ଚାଷ ଜମିରେ ବାଲିମାଡି ଯାଇଥିବା ବେଳେ ଅନେକ ଝାଟିମାଟି ଘର ଭୁଶୁଡି ପଡିଛି । ଘର କାନ୍ଥ ଭୁଶୁଡି ପଡ଼ି ଡଲାବାହଲି ଗ୍ରାମର ଲମ୍ବୋଦର ଧରୁଆଙ୍କ ସ୍ତ୍ରୀ ସାବିତ୍ରି ଧରୁଆ (୪୮) ଗୁରୁତର ଆହତ ହୋଇଛନ୍ତି। ଡଲାବାହାଲି ଗ୍ରାମ କାଳିଗଙ୍ଗା ନଦୀ ପାଣି ଘେରରେ ଥିବା ଯୋଗୁ ତାଙ୍କୁ ୭ କି.ମି. ଦୂର ଘଟିଆରେ ବାଲିଭଟା ପୋଲକୁ ଆଣି ୧୦୮ ଆମ୍ବୁଲାନ୍ସ ଯୋଗେ ମ.ରାମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ଜଣାପଡିଛି । ଏ ନେଇ ମ.ରାମପୁର ବିଡିଓ ରୋମାନା ଜାଫ୍ରିଙ୍କୁ ଅବଗତ କରାଯିବାରୁ ଗୁରୁତର ମହିଳାଙ୍କ ଚିକିତ୍ସାର ସମସ୍ତ ପ୍ରକାର ବ୍ୟାବସ୍ଥା କରାଯିବ ବୋଲି କହିଥିଲେ ।



ମହିଳାଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ନିଆଯାଉଛି।

## ଲାଞ୍ଜିଗଡ଼ ପଞ୍ଚାୟତ ସମିତି ବୈଠକ

# ବେଦାନ୍ତ ନନ୍ଦଘରକୁ ନେଇ ହୋହଲ୍ଲା

ଲାଞ୍ଜିଗଡ଼,୧୪।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ପଞ୍ଚାୟତ ସମିତି ସଭାଗୃହରେ ବ୍ଲକ ଅଧକ୍ଷ ଇଂ.ଫକୀର ମୋହନ ମାଝିଙ୍କ ସଭାପତିତ୍ୱରେ ଲାଞ୍ଜିଗଡ ପଞ୍ଚାୟତ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ବ୍ଲକର ୨୬ଟି ପଞ୍ଚାୟତରୁ ସରପଞ୍ଚ ଏବଂ ସମିତି ସଭ୍ୟମାନେ ଯୋଗଦେଇଥିଲେ। ପ୍ରଥମେ ବୈଠକରେ ବେଦାନ୍ତ ପକ୍ଷରୁ ନିର୍ମାଣ ହେଉଥିବା ନନ୍ଦଘରକୁ ନେଇ ହୋହଲ୍ଲା ହୋଇଥିଲା। ବ୍ଲକରେ ଥିବା ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ବ୍ଲକ ତରଫରୁ ନିର୍ମାଣ କରାଯାଇଥିଲା। ବେଦାନ୍ତ କମ୍ପାନୀ ପୁରୁଣା ଅଙ୍ଗନୱାଡି କୋଠାଗୁଡାକୁ ରଙ୍ଗବେରଙ୍ଗ କରି ନନ୍ଦଘର ବୋଲି ନାମ ଦେଇଛି ଓ ବଡବଡ ଅକ୍ଷରରେ ବେଦାନ୍ତ ଲେଖି ଲୋଗୋ ଲଗାଇଛି । ବିନା ପଞ୍ଚାୟତ ସମିତି ଅନିମୋଦନରେ ଏହା କାହିଁକି କରାଯାଉଛି ବୋଲି ସମିତି ସଭ୍ୟମାନେ ବିରୋଧ କରିଥିଲେ। ଲାଞ୍ଜିଗଡ ପଞ୍ଚାୟତ ସମିତିରେ ଥିବା ସମିତି ସଭ୍ୟମାନଙ୍କୁ କମ୍ପାନୀ ଅଣଦେଖା କରୁଛି। ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ପୂର୍ବତନ ବ୍ଲକ ଉପାଧକ୍ଷ ତଥା କୋମର୍ଦ୍ଧା ସମିତିସଭ୍ୟ ଜଗଦିଶ ବେନିଆ ଚେତାବନୀ ଦେଇଥିଲେ। ସେହିପରି ବ୍ଲକରେ ଥିବା ଆରଡି ବିଭାଗ ଯନ୍ତ୍ରୀ, ପିଡବ୍ଲ୍ୟୁଡି ଯନ୍ତ୍ରୀ, ଏମଆଇ ଡିଭିଜନ ଯନ୍ତ୍ରୀ ରହିବା ପାଇଁ ଘର ତିଆରି ହୋଇଛି। ହେଲେ ସେମାନେ ବ୍ଲକରେ ନ ରହି ଭବାନୀପାଟଣାରେ ରହୁଛନ୍ତି । ଫଳରେ ସେମାନଙ୍କୁ ଦେଖା କରିବା ପାଇଁ ଅନେକ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ବୋଲି ସଭ୍ୟମାନେ ଅଭିଯୋଗ କରିଥିଲେ। ସମିତି ବୈଠକରେ ସମସ୍ତ ବିଭାଗ କର୍ମଚାରୀ ଉପସ୍ଥିତ ରହି ନିଜ ବିଭାଗରେ ଚାଲିଥିବା ଉନ୍ନୟନମୂଳକ କାମ ଉପରେ ଉପସ୍ଥାପନା କରିବା କଥା । କିନ୍ତୁ ବନବିଭାଗ, ଆଇଟିଡିଏ, ପିଡବ୍ଲ୍ୟୁଡ ଓ ବିଦ୍ୟୁତ ବିଭାଗ ବୈଠକରେ ଯୋଗଦେଇ ନ ଥିଲେ। ଏହାକୁ ନେଇ ଗୃହରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ବୈଠକରେ ଲାଞ୍ଜିଗଡ ବିଧାୟକ ପ୍ରଦିପ ଦିଶାରୀ ଯୋଗଦେଇ ଅନେକ ଉନ୍ନୟନମୂଳକ କାମର ସମିକ୍ଷା କରିଥିଲେ। ବିଡିଓ ମୁନିନ୍ଦ୍ର ହୋନାଗାଁ, ଏବିଡିଓ ବିଭୁତି ଭୁଷଣ ଶତପଥୀ, ଆସିଷ୍ଟାଣ୍ଟ ଇଞ୍ଜିନିୟର ବିଶ୍ୱନାଥ ପାଥ୍ରି, ସିଡିପିଓ କୁସୁମ କୁମାରୀ ପ୍ରହରାଜ, ଜିପିଇଓ ଧର୍ମେନ୍ଦ୍ର ପ୍ରଧାନ, ଏସିଓ ଶଙ୍କର୍ଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ପଞ୍ଚାୟତ ସମିତି ବୈଠକରେ ଆଲୋଚନା କରାଯାଉଛି।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଖପ୍ରାଖୋଲରେ ଲଗାଣ ବର୍ଷା ପ୍ରଶାସନର ସ୍ଥିତି ଅନୁଧ୍ୟାନ: ଲୋକଙ୍କ ପାଖକୁ ଗଲେ ବିଧାୟକ

**ଖପ୍ରାଖୋଲ,୧୪।୮(ଡି.ଏନ୍.ଏ.):** ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଲଗାଣ ବର୍ଷା ପରେ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ ସହ ସ୍ଥିତି ଅନୁଧ୍ୟାନ କରାଯାଇଛି। ବର୍ଷାରେ ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ପାଣି ଚାଲିଥିବା ବେଳେ ଖପ୍ରାଖୋଲ- ଲାଠୋର ରାସ୍ତାର ବଡଗୁର୍ଜିଭଟା ନିକଟରେ ଅସ୍ଥାୟୀ ପୋଲ ଧୋଇ ଯାଇ ଯୋଗାଯୋଗ ବଚ୍ଛିନ୍ନ ହୋଇପଡିଛି। ସେହିପରି ଅଞ୍ଚଳରେ ବିଭିନ୍ନ ଗ୍ରାମରେ ଘର ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି। ଏନେଇ ଖପ୍ରାଖୋଲ ବିଡିଓ ତରଣୀ ସୁନା ବିଭିନ୍ନ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିବା ବେଳେ କପସିପାଲି, ତୁର୍ଲା ସେବାଶ୍ରମ ବିଦ୍ୟାଳୟ ବୁଲି ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରମାନଙ୍କ ସମସ୍ୟା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ସେହିପରି ଡୁଡୁମଦର୍ହା ଗାଁ ନିକଟରେ ଥିବା ବାଗଝରଣ୍ କ୍ଷୁଦ୍ର ଜଳସେଚନ ଡ୍ୟାମ ପାଣି ରାସ୍ତା ଉପରେ ଯାଉଥିବାରୁ ଏହାର ସ୍ଥିତି ଅନୁଧ୍ୟାନ କରିଥିଲେ। ଏ ନେଇ ବିଡିଓ ସୁନାଙ୍କୁ ପଚାରିବାରୁ ପ୍ରତି ପଞ୍ଚାୟତର କ୍ଷୟକ୍ଷତି ଆକଳନ ସହ ଘର ଭଙ୍ଗା ସମ୍ପର୍କରେ ରିପୋର୍ଟ ମଗାଯାଇଛି। ତୁରନ୍ତ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏ ନେଇ ଖପ୍ରାଖୋଲ ଅତିରିକ୍ତ ତହସିଲଦାର ଜୟନ୍ତ ସାହୁଙ୍କୁ ପଚାରିବାରୁ କ୍ଷୟକ୍ଷତି ଆକଳନ କରାଯାଉଥିବା କହିଥିଲେ। ପାଟଣାଗଡ଼ ବିଧାୟକ ସରୋଜ ମେହେର ବୁଧବାର ଅପରାହ୍ନରେ ବ୍ଲକର ମାଲପଡ଼ା, ଜାମଚୂଆଁ, ବାଗଝରନ୍, ବେନକେରା, କପସିପାଲି ପ୍ରମୁଖ ଗାଁକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

### ସାପ କାମୁଡ଼ାରେ ଗୋଳାବାରୁଦ କାରଖାନା କର୍ମଚାରୀ ମୃତ

**ସଇଁତଲା,୧୪।୮(ଡି.ଏନ୍.ଏ.):** ସାପ କାମୁଡ଼ାରେ ସଇଁତଲା ଥାନା ଅଧୀନ କୁଇକେଡ଼ା ପଞ୍ଚାୟତ ସିକାପତ୍ରାପାଲି ଗ୍ରାମର ବଳଭଦ୍ର ବାଗଙ୍କ ମୃତ୍ୟୁ ଘଟିଛି। ବଡ଼ମାଳ ଗୋଳାବାରୁଦ କାରଖାନାରେ କାର୍ଯ୍ୟରତ ବଳଭଦ୍ର ବୁଧବାର କ୍ଷେତରେ କାମ କରୁଥିବା ବେଳେ ଏକ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ଗୋଳାବାରୁଦ କାରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ଓ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।







ବନ୍ୟା ପୀଡିତଙ୍କୁ ବିଙ୍ଗ ହ୍ୟୁମାନ୍ ଟିମ୍ ଉଦ୍ଧାର କରୁଛନ୍ତି (ବାମ)। ବରପାଲିପଡ଼ା ଯୁବଗୋଷ୍ଠୀ ପୀଡିତଙ୍କ ପାଇଁ ରନ୍ଧା କାର୍ଯ୍ୟ କରୁଛନ୍ତି (ମଝି)। ସମ୍ବଲପୁରର ପଶ୍ଚିମାଞ୍ଚଳ ମିଳିତ ମଞ୍ଚ ସଦସ୍ୟମାନେ ବଲାଙ୍ଗୀରରେ ଶୁଖିଲା ଖାଦ୍ୟ ବଣ୍ଟନ କରୁଛନ୍ତି।

# ସହାୟତାର ହାତକୁ ସଲାମ୍

**ବଲାଙ୍ଗୀର ଅଫିସ, ୧୪।୮**

ବଲାଙ୍ଗୀରରେ ବନ୍ୟା ବିଭୀଷିକା ସହରବାସୀଙ୍କୁ ଯେତିକି ଭୟଭୀତ କରିଛି ସେତିକି ଆତ୍ମୀୟ କରିଦେଇଛି। ଲଗାଣ ବର୍ଷାରେ ସହରର ବିଭିନ୍ନ ପଡ଼ାବାସୀ ଆର୍ତ୍ତଚିତ୍କାର କରୁଥିବାବେଳେ ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ, ସମାଜିକ କର୍ମୀ, ରାଜନେତା, ପ୍ରଶାସନିକ ଅଧିକାରୀ, ପୋଲିସ କର୍ମଚାରୀ ଲୋକଙ୍କ ସହାୟତା ପାଇଁ ହାତ ବଢ଼ାଇ ଥିଲେ। ବନ୍ୟାରେ ଫଶି ରହିଥିବା ଡ୍ୟାମପଡ଼ାର ଶତାଧିକ ଲୋକଙ୍କୁ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍‌ର ସମାଜିକ କର୍ମୀମାନେ ଉଦ୍ଧାର କରିଥିଲେ। ଗୋପାଳ ପ୍ରଧାନ, ସୋମନାଥ ମିଶ୍ର, ପ୍ରୀତମ ବରାଡ, ଏଲେକ୍ସ ନନ୍ଦ, ସୋନୁ ଚୌବେ, ସର୍ବେଶ୍ୱର ବିଶି, ରାହୁଲ ଛତ୍ରିଆ, ବିବେକାନନ୍ଦ ପଟେଲ, ରାଜଗୋପାଳ ସିଂ ଓ ଅନ୍ୟମାନେ ଜୀବନକୁ ବିପନ୍ନ କରି ବନ୍ୟା ବିପନ୍ନ ଲୋକଙ୍କୁ ଉଦ୍ଧାର କରିଥିଲେ। ବଳରାମ ମିଶ୍ର ଓ ସାଥୀ ଫରେଷ୍ଟ କଲୋନୀରୁ ୪ ଜଣଙ୍କୁ ଉଦ୍ଧାର କରିଥିଲେ। ପୋଲିସ ଟିମ୍ ସାଗରପଡ଼ା ଅଞ୍ଚଳରୁ ଶତାଧିକ ଲୋକଙ୍କୁ ଉଦ୍ଧାର କରିଥିଲା। ଜିଲାପାଳ ଅରିନ୍ଦମ ଡାକୁଆ ପ୍ରଶାସନିକ ନେତୃତ୍ୱ ନେଇଥିବା ବେଳେ ଏସ୍‌ପି କେ ଶିବା ସୁବ୍ରମଣି ଉଦ୍ଧାର କାର୍ଯ୍ୟର ନେତୃତ୍ୱ ନେଇଥିଲେ। ବିଧାୟକ ନରସିଂହ ମିଶ୍ରଙ୍କ ନେତୃତ୍ୱରେ ବୁଲୁ ଦାନୀ, ଅଜୟ ବାଲି ଓ ସହଯୋଗୀମାନେ ବନ୍ୟା ପୀଡିତଙ୍କୁ ରିଲିଫ୍ ପ୍ରଦାନ କରିଥିଲେ । ଭାଜପା ପକ୍ଷରୁ ସୁରଜ ଗୁରୁ, ଅନୀଲ ପାଣିଗ୍ରାହୀ ଓ ଅନ୍ୟମାନେ ସହାୟତା କରିଥିଲେ। ବିଜେଡି ପକ୍ଷରୁ ଲୋଟସ ଷଡଙ୍ଗୀ, ଶମ୍ଭୁ ନାଗ ଓ ଅନ୍ୟମାନେ ସହାୟତା କରିଥିଲେ । ବୁଧବାର ପୂର୍ବତନ ଏମ୍‌ପି ଅନଙ୍ଗ ଉଦୟ ସିଂଦେଓ ବନ୍ୟା ପୀଡିତଙ୍କ ଅବସ୍ଥା ପଚାରି ବୁଝିଥିଲେ। କାଉନ୍‌ସିଲର ସୌମ୍ୟଦୀପ ସରାଫ୍‌ଙ୍କ ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବଣ୍ଟନକୁ ଲୋକେ ପ୍ରଶଂସା କରିଛନ୍ତି। ବରପାଲିପଡ଼ା ଯୁବଗୋଷ୍ଠୀଙ୍କ ପକ୍ଷରୁ ବୁଧବାର ପଡ଼ାବାସୀଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି । ରୁଗୁଡିପଡ଼ା ଦୁର୍ଗାପୂଜା ମଣ୍ଡପରେ ଲଳିତ କୁମାର ନାୟକ, ଶିବ ବେହେରା, ଟିଟୁ ମହାନ୍ତି ଓ ଅନ୍ୟମାନେ ଶତାଧିକ ବନ୍ୟା ପୀଡିତଙ୍କୁ ମଙ୍ଗଳବାର ସକାଳୁ ରନ୍ଧାଖାଦ୍ୟ ବଣ୍ଟନ କରିଆସୁଛନ୍ତି। ବୁଧବାର ଅପରାହ୍ନରେ ସମ୍ବଲପୁରରୁ ଆସିଥିବା ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ବଲାଙ୍ଗୀରରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଏଥିରେ ଉପଦେଷ୍ଟା ପ୍ରମାଦ ରଥ, ସମୀର ରଞ୍ଜନ ବାବୁ, ମାନସ ରଞ୍ଜନ ବକ୍ସି , ଦେବାଶିଷ ବେହେରା, ବଲାଙ୍ଗୀର ସଂଯୋଜକ ପ୍ରଦୀପ୍ତ କୁମାର ମିଶ୍ରି ସାମିଲ ହୋଇଥିଲେ। ଏପରି କି ବିଭିନ୍ନ ପଡ଼ାରେ ଶତାଧିକ ସ୍ୱେଚ୍ଛାସେବୀ ବନ୍ୟା ପୀଡିତଙ୍କୁ ସହାୟତା ଯୋଗାଇବା ସହ ରହିବା ପାଇଁ ସୁରକ୍ଷିତ ଜାଗା ଯୋଗାଇ ଦେଇଛନ୍ତି।

### ପାଟଣାଗଡ଼ ଉପଖଣ୍ଡରେ ଲଗାଣ ବର୍ଷା: ଚାଷଜମି ବାଲିଚର

**ପାଟଣାଗଡ଼.୧୪।୮(ଡି.ଏନ.ଏ.)**

୧୧ତାରିଖ ରାତିରୁ ୧୩ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ପାଟଣାଗଡ଼ ଉପଖଣ୍ଡରେ ଲଗାଣ ବର୍ଷା ଜାରି ରହିଥିଲା। ଫଳରେ ଚାଷଜମି ବାଲିଚର ସେବାସହ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଯୋଗ୍ୟ ପାଟଣାଗଡ ଉପଖଣ୍ଡ ପାଟଣାଗଡ଼ ବ୍ଲକରେ ପ୍ରଥମ ଦିନରେ ୧୯୬ ମିଲିମିଟର ଏବଂ ଦ୍ୱିତୀୟ ଦିନରେ ୮୭ ମିଲିମିଟର ମୋଟ ୨୮୩ମି.ମି. ବର୍ଷା ହୋଇଥିବା ବେଳେ ବେଲପଡ଼ାରେ ୨୩୫ମି.ମି., ଖପ୍ରାଖୋଲରେ ୨୫୭ ମି.ମି. ବର୍ଷା ହୋଇଥିଲା। ପାଟଣାଗଡ଼ ଉପଖଣ୍ଡରେ ମୋଟ ୭୭୫ ମି.ମି.ବର୍ଷା ରେକର୍ଡ କରାଯାଇଛି। ଫଳରେ ବନ୍ୟା ପାଣି ଆସି ଅଞ୍ଚଳର ପ୍ରାୟ ଚାଷ ଜମି ବାଲିଚର ହୋଇ ଧାନ ଫସଲ ନଷ୍ଟ ହୋଇଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପାଟଣାଗଡ଼ କୃଷି ଅଧିକାରୀଙ୍କ ରେକର୍ଡ ଅନୁଯାୟୀ ପାଟଣାଗଡ଼ ବ୍ଲକରେ ପ୍ରାୟ ୧୦,୫୭୪ ହେକ୍ଟର ଚାଷ ଜମିରେ ବନ୍ୟା ପାଣି ମାଡିଯାଇଥିବା ବେଳେ ବେଲପଡ଼ା ବ୍ଲକରେ ୭୫୫୩ ହେକ୍ଟର ଏବଂ ଖପ୍ରାଖୋଲ ବ୍ଲକରେ ୫୯୩୧ ହେକ୍ଟର ସମୁଦାୟ ୨୪,୦୫୮ ହେକ୍ଟର ଜମିରେ ପାଣି ମାଡିଯାଇଥିଲା। ପାଟଣାଗଡ଼ ବ୍ଲକର ତମିଆଁ, ଘସିଏନ, ଉଲବା ଏବଂ ବେଲପଡ଼ା ବ୍ଲକର ଧୁମାଭଟା, ବେଲପଡ଼ା, ମଧୁପୁର ଏବଂ ଖପ୍ରାଖୋଲ ବ୍ଲକର ଦମେଇପାଲି, ଜୁରିଆ, ଲୁହାସିଂହା ପଞ୍ଚୟତରେ ଚାଷ ଜମି ବିଶେଷ ପ୍ରଭାବିତ ହୋଇଥିବା ପାଟଣାଗଡ଼ କୃଷି ଅଧିକାରୀ ଯଶୋବନ୍ତ ସାହୁ ସୂଚନା ଦେଇଛନ୍ତି।

## ଫଟୋରେ ଖବର



ଦମକଳବାହିନୀ ପକ୍ଷରୁ ବାନ୍ଧୁପଲା ଗ୍ରାମର ଏକ ଘରେ ପଶିଥିବା ବନ୍ୟାଜଳକୁ ପମ୍ପ ସାହାଯ୍ୟରେ ନିଷ୍କାସନ କରାଯାଉଛି।



ଶିବତଲା–ରାମଚନ୍ଦ୍ରପୁର ରାସ୍ତା ବନ୍ୟା ପାଣି ଧୋଇ ଦେଇଛି।

## ବର୍ଷାରୁ ତ୍ରାହି: ଲୋକଙ୍କ ଦୁର୍ଦ୍ଦଶା ବଢୁଛି

**ଗୁଡ଼ଭେଲା,୧୪।୮(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଓ ତୁଷୁରା ସହରରେ ବୁଧବାର ବନ୍ୟା ପରିସ୍ଥିତି ସ୍ୱାଭାବିକ ହେବାରେ ଲାଗିଛି। ହେଲେ ବନ୍ୟା ଯୋଗୁ ରାସ୍ତାଘାଟ ଧୋଇ ହୋଇଯାଇଥିବା ବେଳେ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ବନ୍ୟା ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଥିବା ଜଣାପଡିଛି। ଜିଲା ଚିକିତ୍ସା ଅଧିକାରୀ ସଂଯୁକ୍ତା ସାହୁ ଗୁଡ଼ଭେଲା ବ୍ଲକର ଡୁଙ୍ଗିବାହାଲ, ଜାମୁଟ, ଗୁଡ଼ଭେଲା, ମହିପୁର ଅଞ୍ଚଳ ବୁଲି ଲୋକଙ୍କ ସହ ଆଲୋଚନା କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବନ୍ୟାରେ ପ୍ରାୟ ୧୬ଶହ ଲୋକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୧୫ଟି କେନ୍ଦ୍ରରେ ରନ୍ଧାଖାଦ୍ୟ ଦିଆଯାଉଥିବା ବିଡିଓ ରାମ ବିଳାଶ ମଙ୍ଗରାଜ କହିଥିଲେ। ଗୁଡ଼ଭେଲା ବ୍ଲକ ଓ ତୁଷୁରା ଏନ୍‌ଏସି ଅଧୀନରେ ୬୦ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଯାଇଥିବା ବେଳେ ପ୍ରାୟ ସମସ୍ତଙ୍କୁ ପଲିଥିନ ବଣ୍ଟନ କରାଯାଇଥିବା ତୁଷୁରା ତହସିଲଦାର ଚନ୍ଦ୍ରମଣି ନାଗ କହିଛନ୍ତି। ତୁଷୁରା ସହରର କିଛି ଅଞ୍ଚଳକୁ ଅପରାହ୍ନ ୫ଟାରେ ବିଦ୍ୟୁତ୍ ସଂଯୋଗ କରାଯାଇଥିବା ବେଳେ ତାହା ସ୍ୱାଭାବିକ ହୋଇପାରି ନାହିଁ। ସୋନଗଡ଼ ନଦୀରୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ୍ ଯୋଗେ ଜଳଯୋଗାଣ ହୋଇପାରୁ ନାହିଁ। ତୁରନ୍ତ କ୍ଷୟକ୍ଷତିର ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ବାଳକ ହାଇସ୍କୁଲରେ ଚାରାରୋପଣ

**ଟିଟିଲାଗଡ଼,୧୪।୮(ଡି.ଏନ.ଏ.)**

ସ୍ଥାନୀୟ ବାଳକ ହାଇସ୍କୁଲ ପରିସରରେ ସ୍ୱେଚ୍ଛାସେବୀ ସଂଗଠନ ପରିଡା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୌରନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଆଇନଜୀବୀ କିଶୋର ଚନ୍ଦ୍ର ପଣ୍ଡା, ପୂର୍ବତନ ନଗରପାଳ ଗୋବର୍ଦ୍ଧନ ନାଗ, ବାଳକ ହାଇସ୍କୁଲ ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ଠାକୁର, ନାରାୟଣ ବର୍ଗତି, ଅମିୟ ହୋତା, ଯୋଗେଶ ମିଶ୍ର, ଶିକ୍ଷକ ସନ୍ତୋଷ ପୁରୋହିତ, ପ୍ରଦ୍ୟୁମ୍ନ ଦର୍ଜ, ପୁଷ୍ପ ଜୈନ, ପୂର୍ବତନ କାଉନସିଲର ସୁନିଲ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ଟ୍ରଷ୍ଟ ପକ୍ଷରୁ ଯୁବ ଉଦ୍ୟୋଗୀ ବାଙ୍ଗାଲୋରସ୍ଥିତ ରେସଟ୍ରେକ ପ୍ରତିଷ୍ଠାତା ସୁବ୍ରତ ପରିଡା ତାଙ୍କ ପିତା ତଥା ଟ୍ରଷ୍ଟି ଶିବପ୍ରସାଦ ପରିଡା, ଶ୍ରୀକାନ୍ତ ପରିଡା, ଦେବ ପରିଡା, ଗୁଲୁ ପରିଡା ପ୍ରମୁଖ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।




ବାଳକ ହାଇସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅତିଥିମାନେ।

# ଦେଓଗାଁ ବ୍ଲକରେ ବନ୍ୟା, ବ୍ୟାପକ କ୍ଷୟକ୍ଷତି

**ଦେଓଗାଁ,୧୪।୮(ଡି.ଏନ.ଏ.)**

- ଦିନକ ପରେ ପହଞ୍ଚିଲା ପ୍ରଶାସନ
- ଯୁବକଂଗ୍ରେସ ପକ୍ଷରୁ ରିଲିଫ ବଣ୍ଟନ
- ଉଜୁଡିଲା ଧାନ, କପା, ପନିପରିବା ଚାଷ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଅନ୍ୟପକ୍ଷେ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ବ୍ଲକର ପ୍ରାୟ ୨୬ଟି ପଞ୍ଚାୟତରେ ବନ୍ୟା ବିପ୍ୟାତ ଲାଗି ରହିଥିଲା। ବ୍ଲକର ବିଭିନ୍ନ ରାସ୍ତାରେ ପାଣି ମାଡି ରାସ୍ତା ଧୋଇଯାଇଥିବା ବେଳେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଗାଁଗୁଡିକରେ ବନ୍ୟା ପାଣି ଘରେ ପଶି ଆସବାପତ୍ର ନଷ୍ଟ ହୋଇଯାଇଥିବା ବେଳେ ଧାନ, କପା, ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ବିଭିନ୍ନ ଗାଁରେ ଗ୍ରାମବାସୀ ସ୍କୁଲ ବାରଣ୍ଡା ଆଶ୍ରୟ ନେଇଛନ୍ତି। ହେଲେ ମଙ୍ଗଳବାର ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚି ପାରି ନ ଥିଲା। କେତେକ ସ୍ଥାନରେ ଦେଓଗାଁ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିବା ବେଳେ ଦେଓଗାଁ ଯୁବ କଂଗ୍ରେସ କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇ ଲୋକଙ୍କସହ ଆଲୋଚନା କରି ରିଲିଫ ବଣ୍ଟନ କରିଥିଲେ।

ବୁଧବାର ବିଡିଓ ବେର୍ଣ୍ଣାଦେତ ଲାକ୍ରା, ତହସିଲଦାର ସୋନାଲି ପାତ୍ର ଓ ରାଜସ୍ୱ ନିରୀକ୍ଷକଙ୍କ ସହ ଅନ୍ୟ ବିଭାଗୀୟ କର୍ମଚାରୀ ଗୁଡଖାପଲା, ମୁଣ୍ଡପଲା, କୁଲୁତାପଡ଼ା ଆଦି ଅଞ୍ଚଳ ପରିଦର୍ଶନ କରି ବିପନ୍ନଙ୍କୁ ଭେଟି ସମସ୍ୟା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ଏହି ଅବସରରେ ବିପନ୍ନମାନଙ୍କୁ ରନ୍ଧାଖାଦ୍ୟ ଓ ଘର ଭାଙ୍ଗିଥିବା ପରିବାର ଲୋକଙ୍କୁ ତାରପୋଲିନ ବଣ୍ଟନ କରାଯାଇଥିଲା। ସୂଚନାଯୋଗ୍ୟ, ବନ୍ୟାରେ ଗାଇବାହାଲ ପଞ୍ଚାୟତ ଅର୍ଡା ନିକଟରେ ବ୍ରିଜର ଉଭୟ ପାର୍ଶ୍ୱ ଭାଙ୍ଗିଯାଇ ରାସ୍ତା ବିଚ୍ଛିନ୍ନ ହୋଇଯାଇଛି। ସେହିପରି ଉଡାର ନିକଟରେ ପୋଲ ଭାଙ୍ଗିଯାଇଛି। ଉପରଝର–ରେଙ୍ଗାଲି ରାସ୍ତା ଧୋଇ ଯାଇଥିବା ବେଳେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ମୁଣ୍ଡପଲା ଛକରୁ କୁଲୁତାପଡ଼ା ରାସ୍ତା ଏବଂ କୁଲତାପଡାରୁ ସିଂହାଟିମାଲ–ଖଇରମାଲ ପ୍ରଧାନମନ୍ତ୍ରୀ ସଡ଼କ ବନ୍ୟା ପାଣିରେ ନଷ୍ଟ ହୋଇଯାଇଛି। ସେପରି ଜରାସିଂହାରୁ କୁଲିଆବାହାଲ ଯିବାରାସ୍ତା ମଧ କଟି ଯାଇଥିବାରୁ ବଡଡୁଙ୍ଗୁରୀପାଲି, ପାଣ୍ଡେଲ, ବଗଡା ରାସ୍ତା ବିଚ୍ଛିନ୍ନ ରହିଛି । ଦେଶାଇମୁଣ୍ଡା–ଚାଣ୍ଟିପଦର ରାସ୍ତା କଟିଯିବାରୁ ଉପରୋକ୍ତ ପଞ୍ଚାୟତର ଚାରିପଟରୁ ରାସ୍ତା ବନ୍ଦ ହୋଇଯାଇଛି। ବ୍ଲକର ପ୍ରାୟତଃ ରାସ୍ତା ପାର୍ଶ୍ୱ କଟିଯାଇ ଥିବା ବେଳେ ଗମନାଗମନରେ ବାଧାପ୍ରାପ୍ତ ହୋଇଛି। ବୁଧବାର ବର୍ଷାକମିବା ପରେ ବଲାଙ୍ଗୀର ଦେଓଗାଁ ୨୬ ନଂ ଜାତୀୟ ରାଜପଥ ଘୁଟିପାଲିରୁ ବୁଦେଲଗୁମା ଦେଇ ନୂଆଁପାଲି କୁକୁରଖାଇ ଓ ରୁଷୁଡାଛକ ଦେଇ ଅର୍ଜୁନପୁର କୁଲୁତାପଡା, ଅଞ୍ଚଳକୁ ବହୁକଷ୍ଟରେ ଲୋକେ ଯିବାଆସିବା କରୁଥିବା ଜଣାପଡିଛି। ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇବାକୁ ସାଧାରଣରେ ଦାବିହେଉଛି।








କୁଲୁତାପଡ଼ାରୁ ସିଂହାଟିମାଲ–ଖଇରମାଲ ରାସ୍ତା ପାଣିରେ ଧୋଇଯାଇ ବିଚ୍ଛିନ୍ନ ହୋଇଯାଇଛି (ବାମ)। ସିକୁଆଁ ସୋନଗଡ଼ ନଦୀ ନିକଟରେ ଗଛରେ ଫସି ରହିଥିବା ଜଣେ ବ୍ୟକ୍ତିକୁ ଓଡ୍ରାଫ ଟିମ୍ ଉଦ୍ଧାର କରୁଛି (ମଝି)। ମୁଣ୍ଡପଲା ସ୍କୁଲପଡ଼ାର ବନ୍ୟା ପ୍ରଭାବିତ ପରିବାର ଲୋକଙ୍କୁ ସ୍କୁଲରେ ଆଶ୍ରୟ ଦେବାସହ ରିଲିଫ ସାମଗ୍ରୀ ପ୍ରଦାନ କରାଯାଉଛି।

## ବନ୍ୟାରେ ରାସ୍ତା ଧୋଇଗଲା

**ଲୋଇସିଂହା,୧୪।୮(ଡି.ଏନ.ଏ.)–** ସୋମବାର ଏବଂ ମଙ୍ଗଳବାର ୨ ଦିନ ଲଗାଣ ବର୍ଷାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ବଲାଙ୍ଗୀର ଜିଲା ଲୋଇସିଂହା ଏବଂ ଆଗଲପୁର ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବର୍ଷାରେ ଶତାଧିକ ଘର ଭାଙ୍ଗି ଯାଇଥିବା ବେଳେ ବିଭିନ୍ନ ରାସ୍ତା ଧୋଇ ହୋଇଯାଇଛି।

ସୂଚନା ଯୋଗ୍ୟ, ଲୋଇସିଂହା ବ୍ଲକ ବୁର୍ଡା ୨୬ ନମ୍ବର ଜାତୀୟରାଜପଥରୁ ଆଗଲପୁର ବ୍ଲକ ନଅଗାଁ(ଖ)କୁ ୩ କି.ମି ମୋରୁମ ରାସ୍ତା ରହିଛି। ଦୁମଦୁମି ପଥରଗଡ଼ ଏବଂ ବଡଟିକା ଅଞ୍ଚଳରେ ବନ୍ୟା ପାଣି ଉକ୍ତ ରାସ୍ତା ଉପରେ ପ୍ରବାହିତ ହେବାରୁ ରାସ୍ତାର ୩ଟି ସ୍ଥାନରେ କଟି ଯାଇଛି । ଫଳରେ ଉକ୍ତ ରାସ୍ତା ଦେଇ କୌଣସି ଚାରିଚକିଆ ଯାନବାହନ ଯାଇପାରୁନାହିଁ। ସେହିପରି ବୁର୍ଡାରୁ କୁଟେବପାଲି ପଞ୍ଚାୟତ ଅଧୀନ ଦୁମଦୁମିରାସ୍ତାରେ ସମଦଶା ହୋଇଛି। କେତେକ ସ୍ଥାନରେ ରାସ୍ତା ଧୋଇ ହୋଇଯାଇଛି। ଦୁମଦୁମି ଫଡିଘରଠାରୁ ଗାଁମୁଣ୍ଡ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ରାସ୍ତାର ଉନ୍ନତୀକରଣ ପାଇଁ ଦୁମଦୁମି ଗ୍ରାମବାସୀ ସରପଞ୍ଚ, ବ୍ଲକ ଅଧକ୍ଷା, ଉପଅଧକ୍ଷଙ୍କୁ ଜଣାଇ ନିରାଶ ହୋଇ ପଡିଥିବା କହିଛନ୍ତି। ଏହି ଉଭୟ ରାସ୍ତାର ଉନ୍ନତୀକରଣ ପ୍ରତି ଜିଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୫ ଅଗଷ୍ଟ ,୨୦୧୯



ଶବକୁ ଯେପରି ଚିତା ଖାଇଯାଏ, ଲୋକଙ୍କୁ ସେହିପରି ଈର୍ଷା ଖାଇଯାଏ।
- ସେଣ୍ଟ୍ ଜନ୍ କ୍ରିଷୋଷ୍ଟୋମ୍



## ସଂକ୍ଷେପରେ

### ଡମ୍ଫର ଧକ୍କାରେ ବାଇକ୍ ଚାଳକ ମୃତ

**କୁଆଁରମୁଣ୍ଡା,୧୪।୮(ଡି.ଏନ.ଏ):** କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଟେଟେ ପେଟ୍ରୋଲ ପମ୍ପ ସମ୍ମୁଖରେ ବୁଧବାର ରାତି ପ୍ରାୟ ୭ଟା ୪୫ରେ ଏକ ଡମ୍ଫର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ତାଙ୍କର ପରିଚୟ ମିଳିନାହିଁ। ଡମ୍ଫରଟି ଏତେ ଦ୍ରୁତ ଗତିରେ ଥିଲା ଯେ ସିଧାସଳଖ ବାଇକ୍ ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ବାଇକ୍ ଚାଳକଙ୍କ ମୁଣ୍ଡ ଫାଟିବା ସହ ଅଣ୍ଟା ପାଖରୁ ଗୋଡ ବାହାରି ଯାଇଥିଲା। ଖବରପାଇ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ୍ କରିଛି। ଗାଡି ଚାଳକ ଓ ଖଲାସୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସୂଚନାଯୋଗ୍ୟ ଯେ,୧୪୩ ନମ୍ବର ଜାତୀୟ ରାଜପଥର ଯମୁନାନାକି ଠାରୁ ଆରମ୍ଭ କରି କୁଆଁରମୁଣ୍ଡା ଟେଟେ ପେଟ୍ରୋଲ ପମ୍ପ,ଚୁଟିଆଟୋଲି ଇତ୍ୟାଦି ପର୍ଯ୍ୟନ୍ତ ରାଜପଥର ଉଭୟ ପାର୍ଶ୍ୱରେ ବେଆଇନ ଟ୍ରକ, ଡମ୍ଫର, ଟ୍ରେଲର ଇତ୍ୟାଦି ପାର୍କିଂ ବରାବର କରୁଛନ୍ତି। ଫଳରେ ରାଜପଥରେ ସାମାନ୍ୟ ଅସାବଧାନତା ହେଲେ ରାସ୍ତା ପାର୍ଶ୍ୱକୁ ବାଇକ୍ ଗଡ଼ାଇବା ଆଦୌ ସମ୍ଭବ ହେଉନାହିଁ।

# ମାଟି ଅତଡ଼ା ଧସି ରେଳଧାରଣା ଭାଙ୍ଗିଲା

- ଲଗାଣ ବର୍ଷାରେ ଓପିଜିସି କୋଇଲାଖଣିର ରେଳଧାରଣା କ୍ଷତିଗ୍ରସ୍ତ
- ସୁନ୍ଦରଗଡ଼ ଜିଲାରେ ହାରାହାରି ୫୦.୬୫ ମିମି ବର୍ଷା ରେକର୍ଡ
- ହେମଗିର ବ୍ଲକରେ ସର୍ବାଧିକ ୧୦୧ ମିମି ବର୍ଷା

**ସୁନ୍ଦରଗଡ଼, ୧୪।୮ (ଡି.ଏନ୍.ଏ)**

ବର୍ଷା ଅଭାବରୁ ସୁନ୍ଦରଗଡ ଜିଲାରେ ଚାଷ କାର୍ଯ୍ୟ ପଛେଇ ଯାଇଥିବା ବେଳେ ଗତ ୨ଦିନ ହେବ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଚାଷ ଜମି ଜଳମଗ୍ନ ହୋଇଛି। ଜିଲାରେ ହାରାହାରି ୫୦.୬୫ ମିମି ବର୍ଷା ହୋଇଥିବା ଜିଲା ପାଣିପାଗ ବିଭାଗ ପକ୍ଷରୁ ବୁଧବାର ସକାଳେ ରେକର୍ଡ କରାଯାଇଛି। ଜିଲାର ୧୭ଟି ବ୍ଲକ ମଧ୍ୟରୁ ହେମଗିର ବ୍ଲକରେ ସର୍ବାଧିକ ୧୦୦ ମିମି ବର୍ଷା ହୋଇଛି। ଗତ ୨ଦିନ ଧରି ଲଗାଣ ବର୍ଷା ଯୋଗୁ ହେମଗିର ବ୍ଲକର ମନୋହରପୁର, କାଠଫାଳିକୁ ନେଇ ଓପିଜିସିର ଖୋଲାମୁହଁ କୋଇଲା ଖଣି ଗତ କିଛି ବର୍ଷ ଧରି କାମ ଆରମ୍ଭ କରିଛି । ମାତ୍ର ଗତ ୨ଦିନର ପ୍ରବଳ ବର୍ଷା ଯୋଗୁ ଉପର ଅଞ୍ଚଳରୁ ପାଣି ଓ ମାଟି ଅତଡା ଖସି କଳାମେଘା ଗ୍ରାମରୁ ମନୋହରପୁର ପର୍ଯ୍ୟନ୍ତ ଚାଲିଥିବା ଓପିଜିସି (ଏମଜିଆର) ପ୍ରକଳ୍ପର ରେଳ ଲାଇନ୍ ସମ୍ପୂର୍ଣ୍ଣ ଭାବେ ଧୋଇ ହୋଇଯାଇଛି। ଏହି ଅଞ୍ଚଳର ବ୍ୟାପକ କ୍ଷୟକ୍ଷତି ଘଟିଛି। ଏଲ ଆଣ୍ଡ ଟି କମ୍ପାନୀ ପକ୍ଷରୁ ଏହି ପ୍ରକଳ୍ପ ୨୦୧୪ ରୁ ନିର୍ମାଣଧୀନ ଅବସ୍ଥାରେ ଅଛି। ଲଗାଣ ବର୍ଷା ଯୋଗୁ ଜିଲାର ବିଭିନ୍ନ ସ୍ଥାନରେ ଥିବା ରାସ୍ତାଘାଟରେ ମଧ୍ୟ କ୍ଷୟକ୍ଷତି ଘଟିଛି। ଜିଲାର ସୁନ୍ଦରଗଡ ସଦର ବ୍ଲକରେ ୯୪.୨, ବଡଗାଁ ବ୍ଲକରେ ୮୦.୨, ରାଜଗାଙ୍ଗପୁର ବ୍ଲକରେ ୭୪.୪, ସବଡେଗା ବ୍ଲକରେ ୭୨, କୁତ୍ରା ବ୍ଲକରେ ୬୪.୮, ବଣାଇଁ ବ୍ଲକରେ ୬୦, ବାଲିଶଙ୍କରା ବ୍ଲକରେ ୪୭.୨, କୁଆଁରମୁଣ୍ଡା ବ୍ଲକରେ ୪୫.୨, ଟାଙ୍ଗରପାଲି ବ୍ଲକରେ ୪୪. ୪, ଗୁରୁଣ୍ଡିଆ ବ୍ଲକରେ ୩୭, ଲାଠିକଟା ବ୍ଲକରେ ୩୫, ନୂଆଁଗାଁ ବ୍ଲକରେ ୩୧, ଲେଫ୍ରିପଡା ବ୍ଲକରେ ୨୧, କୋଇଡା ବ୍ଲକରେ ୧୬ ଓ ବିଶ୍ରା ବ୍ଲକରେ ସର୍ବନିମ୍ନ ୯.୨ ମିମି ବର୍ଷା ହୋଇଥିବା ବୁଧବାର ରେକର୍ଡ ହୋଇଛି। ଲଗାଣ ବର୍ଷାରେ ଗ୍ରାମାଞ୍ଚଳ ରାସ୍ତାଘାଟ ଧୋଇଯାଇ ଶୋଚନୀୟ ହୋଇପଡ଼ିଛି।



ଓପିଜିସି କୋଇଲାଖଣି ସକାଶେ ନିର୍ମାଣାଧୀନ କଳାମେଘା – ମନୋହରପୁର ପର୍ଯ୍ୟନ୍ତ ରେଳ ଲାଇନ ଧୋଇ ହୋଇଯାଇଛି ।



ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡି ଇକୋଟୁରିଜିମ୍ ପରିଦର୍ଶନ କରୁଛନ୍ତି।

## ରାଜସ୍ୱମନ୍ତ୍ରୀଙ୍କ ଇକୋଟୁରିଜିମ୍ ପରିଦର୍ଶନ

**ଲେଫ୍ରିପଡା,୧୪।୮(ଡି.ଏନ.ଏ)**

ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ବାଡୁନଝରିଆ ଇକୋଟୁରିଜିମ୍ ଠାରେ ରାଜ୍ୟ ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡି ବୁଧବାର ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଲେଫ୍ରିପଡା ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ପଚାରି ବୁଝିଥିଲେ। ମନ୍ତ୍ରୀଙ୍କ ସହ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ବିଜେଡି ଯୁବନେତା ବିନୟ ଟପୋ, ପୂର୍ବତନ ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ୍, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ,ବିଜୁଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି ଉପସ୍ଥିତ ରହିଥିଲେ। ଆଲୋଚନାରେ ଲେଫ୍ରିପଡା ଅଞ୍ଚଳର ବିଜେଡି ନେତା ହୃଦାନନ୍ଦ ସାହୁ, ପ୍ରଶାନ୍ତ ପୃଷେଠ୍, ଜେନାମଣି ପଟେଲ, ସୁଶିଲ ନାଏକ, ବିଭୂତି ପଟେଲ, ଟଙ୍କଧର ପଟେଲ, ସୁମନ୍ତ ପୂଜାରୀ ପ୍ରମୁଖ ବିଜେଡି କର୍ମୀ ଭାଗ ନେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା, ୭୩ ପ୍ରକଳ୍ପ ପ୍ରଦର୍ଶିତ

**ଲହୁଣୀପଡା, ୧୪।୮ (ଡି.ଏନ.ଏ)**

ଲହୁଣୀପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିମାନେ ଯୋଗଦେଇ ଜ୍ଞାନବିଜ୍ଞାନ ମେଳା ଆୟୋଜନ ସମ୍ପର୍କରେ କହିବା ସହିତ ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧିକରୁ ଅଧିକ ପ୍ରକଳ୍ପ ନିର୍ମାଣ କରି ପ୍ରଦର୍ଶନୀ ମେଳାରେ ଅଂଶ କରିଥିଲେ ଜ୍ଞାନବିଜ୍ଞାନ ପ୍ରତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହେବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଜ୍ଞାନ ବିଜ୍ଞାନ ମେଳାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ରେଣୀରୁ ୨୮ଟି, ଶିଶୁ ବର୍ଗର ୨୦ଟି, ବାଳବର୍ଗର ୧୮ଟି, କିଶୋର ବର୍ଗର ୯ଟି ମୋଟ ୭୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଟିଙ୍କୋ ଉଚ୍ଚ ବିଦ୍ୟାଳୟର ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାହୁ ଓ ସଙ୍ଗୀତା ମାହାନ୍ତ ଯୋଗଦେଇ ମୂଲ୍ୟାୟନ କରିଥିଲେ। ସମାରୋହ ଉତ୍ସବରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆସନ୍ତା ୨୪ରେ ହେବାକୁ ଥିବା ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଶିଶୁ, ବାଲ, କିଶୋର ବର୍ଗର ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଅଂଶଗ୍ରହଣ କରିପାରିବେ ବୋଲି ସୂଚନା ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ନିରଜ ଚନ୍ଦ୍ର ଦିକ୍ଷୀତଙ୍କ ସମେତ ଡଲେଶ୍ୱର ଜେନା, ଘୃତ କୁମାର ବେହେରା, ମିନକେତନ ମାହାନ୍ତ, ରୁପାଲି ପଣ୍ଡା, ସୋନାଲି ପରିଡା, ପୂଜାର୍ଚ୍ଚନା ମାହାନ୍ତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ଜ୍ଞାନ ବିଜ୍ଞାନ ମେଳାରେ ଜଣେ ଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

## ସ୍ୱାଧୀନତା ଦିବସ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

■ ସମାବେଶରେ ମନ୍ତ୍ରୀ ସୁଦାମ ମାରାଣ୍ଡି ଅଭିବାଦନ ଗ୍ରହଣ କରିବେ

**ସୁନ୍ଦରଗଡ଼, ୧୪।୮ (ଡି.ଏନ୍.ଏ)**

ଜିଲା ସଦର ମହକୁମା ସୁନ୍ଦରଗଡରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ସକାଶେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ସ୍ଥାନୀୟ ଭବାନୀଭବନ ପଡିଆଠାରେ ହେବାକୁ ଥିବା ଜିଲାସ୍ତରୀୟ ସମାରୋହରେ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ କ୍ୟାବିନେଟ ମନ୍ତ୍ରୀ ସୁଦାମ ମାରାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ। ଏହି ଉପଲକ୍ଷେ ଭୋର ସାଢେ ୪ଟାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଜରିଆରେ ରାମଧୂନ ପ୍ରଚାର କରାଯିବ। ସକାଳ ୬ଟାରୁ ୭ଟା ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରୀ, ୭ଟା ୩୦ ରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ହେବ। ସକାଳ ୯ଟା ୧୫ରେ ଭବାନୀ ଭବନ ପଡିଆ ଠାରେ ଆୟୋଜିତ ଜିଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ ପରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଓ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ରହିଛି। ଏହା ପରେ ମୁଖ୍ୟ ଅତିଥି ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟ, ଜିଲା କାରାଗାର ଓ ବନ୍ଧପାଲିସ୍ଥିତ ଭିନ୍ନକ୍ଷମ ବିଦ୍ୟାଳୟ ସାର୍ଥକରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିବେ। ଦିନ ୧୧ଟାରେ କଳାୟତନରେ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜନ୍ମବାର୍ଷିକୀ ଉପଲକ୍ଷେ ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ପରିଦର୍ଶନ କରିବେ। ଦିନ ୧୨ଟାରେ ଜିଲା ପ୍ରଶାସନ ଏକାଦଶ ବନାମ ପ୍ରେସ୍ ଏକାଦଶ ମ୍ୟାଚ ବିଜେତା ବନାମ ଜିଲା ଆଇନଜୀବୀ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ ଓ ସନ୍ଧ୍ୟା ୬ରେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲା ସୂଚନା ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

## ବସୁନ୍ଧରା କୋଇଲାଖଣି ସମସ୍ୟାକୁ ନେଇ ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲେ ବିସ୍ଥାପିତ

**ସୁନ୍ଦରଗଡ଼, ୧୪।୮ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ମହାନଦୀ କୋଇଲା ଖଣି ଲିମିଟେଡ ବସୁନ୍ଧରା କୋଇଲା ଖଣି ପ୍ରକଳ୍ପ ସମସ୍ୟା ନେଇ ବୁଧବାର ରାଜସ୍ୱ ମନ୍ତ୍ରୀ ସୁଦମ ମାରାଣ୍ଡିଙ୍କୁ ସ୍ଥାନୀୟ ସାର୍କିଟ ହାଉସରେ ବିସ୍ଥାପିତ ମଞ୍ଚ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି କୋଇଲା ଖଣି ପ୍ରକଳ୍ପ ସକାଶେ ବିଗତ ୩୦ବର୍ଷ ହେଲା ୧୪ଖଣ୍ଡ ଗ୍ରାମକୁ ଜମି କିଣାବିକା ଉପରେ ରହିତାଦେଶ ଲଗାଯାଇଛି। ଏପର୍ଯ୍ୟନ୍ତ ୬ଟି ଗ୍ରାମରେ ସମ୍ପୂର୍ଣ୍ଣ କ୍ଷତିପୂରଣ ଓ ପୁନର୍ବାସ ଥଇଥାନ କରା ନ ଯାଇ ଖଣିଖନନ କାର୍ଯ୍ୟ ଚାଲିଥିବାବେଳେ ଅଞ୍ଚଳବାସୀଙ୍କ ଅନେକ ସମସ୍ୟା ଲାଗିରହିଛି। ଏହି କ୍ଷେତ୍ରରେ ଆଦିବାସୀ ସମ୍ପ୍ରଦାୟର ଅଧିବାସୀ ବିଶେଷ ପରିମାଣରେ ନିର୍ଯାତିତ ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖଣି ଅଞ୍ଚଳର ପାରିପାର୍ଶ୍ୱିକ ବିକାଶ ଉପରେ ଗୁରୁତ୍ୱ ଦେଇ ବାଙ୍କୀବାହାଲ ଠାରୁ ଟପରିଆ ରାସ୍ତାର ମରାମତି ଅଗ୍ରାଧିକାର ଭିତ୍ତିରେ କରାଯିବା, ପିଇବା ପାଣିର ବ୍ୟବସ୍ଥା, ଖଣି ପରିଚାଳନା ସକାଶେ ସିଟିଓ, ସିଟିଇ, ଇସିରେ ଥିବା ସର୍ତ୍ତାବଳୀ ଗୁଡିକର ପାଳନ ଠିକ ଭାବେ କରାଯିବା ,ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଖଣି ପରିଦର୍ଶନ ସମୟରେ ସ୍ଥାନୀୟ ଜନସାଧାରଣଙ୍କୁ ସାମିଲ କରାଯିବା ଓ ଏସବୁ ସମସ୍ୟାର ସମାଧାନ ପାଇଁ ରାଜ୍ୟରୁ ପ୍ରଥମେ ଏକ ତଦନ୍ତ ଟିମ୍ ରାଜ୍ୟ ସ୍ତରରୁ ପଠାଇବା ପାଇଁ ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ବିସ୍ଥାପିତ ନେତା ରାଜେନ୍ଦ୍ର ନାଏକ, ହେମଗିରି ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରାଉଡିଆ, ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ସ୍ୱତନ୍ତ୍ର ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ ଓ ବିସ୍ଥାପିତ ମଞ୍ଚର ସଭ୍ୟମାନେ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ବେଦବ୍ୟାସ, ୧୪।୮(ଡି.ଏନ.ଏ.)**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ଅଞ୍ଚଳର ଜନୈକା ନାବାଳିକା (୧୫)ଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ବୁଧବାର ଅଭିଯୁକ୍ତ ଯୁବକ ବିଷ୍ଣୁ ସିଂ ଓରଫ ନାଏକଙ୍କୁ ଗିରଫ କରିଛି। ବିଷ୍ଣୁଙ୍କ ଘର ଝାଡ଼ଖଣ୍ଡର ସିମଡ଼େଗା ଅଞ୍ଚଳରେ ହୋଇଥିବାବେଳେ ସେ ଏଠାରେ ମନ୍ଦିର ରୋଡ଼ରେ ରହୁଥିଲେ। ବର୍ଷେ ହେବ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଚାଲିଥିଲେ। ନାବାଳିକା ଏବେ ଗର୍ଭବତୀ ଅଛନ୍ତି।

■ କୁରେଇ ଗୁଳିମାଡ ଘଟଣା

## ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୋଲିସର ତନାଘନା, ଥାନାରେ ମାମଲା

**ସୁନ୍ଦରଗଡ଼ ୧୪।୮ (ଡି.ଏନ୍.ଏ)**

ତଳସରା ଥାନା ବାଲିଶଙ୍କରା ବ୍ଲକ କୁରେଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ରାତିରେ ଘଟିଥିବା ଗୁଳିମାଡ ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଉଦ୍ୟମ ଚଳାଇଛି। ଗୁଳିମାଡ ଘଟଣାରେ ଆହତ ସରପଞ୍ଚଙ୍କ ସ୍ୱାମୀ ହୃଦାନନ୍ଦ ବାରିକ ଓ ଶିକ୍ଷକ ରଞ୍ଜିତ ସିଂ ବର୍ତ୍ତମାନ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସିତ ହେଉଛନ୍ତି। ଶିକ୍ଷକ ସିଂଙ୍କ ଏତାଲା ଆଧାରରେ ପୋଲିସ ତଳସରା ଥାନାରେ ଏକ ମାମଲା (ନଂ.୧୧୯।୨୦୧୯) ରୁଜୁ କରିଛି। ଶିକ୍ଷକଙ୍କ ପେଟରେ ଗୁଳିଥିବା ସନ୍ଦେହ କରି ଡାକ୍ତର ତାଙ୍କୁ ସ୍ଥାନାନ୍ତର କରିଛନ୍ତି। ଗୁଳିମାଡରେ ଆହତ ବାରିକ ଓ ଶିକ୍ଷକ ସିଂ ପୋଲିସ ଆଗରେ ଦେଇଥିବା ବୟାନ ଅନୁସାରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାବେଳେ ବର୍ଷା ହେଉଥିବା ଯୋଗୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ଛିଡା ହୋଇ କଥା ହେଉଥିଲେ। ଏହି ସମୟରେ ୨ଜଣ ମୁଖାପିନ୍ଧା ଓ ରେନକୋର୍ଟ ପିନ୍ଧିଥିବା ଅଜଣା ବ୍ୟକ୍ତି ଆସି ପହଞ୍ଚିଥିଲେ। ବର୍ଷା ହେଉଥିବାରୁ ଭିତରକୁ ଆସ ବୋଲି ସରପଞ୍ଚଙ୍କ ସ୍ୱାମୀ ସେମାନଙ୍କୁ ଡାକିଥିଲେ। ମାତ୍ର ହଠାତ୍ ମୁଖାଧାରୀ ଯୁବକ ୨ଜଣ ଶିକ୍ଷକ ଓ ତାଙ୍କୁ ମାଡ ମାରିବା ସହ ସେମାନଙ୍କ ଉପରକୁ ଲକ୍ଷ୍ୟ କରି ୪/୫ ରାଉଣ୍ଡ ଗୁଳି ଫୁଟାଇଥିଲେ। ଏହା ଦେଖି ଆତଙ୍କିତ ଅବସ୍ଥାରେ ଜୀବନବଞ୍ଚାଇବା ପାଇଁ ସେଠାରୁ ଦୌଡି ପଳାଇଥିଲେ। ହେଲେ ଶିକ୍ଷକ ସିଂଙ୍କ ପେଟରେ ଏକ ଗୁଳି ବାଜି ଥିବା ବେଳେ ସରପଞ୍ଚଙ୍କ ସ୍ୱାମୀ ବାରିକଙ୍କ ମୁଣ୍ଡପାଖ ଦେଇ ଅନ୍ୟ ଏକ ଗୁଳି ଚାଲି ଯାଇଥିଲା। ଘଟଣା ସମୟରେ ପାଟିତୁଣ୍ଡ ଓ ଚିତ୍କାର ଶୁଣି ପାଖରେ ଥିବା ଗ୍ରାମବାସୀ ଆସିଥିଲେ। ଗୁଳିମାଡ କେଉଁ କାରଣରୁ ହୋଇଥିଲା ତାହା ଅସ୍ପଷ୍ଟ ରହିଛି। ତଦନ୍ତ ପରେ ଏହାର ଠିକ କାରଣ ଜଣାପଡିବ ବୋଲି ସଦର ଏସଡିପିଓ ବଳଭଦ୍ର ଦୀପ ପ୍ରକାଶ କରିଛନ୍ତି ।

## ଅନ୍ଧାରୁଆ ରାସ୍ତା, ବୁଲା ଗୋରୁଙ୍କ ଆଡ୍ଡା: ବଢୁଛି ଦୁର୍ଘଟଣା

**ସୁନ୍ଦରଗଡ଼, ୧୪।୮ (ଡି.ଏନ୍.ଏ.)**

ଅନ୍ଧାରରେ ସୁନ୍ଦରଗଡ ସହର। ଏକଥା ସନ୍ଧ୍ୟା ପରେ ସୁନ୍ଦରଗଡ଼ରେ ଘରୁ ବାହାରୁ ଥିବା ଲୋକେ ବେଶ ବୁଝିପାରୁଥିବେ। ରାଜ୍ୟ ସରକାର ପୌରାଞ୍ଚଳରେ କୋଟି କୋଟି ଟଙ୍କା ବ୍ୟୟରେ ଷ୍ଟ୍ରିଟଲାଇଟ ଆଲୁଅ ବ୍ୟବସ୍ଥା କରିଛନ୍ତି। ବିଭିନ୍ନ କମ୍ପାନୀମାନଙ୍କ ଦ୍ୱାରା ସୁନ୍ଦରଗଡ ସହରର ବିଭିନ୍ନ ମୁଖ୍ୟ ରାସ୍ତାଗୁଡିକରେ ଏହି ଷ୍ଟ୍ରିଟଲାଇଟ ବ୍ୟବସ୍ଥା କାର୍ଯ୍ୟ କରାଯାଇଥିଲା। ମାତ୍ର ବର୍ତ୍ତମାନ ସହରର ଅଧିକାଂଶ ମୁଖ୍ୟ ରାସ୍ତାରେ ଥିବା ଷ୍ଟ୍ରିଟଲାଇଟ ଖମ୍ବରେ ଲାଇଟ୍ ଜଳୁନାହିଁ। ଫଳରେ ସହରର ମୁଖ୍ୟ ରାସ୍ତାଗୁଡିକ ଅନ୍ଧକାରରେ ରହୁଥିବା ବେଳେ ରାସ୍ତା ଉପରେ ବୁଲା ଗୋରୁଙ୍କ ଭିଡ ସମସ୍ୟାକୁ ଦ୍ୱିଗୁଣିତ କରିଛି। ସୁନ୍ଦରଗଡ ସରକାରୀ କଲେଜଠାରୁ ହସ୍ପିଟାଲ ଛକ, ହସ୍ପିଟାଲ ଛକରୁ ମିଶନ ଓ ଶଙ୍କରା ପର୍ଯ୍ୟନ୍ତ ରାସ୍ତା ଉପରେ ବୁଲା ଗୋରୁ ଶୋଇରହୁଥିବା ଯୋଗୁ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏଥିଯୋଗୁ ନିୟମିତ ଭାବେ ଛୋଟବଡ ଦୁର୍ଘଟଣା ଘଟିବା ଓ ଏଥିପାଇଁ ଅନେକ ଆହତ ହେଉଥିବା ବେଳେ ଆଉ କେତେକଙ୍କ ଜୀବନ ମଧ୍ୟ ଗଲାଣି। ଏଣୁ ଏ ଦିଗରେ ପୌରପ୍ରଶାସନ ଦୃଷ୍ଟିଦେଇ ପଦକ୍ଷେପ ନେବା ସକାଶେ ସାଧାରଣରେ ଦାବି ହେଉଛି।



ହସ୍ପିଟାଲ ଛକରୁ ଶଙ୍କରା ମୁଖ୍ୟ ରାସ୍ତା ଉପରେ ବୁଲା ଗୋରୁଙ୍କ ଭିଡ।

## ବଜରଙ୍ଗ ଦଳ ପକ୍ଷରୁ ଅଖଣ୍ଡ ଭାରତ ସଂକଳ୍ପ ଦିବସ

**ସୁନ୍ଦରଗଡ଼, ୧୪।୮ (ଡି.ଏନ୍.ଏ)**

ସ୍ଥାନୀୟ ଲୁହୁରାଢିପା ହନୁମାନ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଅଖଣ୍ଡ ଭାରତ ଦିବସ ପାଳିତ ହୋଇଯାଇଛି । ପ୍ରଥମେ ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ପରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାନ୍ତ ମିଳନକେନ୍ଦ୍ର ପ୍ରମୁଖ (ଓଡିଶା ପଶ୍ଚିମ) ସଂଗ୍ରାମ କେଶରୀ ପରିଡା ଯୋଗଦେଇଥିଲେ। ସେ ଅଖଣ୍ଡ ଭାରତ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରି ଅଖଣ୍ଡ ଭାରତ ଗଢିବାର ସଂକଳ୍ପ କରାଇଥିଲେ। ଜିଲା ସଂଯୋଜକ ରବୀନ୍ଦ୍ର ଧଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥି ଭାବେ ବଜରଙ୍ଗଦଳ ବିଭାଗ ଗୋରକ୍ଷା ପ୍ରମୁଖ ଦେବୀଦତ୍ତ କବି, ସୁରକ୍ଷା ପ୍ରମୁଖ ସୁରଜ ଭୈଁଷାଲ, ନେହେରୁ ପଟ୍ଟନାୟକ, ଜନାର୍ଦ୍ଦନ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ପରେ ଏକ ବିଶାଳ ରାଲି ବାହାରି ନିକଟସ୍ଥ ହାଉସିଂ ବୋର୍ଡ କଲୋନୀ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ବଜରଙ୍ଗଦଳ ସଦସ୍ୟମାନେ ଏକତ୍ରିତ ହୋଇଛନ୍ତି।

ଏଥିରେ ବଜରଙ୍ଗଦଳ ସଦସ୍ୟମାନେ ନିମ୍ବ, ସୁଆରି, କୃଷ୍ଣଚୂଡା, କରଞ୍ଜ ଆଦି ବିଭିନ୍ନ ପ୍ରକାରର ଶତାଧିକ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୈକୁଣ୍ଠ ମହାକୁଳ, ବିକି ସିଂ, କିଶୋର ଶର୍ମା, ରତନ ଧରାଇ, ସୁଜିତ ଶେଖର ଦେଓ, ସଞ୍ଜୟ ସିଂ, ସୁରଜ ନାଏକ, ଦୀପକ ନାଏକ, ଅରୁଣ ବାଗ୍, ସଞ୍ଜିବନୀ ଜୟପୁରିଆ, ଶଶିଭୂଷଣ ମହାକୁଳ, ରବୀନ୍ଦ୍ର ବିଶ୍ୱାଳ, ରଞ୍ଜନ ଭୈଁଷାଁଲ, ବିବେକାନନ୍ଦ ସାମଲ, ଭୋପାଲ କାଲୋ, ଶୁକ୍ରୁ ସାହୁ ଓ ସୁଶାନ୍ତ ଦାଶ ପ୍ରମୁଖ ଶତାଧିକ ବଜରଙ୍ଗୀକର୍ମୀମାନେ ଯୋଗ ଦେଇ ଏହାକୁ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୫ ଅଗଷ୍ଟ ,୨୦୧୯



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ନାବାଳିକାଙ୍କୁ ଯୌନ ଶୋଷଣ, ଯୁବକ ଗିରଫ

**ରାଉରକେଲା ଅଫିସ,୧୪।୮:** ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ଘରୋଇ କାର୍ଯ୍ୟରେ ନିୟୋଜିତ ନାବାଳିକାଙ୍କୁ ଯୌନ ଶୋଷଣ କରୁଥିବା ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଦଫା ୩୭୬ ଏବଂ ପକ୍ସୋ ଆଇନ ବଳରେ ଏକ ମାମଲା (ନଂ-୨୪୭/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରୋଜି ହୋଟେଲ ଲାଇନ୍ ବାସିନ୍ଦା ଅଜୟ୍ ଗୁପ୍ତା। ବୁଧବାର ଅଜୟ୍‌ଙ୍କୁ କୋର୍ଟଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଜୟ୍‌ଙ୍କ ଘରେ ସମ୍ପୃକ୍ତ ନାବଳିକା ଓ ତାଙ୍କ ମା' ଘରୋଇ କାର୍ଯ୍ୟରେ ନିୟୋଜିତ ଥିଲେ। ତେବେ ଅଜୟ୍ ମହିଳା ଓ ନାବାଳିକାଙ୍କୁ ବିଭିନ୍ନ ସମୟରେ ଅଶାଳୀନ ଇଙ୍ଗିତ କରୁଥିଲେ। ନାବାଳିକାଙ୍କୁ ଯୌନ ଶୋଷଣ କରୁଥିଲେ।

### ଉଜ୍ଜ୍ୱଳା ଯୋଜନାରେ ଉପକୃତ ହେଲେ ମୁସଲିମପଡ଼ା ମହିଳା

**ରାଉରକେଲା ଅଫିସ,୧୪।୮:** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କାଲୁଙ୍ଗା ପଞ୍ଚାୟତର ମୁସଲିମ ପଡାରେ ରହୁଥିବା ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ୧୫ଟି ଗ୍ୟାସ ଚୁଲା ବିତରଣ କରାଯାଇଛି। ବ୍ଲକ ଭାଜପା ସଭାପତି ଆସିଫ ଇକବାଲ, ଜିଲା ଉପସଭାପତି ସଞ୍ଜିତ ସାହୁ, ବ୍ଲକ ଉପସଭାପତି ରାମକୁମାର ମୌର୍ଯ୍ୟ, ଫାରୁକ ଅଖତର ଓ ସୁକୁନ କିଶାନ ପ୍ରମୁଖ ଉପସ୍ଥିତ ଥିଲେ।

### ଶକ୍ତିନଗର ଦୁର୍ଗା ପୂଜା କମିଟି ବୈଠକ

**ରାଉରକେଲା ଅଫିସ,୧୪।୮:** ଶକ୍ତିନଗର ଶାରଳା ମନ୍ଦିର ପ୍ରାଙ୍ଗଣରେ ଦୁର୍ଗା ପୂଜା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିପ୍ର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପୂଜା କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପୃଷ୍ଠପୋଷକ ଭାବେ ସୁରେଶ ପ୍ରଧାନ ରହିଥିବା ବେଳେ ସଭାପତି ରୂପେ ରଘୁନାଥ ବଳ, ସାଧାରଣ ସମ୍ପାଦକ ଭାବେ ନିରଞ୍ଜନ ସେନାପତି ଓ କୋଷାଧକ୍ଷ ରୂପେ ଅକ୍ଷୟ୍ ପାତ୍ରଙ୍କୁ ଚୟନ କରାଯାଇଥିଲା। ହେମନ୍ତ ପାଲଟାସିଂ ହିସାବ ସମୀକ୍ଷକ ଭାବେ ନିର୍ବାଚିତ ହୋଇଥିଲେ। ସେହିଭଳି ଉପସଭାପତି ରୂପେ ବେଣୁଧର ବିଶ୍ୱାଳ, ରଘୁ ଦାସ, ପ୍ରଦୀପ ନାୟକ ଓ ଦୀପକ ଦାସଙ୍କୁ ମନୋନୀତ କରାଯାଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରୂପେ ଉତ୍ତମ ହେବେରା, ଗୋପାଳକୃଷ୍ଣ ପାତ୍ର, ଚକ୍ରଧର ମଲ୍ଲିକ, ସନାତନ ସାମଲଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। କମିଟିର ଯୁଗ୍ମ ସମ୍ପାଦକ ଭାବେ ରବି ମହପାତ୍ର, ରଞ୍ଜିତ ପ୍ରଧାନ, କ୍ରିଷ୍ଣା ସିଂ ଓ ବେଣୁଧର ପାତ୍ର ରହିଛନ୍ତି। ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ତୁଷାରକାନ୍ତ ବାରିକ, ବିବେକ ମହାରଣା, ବିଶ୍ୱଜିତ ମହାନ୍ତି, ମାନସ ବେହେରା, ସୁଶାନ୍ତ ବଳ, ଗିରିଜା ମହାକୁଡ, ଅବିନାଶ ପରମାଣିକ ପ୍ରମୁଖ ଏହି କମିଟିରେ ସ୍ଥାନ ପାଇଛନ୍ତି। କାର୍ଯ୍ୟକ୍ରମ ଶେଷରେ ଶିଶିର ମୁଦାଲି ଧନ୍ୟବାଦ ପ୍ରଦାନ କରିଥିଲେ।

### ସେକ୍ଟର-୬ ଏଚ୍ ବ୍ଲକ ଦୁର୍ଗାପୂଜା କମିଟି ଗଠିତ

**ରାଉରକେଲା ଅଫିସ,୧୪।୮:** ରବିବାର ସନ୍ଧ୍ୟାରେ ସେକ୍ଟର-୬ କମ୍ୟୁନିଟି ସେଣ୍ଟରରେ ଗଣେଶ୍ୱର ବେହେରାଙ୍କ ଅଧକ୍ଷତାରେ ଏଚ୍ ବ୍ଲକ ଦୁର୍ଗାପୂଜା କମିଟିର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଗତବର୍ଷ ପୂଜାର ଆୟବ୍ୟୟ୍ ହିସାବ ପ୍ରଦାନ କରାଯାଇଥିଲା। ଏହାସହ ଗତବର୍ଷ କମିଟି ଭଙ୍ଗାଯାଇ ନୂଆ କର୍ମକର୍ତ୍ତା ଚୟ୍ନ କରାଯାଇଥିଲା। ଉପସ୍ଥିତ ସଭ୍ୟଙ୍କ ଅନୁମୋଦନ କ୍ରମେ ସଭାପତି ଭାବେ ରଶ୍ମିରଞ୍ଜନ ମହାନ୍ତି, କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ସାହୁ, ଉପସଭାପତି ଅର୍ଜୁନ ମହାରଣା, ପ୍ରଶାନ୍ତ ତରେଇ, ରବି ଦାସ, ସାଧାରଣ ସମ୍ପାଦକ ବିଘ୍ନେଶ ସ୍ୱାଇଁ, ସାଙ୍ଗଠନିକ ସମ୍ପାଦକ ଚିତ୍ତ ପ୍ରଧାନ, ଅମର ଖଟୁଆ, ସହସମ୍ପାଦକ କାର୍ତ୍ତିକ ମହାଳିକ, ତୁଷାରକାନ୍ତ ଜେନା, ଦିଲୀପ ଲେଙ୍କା, କୋଷାଧକ୍ଷ ପ୍ରଶାନ୍ତ ପରିଡ଼ା, ନିରୀକ୍ଷକ ଅଶୋକ ବଳ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ସନ୍ତୋଷ ବେହେରା, ଖଲି ସ୍ୱାଇଁ, ଆଶିଷ ଜେନା, ସନ୍ତୋଷ ପାତ୍ର, ମଧୁ ନାୟକ, ଟୁନା ବିଶ୍ୱାଳ, ବାବୁଲି ନାୟକ, କମଳ ତନ୍ତୀ, ଶ୍ରୀନିବାସ ରାଓ ଓ ସୁରେନ୍ଦ୍ର ମାଦାଲିଙ୍କୁ ଚୟ୍ନ କରାଯାଇଛି। ଶେରେରେ ପ୍ରଦୀପ ସିଂ ଧନ୍ୟବାଦ ଦେଇଥିଲେ।



ମଙ୍ଗଳବାର ଅପରାହ୍ନରେ ଚିନ୍ମୟ ସ୍କୁଲ ସମ୍ମୁଖ ରାସ୍ତାରେ ଗଛ ଭାଙ୍ଗି ପଡ଼ିଛି।



ରିଂ ରୋଡ୍ ମୁଖ୍ୟ ରାସ୍ତାରେ ପାଣି ଜମାହୋଇ ରହିଛି।

# ଷ୍ଟିଲ୍ ସିଟିରେ ଲଗାଣ ବର୍ଷା: ଜନଜୀବନ ଅସ୍ତବ୍ୟସ୍ତ

**ରାଉରକେଲା ଅଫିସ,୧୪।୮**

ରାଉରକେଲାରେ ମଙ୍ଗଳବାର ଓ ବୁଧବାର ୨ଦିନ ଲଗାଣ ବର୍ଷା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବର୍ଷା ଯୋଗୁ ଆମ୍ବଗାନ, ସେକ୍ଟର-୬ ଓ ୭ ସହ ଅନ୍ୟାନ୍ୟ ସ୍ଥାନରେ ଗଛ ଭାଙ୍ଗିଛି। ଫଳରେ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଦୀର୍ଘ ସମୟ ବିଦ୍ୟୁତ ସରବାରାହ ବ୍ୟାହତ ହୋଇଛି। ବିଭିନ୍ନ ଅଞ୍ଚଳରେ ସ୍ୱେରେଜ୍ କାମ ସହ ଅନ୍ୟ ଉନ୍ନୟନ କାର୍ଯ୍ୟ ଚାଲୁ ରହିଥିବା ଯୋଗୁ ରାସ୍ତାରେ ପାଣି ଜମାହୋଇ ରହିଛି। ଫଳରେ ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ବର୍ଷା ଯୋଗୁ ଲୋକେ ଘରୁ ବାହାରି ପାରୁନାହାନ୍ତି। କେବଳ ଜରୁରୀ କାମ ଥିଲେ ଲୋକେ ବାହାରକୁ ବାହାରୁଥିବା ଲକ୍ଷ୍ୟ କରାଯାଉଛି। ସହରର ଜନଗହଳିପୂର୍ଣ୍ଣ ସ୍ଥାନ ଭାବେ ଜଣାଶୁଣା ଆମ୍ବଗାନ, ଡେଲି ମାର୍କେଟ, ଟ୍ରାଫିକ ମାର୍କେଟ ଓ ପାନପୋଷ ମାର୍କେଟ ଖାଁ ଖାଁ ଲାଗୁଛି। ପନିପରିବା ଦର ମଧ୍ୟ ଆଶତୀତ ଭାବେ ବୃଦ୍ଧି ପାଇଛି। ଯେଉଁ ପରିବା ଦର ୨୦ ଟଙ୍କା ଥିଲା ତାହା ୪୦ ଟଙ୍କାରେ ବିକ୍ରି ହେଉଛି। ବର୍ଷାରେ ଚାଷ ମଧ୍ୟ ପ୍ରଭାବିତ ହୋଇଛି। ଜମିରେ ପାଣି ଜମାହୋଇ ରହିଥିବାରୁ ପରିବା ଚାଷ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି। ତେବେ ସବୁଠାରୁ ବେଶୀ ପ୍ରଭାବିତ ହୋଇଛନ୍ତି ଦିନମଜୁରିଆ ଭାବେ କାମ କରୁଥିବା ଶ୍ରମିକ ଶ୍ରେଣୀର ଲୋକେ। ୨ଦିନ ହେଲା ସେମାନେ କାମଧନ୍ଦା ନ ପାଇ ଦୁଃଖରେ କାଳାତିପାତ କରୁଛନ୍ତି। ସହରରେ ଛୋଟବଡ଼ ୨ଶହରୁ ଅଧିକ ବସ୍ତି ରହିଛି। ଲଗାଣ ବର୍ଷା ଫଳରେ ବସ୍ତି ଅଞ୍ଚଳରେ ପାଣି ଜମାହୋଇ ରହୁଛି। ମାଟି କାନ୍ଥଗୁଡ଼ିକ ଓଦା ହୋଇ ଭୁଶୁଡ଼ିବା ଭଳି ଅବସ୍ଥା ହୋଇଛି। ବସ୍ତିରେ ରହୁଥିବା ଗରିବ ଲୋକେ ଘର ଉପରେ ପଲିଥିନ୍ ଢାଙ୍କି ରହିବାକୁ ବାଧ୍ୟ ହେଉଛନ୍ତି। ବୁଧବାର ଅପରାହ୍ନରେ ବର୍ଷା କମିଥିଲେ ମଧ୍ୟ ଆଗକୁ ଲାଗି ରହିଲେ ବସ୍ତି ଅଞ୍ଚଳରେ ରହୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବେ ଏଥିରେ ସନ୍ଦେହ ନାହିଁ।

## ସ୍ୱାଧୀନତା ଦିବସ ପ୍ରସ୍ତୁତି ଜୋର୍‌ଦାର

**ରାଉରକେଲା ଅଫିସ,୧୪।୮**

ଷ୍ଟିଲ ସିଟିରେ ୭୩ତମ ସ୍ୱାଧୀନତା ଦିବସକୁ ଉତ୍ସାହ ଉଦ୍ଦୀପନାରେ ପାଳନ ପାଇଁ ଜୋରଦାର ପ୍ରସ୍ତୁତି କରାଯାଇଛି। ବର୍ଷା ଯୋଗୁ ଆଶଙ୍କାରେ ରହିଥିବା ଆୟୋଜକ ଗୋଷ୍ଠୀ ପକ୍ଷରୁ ଏ ନେଇ ଆଗୁଆ ପଦକ୍ଷେପ ନିଆଯାଇଛି। ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଇସ୍ପାତ ଷ୍ଟାଡିୟମ ଓ ସେକ୍ଟର-୨୨ ମିନି ଷ୍ଟାଡିୟମ ଦୁଇଟି ସ୍ଥାନରେ ପରେଡ୍ ପ୍ରଦର୍ଶନ କରାଯିବ। ଏଥିରେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ ସମେତ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର, ଏନ୍‌ସିସି କ୍ୟାଡେଟ୍ ପରେଡ୍ ପ୍ରଦର୍ଶନ କରିବେ। ଆର୍‌ଏସ୍‌ପି ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଚଟ୍ଟରାଜ ମୁଖ୍ୟଅତିଥି ରୂପେ ଯୋଗଦେବେ। ସେହିଭଳି ଉଦିତନଗର ପରେଡ୍ ପଡ଼ିଆରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଯେଦୁଲା ବିଜୟ ମୁଖ୍ୟଅତିଥି ରୂପେ ଯୋଗଦେଇ ପତାକା ଉତ୍ତୋଳନ କରିବେ। ଏହାବ୍ୟତୀତ ବିଭିନ୍ନ ସଂଗଠନ, ଦଳୀୟ କାର୍ଯ୍ୟାଳୟ, ଶ୍ରମିକ ସଂଘ, ସ୍କୁଲ, କଲେଜ, ପାଠାଗାର ଭଳି ସ୍ଥାନରେ ପତାକା ଉତୋତାଳନ କରାଯିବ। କେତେକ ସ୍ଥାନରେ ସଭା, ଶୋଭାଯାତ୍ରା, ଆଲୋଚନାଚକ୍ର ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ସୂଚନା ମିଳିଛି।





ଅଟୋରିକ୍ସାରେ ଗୋମାଂସ ବୋଝେଇ ହୋଇଛି।

## ଗୋମାଂସ ଚାଲାଣ, ୨ ଗିରଫ

**ରାଉରକେଲା ଅଫିସ,୧୪।୮**

ପ୍ରତିବନ୍ଧକ ସତ୍ତ୍ୱେ ସୁନ୍ଦରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଗୋମାଂସ ଚାଲଣ ଜାରି ରହିଛି। ସେକ୍ଟର-୫ ଗୋଲଘର ନିକଟରେ ବୁଧବାର ଅପରାହ୍ନରେ ଜଣେ ବ୍ୟକ୍ତି ଅଟୋରିକ୍ସା ଯୋଗେ ଗୋମାଂସ ଚାଲାଣ କରୁଥିବା ବେଳେ ଧରାପଡ଼ିଛନ୍ତି। ଏହି ଗୋମାଂସ ଷ୍ଟିଲ ଟାଉନଶିପର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଚାଲାଣ କରାଯାଉଥିବା କୁହାଯାଇଛି। ଅଟୋରିକ୍ସାରେ ୬ ଅଖା ଭର୍ତ୍ତି ଗୋମାଂସ ରହିଥିବା ବଜରଙ୍ଗ ଦଳ କର୍ମୀ ଜାଣିବା ପରେ ସେମାନେ ଏହାକୁ ଅନୁସରଣ କରିଥିଲେ। ଅଟୋରିକ୍ସା ଧରାପଡ଼ିବା ପରେ ଘଟଣାସ୍ଥଳରେ ଭିଡ଼ ଜମିଥିଲା। ଅଟୋରିକ୍ସାରେ ବସିଥିବା ୨ ଯୁବକଙ୍କୁ ଲୋକେ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ସେକ୍ଟର-୭ ଥାନା ପୋଲିସ ପହଞ୍ଚି ୨ ଯୁବକଙ୍କୁ ଗିରଫ କରିଛି। ଏହାକୁ କେନ୍ଦ୍ରକରି ଘଟଣାସ୍ଥଳରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ସ୍ୱାଧୀନତା ଦିବସରେ ସିଆଇଟିୟୁ ପକ୍ଷରୁ କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୧୪।୮**

ଭାରତର ସ୍ୱାଧୀନତା ସ୍ମରଣେ କାର୍ଯ୍ୟକ୍ରମ ଜରିଆରେ ବୁଧବାର ସିଆଇଟିୟୁ ପକ୍ଷରୁ ଅହୋରାତ୍ର ଜାଗରଣ ମାଧ୍ୟମରେ ସକାଳ ସାଢ଼େ ୬ଟାରେ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଆମ୍ବାଗାନରୁ ବିର୍ସା ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ମାରାଥନରେ ବହୁ ପ୍ରତିଯୋଗୀ ଭାଗ ନେଇଥିଲେ। ପୂର୍ବାହ୍ନ ୧୦ଟାରେ ଭଞ୍ଜଭବନରେ ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ଏକ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ପରେ ସହରରେ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅପରାହ୍ନ ସାଢ଼େ ୨ଟାରେ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟା ୫ଟାରୁ ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା, ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ ସହ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ୱାଧୀନତା ସଂଗ୍ରାମ ଉପରେ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା।

## ମଧୁମେହ ସଚେତନତା ଶୋଭାଯାତ୍ରା

**ରାଉରକେଲା ଅଫିସ,୧୪।୮**

ଡାଇବେଟିସ୍ ଫୋରମ ରାଉରକେଲା ଓ ଫର୍ଟିଲାଇଜର ଟାଉନଶିପ ଗାୟତ୍ରୀ ପରିବାର ମିଳିତ ଅନୁକୂଲ୍ୟରେ ଏୟାରଷ୍ଟ୍ରିପ ସମ୍ମୁଖ ରାସ୍ତାରେ ବୁଧବାର ମଧୁମେହ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ମଧୁମେହ ରୋଗର ଭୟାବହତା, ସତର୍କତା ନେଇ ଏଥିରେ ଆଲୋଚନ କରାଯାଇଥିଲା। ପ୍ରତି ମାସ ୧୪ ତାରିଖରେ ନିୟମିତ ଭାବେ ସହରର ବିଭିନ୍ନ ସ୍ଥାନରେ ଏପରି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ମଧୁମେହ ରୋଗ ସମ୍ପର୍କରେ ଲୋକେ ସତର୍କ ହେବା ସହ ଖାଦ୍ୟପେୟ ନେଇ ସଞ୍ଜମତା ଅବଲମ୍ବନ କରିବାକୁ ଏଥିରେ ପରାମର୍ଶ ଦିଆଯାଉଛି। ବର୍ଷା ସତ୍ତ୍ୱେ ବୁଧବାର ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନୁଷ୍ଠାନ ସଭାପତି ସୁରେଶ ବଂଶଲ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଡା. ରାହାସବିହାରୀ ମହାପାତ୍ର ଯୋଗଦେଇ ଆଗାମୀ ଦିନରେ ଏଥିରେ କିପରି ଅଧିକ ସଂଖ୍ୟାରେ ସହରବାସୀ ସାମିଲ ହେବେ ସେ ଦିଗରେ ଉଦ୍ୟମ କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଡା. ଏସ୍.ଆର୍. ସାମଲ. ଡା. ପି.କେ. ଦାସ ଓ ମହାବୀର ପଣ୍ଡିତ ପ୍ରମୁଖ ଉପସ୍ଥିତ ଥିଲେ।





ମଧୁମେହ ସଚେତନତା ଶୋଭାଯାତ୍ରାରେ ସାମିଲ ବ୍ୟକ୍ତି।

# ପ୍ଲାଷ୍ଟିକ ବର୍ଜନ କରିବାକୁ ବୁଲିଲା ସଚେତନତା ରଥ

**ରାଉରକେଲା ଅଫିସ,୧୪।୮**

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ପ୍ଲାଷ୍ଟିକ ବର୍ଜନ ନେଇ ୨ଟି ସଚେତନନତା ରଥ ସହର ପରିକ୍ରମା କରଛି। ଆରଏମ୍‌ସି କମିଶନର ଯେଦୁଲା ବିଜୟଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ କରାଯାଇ ଥିଲା। ଏଥିରେ ଡେପୁଟି କମିଶନର ସୁଧାଂଶୁ ଭୋଇ ଓ ସୀତାଦେବୀ ମାଝି ପ୍ରମୁଖ ଉପସ୍ଥିତ ରହି ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ବର୍ଜ୍ୟ ପ୍ଲାଷ୍ଟିକ ପରିଚାଳନା ନିୟମ-୨୦୧୬ ଓ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ନଂ ୨/୧୦/୨୦୧୮ ଆଧାରରେ ରାଉରକେଲା ମହାନଗର ନିଗମ ଅନ୍ତର୍ଭୁକ୍ତ ସମସ୍ତ ଅଞ୍ଚଳରେ ନିସିଦ୍ଧ ପ୍ଲାଷ୍ଟିକ, ପଲିଥିନ ଆଦିର ବ୍ୟବହାର, ବ୍ୟବସାୟ, ଆମଦାନି, ଉତ୍ପାଦନ, ଯୋଗାଣ ତଥା ଗଚ୍ଛିତ ରଖିବାକୁ ବାରଣ କରାଯାଇଛି। ଏ ନେଇ ବିଗତ ଦିନରେ ବହୁବାର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହାକୁ ଅଧିକ କଡାକଡି କରିବା ନେଇ ଆରଏମସି ପକ୍ଷରୁ ଗତ ୮ ତାରିଖରେ ଏକ ବିଜ୍ଞପ୍ତି ଜାରି କରାଯାଇ ଥିଲା। ଯଦି କୌଣସି ବ୍ୟକ୍ତି ଜାରି ହୋଇଥିବା ବିଜ୍ଞପ୍ତିର ଅବମାନନା କରି ନିସିଦ୍ଧ ପ୍ଲାଷ୍ଟିକ, ପଲିଥିନ ବ୍ୟବହାର କରୁଥାନ୍ତି ତେବେ ତାଙ୍କ ଉପରେ ଜରିମାନା ଅଦାୟ ପାଇଁ ଏଥିରେ ନିର୍ଦ୍ଦେଶ ଜାରି କରାଯାଇଛି। ତେବେ ସହରରେ ୨ଟି ସଚେତନତା ରଥ ବୁଲିବା ସହ ବିଭିନ୍ନ ସ୍ଥାନରେ ହୋର୍ଡିଂ, ଲିଫଲେଟ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ। ଏକ ସୁସ୍ଥ ଓ ସୁନ୍ଦର ସହର ଗଢିବାରେ ଏହି ପ୍ଲାଷ୍ଟିକ ବାଧକ ସାଜିଛି। ଏଣୁ ଏଥିରୁ ଦୂରେଇ ରହିବାକୁ ସବୁମତେ ଚେଷ୍ଟା କରାଯିବ ବୋଲି ଆରଏମସି କର୍ତ୍ତୃପକ୍ଷ ଏକ ବିବୃତିରେ ପ୍ରକାଶ କରିଛନ୍ତି।

## ଭାସିଯାଉଥିବା ମହିଳାଙ୍କୁ ବଞ୍ଚାଇଲେ ଯୁବକ

**କୋଲାବିରା,୧୪।୮ (ଡି.ଏନ.ଏ.)**

ଝାରସୁଗୁଡା ଜିଲା କୋଲାବିରା ବ୍ଲକ ଅନ୍ତର୍ଗତ ଶିରିଆପାଲି ନିକଟରେ ନାଳରେ ଭାସି ଯାଉଥିବା ଜଣେ ମହିଳା ଉଦ୍ଧାର ହୋଇଛନ୍ତି। କାଳିବାହାଲ ଗ୍ରାମର ଯୁବକ ପଞ୍ଚାନନ କିଶାନ ତାଙ୍କୁ ବଢିପାଣିରୁ ଉଦ୍ଧାର କରିଛନ୍ତି। ଏହି ମହିଳା ଜଣକ ହେଲେ ଗୁଡିଗାଁର କଲ୍ୟାଣୀ ତାଣ୍ଡି (୨୮)। ସେ ନାଳ ପାର ହେଉଥିବାବେଳେ ସ୍ରୋତରେ ଭାସି ଯାଇଥିଲେ। ଝାରସୁଗୁଡାରୁ କାମ ସାରି ପଞ୍ଚାନନ ସକାଳ ୭ଟାରେ ଘରକୁ ଫେରୁଥିଲେ। ଶିରିଆପାଲି ବ୍ରିଜ ତଳ ପଟେ ମହିଳା ଜଣକ ଭାସିଯାଉଥିବା ଦେଖି ଉଛୁଳା ନଈକୁ ଡେଇଁ ତାଙ୍କୁ ବଞ୍ଚାଇଥିଲେ। ୧ କି.ମି. ପର୍ଯ୍ୟନ୍ତ ପହଁରି ପହଁରି ଶେଷରେ ଅଚେତ ଅବସ୍ଥାରେ ମହିଳାଙ୍କୁ ଉଦ୍ଧରା କରିଥିଲେ। ଏହାପରେ ତାଙ୍କୁ କୂଳକୁ ଆଣି ଆମ୍ବୁଲାନ୍ସରେ ପ୍ରଥମେ କୋଲାବିରା ଡାକ୍ତରଖାନା ଏବଂ ପରେ ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ।

## ଲଇକେରାର ବିଭିନ୍ନ ଅଞ୍ଚଳ ଉବୁଟୁବୁ

**ଲଇକେରା, ୧୪।୮ (ଡି.ଏନ.ଏ.):** ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଲଇକେରାର ବିଭିନ୍ନ ଅଞ୍ଚଳରେ ଉବୁଟୁବୁ ପରିସ୍ଥିତି ହୋଇଛି। ଲଇକେରା-ଝାରସୁଗୁଡା ରାସ୍ତାର କିର୍ମିରା ପୋଲ ଉପରେ ପ୍ରାୟ ୫ ଫୁଟ ପାଣି ପ୍ରବାହିତ ହେବା ଫଳରେ ଲଇକେରାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ସବୁ ନାଳ ଓ ଜୋର ଗୁଡିକରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଯାତାୟତ ଠପ୍ ହୋଇପଡିଥିଲା। ମଧ୍ୟାହ୍ନରେ ପାଣି କମିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି। କେତେକ ସ୍ଥାନରେ ଚାଷ ଜମି ବୁଡି ରହିଛି ।

## ଦିଲ୍ଲୀରେ ବିକ୍ରୀ ଯୁବତୀଙ୍କୁ ଉଦ୍ଧାର କରି ଆଣିଲା ପୋଲିସ

**ସୁନ୍ଦରଗଡ଼, ୧୪।୮ (ଡି.ଏନ୍.ଏ)**

ସୁନ୍ଦରଗଡ ସହରର ଏକ ଷ୍ଟିଲ ଦୋକାନରେ କାମ କରୁଥିବା କିଂଜିରିକେଲା ଥାନା କୋଲବା ଗ୍ରାମର ଜଣେ ଆଦିବାସୀ ଯୁବତୀଙ୍କୁ ନିଯୁକ୍ତିର ପ୍ରଲୋଭନ ଦେଖାଇ ଦିଲ୍ଲୀରେ ବିକ୍ରୀ କରାଯାଇଥିବା ବେଳେ ସୁନ୍ଦରଗଡ ପୋଲିସ ତାଙ୍କୁ ଦିଲ୍ଲୀରୁ ଉଦ୍ଧାର କରି ମଙ୍ଗଳବାର ରାତିରେ ପହଞ୍ଚିଛି। ଯୁବତୀଙ୍କୁ ସୁନ୍ଦରଗଡ ଅଣାଯିବା ପରେ ତାଙ୍କୁ ଆଭା ଗୃହରେ ରଖାଯାଇଛି। ତାଙ୍କୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଙ୍କର ବୟାନ ରେକର୍ଡ ପରେ ପୋଲିସ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେବ ବୋଲି କହିଛି ।

# ପ୍ରତି ସତ୍ୟର ଅନୁସନ୍ଧାନ, ଗବେଷଣା ଆବଶ୍ୟକ

**ରାଉରକେଲା ଅଫିସ,୧୪।୮**

ସଂଯୁକ୍ତ ରାଷ୍ଟ୍ର ନିଷ୍ପତ୍ତି ଅନୁଷାରେ ପ୍ରତି ବର୍ଷ ଅଗଷ୍ଟ ୧୨ ତାରିଖକୁ ଅନ୍ତର୍ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଏ। ଏହି ଅବସରରେ ଯୁବ ହଷ୍ଟେଲ ରାଉରକେଲା ଶାଖା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ସହ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା। ଯୁବ ହଷ୍ଟେଲ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ସଭାପତି ନାରାୟଣ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇଟି ପ୍ରଫେସର ଡାକ୍ତର ସିଂଘମ ଜୟନ୍ତୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ନିଜ ବକ୍ତବ୍ୟରେ ସେ କହିଥିଲେ ଯେ, ଶିକ୍ଷା ସହିତ ବେକାରୀ ଦୂରୀକରଣ ନେଇ ପ୍ରଚେଷ୍ଟା କରାଯିବା ଆବଶ୍ୟକ। ଲୋକାଭିମୁଖ୍ୟ ତଥା ଉଦ୍ୟୋଗୀକରଣ ଶିକ୍ଷା ସମାଜିକ ପରିବର୍ତ୍ତନର ବାର୍ତ୍ତାବହ ବୋଲି ସିଂଘମ ମତ ପ୍ରକାଶ କରିଥିଲେ। ପ୍ରତ୍ୟେକ ସତ୍ୟ ଉପରେ ଅନୁସନ୍ଧାନ ଓ ଗବେଷଣା ଆବଶ୍ୟକ। ଆଜିର ଯୁବ ଗୋଷ୍ଠି ଏ ନେଇ ଅନିସନ୍ଧିସୁ ହେବାକୁ ସେ ପରାମର୍ଶ ପ୍ରଦାନ କରିଥିଲେ। ଡାକ୍ତର ଅରୂପ ନାୟକ ମୁଖ୍ୟ ବକ୍ତା ରୂପେ ମଞ୍ଚାସୀନ ଥିଲେ। ସାଂପ୍ରତିକ ପରିସ୍ଥିତିରେ ଯୁବ ସମାଜର ଭୂମିକାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇ ଥିଲେ। ସେ କହିଥିଲେ ଯେ, ଯୁବକମାନେ ଚାହିଁଲେ ସମାଜରେ ପରିବର୍ତ୍ତନ ନିଶ୍ଚିତ ସମ୍ଭବ ହୋଇ ପାରିବ। ଦେଶ ଓ ଜାତି ଗଠନରେ ଯୁବ ସମାଜର ଅଗ୍ରଣୀ ଭୂମିକା ରହିଛି। ଏମାନେ ହେଉଛନ୍ତି ପ୍ରଗତିର ବାର୍ତ୍ତାବହ। ଯୁବ ସୁଲଭତାର ସକାରାତ୍ମକ ପ୍ରଭାବ ବଳରେ ଅନେକ କିଛି ହାସଲ କରାଯାଇ ପାରିବ। ଶିକ୍ଷା, ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଯୁବକମାନେ ଅଗ୍ରଣୀ ଦାୟିତ୍ୱ ନିର୍ବାହ କରି ପାରିବେ। ଅନ୍ତର୍ଜାତୀୟ ସ୍ତରରେ ଭାରତ ଏକ ସମୃଦ୍ଧ ଏବଂ ଶିକ୍ଷିତ ଦେଶ ଭାବେ ସୁନାମ ଅର୍ଜନ କରିବ। ଏ ନେଇ ଯୁବ ସମାଜ ଅଗ୍ରଣୀ ଭୂମିକା ନିର୍ବାହ କରିବାକୁ ନାୟକ ଏଥିରେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ଗୁରୁକୂଳ ଶିକ୍ଷା ପଦ୍ଧତି ଉପରେ ଗୁରୁତ୍ୱାରୋପ କରିଥିଲେ। ଯୁବ ହଷ୍ଟେଲ ସଭାପତି ନାରାୟଣ ପତି ଭାରତୀୟତା ଓ ଗଣତନ୍ତ୍ରବାଦକୁ ସାକାର ରୂପ ଦେବାକୁ ହେଲେ ଆଜିର ଯୁବ ସମାଜ ଏହାର ପୁରୋଭାଗରେ ରହିବାକୁ ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ କୃଷିଭିତ୍ତିକ ଶିକ୍ଷାର ଉପାଦେୟତା ଉପରେ ମଞ୍ଚାସୀନ ଅତିଥି ଗିରୁତ୍ୱାରୋପ କରିଥିଲେ। ଶେଷରେ ଯୁବ ହଷ୍ଟେଲ ସମ୍ପାଦକ ନୀରଞ୍ଜନ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମିତାଭ ଠାକୁର, ସୁଚିତ୍ରା ମଲ୍ଲିକ, ସମରକାନ୍ତ ମଲ୍ଲିକ, ସଞ୍ଜୟ ଦାସ ଓ ପଙ୍କଜ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।